# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଅକ୍ଟୋବର ୭/୨୦୨୧ (୧୬ ପୃଷ୍ଠା+ସାହିତ୍ୟାୟନ) Bhubaneswar, Thursday, October 7/2021 ★★★★★★

୪୭ଶ ଭାଗ ୩୧୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-





**ବିରୋଧୀଙ୍କ ଆଭିମୁଖ୍ୟ ନକାରାତ୍ମକ: ୟୁପି ସରକାର**

ଲଖିମପୁର ଖେରି ଭଳି ସମ୍ବେଦନଶୀଳ ପ୍ରସଙ୍ଗରେ ବିରୋଧୀ ଦଳଗୁଡ଼ିକ ନକାରାତ୍ମକ ଆଭିମୁଖ୍ୟ ଆପଣାଇଥିବା ଉତ୍ତର ପ୍ରଦେଶର ଯୋଗୀ ସରକାର ସମାଲୋଚନା କରିଛନ୍ତି। ସରକାରଙ୍କ ମୁଖପାତ୍ର ସିଦ୍ଧାର୍ଥ ନାଥ ସିଂ କହିଛନ୍ତି, ହିଂସା ଏଡ଼ାଇବା ପାଇଁ ଗସ୍ତକୁ ବାରଣ କରାଯାଇଥିବାବେଳେ ବିରୋଧୀ ଫଟୋ ଉଠାଇବା ଲାଗି ଲଖିମପୁର ଖେରିକୁ ଯିବାକୁ ଚାହୁଁଛନ୍ତି। ଯୁବରାଜ ରାହୁଲ ଗାନ୍ଧୀଙ୍କ ଉଦ୍ଦେଶ୍ୟ ମଧ୍ୟ ସମାନ।



# ‘ଗଣତନ୍ତ୍ର ନୁହେଁ, ଏକଚ୍ଛତ୍ରବାଦ ଚାଲିଛି’

## ଲଖିମପୁରରେ କଂଗ୍ରେସ ପ୍ରତିନିଧି ଦଳ

**ଦେଶରେ ନ୍ୟାୟ ମାଗିଲେ ଜେଲ ଯିବାକୁ ପଡୁଛି ଅଥଚ ଅପରାଧୀ ଅବାଧରେ ବୁଲୁଛନ୍ତି। ଏଠି ଆଗରୁ ଗଣତନ୍ତ୍ରର ଶାସନ ଥିଲା, କିନ୍ତୁ ଏବେ ଏକଚ୍ଛତ୍ରବାଦ ଚାଲିଛି। ୮ ଜଣଙ୍କ ଜୀବନ ଯାଇଥିବା ଲଖିମପୁର ଖେରି ଜିଲାର ତିକୁନିଆ ଗସ୍ତ ପାଇଁ ବୁଧବାର ୟୁପିର ଯୋଗୀ ସରକାର ବାଟ ନ ଛାଡ଼ିବାରୁ ଏଭଳି ଟାର୍ଗେଟ କରିଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧୀ। ପରେ ରାତିରେ ରାହୁଲଙ୍କ ସହ ୮ ଜଣିଆ ଟିମ୍ ହିଂସା ପ୍ରଭାବିତ ଅଞ୍ଚଳକୁ ଯାଇ ମୃତକଙ୍କ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ଶାସକ ଭାଜପା ଏହାକୁ ଭଉଣୀ ଭାଇଙ୍କ ରାଜନୈତିକ ପର୍ଯ୍ୟଟନ ଭାବେ ଅଭିହିତ କରିଛି।**


କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ମୃତକଙ୍କ ପରିବାରକୁ ଭେଟୁଛନ୍ତି।

ଲକ୍ଷ୍ନୌ/ନୂଆଦିଲ୍ଲୀ,୬।୧୦

କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ନେତୃତ୍ୱରେ ୮ ଜଣିଆ ପ୍ରତିନିଧି ଦଳ ବୁଧବାର ରାତିରେ ଉତ୍ତର ପ୍ରଦେଶର ହିଂସା ପ୍ରଭାବିତ ଲଖିମପୁର ଖେରି ଗସ୍ତ କରି ମୃତ ଚାଷୀଙ୍କ ପରିବାର ବର୍ଗଙ୍କୁ ଭେଟିଛନ୍ତି। ପ୍ରଥମେ ସେଠାକୁ ଯିବା ପାଇଁ ବାରଣ କରିଥିବା ୟୁପି ସରକାର ପରେ ରାଜନୈତିକ ଦଳଗୁଡ଼ିକୁ ସମ୍ପୃକ୍ତ ଅଞ୍ଚଳକୁ ସସର୍ତ୍ତ ଗସ୍ତ ଅନୁମତି ଦେଇଥିଲେ। ଏକାଥରକେ କେବଳ ୫ ଜଣ ଯାଇପାରିବେ ବୋଲି ସରକାରଙ୍କ ପକ୍ଷରୁ କଟକଣା ଜାରି କରାଯାଇଥିବାବେଳେ କଂଗ୍ରେସ ଟିମ୍‌ରେ ଦୁଇ ଭଉଣୀଭାଇଙ୍କ ସମେତ ଏଆଇସିସି ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ, ମୁଖପାତ୍ର ରଣଦୀପ ସୁର୍ଜେୱାଲା, ପଞ୍ଜାବ ମୁଖ୍ୟମନ୍ତ୍ରୀ ଚରଣଜିତ ସିଂ ଚନ୍ନି, ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ ଓ ହରିୟାଣାରୁ ରାଜ୍ୟ ସଭାରେ ପ୍ରତିନିଧିତ୍ୱ କରୁଥିବା ଦୀପେନ୍ଦ୍ର ହୁଡା ସାମିଲ ହୋଇଥିଲେ। ଏହା ପୂର୍ବରୁ ରାହୁଲ ଉଭୟ ଯୋଗୀ ଓ ମୋଦି ସରକାରଙ୍କୁ ଟାର୍ଗେଟ କରି କହିଥିଲେ, ଦେଶରେ ବ୍ୟବସ୍ଥିତ ଢଙ୍ଗରେ କୃଷକମାନଙ୍କୁ ଆକ୍ରମଣ କରାଯାଉଛି। ଲଖିମପୁର ଖେରି ହିଂସାରେ ମୃତକଙ୍କ ପରିବାରକୁ ଭେଟିବା

### ମୁକୁଳା ବୁଲୁଛନ୍ତି ଅପରାଧୀ, ନ୍ୟାୟ ମାଗିଲେ ଜେଲ: ରାହୁଲ

ପାଇଁ ରାଜନେତାମାନଙ୍କୁ ୟୁପି ଯିବାକୁ ଦିଆଯାଉନାହିଁ। ଏଠାରେ ଗଣତନ୍ତ୍ର ନୁହେଁ, ବରଂ ଏକଚ୍ଛତ୍ରବାଦ ଚାଲିଛି। ପ୍ରାୟ ସମସ୍ତ ଅନୁଷ୍ଠାନ ଭାଜପା ଏବଂ ଆର୍‌ଏସ୍‌ଏସ୍‌ର କଥା ମାନି ଚଳୁଛନ୍ତି। ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କଲେ ଜେଲ ଯିବାକୁ ପଡୁଛି। ଅଥଚ ଅପରାଧ ଘଟାଉଥିବା ଲୋକେ ମୁକୁଳା ବୁଲୁଛନ୍ତି।

ବଘେଲ ଓ ଚନ୍ନିଙ୍କ ସହ ଲଖିମପୁର ଖେରି ହିଂସାରେ ପ୍ରାଣ ହରାଇଥିବା କୃଷକଙ୍କ ପରିବାରକୁ ସମବେଦନା ଜଣାଇବା ପାଇଁ ୟୁପି ବାହାରିବା ସମୟରେ ରାହୁଲଙ୍କ ଟିମ୍‌କୁ ଯିବାକୁ ଦିଆଯାଇ ନ ଥିଲା। ଏଥିଯୋଗୁ ସେ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି କହିଥିଲେ, ଏଠାରେ ପୂର୍ବରୁ ଗଣତନ୍ତ୍ର ଥିଲା। କିନ୍ତୁ ଭାରତରେ ଆଜି ଏକଚ୍ଛତ୍ରବାଦ ଶାସନ ଚାଲିଛି। ରାହୁଲ ଦିଲ୍ଲୀରୁ ବାହାରି ଅପରାହ୍ନରେ ଲକ୍ଷ୍ନୌସ୍ଥିତ ଚୌଧରୀ ଚରଣ ସିଂ ଏୟାରପୋର୍ଟରେ ପହଞ୍ଚିଥିଲେ। ସେଠାରେ ପୋଲିସ ଗାଡ଼ିରେ ଯିବାକୁ କୁହାଯିବାରୁ ରାହୁଲ ବିମାନବନ୍ଦରରେ କିଛି ସମୟ ପାଇଁ ଧାରଣା ଦେଇଥିଲେ। ସେପଟେ ସୋମବାର ସକାଳୁ ଅଟକ ଓ ପରେ ଗିରଫ ହୋଇ ସୀତାପୁର ଗେଷ୍ଟ ହାଉସ୍‌ରେ ଥିବା ପ୍ରିୟଙ୍କାଙ୍କୁ ସ୍ଥାନୀୟ ସବ୍‌ଡିଭିଜନାଲ ମାଜିଷ୍ଟ୍ରେଟ୍ (ସଦର) ପ୍ୟାରେଲାଲ ମୌର୍ଯ୍ୟ ମୁକ୍ତ କରିବା ପରେ ରାହୁଲ ତାଙ୍କୁ ଭେଟିଥିଲେ। ହିଂସାରେ ପ୍ରାଣ ହରାଇଥିବା ଖବରଦାତା ରମଣ କଶ୍ୟପଙ୍କ ଗାଁ ଲଖିମପୁର ଜିଲା ନିଘାଶନରେ କିଛି ସମୟ ଅଟକିବା ପରେ ସେମାନେ ଅଗ୍ରସର ହୋଇଥିଲେ। ୪ ଚାଷୀଙ୍କ ପରିବାରକୁ ଭେଟିବା ପରେ ରାହୁଲ କହିଥିଲେ, ଆମେ ତୁମକୁ ନ୍ୟାୟ ଦେବାକୁ ଆସିଛୁ। ତୁମ ପାଇଁ ପ୍ରଶାସନ ଉପରେ ଚାପ ପକାଇବୁ। ଅନ୍ୟପକ୍ଷେ ଏଏପି ନେତା ହରପାଲ ଚିମା ଓ ରାଘବ ଚଢ଼ା ମଧ୍ୟ ମୃତକଙ୍କ ପରିବାରକୁ ଭେଟିଥିଲେ। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ସେମାନଙ୍କୁ ଫୋନ୍ କରି ସମବେଦନା ଜଣାଇଥିଲେ।

### ଭିଡିଓ ଶୁଟିଂ କରିବାରୁ ଗାଡ଼ି ମଡ଼ାଇଦେଲେ: ଖବରଦାତାଙ୍କ ବାପା


ମୃତ ଖବରଦାତା ରମଣ କଶ୍ୟପ



ଲଖିମପୁର ଖେରିରେ କୃଷକଙ୍କ ବିକ୍ଷୋଭ ବେଳେ ଭିଡିଓଗ୍ରାଫି କରୁଥିବା ୩୫ ବର୍ଷୀୟ ଖବରଦାତା ରମଣ କଶ୍ୟପଙ୍କ ଗାଁ ନିଘାଶନରେ ଅଟକିଥିଲା କଂଗ୍ରେସର ୮ ଜଣିଆ ପ୍ରତିନିଧି ଦଳ। ସେମାନେ ମୃତକ ରମଣଙ୍କ ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇଲେ। ରମଣଙ୍କ ବାପା ରାମ ଦୁଲାରେ କହିଲେ, ଏହି ଘଟଣା ଅକ୍ଟୋବର ୩ ଅପରାହ୍ନ ୪ଟାରେ ଘଟିଥିଲା। ମୋ ପୁଅ କଭରେଜ୍ ପାଇଁ ବିକ୍ଷୋଭ ସ୍ଥଳକୁ ଯାଇଥିଲା। କିନ୍ତୁ ହିଂସା ଘଟିବାକୁ ତା’ର ମୃତ୍ୟୁ ଆସିଲା। ମୋ ପୁଅ ଉପରେ ବି ସେମାନେ ଗାଡ଼ି ମଡ଼ାଇଦେଲେ। ତିକୋନିଆ କି ନିଘାଶନକୁ ଚିକିତ୍ସା ପାଇଁ ନେବା ପରିବର୍ତ୍ତେ ପୁଅର ମୃତଦେହକୁ ସିଧା ଲଖିମପୁର ଖେରିକୁ ବ୍ୟବଚ୍ଛେଦ ପାଇଁ ପଠାଇଦେଇଥିଲେ।

### ଇସ୍ତଫା ଦେବେନି କେନ୍ଦ୍ରମନ୍ତ୍ରୀ ଅଜୟ



ଲଖିମପୁର ଖେରି ହିଂସା ମାମଲାରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ଜୁନିୟର ମିନିଷ୍ଟର ଅଜୟ ମିଶ୍ରାଙ୍କ ପୁଅ ଆଶିଷଙ୍କ ସମ୍ପୃକ୍ତି ଏକାଧିକ ଭିଡିଓରେ ସାମ୍ନାକୁ ଆସିଛି। ଏହି ଘଟଣାକୁ ନେଇ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଅଜୟ ମିଶ୍ରା ଇସ୍ତଫା ଦିଅନ୍ତୁ ବୋଲି ବିଭିନ୍ନ ମହଲରେ ବିଶେଷକରି ବିରୋଧୀଙ୍କ ପକ୍ଷରୁ ଦାବି ହେଉଛି। ତେବେ ଅଜୟ ଇସ୍ତଫା ଦେବେ ନାହିଁ ବୋଲି ସରକାରୀ ସୂତ୍ରରୁ ପ୍ରକାଶ। ଅଜୟ ଥରେ କି ଦୁଇଥର ନୁହେଁ, ଅନେକ ଥର ସଫେଇ ଦେଲେଣି ଯେ, ସେଠାରେ ସେ କିମ୍ବା ତାଙ୍କର ପୁଅ ନ ଥିଲେ। ତେଣୁ ପଦ ଛାଡ଼ିବାର ଚାପ ନାହିଁ। ଇସ୍ତଫା କାହିଁକି ଦେବେ ବୋଲି ଅଜୟ ପ୍ରଶ୍ନ କରିଛନ୍ତି। ଏହି ଘଟଣାରେ ହତ୍ୟା ମାମଲା ରୁଜୁ ହେବା ପରେ ଅଜୟ ପ୍ରଥମ ଥର ପାଇଁ ସ୍ୱରାଷ୍ଟ୍ରମନ୍ତ୍ରୀ ଶାହାଙ୍କୁ ତାଙ୍କ ବାସଭବନରେ ଭେଟିଛନ୍ତି। ଦୁଇନେତାଙ୍କ ମଧ୍ୟରେ ଅଧଘଣ୍ଟା ଧରି ଆଲୋଚନା ହୋଇଥିଲା। ଏହା ପରେ ଅଜୟ ନର୍ଥ ବ୍ଲକ୍‌ର ଫାଷ୍ଟ ଫ୍ଲୋରରେ ଥିବା ନିଜ ଅଫିସକୁ ଯାଇ କାର୍ଯ୍ୟରେ ଯୋଗଦେଇଥିଲେ।

### ମୃତକଙ୍କ ପରିବାରକୁ କୋଟିଏ ଦେବେ ପଞ୍ଜାବ, ଛତିଶଗଡ଼


ଭୂପେଶ ବଘେଲ ଓ ଚରଣଜିତ୍ ସିଂ ଚନ୍ନି

କଂଗ୍ରେସ ଶାସିତ ରାଜ୍ୟ ପଞ୍ଜାବ ଓ ଛତିଶଗଡ଼ ସରକାର ୟୁପିର ଲଖିମପୁର ଖେରି ହିଂସାରେ ପ୍ରାଣ ହରାଇଥିବା ଲୋକଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ଦେବେ। ଏନେଇ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ ଓ ପଞ୍ଜାବ ମୁଖ୍ୟମନ୍ତ୍ରୀ ଚରଣଜିତ୍ ସିଂ ଚନ୍ନି ବୁଧବାର ଘୋଷଣା କରିଛନ୍ତି। ଚନ୍ନି ଲଖିମପୁର ହିଂସାକୁ ୧୯୧୯ର ଜାଲିଆନାୱାଲା ବାଗ୍ ଗଣହତ୍ୟା ଭାବେ ଅଭିହିତ କରିଥିବାବେଳେ ବଘେଲ ମଧ୍ୟ ଯୋଗୀ ସରକାରଙ୍କୁ କଡ଼ା ଭାଷାରେ ସମାଲୋଚନା କରିଛନ୍ତି।



ଲଖିମପୁର ଖେରି ହିଂସା ଘଟଣାରେ ସୁପ୍ରିମକୋର୍ଟ ନିଜ ଆଡୁ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ। ପୂର୍ବରୁ ୟୁଟ୍ୟୁବ୍, ସୋସିଆଲ ମିଡିଆ ନ ଥିବାବେଳେ ପ୍ରିଣ୍ଟ ମିଡିଆର ଖବରକୁ ଭିତ୍ତିକରି ଅଦାଲତ କାର୍ଯ୍ୟାନୁଷ୍ଠାନ ନେଉଥିଲେ। ସ୍ୱର ଉତ୍ତୋଳନ କରିପାରୁ ନ ଥିବା ଲୋକଙ୍କ କଥା ଶୁଣୁଥିଲେ। ଆଜି ଆମ ନାଗରିକମାନଙ୍କ ଉପରେ ଗାଡ଼ି ଚଢ଼ାଇ ହତ୍ୟା କରାଯାଉଛି।

- କପିଲ ସିବଲ, ବରିଷ୍ଠ କଂଗ୍ରେସ ନେତା

## ତରାଇରେ ଭାଜପାକୁ ମହଙ୍ଗା ପଡ଼ିବ

### ୨୦୨୨ ୟୁପି ନିର୍ବାଚନ



ଲକ୍ଷ୍ନୌ,୬।୧୦

ଉତ୍ତର ପ୍ରଦେଶରେ ଆସନ୍ତା ଫେବୃୟାରୀ-ମାର୍ଚ୍ଚ ଆଡ଼କୁ ହେବାକୁ ଥିବା ବିଧାନସଭା ନିର୍ବାଚନରେ ଲଖିମପୁର ଖେରି ହିଂସା ଏକ ପ୍ରମୁଖ ପ୍ରସଙ୍ଗ ଭାବେ ଉଭା ହେବ। ବିଶେଷକରି ଅସ୍ତ୍ରବିହୀନ ହୋଇଯାଇଥିବା ବିରୋଧୀ ଦଳଗୁଡ଼ିକୁ ଏହା ରାଜ୍ୟର ଯୋଗୀ ଆଦିତ୍ୟନାଥ ଓ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କୁ ଟାର୍ଗେଟ କରିବା ପାଇଁ ବଳ ଦେଇଛି।

ଆଖୁଚାଷ ପାଇଁ ଜଣାଶୁଣା ଲଖିମପୁର ଖେରି ହେଉଛି ୟୁପିସ୍ଥିତ ତରାଇ ଅଞ୍ଚଳର ସର୍ବବୃହତ୍ ଜିଲା। ଏଠାରେ ଶିଖ୍ ସମୁଦାୟର କୃଷକମାନେ ବସବାସ କରନ୍ତି, ଯାହାଙ୍କୁ ସ୍ୱାଧୀନତା ପୂର୍ବରୁ ପାକିସ୍ତାନରୁ ଅଣାଯାଇଥିଲା। ଖେରିରେ ଶିଖ୍ ସମ୍ପ୍ରଦାୟ ବ୍ୟତୀତ ବ୍ରାହ୍ମଣ, କୁର୍ମୀ ଓ ମୁସ୍‌ଲିମ ସମୁଦାୟର ଲୋକ ବସବାସ କରନ୍ତି। ଏହି ଜିଲାରେ ୮ ବିଧାନସଭା ନିର୍ବାଚନମଣ୍ଡଳୀ ରହିଛି। ୨୦୧୨ ନିର୍ବାଚନରେ ଭାଜପାକୁ ମାତ୍ର ଗୋଟିଏ ଆସନରେ ସଫଳତା ମିଳିଥିବାବେଳେ ୨୦୧୭ରେ ଗୈରିକ ଦଳ ସମସ୍ତ ୮ଟି ଯାକ ଆସନ ଦଖଲ କରିଥିଲା।

ଅକ୍ଟୋବର ୩ ହିଂସା ପରେ ବିରୋଧୀ ଦଳଗୁଡ଼ିକ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ଘେରିବାକୁ କୌଣସି ସୁଯୋଗ ହାତଛଡ଼ା କରୁ ନ ଥିବାବେଳେ ପଡ଼ୋଶୀ ଜିଲା ପିଲିଭିତ୍, ଶାହାଜାହାନପୁର, ହରଦୋଇ, ସୀତାପୁର ଓ ବାହାରିଚରେ ମଧ୍ୟ କ୍ଷତି ସହିବାକୁ ପଡ଼ିବ ବୋଲି ଭାଜପା ଆଶଙ୍କା କଲାଣି। ଗତ ବିଧାନସଭା ନିର୍ବାଚନରେ ଏହି ୬ ଜିଲାର ୪୨ ନିର୍ବାଚନମଣ୍ଡଳୀ ମଧ୍ୟରୁ ୩୭ଟିରେ ଭାଜପା ଜିତିଥିଲା। ସମାଜବାଦୀ ପାର୍ଟି (ଏସ୍‌ପି) ଏବଂ କଂଗ୍ରେସ ମେଣ୍ଟ କରି ଲଢ଼ିଥିଲେ। ଏସ୍‌ପିକୁ ୪ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିବାବେଳେ କଂଗ୍ରେସ ଖାତା ଖୋଲିପାରି ନ ଥିଲା। ବିଏସ୍‌ପିକୁ ତରାଇ ଅଞ୍ଚଳରେ ମାତ୍ର ଗୋଟିଏ ଆସନ ମିଳିଥିଲା। କୃଷକଙ୍କ ଜୀବନ ଯାଇଥିବା ହିଂସା ପାଇଁ ଦାୟୀ କରାଯାଉଥିବା ଆଶିଷ ମିଶ୍ରାଙ୍କ ବାପା ଅଜୟ ମିଶ୍ରା (ବର୍ତ୍ତମାନର କେନ୍ଦ୍ରମନ୍ତ୍ରୀ) ପୂର୍ବରୁ ନିଘାସନ ଆସନରେ ଭାଜପାରୁ ବିଜୟୀ ହୋଇଥିଲେ, ଯେଉଁଠି ରବିବାର ଏହି ଘଟଣା ଘଟିଥିଲା। ୧୯୯୩ରୁ ଉକ୍ତ ଆସନ ଭାଜପା ଦଖଲରେ ରହିଆସିଥିବାବେଳେ ଅଜୟ ୨୦୦୭ରେ ପରାଜିତ ହୋଇଥିଲେ। ଏବେ କୃଷକଙ୍କ ସମର୍ଥନରେ ଭାଜପାର ପିଲିଭିତ୍ ଏମ୍‌ପି ବରୁଣ ଗାନ୍ଧୀଙ୍କ ଟୁଇଟ୍ ଅନେକ କିଛି ବୟାନ କରୁଛି।

## ପ୍ରିୟଙ୍କାଙ୍କ ଗିରଫକୁ ପ୍ରତିବାଦ କଲା କଂଗ୍ରେସ

ଭୁବନେଶ୍ୱର,୬।୧୦(ବ୍ୟୁରୋ)

ଉତ୍ତର ପ୍ରଦେଶର ଲଖିମ୍‌ପୁର ଖେରିଠାରେ ରବିବାର କେନ୍ଦ୍ର ଗୃହରାଷ୍ଟ୍ର ମନ୍ତ୍ରୀ ଅଜୟ କୁମାର ମିଶ୍ରାଙ୍କ ପୁଅ ଆଶିଷ ମିଶ୍ରା ଆନ୍ଦୋଳନରତ କୃଷକଙ୍କୁ ଗାଡ଼ି ଚଢାଇବା ଘଟଣାରେ ୪ଜଣ କୃଷକ ସମେତ ୮ ଜଣଙ୍କର ମୃତ୍ୟୁ ହୋଇଥିଲା। ଘଟଣାରେ ମୃତ କୃଷକଙ୍କ ପରିବାର ପ୍ରତି ସମବେଦନା ଜଣାଇବାକୁ ଯାଉଥିବାବେଳେ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଓ ଏମ୍‌ପି ଦୀପେନ୍ଦ୍ର ସିଂ ହୋଡ଼ାଙ୍କୁ ୟୁପି ପୋଲିସ ୩୦ ଘଣ୍ଟା ଅଟକ ରଖି ଗିରଫ କରିଥିଲା। ଏହାକୁ ବେଆଇନ ବୋଲି

### ମୋଦି, ଯୋଗୀ ଓ ଶାହାଙ୍କ କୁଶପୁତ୍ତଳିକା ଦାହ

ଓଡ଼ିଶା ପ୍ରଦେଶ କଂଗ୍ରେସ ଅଭିଯୋଗ କରିଛି। ପ୍ରତିବାଦରେ କଂଗ୍ରେସ ନେତା ଓ କର୍ମୀ ବୁଧବାର ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଉତ୍ତର ପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଗୃହମନ୍ତ୍ରୀ ଅମିତ ଶାହାଙ୍କ କୁଶ ପୁତ୍ତଳିକା ଦାହ କରିଛନ୍ତି। ଏହି ବିକ୍ଷୋଭରେ ପିସିସି କାର୍ଯ୍ୟକାରୀ ସଭାପତି ଚିରଞ୍ଜୀବ ବିଶ୍ୱାଳ, ଏମ୍‌ପି ତଥା ଜମ୍ମୁକଶ୍ମୀର ପ୍ରଭାରୀ ରଜନୀ ପାଟିଲ, ବରିଷ୍ଠ କଂଗ୍ରେସ ନେତା ଜୟଦେବ ଜେନା, ବିଧାୟକ ସୁରେଶ କୁମାର ରାଉତରାୟ, ବିଜୟଲକ୍ଷ୍ମୀ ସାହୁ, ମହିଳା କଂଗ୍ରେସ ସଭାପତି ବନ୍ଦିତା ପରିଡ଼ା, ଭୁବନେଶ୍ୱର ଜିଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାସ, ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ, ଛାତ୍ର କଂଗ୍ରେସର ଓଡ଼ିଶା ଦାୟିତ୍ୱରେ ଥିବା ସାଧାରଣ ସମ୍ପାଦକ ଅନୁଲେଖା ଭୂଷା, ରଶ୍ମି ମହାପାତ୍ର, ଅମିୟ ପଟ୍ଟନାୟକ ଓ ବିଶ୍ୱରଞ୍ଜନ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ।



ପ୍ରିୟଙ୍କା ଗାନ୍ଧୀଙ୍କୁ ଉତ୍ତରପ୍ରଦେଶରେ ଗିରଫ ପ୍ରତିବାଦରେ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ୍‌ରେ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।

## ‘ବଜାରକୁ ବିଦେଶୀ ସଂସ୍ଥା ହାତରେ ଟେକିଦେଇଛି କେନ୍ଦ୍ର’

ଭୁବନେଶ୍ୱର, ୬।୧୦(ବ୍ୟୁରୋ)

ଭାରତର ବଜାରକୁ କେନ୍ଦ୍ର ସରକାର ବିଦେଶୀ ସଂସ୍ଥା ହାତରେ ଟେକି ଦେଇଛନ୍ତି ବୋଲି କଂଗ୍ରେସ ଗୁରୁତର ଅଭିଯୋଗ ଆଣିଛି। ଫ୍ୟୁଚର ଗ୍ରୁପ୍ ସହ ବିବାଦକୁ ନେଇ ଆମେରିକୀୟ ଆମାଜନ ଗ୍ରୁପ୍ କେନ୍ଦ୍ର ସରକାରଙ୍କ ଆଇନ ମନ୍ତ୍ରଣାଳୟକୁ ଆଇନଗତ ଦେୟ ଦର୍ଶାଇ ୮୫୪୬ କୋଟି ଟଙ୍କା ପ୍ରଦାନ କରିଥିବାରୁ ଏହାକୁ ନେଇ ପ୍ରଶ୍ନ ଉଠାଇବା ସହ ଏଭଳି ଅଭିଯୋଗ ଆଣିଛନ୍ତି ରାଜ୍ୟ ସଭା ସଦସ୍ୟ ତଥା ଜମ୍ମୁ କଶ୍ମୀର କଂଗ୍ରେସ ପ୍ରଭାରୀ ରଜନୀ ପାଟିଲ। ବୁଧବାର ରାଜ୍ୟ କଂଗ୍ରେସ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପାଟିଲ କହିଛନ୍ତି, ଆମାଜନ ଗ୍ରୁପର ୬ଟି କମ୍ପାନୀ ଆମାଜନ ଇଣ୍ଡିଆ ଲିମିଟେଡ଼, ଆମାଜନ ରିଟେଲ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ଼, ଆମାଜନ ସେଲର ସର୍ଭିସେସ ପ୍ରାଇଭେଟ ଲିମିଟେଡ଼, ଆମାଜନ ଇଣ୍ଟରନେଟ ସର୍ଭିସେସ ପ୍ରାଇଭେଟ ଲିମିଟେଡ଼, ଆମାଜନ ହୋଲସେଲ ପ୍ରାଇଭେଟ ଲିମିଟେଡ଼ ଏବଂ ଆମାଜନ ଟ୍ରାନ୍ସପୋର୍ଟ ଲିମିଟେଡ଼ ଏହି ଦୁଇବର୍ଷ ଭିତରେ ଭାରତରେ ୮୫୪୬ କୋଟି ଟଙ୍କା କ’ଣ ପାଇଁ ଖର୍ଚ୍ଚ କରିଛି। କାହା ପାଇଁ ଓ କେଉଁ ସ୍ୱାର୍ଥରେ କେନ୍ଦ୍ର ସରକାର ଏହି ଟଙ୍କା ନେଇଛନ୍ତି। ସବୁଠାରୁ ବଡ଼ ଇ-କମର୍ସ ସଂସ୍ଥା ଆମାଜନ ୨୦୧୮ରୁ ଦେଶରେ ପ୍ରବେଶ କରିବା ପରେ ନିଜର ଉପସ୍ଥିତିକୁ ଜାହିର କରିବା ପାଇଁ ଏହି ଟଙ୍କାକୁ ଖର୍ଚ୍ଚ କରିଛି କି ବୋଲି ସେ ପ୍ରଶ୍ନ କରିଛନ୍ତି। କେନ୍ଦ୍ର ସରକାର ଆମାଜନ ଗ୍ରୁପକୁ ବେଆଇନଭାବେ ପ୍ରଶ୍ରୟ ଦେବା ଦ୍ୱାରା ଦେଶର କୋଟି କୋଟି ଛୋଟ ବ୍ୟବସାୟୀ ନିଜର ଦୋକାନକୁ ବନ୍ଦ କରିବାକୁ ପଡ଼ିଥିବା ସେ କହିଛନ୍ତି। ଏହି ସମ୍ମିଳନୀରେ ପିସିସି ଉପସଭାପତି ଚିରଞ୍ଜୀବ ବିଶ୍ୱାଳ ଓ ଗଣମାଧ୍ୟମ ଚେୟାରମ୍ୟାନ ଗଣେଶ୍ୱର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ ଜମ୍ମୁ କଶ୍ମୀର କଂଗ୍ରେସ ପ୍ରଭାରୀ ରଜନୀ ପାଟିଲ(ମଝି), ଚିରଞ୍ଜୀବ ବିଶ୍ୱାଳ, ଗଣେଶ୍ୱର ବେହେରା।

DHARITRI
ଭୁବନେଶ୍ୱର, ଗୁରୁବାର, ଅକ୍ଟୋବର ୭/୨୦୨୧ | Bhubaneswar, Thursday, October 7/2021 | ପୃଷ୍ଠା-୧



## ଗୁର୍‌ଜିତଙ୍କୁ ଏଫ୍‌ଆଇଏଚ୍ ପୁରସ୍କାର

ଭାରତୀୟ ମହିଳା ହକି ଦଳର ତାରକା ଖେଳାଳି ଗୁର୍‌ଜିତ କୌର ଏଫ୍‌ଆଇଏଚ୍ ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି।

୧୦ | ୧୨

## ଅକ୍ଷୟଙ୍କ ସହ ଫାଇଟ୍ ଟ୍ରେନିଂ ମଜାଦାର : ହୁମା

ଅକ୍ଷୟ କୁମାରଙ୍କ ସହ ଫାଇଟ୍ ଟ୍ରେନିଂ ମଜାଦାର ଥିଲା ବୋଲି ଅଭିନେତ୍ରୀ ହୁମା କୁରେଶୀ 'ବେଲ୍ ବଟମ୍' ଚଳଚ୍ଚିତ୍ର ସେଟ୍‌ରୁ ଏକ ଭିଡିଓ ଶେୟାର କରି କହିଛନ୍ତି।



# ଆସୁଛି ବାତ୍ୟା 'ଜୱାଦ'

- ୧୦ରେ ଲଘୁଚାପ
- ଦକ୍ଷିଣ ଓଡ଼ିଶାକୁ ବିପଦ ଆଶଙ୍କା
- ଘଣ୍ଟାକୁ ବହିପାରେ ୧୪୦ କି.ମି. ପବନ
- ୧୬ରେ ସ୍ଥଳଭାଗ ଛୁଇଁପାରେ

ଭୁବନେଶ୍ୱର,୬।୧୦(ବ୍ୟୁରୋ)

ରାଜ୍ୟକୁ ପ୍ରାକୃତିକ ବିପତ୍ତି ପିଛା ଛାଡୁ ନାହିଁ। କରୋନା ମହାମାରୀରେ ଲୋକେ ହନ୍ତସନ୍ତ ହେଉଥିବା ବେଳେ ରାଜ୍ୟକୁ ଆଉ ଏକ ବିପଦ ମାଡ଼ି ଆସୁଛି। ଉତ୍ତର ଆଣ୍ଡାମାନ ନିକଟରେ ଏକ ଘୂର୍ଣ୍ଣିବଳୟ କ୍ଷେତ୍ର ସୃଷ୍ଟି ହୋଇଛି। ଆସନ୍ତା ୧୦ ତାରିଖ ସୁଦ୍ଧା ଏହା ଲଘୁଚାପରେ ପରିଣତ ହେବ। ଏଥିସହିତ ଆଉ ଏକ ଲଘୁଚାପ ୧୨ ତାରିଖ ସୁଦ୍ଧା ସୃଷ୍ଟି ହେବ। ଉଭୟ ଲଘୁଚାପ ମିଶି ଆଣ୍ଡାମାନ ଉପକୂଳରେ ୩ରୁ ୪ ଦିନ ରହି ବଳ ଗୋଟାଇବ। ଏହା ଧୀରେ ଧୀରେ ଘନୀଭୂତ ହୋଇ ଭୟଙ୍କର ବାତ୍ୟାରେ ରୂପାନ୍ତରିତ ହେବ। ଆସନ୍ତା ୧୪ ତାରିଖ ବେଳକୁ ଏହା ଆହୁରି ଅଧିକ ଘନୀଭୂତ ହୋଇ ଭୟଙ୍କର ବାତ୍ୟା (ଭେରି ସିଭିୟର ସାଇକ୍ଲୋନ)ରେ ପରିଣତ ହେବ ବୋଲି ଅନୁମାନ କରାଯାଉଛି, ଯାହାର ନାମ ରହିବ 'ଜୱାଦ'। ଏହାର ବେଗ ଘଣ୍ଟା ପ୍ରତି ୧୩୦ରୁ ୧୪୦ କିଲୋମିଟର ହେବ ବୋଲି ପ୍ରାଥମିକ ଆକଳନ କରାଯାଇଛି। ବାତ୍ୟା ୧୫ ତାରିଖ ☞ପୃଷ୍ଠା-୨



## ଆଜି ନିଜ ଆଡୁ ଶୁଣାଣି କରିବେ ସୁପ୍ରିମକୋର୍ଟ

**ଲଖିମପୁର ଖେରି ମାମଲା**

ନୂଆଦିଲ୍ଲୀ,୬।୧୦

୪ ଚାଷୀଙ୍କ ସମେତ ୮ ଜଣଙ୍କ ଜୀବନ ଯାଇଥିବା ଉତ୍ତର ପ୍ରଦେଶର ଲଖିମପୁର ଖେରି ହିଂସାକୁ ବୁଧବାର ସୁପ୍ରିମକୋର୍ଟ ସଂଜ୍ଞାନକୁ ନେଇଛନ୍ତି। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏନ୍.ଭି. ରମନାଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ଗୁରୁବାର ପୂର୍ବାହ୍ନରେ ଏହି ମାମଲାର ଶୁଣାଣି କରିବେ। ଏହି ପ୍ରସଙ୍ଗକୁ 'ଲଖିମପୁର ଖେରିରେ ହିଂସା ଯୋଗୁ ଜୀବନହାନି'ଭାବେ ତାଲିକାଭୁକ୍ତ କରାଯାଇଛି। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ଅକ୍ଟୋବର ୩ରେ ଲଖିମପୁର ଖେରିର ତିକୁନିଆରେ ନିଜ ଅଧିକାର ପାଇଁ ବିକ୍ଷୋଭ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

ବିଶ୍ୱରେ ବିଟ୍‌କଏନ୍

## ଏଲ୍‌ପିଜି ମୂଲ୍ୟ ୧୫ ଟଙ୍କା ବୃଦ୍ଧି

ଭୁବନେଶ୍ୱର,୬।୧୦



କରୋନା କାଳରେ ଖାଉଟିଙ୍କ ଉପରେ ମହଙ୍ଗା ମାଡ଼। ରୋଷେଇ ଲାଗି ଏଲ୍‌ପିଜି ବା ରନ୍ଧନ ଗ୍ୟାସ୍ ଏକ ଅତ୍ୟାବଶ୍ୟକ ସାମଗ୍ରୀ ହୋଇଥିବା ବେଳେ ଏହାର ଲଗାତର ଦର ବୃଦ୍ଧି ଲୋକଙ୍କୁ ଅତିଷ୍ଠ କରିଛି। ମାସ ଆରମ୍ଭରୁ ବଢ଼ିଛି ଏଲ୍‌ପିଜି ଦର। ଏହାର ଦର ବୁଧବାର ୧୫ ଟଙ୍କା ବୃଦ୍ଧି ଘଟିଥିବା ତୈଳ ବିପଣନ କମ୍ପାନୀଗୁଡ଼ିକ ପକ୍ଷରୁ ସୂଚନା ମିଳିଛି। ଫଳରେ ଭୁବନେଶ୍ୱରରେ ଏହାର ଦର ☞ପୃଷ୍ଠା-୯

## ପାଉଁରୁଟି ଫ୍ୟାକ୍ଟ୍ରି ପାଇଁ ପଚା ଅଣ୍ଡା

କଟକ ଅଫିସ,୬।୧୦



ଅପମିଶ୍ରିତ ତେଲ, ଘିଅ ଏବଂ ନକଲି ସାମଗ୍ରୀ ପରେ ଏବେ ପଚା ଅଣ୍ଡାକୁ ଖାଦ୍ୟ ସାମଗ୍ରୀରେ ବ୍ୟବହାର କରାଯାଉଛି। ବୁଧବାର କଟକ ମହାନଗର ନିଗମ(ସିଏମ୍‌ସି) ସ୍ୱାସ୍ଥ୍ୟ ଅଧିକାରୀ ଓ ଖାଦ୍ୟ ସୁରକ୍ଷା ସ୍କ୍ୱାଡ୍ ଚଢ଼ାଉ କରିବା ପରେ ଏହି ଘଟଣା ପଦାକୁ ଆସିଛି। ବଜ୍ରକବାଟି ରୋଡରେ ଯାଉଥିବା ଅଣ୍ଡା ବୋଝେଇ ଏକ ଅଟୋକୁ ଅଟକାଇ ସ୍କ୍ୱାଡ୍ ଯାଞ୍ଚ କରିଥିଲା। ସେଥିରେ ଥିବା ୧୦ କାର୍ଟୁନ୍‌ରେ ୩ ହଜାର ପଚା ଅଣ୍ଡାକୁ ଜବତ କରାଯାଇଥିଲା। ଯାଞ୍ଚ ପରେ ଏହା ସମ୍ପୂର୍ଣ୍ଣ ଖାଦ୍ୟ ଅନୁପଯୋଗୀ ବୋଲି ସ୍ୱାସ୍ଥ୍ୟ ଅଧିକାରୀ ସ୍ପଷ୍ଟ କରିଛନ୍ତି। ଉକ୍ତ ଅଣ୍ଡାକୁ ଆଠଗଡ଼ ବାଳି ଅଞ୍ଚଳରେ ଥିବା ଏକ କୁକୁଡ଼ା ଫାର୍ମରୁ ଅଣାଯାଇ ☞ପୃଷ୍ଠା-୨

# ପ୍ରଥମ ମ୍ୟାଲେରିଆ ଟିକାକୁ ଡବ୍ଲ୍ୟୁଏଚ୍‌ଓ ମଞ୍ଜୁରୀ

ଜେନେଭା, ୬।୧୦

ମ୍ୟାଲେରିଆ ନିରାକରଣ ପାଇଁ ପ୍ରସ୍ତୁତ ପ୍ରଥମ ଟିକାକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ବୁଧବାର ମଞ୍ଜୁରୀ ପ୍ରଦାନ କରିଛି। ମ୍ୟାଲେରିଆ ବିରୋଧୀ ଲଢ଼େଇରେ ଏହା ଏକ ଐତିହାସିକ ସଫଳତା ବୋଲି ଡବ୍ଲ୍ୟୁଏଚ୍‌ଓ ମହାନିର୍ଦ୍ଦେଶକ ଟେଡ୍ରୋସ୍ ଆଧାନମ୍ ଘେବ୍ରେୟେସସ୍ କହିଛନ୍ତି। ଆଫ୍ରିକା ମହାଦେଶର ସମସ୍ତ ପିଲାଙ୍କୁ ବିଶ୍ୱର ଏହି ପ୍ରଥମ ମ୍ୟାଲେରିଆ ଟିକା ଦିଆଯିବା ଆବଶ୍ୟକ ବୋଲି ଡବ୍ଲ୍ୟୁଏଚ୍‌ଓ ସୁପାରିସ କରିଛି। ଉକ୍ତ ଟିକା ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ବଞ୍ଚାଇବାରେ




ସହାୟକ ହୋଇପାରିବ ବୋଲି ଆଶା କରାଯାଉଛି। ମ୍ୟାଲେରିଆରେ ପ୍ରତିବର୍ଷ ୪ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ପ୍ରାଣ ହରାଇଥାନ୍ତି। ସେଥିରୁ ୨,୬୦,୦୦୦ ହେଉଛନ୍ତି ୫ ବର୍ଷରୁ କମ୍ ବୟସର ପିଲା। ମୁଖ୍ୟତଃ ଆଫ୍ରିକା ମହାଦେଶରେ ଏହି ରୋଗ ଦେଖାଦେଇଥାଏ। ଗ୍ଲାକ୍ସୋସ୍ମିଥ୍‌କ୍ଲିନ୍ କମ୍ପାନୀ ଦ୍ୱାରା ପ୍ରସ୍ତୁତ ଏହି ଟିକା ପିଲାଙ୍କଠାରେ ୫ଟି ମାରାତ୍ମକ ମ୍ୟାଲେରିଆ ସୃଷ୍ଟିକାରୀ ଭୂତାଣୁ ବିରୋଧରେ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବ। ଏହା କେବଳ ☞ପୃଷ୍ଠା-୨

## ପୁଣି ବଢ଼ିଲା ପେଟ୍ରୋଲ, ଡିଜେଲ

ଭୁବନେଶ୍ୱର,୬।୧୦

ପେଟ୍ରୋଲ ଏବଂ ଡିଜେଲ ଦର ବୃଦ୍ଧିରେ ଲଗାମ ଲାଗୁନାହିଁ। ବୁଧବାର ଲଗାତର ଦ୍ୱିତୀୟ ଦିନ ଲାଗି ତେଲ ଦର ବୃଦ୍ଧି ଘଟିଛି। ଫଳରେ ଭୁବନେଶ୍ୱରରେ ପେଟ୍ରୋଲ ଲିଟର ପିଛା ୩୦ ପଇସା ବଢ଼ି ୧୦୩.୮୨ ଟଙ୍କା ହୋଇଛି। ଡିଜେଲ ☞ପୃଷ୍ଠା-୯

## ବିଦ୍ୟୁତ୍ ଆଘାତରେ ମା'ବାପା, ଝିଅ ମୃତ

ତିର୍ତ୍ତୋଲ/ରାହାମା, ୬।୧୦ (ଡି.ଏନ.ଏ.)

ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଥାନା ବଣିତୋ ଗାଁରେ ବୁଧବାର ଏକ ଦୁଃଖଦ ଘଟଣା ଘଟିଛି। ବିଦ୍ୟୁତ୍ ଆଘାତରେ ଗୋଟିଏ ପରିବାରର ୩ ଜଣଙ୍କ ମୃତ୍ୟୁ ହୋଇଛି। ସେମାନଙ୍କୁ ଉଦ୍ଧାର କରିବାକୁ ଯାଇ ଗୁରୁତର ହୋଇପଡିଥିବା ଜଣେ ପଡ଼ୋଶୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି।

ପୋଲିସ ସୂଚନା ମୁତାବକ, ମଧ୍ୟାହ୍ନରେ ଭୀଷଣ ବର୍ଷା ହେବାରୁ ବଣିତୋର ପ୍ରଭାକର ସ୍ୱାଇଁଙ୍କ ଘରେ ବିଦ୍ୟୁତ୍ ଚାର୍ଜ ହୋଇଯାଇଥିଲା। ଫଳରେ ରୋଷେଇ କରୁଥିବା ପ୍ରଭାକରଙ୍କ ବୋହୂ କାମିନୀ(୩୬) ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଚିତ୍କାର କରିଥିଲେ। ତାଙ୍କୁ ଉଦ୍ଧାର କରିବାକୁ ଯାଇ ସ୍ୱାମୀ ପିଣ୍ଟୁନା(୪୦) ବିଦ୍ୟୁତ୍ ଆଘାତର ଶିକାର ହୋଇଥିଲେ। ପରେ ସେମାନଙ୍କ ☞ପୃଷ୍ଠା-୨






**ଆଜିର ମନ୍ତବ୍ୟ**

"ସ୍ୱାମିତ୍ୱ ଯୋଜନା ଗ୍ରାମ୍ୟ ଅର୍ଥନୀତିକୁ ସୁଦୃଢ଼ କରିଛି। ବିକାଶର ନୂଆ ଅଧ୍ୟାୟ ସୃଷ୍ଟି ନିମନ୍ତେ ଏହାକୁ ଦେଶବ୍ୟାପୀ ଲାଗୁ କରାଯିବ।-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଆହିଲ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତୋର ସାତପୁତ,**
**ପର ପୁତ ଦେଖିଲେ କାଠଭୂତ।**

କିଛି ବ୍ୟକ୍ତି ଅନ୍ୟର ସୁଖ ଶିରୀକୁ ଆଦୌ ସହ୍ୟ କରିପାରି ନ ଥାନ୍ତି। ନିଜର ଯେତେ ଥାଉ ପଛେ ଅନ୍ୟର ଦେଖିଲେ ହାଇଁପାଇଁ ହୋଇଯାଇଥାନ୍ତି। ଅନ୍ୟର ଟିକିଏ ସୁଖ ସୁବିଧା ବା ଭଲ ଦେଖିଲେ ମୁହଁ ଆମ୍ବିଳା କରି ବସୁଥିବାବେଳେ ଈର୍ଷାପରାୟଣ ବ୍ୟକ୍ତିଙ୍କୁ ଲକ୍ଷ୍ୟରେ ରଖି ଏଭଳି ଉକ୍ତି **ପ୍ରକାଶ କରାଯାଇଛି।**

**ତୋର ଯାଉ, ମୋର ଯାଉ,**
**କାହାରି କଥା କେହି ନ କହୁ।**

ମନରେ ଯେତେବେଳେ ଫାଟ ସୃଷ୍ଟି ହୁଏ ସେତେବେଳେ ସମ୍ପର୍କ ତୁଟି ଯିବାକୁ ବେଶି ଡେରି ଲାଗି ନ ଥାଏ। ମନ ଥରେ ଛିଡ଼ିଗଲେ ପୂର୍ବ ସ୍ନେହ ସରାଗ ମଉଳି ଯାଇଥାଏ। ଏପରିସ୍ଥଳେ ଦୁହେଁ ଦୁହିଁଙ୍କୁ ଭୁଲିଯିବା ନେଇ ମନସ୍ଥ କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ**

# ପ୍ରକ୍ସି ଆଇପିରେ ପାକିସ୍ତାନରୁ ଚାଲିଥିଲା କଥାବାର୍ତ୍ତା

***ବାଲେଶ୍ୱର ଚାନ୍ଦିପୁରସ୍ଥିତ ପ୍ରତିରକ୍ଷା ଗବେଷଣା ବିକାଶ ସଂଗଠନ(ଡିଆର୍‌ଡିଓ)ରୁ ତଥ୍ୟ ଲିକ୍ ଘଟଣାରେ ଦିନକୁ ଦିନ ନୂଆ ତଥ୍ୟ ଆସିବାରେ ଲାଗିଛି। ଏହି ମାମଲାରେ ଗିରଫ ହୋଇଥିବା ଅଭିଯୁକ୍ତମାନେ ଯେଉଁ ରହସ୍ୟମୟୀ ଯୁବତୀଙ୍କୁ ତଥ୍ୟ ପ୍ରେରଣ କରୁଥିବା ନେଇ ଅଭିଯୋଗ ହୋଇଥିଲା, ତାଙ୍କର ପାକିସ୍ତାନ ସହ ଲିଙ୍କ୍ ଥିବାନେଇ ଅଧିକ ତଥ୍ୟ ମିଳିଛି। ପରିଚୟ ଓ ଠିକଣା ଲୁଚାଇବାକୁ ଯୁବତୀ ଜଣକ ପାକିସ୍ତାନରୁ ପ୍ରକ୍ସି ଆଇପି ବ୍ୟବହାର କରୁଥିଲେ ବୋଲି ବୁଧବାର କ୍ରାଇମବ୍ରାଞ୍ଚ ଏଡିଜି ସଞ୍ଜୀବ ପଣ୍ଡା ସୂଚନା ଦେଇଛନ୍ତି।***

**କଟକ ଅଫିସ,୬।୧୦**

ଡିଆର୍‌ଡିଓ ତଥ୍ୟ ଲିକ୍ ଘଟଣାରେ ବିବାଦ ଘେରକୁ ଆସିଥିବା ରହସ୍ୟମୟୀ ଯୁବତୀଙ୍କ ପାକିସ୍ତାନ ସହ ସମ୍ପର୍କ ରହିଥିବାନେଇ ଅଧିକ ସୂଚନା କ୍ରାଇମବ୍ରାଞ୍ଚକୁ ମିଳିଛି। ଉକ୍ତ ଯୁବତୀଙ୍କ ୭ଟି ଫେସ୍‌ବୁକ୍ ଆକାଉଣ୍ଟ ରହିଥିବାବେଳେ ସେଥିରୁ ୪ଟି ଆକାଉଣ୍ଟକୁ ପାକିସ୍ତାନରୁ ପ୍ରକ୍ସି ଆଇପିରେ ବ୍ୟବହାର କରାଯାଉଥିଲା। ସେଥିମଧ୍ୟରୁ ୩ଟି ଇସ୍‌ଲାମାବାଦ୍‌ରୁ ଏବଂ ଗୋଟିଏ ରାଓଲ୍‌ପିଣ୍ଡିରୁ ପରିଚାଳିତ ହେଉଥିଲା। ଠିକଣା ଓ ପରିଚୟକୁ ଲୁଚାଇବା ପାଇଁ ପ୍ରକ୍ସି

### ଡିଆର୍‌ଡିଓ ତଥ୍ୟ ଲିକ୍ ମାମଲା

ଆଇପି ବ୍ୟବହାର କରାଯାଉଥିଲା ବୋଲି ଏଡିଜି ପଣ୍ଡା ସୂଚନା ଦେଇଛନ୍ତି।

ଯୁବତୀ ଜଣକ ଅଧିକାଂଶ ସମୟରେ ପାକିସ୍ତାନର ନକଲି ଠିକଣା ଦେଉଥିଲେ। ଏପରି କି ଭାରତ, ବ୍ରିଟେନ, ଆମେରିକା ଏବଂ ଜର୍ମାନୀରୁ ମଧ୍ୟ ନକଲି ଠିକଣା ଦେଇଥିବା ଜଣାପଡ଼ିଛି। ଯୁବତୀଙ୍କ କେତେକ ସୋସିଆଲ୍ ମିଡିଆ ଆକାଉଣ୍ଟ ଏବେବି ସକ୍ରିୟ ରହିଥିବା କହିଥିବାବେଳେ ଡିଆର୍‌ଡିଓର ଆଉ କୌଣସି କର୍ମଚାରୀଙ୍କ ଏହି ତଥ୍ୟ ଲିକ୍ ଘଟଣାରେ ସମ୍ପୃକ୍ତି ଅଛି କି ନାହିଁ ସେ ସମ୍ପର୍କରେ ପଣ୍ଡା କୌଣସି ସୂଚନା ଦେଇ ନାହାନ୍ତି।

ଏହି ମାମଲାରେ ଗିରଫ ହୋଇଥିବା ୫ ଅଭିଯୁକ୍ତଙ୍କୁ ପ୍ରଥମ ପର୍ଯ୍ୟାୟରେ ପଚରାଉଚରା ଜାରି ରହିଥିବାବେଳେ ବୈଷୟିକ ତଥ୍ୟ ସମ୍ପର୍କରେ ଅଧିକ ଯାଞ୍ଚ କରାଯାଉଛି। ଅଧିକ ତଥ୍ୟ ମିଳିଲେ ଅଭିଯୁକ୍ତମାନଙ୍କୁ ପୁଣି ଥରେ ରିମାଣ୍ଡରେ ଅଣାଯିବ ବୋଲି ଏଡିଜି ପଣ୍ଡା କହିଛନ୍ତି। ସୂଚନାଯୋଗ୍ୟ, ତଥ୍ୟ ଲିକ୍ ମାମଲାରେ ବାଲେଶ୍ୱର ପୋଲିସ ସେପ୍ଟେମ୍ବର ୧୪ରେ ଆଇଟିଆରର ୪ ଠିକା କର୍ମଚାରୀଙ୍କୁ ଗିରଫ କରିଥିଲା। ସେମାନେ ହେଲେ ଠିକା କର୍ମଚାରୀ ଚାନ୍ଦିପୁର ଥାନା ଖାଁଶୁରା ଗ୍ରାମର ବସନ୍ତ ବେହେରା (୫୨) ଓ ଶ୍ରୀକୋଣା ଗ୍ରାମର ଏସ୍.କେ. ମୁସାକ୍ (୩୨), ଡିଜି ଅପରେଟର ଭାବେ କାମ କରୁଥିବା ସଦର ଥାନା ଅନ୍ତର୍ଗତ ବୁଆଁଳ ଗ୍ରାମର ହେମନ୍ତ କୁମାର ମିସ୍ତ୍ରି (୫୨), ମେନ ଗେଟ୍‌ରେ କାର୍ଯ୍ୟ କରୁଥିବା ସଦର ଥାନା ଅଧୀନ ପାଳସିଆ ଗ୍ରାମର ତାପସ ରଞ୍ଜନ ନାୟକ (୪୧)। ପରେ ୧୬ତାରିଖରେ ଏହି ଘଟଣାରେ ଡିଆର୍‌ଡିଓର ସ୍ଥାୟୀ କର୍ମଚାରୀ ଡ୍ରାଇଭର ଉତ୍ତରପ୍ରଦେଶର ସଚିନ କୁମାର ଛତ୍ରାଙ୍କୁ ଗିରଫ କରାଯାଇଥିଲା। ସମସ୍ତ ୫ ଅଭିଯୁକ୍ତଙ୍କୁ କ୍ରାଇମବ୍ରାଞ୍ଚ ୧୮ତାରିଖରେ ୭ଦିନିଆ ରିମାଣ୍ଡରେ ଆଣି ପଚରାଉଚରା କରିଥିଲା।

### ପ୍ରକ୍ସି ଆଇପି କ'ଣ

ଇଣ୍ଟରନେଟ୍‌ରେ ଅନେକ ହିଡେନ୍(ଗୁପ୍ତ) ୱେବସାଇଟ୍ ରହିଛି। ସୋସିଆଲ ମିଡିଆ ବ୍ୟବହାର ପାଇଁ ମଧ୍ୟ ହିଡେନ୍ ଆଇପି ବ୍ୟବହାର କରାଯାଇଥାଏ। ଏହି ହିଡେନ୍ ଆଇପିକୁ ପ୍ରକ୍ସି ଆଇପି ବୋଲି କୁହାଯାଏ। ଏହାଦ୍ୱାରା ବ୍ୟବହାରକାରୀଙ୍କ ସୂଚନା ଗୁପ୍ତ ରହେ। ନକଲି ଫେସ୍‌ବୁକ୍ ଆକାଉଣ୍ଟ ଖୋଲି ଗୋଟିଏ ସ୍ଥାନରେ ଥାଇ, ଆଉ ଗୋଟିଏ ସ୍ଥାନରୁ ଆକାଉଣ୍ଟକୁ ଅପରେଟ୍ କରାଯାଇଥାଏ। ଠକମାନେ ଧରାପଡ଼ିଯିବା ଭୟରେ ସାଧାରଣ ଆଇପି ଆଡ୍ରେସରେ କାମ କରନ୍ତି ନାହିଁ।

# ଇଡିରେ ହାଜର ପାଇଁ ସମୟ ନେଲେ ପ୍ରଦୀପ, ଝିଅ ଶ୍ରୁତି

**ଭୁବନେଶ୍ୱର,୬।୧୦(ବ୍ୟୁରୋ):** ଟାଟା କମ୍ପାନୀରେ ଚାକିରି ଦେବା ନାଁରେ ଠକେଇ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)ରେ ହାଜର ହେବାକୁ ବିଧାୟକ ପ୍ରଦୀପ ପାଣିଗ୍ରାହୀ ଓ ତାଙ୍କ ଝିଅ ଶ୍ରୁତି ପାଣିଗ୍ରାହୀ ସମୟ ମାଗିଛନ୍ତି। ପୂର୍ବରୁ ଇଡି ଶ୍ରୁତିଙ୍କୁ ପଚରାଉଚରା ପାଇଁ ସମନ କରିଥିଲା। ପ୍ରଥମଥର ସେ ହାଜର ନ ହେବାରୁ ବୁଧବାର ପାଇଁ ଦ୍ୱିତୀୟଥର ସମନ କରାଯାଇଥିଲା। ସେହିପରି ପ୍ରଦୀପଙ୍କୁ ମଧ୍ୟ ହାଜର ପାଇଁ ପୃଥକ ସମୟ ଦିଆଯାଇଥିଲା। ତେବେ ତାଙ୍କ ଓକିଲ ଇଡିର ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟରେ ପହଞ୍ଚି ଉଭୟଙ୍କ ପାଇଁ ଅଧିକ ସମୟ ମାଗିଥିଲେ। ବେଆଇନ ସମ୍ପତ୍ତି ଠୁଳ ମାମଲାରେ ମଙ୍ଗଳବାର ପ୍ରଦୀପଙ୍କ ଭାବି ସମୁଦି ତଥା ପୂର୍ବତନ ଆଇଏଫ୍‌ଏସ୍ ଅଧିକାରୀ ଅଭୟକାନ୍ତ ପାଠକ ଇଡିରେ ହାଜର ହୋଇଥିଲେ। ଇଡି ପକ୍ଷରୁ ତାଙ୍କୁ ରାତି ପର୍ଯ୍ୟନ୍ତ ଦୀର୍ଘ ୧୧ ଘଣ୍ଟା ଧରି ଜେରା କରାଯାଇଥିଲା। ସେହିଭଳି ଚାକିରି ଠକେଇ ମାମଲାରେ ଅଭୟକାନ୍ତଙ୍କ ପୁଅ ଆକାଶଙ୍କୁ ଜେରା କରାଯାଇପାରେ ବୋଲି ସୂଚନା ମିଳିଛି।


# classifieds Everyday
0674-2580101, 2549302

automobile
**SALE**

Buy & sell used 2 wheeler of any company. No legal hassle payment through Bank. Renovated for best quality. Free home valuation. JMG Automobile, Professorpara, Canal road, Cuttack. Call-8093080009/10. D-21768

real estate
**SALE**

3240 sqft. sthitiban gharabari corner plot at Panchasakha Nagar near ITER. Only genuine buyers call 9958003695. No brokers please. D-71426

**Bhubaneswar infocity-2 200' road side near NH-5 gharabari plot sqft. 1450/- Bank finance ଥାଇ ମିଳୁଛି। 7978230118, 9237480561, 8260722312.** D-71717

କଟକ-ଭୁବନେଶ୍ୱର ମଧ୍ୟ ଭାଗରେ ନିର୍ମିତ ଓଡ଼ିଶାର ବୃହତ୍ତମ **commercial Hub "Grandbazar"** ସମ୍ମୁଖରୁ **1 k.m.** ଦୂରତାରେ ଘରବାରି ପ୍ଲଟ୍ କିଣନ୍ତୁ। **9078699286.** D-71714

ମାସିକ ମାତ୍ର **3690/-** ଟଙ୍କା କିସ୍ତି ପୈଠ କରି ଭୁବନେଶ୍ୱର ଉପକଣ୍ଠରେ ବାସୋପଯୋଗୀ ଜାଗାର ମାଲିକ ହୁଅନ୍ତୁ। 9040744989 D-71711

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥବଜାର sqft.-150/- (outright). 9348232008. D-21774

ଭୁବନେଶ୍ୱର, ଭରତପୁର ଆଦର୍ଶ ବିଦ୍ୟାଳୟକୁଲାଗି ବାସୋପଯୋଗୀ ପ୍ଲଟ୍ **14,40,000/-**ରେ ମିଳୁଛି। **9437033320.** D-71705

ଭୁବନେଶ୍ୱର ଗ୍ୟାରେଜଛକ ନିକଟରେ ପ୍ଲଟ୍ ବିକ୍ରିହେବ। (ଘରବାରି, ପାଚେରି, ଇଲେକ୍ଟ୍ରିସିଟି ସହିତ) Call-9827119799. D-71177

construction

**Construct your dream home with branded materials, plan approval, elevation, bank loan with Bastu complaints. Contact- Bhulaxmi Group. 7609931239, 7978230118.** D-70888

to-let

2000sqft. second floor hall with lift near Airport on 100ft. wide Bhimatangi Mainroad for Office or commercial. 9958003695. D-71425

healthcare

Ashirvaad Salon and SPA get good massage for your health tha best therapy. 7077181074. D-70491

**Refreshing your mind, your body with tha best therapy at Lotus Spa. 8018891951.** D-70493

Newly open SPA positively health benefit with Expert. Contact: 7749976301. D-71174

Newly open SPA positively health benefits by expert therapist. 7846814019. D-71423

Newly open therapy center offer @ 799/-, positively health benefits. 7381172169. D-71424

Refreshing your mind and body with the best therapy. 7873794731. D-71179

Newly open Saikrupa Panchakarma Spa positively health benefits with Expert. 8984068077. D-21804

**AFFIDAVIT**

In the Court of Executive Magistrate, Khaira I Barsha Priyadarshani Sahoo of Alada, PS-Khaira, Dist.- Balasore declare that in L.I.C. Bond ( 599362538) my name has been mentioned Mamata Sahoo as per School Certificate. Barsha Priyadarshani Sahoo & Mamata Sahoo, W/o Priyabrata Sahoo is one & same person. I will be responsible if any discrepancies arise in future. D-21876

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ପ୍ରଥମ ପୃଷ୍ଠାରୁ...

### ଆସୁଛି ବାତ୍ୟା ...

ରାତି କିମ୍ବା ୧୬ ତାରିଖ ସକାଳେ ପଶ୍ଚିମ-ଉତ୍ତର ପଶ୍ଚିମ ଦିଗ ଦେଇ ଦକ୍ଷିଣ ଓଡ଼ିଶା ଏବଂ ଉତ୍ତର ଆନ୍ଧ୍ରପ୍ରଦେଶର କଳିଙ୍ଗପଟନମ ମଧ୍ୟଦେଇ ସ୍ଥଳଭାଗ ଅତିକ୍ରମ କରିବ ବୋଲି ପୂର୍ବାନୁମାନ କରାଯାଇଛି। ଏହାର ପ୍ରଭାବରେ ଗଞ୍ଜାମ, ଗଜପତି, କୋରାପୁଟ, ମାଲକାନଗିରି, ରାୟଗଡ଼ା, ନୟାଗଡ଼, କନ୍ଧମାଳ ଆଦି ଜିଲାରେ ପବନ ସହିତ ପ୍ରବଳ ବର୍ଷା ହେବ। ବାତ୍ୟା ଯଦି ଏହାର ଗତିପଥ ପରିବର୍ତ୍ତନ କରିବ ତେବେ ପୁରୀ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, କଟକ ଆଦି ଜିଲାରେ ପ୍ରବଳ ପବନ ହେବା ସହ ବର୍ଷା ହେବ ବୋଲି ଅନୁମାନ କରାଯାଇଛି। ଆସନ୍ତା ଦିନେ ଦୁଇଦିନ ମଧ୍ୟରେ ବାତ୍ୟାର ସ୍ଥିତି ନେଇ ସ୍ପଷ୍ଟ ଆକଳନ କରାଯାଇ ପାରିବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ଆଗକୁ ହେବାକୁ ଥିବା ଲଘୁଚାପ ସମ୍ପର୍କରେ ଭାରତୀୟ ପାଣିପାଗ ବିଭାଗର ନର୍ଥ ଇଣ୍ଡିଆନ ଓସନ ଏକ୍ସଟେଣ୍ଡେଡ ରେଞ୍ଜ ଆଉଟଲୁକ୍ ଫର୍ ସାଇକ୍ଲୋଜେନେସିସ୍ ସୂଚନା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ ଅକ୍ଟୋବରରେ ରାଜ୍ୟକୁ ଅନେକ ବାତ୍ୟାର ସମ୍ମୁଖୀନ ହେବାକୁ ପଡ଼ିଛି। ୧୯୯୯ ଅକ୍ଟୋବର ୨୯ରେ ମହାବାତ୍ୟା ଉପକୂଳରେ ତାଣ୍ଡବ ରଚାଇଥିବା ବେଳେ ୨୦୧୩ ଅକ୍ଟୋବରରେ ଫାଇଲିନ, ୨୦୧୪ ଅକ୍ଟୋବରରେ ହୁଡ୍‌ହୁଡ୍,୨୦୧୮ରେ ତିତଲି, ୨୦୧୯ରେ ଫନି ବାତ୍ୟା ଓଡ଼ିଶା ଉପକୂଳ ଅଞ୍ଚଳକୁ ଛାରଖାର କରି ଦେଇଥିଲା। ପୁଣି ରାଜ୍ୟ ବାତ୍ୟା ଭଳି ଆଉ ଏକ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେବାକୁ ଯାଉଛି।

ଅନ୍ୟପକ୍ଷରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ପ୍ରତ୍ୟାବର୍ତ୍ତନ ପର୍ବ ଆରମ୍ଭ ହୋଇଛି। ବୁଧବାର ରାଜସ୍ଥାନ ଓ ଗୁଜରାଟର କେତେକ ଅଞ୍ଚଳରୁ ମୌସୁମୀ ଅପସରି ଯାଇଥିବା ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଆସନ୍ତା ୩/୪ ଦିନ ମଧ୍ୟରେ ପଞ୍ଜାବ, ହରିୟାଣା, ଦିଲ୍ଲୀ, ଜମ୍ମୁ-କଶ୍ମୀର, ଲଦାଖ, ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ, ଉତ୍ତରପ୍ରଦେଶ ଏବଂ ମଧ୍ୟପ୍ରଦେଶର କେତେକ ସ୍ଥାନରୁ ମୌସୁମୀ ପ୍ରତ୍ୟାବର୍ତ୍ତନ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ତେବେ ଓଡ଼ିଶାରେ ମୌସୁମୀ ସାଧାରଣତଃ ଅକ୍ଟୋବର ୧୦ ସୁଦ୍ଧା ପ୍ରତ୍ୟାବର୍ତ୍ତନ କରିଥାଏ। ମାତ୍ର ଚଳିତ ବର୍ଷ ଅକ୍ଟୋବରରେ ଅଧିକ ବର୍ଷା ହେବା ସହ ମୌସୁମୀ ସକ୍ରିୟ ରହିଛି। ଲଘୁଚାପ ସୃଷ୍ଟି ହେଉଥିବାରୁ ଓଡ଼ିଶାରୁ କିଛିଦିନ ବିଳମ୍ବରେ ମୌସୁମୀ ପ୍ରତ୍ୟାବର୍ତ୍ତନ ନେଇ ପାଣିପାଗ ବିଭାଗ ପକ୍ଷରୁ ଘୋଷଣା କରାଯାଇପାରେ।

ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂଚନା ଅନୁଯାୟୀ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସୁନ୍ଦରଗଡ଼, ଦେବଗଡ଼, ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ଖୋର୍ଦ୍ଧା, ନୟାଗଡ଼ ଏବଂ କନ୍ଧମାଳ ଜିଲାର କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହୋଇପାରେ। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

### ପାଉଁରୁଟି ଫ୍ୟାକ୍ଟ୍ରି ..

କଟକସ୍ଥିତ ସାଆନ୍ତସାହିରେ ଥିବା ଏକ ପାଉଁରୁଟି ତିଆରି କାରଖାନାକୁ ନିଆଯାଉଥିଲା ବୋଲି ଅଟୋ ଡ୍ରାଇଭର କହିଛନ୍ତି। ଡ୍ରାଇଭରଙ୍କ ତଥ୍ୟକୁ ଆଧାର କରି ସମ୍ପୃକ୍ତ କୁକୁଡ଼ା ଫାର୍ମ ମାଲିକଙ୍କୁ ଡକାଯାଇଛି। ସେ ଆସିବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର କହିଛନ୍ତି। ଅପରପକ୍ଷରେ ସନ୍ଧ୍ୟାରେ ସାଆନ୍ତସାହିସ୍ଥିତ ପାଉଁରୁଟି ଫ୍ୟାକ୍ଟ୍ରି ଉପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ପାଉଁରୁଟି ଏବଂ ବିସ୍କୁଟରେ ପ୍ରସ୍ତୁତ ହେଉଥିବା ଖାଦ୍ୟ ପଦାର୍ଥର ନମୁନା ସଂଗ୍ରହ କରାଯାଇ ଲ୍ୟାବ୍‌କୁ ପଠାଯାଇଛି। ଏଥିସହ ବେକ୍‌ରିକୁ ସିଲ୍ କରାଯାଇଛି ବୋଲି ସ୍ୱାସ୍ଥ୍ୟ ଅଧିକାରୀ କହିଛନ୍ତି।

ମିଳିଥିବା ସୂଚନା ଅନୁସାରେ, କୁକୁଡ଼ା ଫାର୍ମଗୁଡ଼ିକରେ ନଷ୍ଟ ହୋଇଯାଉଥିବା ଅଣ୍ଡାଗୁଡ଼ିକୁ କମ୍ ଦାମ୍‌ରେ ପାଉଁରୁଟି ଫ୍ୟାକ୍ଟ୍ରି ଆଣି ସେଗୁଡ଼ିକୁ ପାଉଁରୁଟି ଏବଂ ବିସ୍କୁଟରେ ବ୍ୟବହାର କରିଥାନ୍ତି, ଯାହାକି ସ୍ୱାସ୍ଥ୍ୟ ଉପରେ ଏହାର ପ୍ରତିକୂଳ ପ୍ରଭାବ ପଡ଼ିଥାଏ। ଚର୍ମ, ପେଟରୋଗ ସହ କିଡ୍‌ନୀ ଉପରେ ମଧ୍ୟ ଏହାର ପ୍ରଭାବ ପକାଇଥାଏ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ କହିଛନ୍ତି। ଏହି ଘଟଣା ଲୋକଲୋଚନକୁ ଆସିବା ପରେ ସାଧାରଣ ଲୋକଙ୍କ ମନରେ ପାଉଁରୁଟି ପ୍ରସ୍ତୁତିର ସ୍ୱଚ୍ଛତାକୁ ନେଇ ଆଶଙ୍କା ପ୍ରକାଶ ପାଇଛି।

### ଆଜି ନିଜ ଆଡୁ ଶୁଣାଣି ...

କରୁଥିବା କୃଷକଙ୍କୁ ଯେଉଁ ୩ ଏସ୍‌ୟୁଭି ଧକ୍କା ଦେଇଥିଲା ସେଥିରୁ ଗୋଟିଏ ହେଉଛି ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଅଜୟ ମିଶ୍ର। ଓରଫ ଟେନିଙ୍କ ପୁଅ ଆଶିଷ ମିଶ୍ର ଓରଫ ମୋନୁଙ୍କ ଗାଡ଼ି। ଗାଡ଼ି ଧକ୍କାରେ ୪ ଚାଷୀଙ୍କ ମୃତ୍ୟୁ ଘଟିଥିଲା। ଏହାକୁ ନେଇ ସମ୍ପୃକ୍ତ ଅଞ୍ଚଳରେ ଉତ୍ତେଜନା ବୃଦ୍ଧି ପାଇ ହିଂସାରେ ଆଉ ୪ ଜଣଙ୍କ ଜୀବନ ଯାଇଥିଲା। ଉକ୍ତ ଗାଡ଼ିକୁ ଆଶିଷ ଚଳାଉଥିଲେ ବୋଲି ଅଭିଯୋଗ ହୋଇଛି। ତେବେ କେନ୍ଦ୍ରମନ୍ତ୍ରୀ ଓ ତାଙ୍କ ପୁଅ ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ତିକୁନିଆ ଥାନାରେ ଅଭିଯୋଗ ଆଧାରରେ ଏଫ୍‌ଆଇଆର୍ ହୋଇଛି। ଆଶିଷଙ୍କ ବିରୋଧରେ ଆଇପିସି ୩୦୨, ୩୦୪-ଏ, ୧୨୦-ବି, ୧୪୭, ୨୭୯ ଏବଂ ୩୩୮ ଭଳି ସଙ୍ଗିନ ଦଫା ଲାଗିଛି। ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଓ ହିମା କୋହିଲଙ୍କୁ ନେଇ ଗଠିତ ଖଣ୍ଡପୀଠରେ ସିଜେଆଇ ରମନା ଅଧ୍ୟକ୍ଷତା କରିବେ। ଇତିମଧ୍ୟରେ ଏହି ସମ୍ବେଦନଶୀଳ ମାମଲାର ସିବିଆଇ ତଦନ୍ତ ପାଇଁ ଆଲ୍ଲାହାବାଦ ହାଇକୋର୍ଟରେ ଆବେଦନ କରାଯାଇଛି। ଉତ୍ତର ପ୍ରଦେଶର ଯୋଗୀ ଆଦିତ୍ୟନାଥ ସରକାର ହାଇକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ଦ୍ୱାରା ଏହାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେବା ସହ ମୃତକଙ୍କ ପରିବାରକୁ ୪୫ ଲକ୍ଷ ଟଙ୍କା ଓ ଜଣେ ସଦସ୍ୟଙ୍କୁ ସରକାରୀ ଚାକିରି ଦିଆଯିବ ବୋଲି ଘୋଷଣା କରିଛନ୍ତି।

### ପ୍ରଥମ ମ୍ୟାଲେରିଆ ...

ମ୍ୟାଲେରିଆ ପାଇଁ ନୁହେଁ ଯେକୌଣସି ପରଜୀବୀ ଜନିତ ରୋଗ ବିରୋଧରେ ପ୍ରଥମ ଭାକ୍ସିନ୍। ଘାନା, କେନିଆ ଏବଂ ମାଲାୱିରେ ୨୦୧୯ରୁ ଏପର୍ଯ୍ୟନ୍ତ ୮ ଲକ୍ଷରୁ ଉର୍ଦ୍ଧ୍ୱ ପିଲାଙ୍କୁ ପରୀକ୍ଷାମୂଳକ ଭାବେ ଏହି ଟିକା ଦିଆଯାଇଥିଲା। କ୍ଲିନିକାଲ ପରୀକ୍ଷାରେ ଏହା ପ୍ରଥମ ବର୍ଷରେ ଗୁରୁତର ମ୍ୟାଲେରିଆ ବିରୋଧରେ ୫୦ ପ୍ରତିଶତ ଫଳପ୍ରଦ ସାବ୍ୟସ୍ତ ହୋଇଥିବାବେଳେ ଚତୁର୍ଥ ବର୍ଷକୁ ଟିକାର ପ୍ରତିରୋଧକ ଶକ୍ତି ଯଥେଷ୍ଟ ହ୍ରାସ ପାଉଥିବା ଦେଖାଯାଇଛି। ଏହା ମ୍ୟାଲେରିଆଜନିତ ମୃତ୍ୟୁ ରୋକିବାରେ କେତେଦୂର ଫଳପ୍ରଦ ହେବ ତାହାକୁ ନେଇ କେତେଜଣ ବିଶେଷଜ୍ଞ ପ୍ରଶ୍ନ ଉଠାଇଛନ୍ତି। ତେବେ ମ୍ୟାଲେରିଆ ମୃତ୍ୟୁର ପାଖାପାଖି ୫୦ ପ୍ରତିଶତ ଗୁରୁତର ମାମଲା ହୋଇଥିବାରୁ ମୃତ୍ୟୁହାର କମାଇବାରେ ଏହା ଫଳପ୍ରଦ ହେବ ବୋଲି ଡବ୍ଲ୍ୟୁଏଚ୍‌ଓ ମ୍ୟାଲେରିଆ ଟିକା କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିବା ଡ. ମେରି ହାମେଲ୍ କହିଛନ୍ତି। ଟିକାକରଣ କାର୍ଯ୍ୟକାରୀ ହେଲେ ପ୍ରତିବର୍ଷ ୫୪ ଲକ୍ଷଙ୍କୁ ସଂକ୍ରମଣରୁ ଏବଂ ୫ ବର୍ଷରୁ କମ୍ ୨୩,୦୦୦ ପିଲାଙ୍କୁ ମୃତ୍ୟୁମୁଖରୁ ରକ୍ଷା କରିପାରିବ ବୋଲି ଆକଳନ କରାଯାଇଛି।

### ବିଦ୍ୟୁତ୍ ଆଘାତରେ...

୧୦ ବର୍ଷର ଝିଅ ପାପାଲି ଏବଂ ଉଦ୍ଧାର କରିବାକୁ ଆସିଥିବା ପଡ଼ୋଶୀ କୁମରବର ସ୍ୱାଇଁ ମଧ୍ୟ ବିଦ୍ୟୁତ୍ ଆଘାତରେ ଗୁରୁତର ହୋଇ ପଡିଥିଲେ। ଗାଁ ଲୋକେ ଘରରୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରି ୪ ଜଣଙ୍କୁ ଉଦ୍ଧାର କରି ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ମା'ବାପା ଓ ଝିଅଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଡାକ୍ତରଙ୍କ ପରାମର୍ଶ କ୍ରମେ କୁମରବରଙ୍କୁ ଅଧିକ ଚିକିତ୍ସା ଲାଗି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ଖବର ପାଇ ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ୩ ଜଣଙ୍କ ମୃତଦେହକୁ ଜବତ କରିଛି। ରାତି ହୋଇ ଯାଇଥିବାରୁ ଗୁରୁବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ କୁହାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ମାନସିକ ଅସ୍ଥିରତା ଭିତରେ ଦିନଟି କଟିବ। ଅବଶ୍ୟ କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ପୂରା ଦମରେ କରିବା ପାଇଁ ନିଷ୍ପତ୍ତି ନେବେ। ଶିଳ୍ପ,ବ୍ୟବସାୟ,ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ଆଶାଜନକ ଫଳ ପ୍ରାପ୍ତି ଘଟିପାରେ। ସାହିତ୍ୟ, ସାମ୍ବାଦିକତା, କଳା, ସଙ୍ଗୀତ, ଚଳଚ୍ଚିତ୍ର ଓ ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**ବୃଷ** – ନିଜ ଲୋକଙ୍କ ବିରୋଧ ସାଙ୍ଗକୁ ବିଭିନ୍ନ ଅଭାବ, ଅସୁବିଧାର ସାମ୍ନା କରିବେ। ଅନ୍ୟମାନଙ୍କୁ ଭଲରେ ରଖିବାକୁ ଚେଷ୍ଟା କଲେ ମଧ୍ୟ ସମୟ ଓ ପରିସ୍ଥିତି ସବୁକିଛି ବିଗାଡ଼ି ଦେବ। ଅଫିସରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। କିଛି ମୂଲ୍ୟବାନ ଜିନିଷ କିଣିବା କାରଣରୁ ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବ।

**ମିଥୁନ** – ଅର୍ଥ ସଂକଟ ଲାଗି ରହିଥିଲେ ମଧ୍ୟ ଆବଶ୍ୟକ ସମୟରେ ତାହା ପୂରଣ କରିପାରିବେ। ବୟସ୍କମାନେ ଆପଣଙ୍କ ପରିବାରକୁ ସାହାଯ୍ୟପୂର୍ବକ ସହାନୁଭୂତି ପ୍ରକାଶ କରିବେ। ଅନ୍ୟମନସ୍କ ହେତୁ ଧନହାନି ଘଟିବାର ପୂର୍ବସୂଚନା ରହିଛି। ଜମିଜମା କାରବାର କିମ୍ବା କୌଣସି ଚୁକ୍ତିପତ୍ର ସମ୍ପାଦନ କରିବା ପାଇଁ ପ୍ରକୃଷ୍ଟ ଦିନ।

**କର୍କଟ** – ପରିସ୍ଥିତି ପ୍ରତି ସଚେତନ ହୋଇ କାମ କରିବା ଦ୍ୱାରା ସମସ୍ତ ସଂକଟରୁ ମୁକ୍ତ ହୋଇପାରିବେ। କୌଣସି ଗୁରୁତ୍ୱପୂର୍ଣ୍ଣ କାମରେ ବନ୍ଧୁଙ୍କ ସାହାଯ୍ୟ ଭିକ୍ଷା କରିବାକୁ ପଡ଼ିପାରେ। ବ୍ୟବସାୟ, ବାଣିଜ୍ୟ କ୍ଷେତ୍ରରେ ଉନ୍ନତମାନର ସୁଫଳ ପାଇବେ। ଶିକ୍ଷା, ସନ୍ତାନ ଓ ଲେଖାପଢ଼ାରେ କିଛିଟା ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ।

**ସିଂହ** – ଆପଣଙ୍କ ସ୍ପଷ୍ଟବାଦିତା ଓ କାର୍ଯ୍ୟ ହାସଲର କଳା କୌଶଳକୁ ବନ୍ଧୁମାନେ ପ୍ରଶଂସା କରିବେ। ପାରିବାରିକ କ୍ଷେତ୍ରରେ ରହିଥିବା ବିଷମତା ନେଇ ଚିନ୍ତିତ ରହିପାରନ୍ତି। ବାଣିଜ୍ୟ ଓ ବ୍ୟବସାୟରେ ପ୍ରତିବନ୍ଧକ ଦେଖାଦେବାରୁ ବ୍ୟସ୍ତତା ପ୍ରକାଶ କରିପାରନ୍ତି। ଅଭାବ ଅସୁବିଧା ମଧ୍ୟରେ ଚଳିଲେ ସୁଦ୍ଧା କୌଣସି କାମ ଅଟକିବ ନାହିଁ।

**କନ୍ୟା** – ଆଜି ରାଶିରେ ଚତୁଃଗ୍ରହ ଅବସ୍ଥାନ କରୁଥିବାରୁ ଅଟକି ରହିଥିବା କାମକୁ ପୂରାଦମରେ କରିଚାଲିବେ। ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। ଆନୁଷ୍ଠାନିକ କିମ୍ବା ସାଂଗଠନିକ କ୍ଷେତ୍ରରେ କିଛି ନୂତନତ୍ୱ କରି ପ୍ରଶଂସିତ ହେବେ। ବ୍ୟବସାୟ, ପରିବହନ, କଚେରି ମାମଲା କ୍ଷେତ୍ରରେ କିଛିଟା ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି।

**ତୁଳା** – ଶୁକ୍ର ମିତ୍ର ରାଶିସ୍ଥ ଯୋଗୁ ଶାରୀରିକ ସୁସ୍ଥତା ଅକ୍ଷୁଣ୍ଣ ରହିଲେ ମଧ୍ୟ ମାନସିକ ସ୍ଥିତି ଭଲ ରହିବ ନାହିଁ। ନିଜ ଲୋକଙ୍କ ବିମୁଖ ଭାବ ମଧ୍ୟ ଚିନ୍ତାର କାରଣ ହୋଇପାରେ। ଯେତେ ରାଗିଥିଲେ ମଧ୍ୟ ସହକର୍ମୀଙ୍କୁ କଡ଼ା କଥା କହିପାରିବେ ନାହିଁ। ପାନ ମସଲା, ହୋଟେଲ ଓ ଷ୍ଟେସନାରି ବ୍ୟବସାୟରୁ ଆଜି ଭଲ ବେପାର ହେବ।

**ବିଛା** – କୌଣସି ଅଭାବ ନ ଥିଲେ ମଧ୍ୟ ବେକାର କଥାରେ ମନ ଅଶାନ୍ତ ରହିବ। ନିଜ ପ୍ରତି ସମ୍ମାନ ଓ ଭକ୍ତି ପ୍ରଦର୍ଶନ କରୁଥିବା କେତେକ ବ୍ୟକ୍ତି ପଛରେ ଗାଳିମନ୍ଦ କରିପାରନ୍ତି। ସମ୍ପର୍କୀୟଙ୍କ ସହାୟତାରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ନିକଟ ଅତୀତରେ ଯାହା ଭାବୁଥିଲେ ତାହାର ସତ୍ୟତା ଆଜିହିଁ ଅନୁଭବ କରିବେ।

**ଧନୁ** – ଆଜି ଅଯଥା ଖର୍ଚ୍ଚାନ୍ତ ହେବା କାରଣରୁ ମାନସିକ ସ୍ତର ଉତ୍ତେଜିତ ରହିପାରେ। ବୃହସ୍ପତିଙ୍କ ଦୁର୍ବଳତାରୁ ଘରେ ଅଶାନ୍ତିର ବାତାବରଣ ଲାଗିରହିବ। କୌଣସି ବନ୍ଧୁଙ୍କ କଥା ରକ୍ଷା କରିବାକୁ ଯାଇ ନିଜ କାମ କରି ପେରି ପାରନ୍ତି। ଆନୁଷ୍ଠାନିକ କାମ, କଳା, ସାହିତ୍ୟ, ଚଳଚ୍ଚିତ୍ର ଓ ସଙ୍ଗୀତ କ୍ଷେତ୍ରରୁ ଉପଯୁକ୍ତ ଭାବେ ସମ୍ମାନିତ ହେବେ।

**ମକର** – ସାମାନ୍ୟ ବିଳମ୍ବିତ ସମୟରେ ଅଭିଳାଷ ପୂରଣ ହେବ ତଥାପି ମନରେ ବିଭିନ୍ନ ପ୍ରକାର ଦୁର୍ଭାବନା ସ୍ଥାନ ପାଇବ। ଭାଗ୍ୟସ୍ଥ ଗ୍ରହ ପ୍ରଭାବରୁ ବନ୍ଧୁଙ୍କ ପାରିବାରିକ ସମସ୍ୟାର ସରଳ ସମାଧାନ କରିବେ। ରୋଗ ଶଯ୍ୟାରେ ପଡ଼ିଥିବା ସମ୍ପର୍କୀୟଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବ। ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହୋଇପାରନ୍ତି।

**କୁମ୍ଭ** – ଘର କାମ ଛାଡ଼ି ଉପରିସ୍ଥଙ୍କ ନିର୍ଦ୍ଦେଶରେ କାମ କରିବାକୁ ବାଧ୍ୟ ହେବେ। ଚନ୍ଦ୍ରଙ୍କ ପ୍ରଭାବରୁ ଦ୍ରବ୍ୟ ନଷ୍ଟ ହୋଇପାରେ। ସାମାଜିକ ସ୍ତରରେ ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ କୌଣସି ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହୋଇପାରନ୍ତି। କଳା, ସାହିତ୍ୟ କ୍ଷେତ୍ରରେ ଦିନର ଅଭିଳାଷ ପୂର୍ଣ୍ଣ ହେବାରୁ ଆନନ୍ଦିତ ହେବେ।

**ମୀନ** – ଯୋଜନାନୁଯାୟୀ କାର୍ଯ୍ୟ କରିଚାଲିଲେ ହେଁ କିଛି ନା କିଛି ପ୍ରତିବନ୍ଧକର ସାମ୍ନା କରିବେ। ପଡ଼ୋଶୀ ଈର୍ଷାପର ମନୋଭାବ ନେଇ ପରୋକ୍ଷ ସମାଲୋଚନା କରିପାରନ୍ତି। ସ୍ୱାସ୍ଥ୍ୟ ପ୍ରତି ସାବଧାନ ନ ରହିଲେ ଅସୁବିଧାରେ ପଡ଼ିବେ। ସାହିତ୍ୟ ଚର୍ଚ୍ଚା, ଶାସ୍ତ୍ରାଲୋଚନା, ସତ୍‌ସଙ୍ଗ, ଆଧ୍ୟାତ୍ମିକ ଚିନ୍ତନ କ୍ଷେତ୍ରରେ ସହଯୋଗ ଲାଭ କରି ଖୁସି ହେବେ।





# ରାସ୍ତା ମଝିରେ ପାଣି ଫୁଆରା



**କଟକ ଅଫିସ,୬।୧୦**

- ପାଇପ୍ ଫାଟି ୩୦ଫୁଟ୍ ଉଚ୍ଚକୁ ଉଠିଲା
- ସ୍ଥାନୀୟ ଅଞ୍ଚଳରେ କୃତ୍ରିମ ବନ୍ୟା
- ଆଗକୁ ଆହୁରି ପାଇପ୍ ଫାଟିବା ସମ୍ଭାବନା ରହିଛି: ୱାଟ୍‌କୋ

ରାଜାବଗିଚାସ୍ଥିତ ସିଟି କଲେଜ ସମ୍ମୁଖ ନଦୀବନ୍ଧ ରାସ୍ତାରେ ବୁଧବାର ପାଣି ପାଇପ ଫାଟି ରାସ୍ତା ମଝିରେ ପାଣିର ଫୁଆରା ସୃଷ୍ଟି ହୋଇଛି। ପାଇପ୍ ଫାଟି ୨୦ ଫୁଟ୍‌ରୁ ଅଧିକ ଉଚ୍ଚକୁ ପାଣି ଉଠୁଥିବା ଦେଖିବାକୁ ମିଳିଥିଲା। ଜନଗହଳିପୂର୍ଣ୍ଣ ସ୍ଥାନରେ ହଠାତ୍ ରାସ୍ତା ଉପରେ ଏତେ ଉଚ୍ଚରେ ପାଣି ବାହାରିବା ସମସ୍ତଙ୍କୁ ଚକିତ କରିଥିଲା। ପାଇପ୍ ଫାଟିଯିବାରୁ ଏଭଳି ପରିସ୍ଥିତି ହୋଇଥିବା ଜଣାପଡ଼ିବା ପରେ ପାଇପ୍‌କୁ ସଂଯୋଗ କରିଥିବା ପାଣି ଲାଇନ୍‌କୁ ବନ୍ଦ କରି ଦିଆଯାଇଥିଲା। ଏହାଦ୍ୱାରା ସ୍ଥାନୀୟ ଅଞ୍ଚଳରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଏପରି କି ସହରକୁ ସଂଯୋଗ କରୁଥିବା ଏହି ମୁଖ୍ୟ ରାସ୍ତାରେ ଗଭୀର ଗର୍ତ୍ତ ସୃଷ୍ଟି ହୋଇଛି। ରାସ୍ତାରେ ଗର୍ତ୍ତ ସୃଷ୍ଟି ଯୋଗୁ ଗାଡ଼ିମୋଟର ଯିବାଆସିବା ଏକ ପ୍ରକାର ଠପ୍‌ହୋଇ ଯାଇଥିଲା। ତେବେ ନିମ୍ନମାନର କାମ ଯୋଗୁ ଏପରି ପରିସ୍ଥିତି ଉପୁଜିଛି ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଏନେଇ ୱାଟ୍‌କୋ ପରିଚାଳନା ନିର୍ଦ୍ଦେଶକ ପ୍ରଦୀପ୍ତ କୁମାର ସ୍ୱାଇଁ କହିଛନ୍ତି, ସହରରେ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟରୁ ପାଣି ଲୋକଙ୍କୁ ଯୋଗାଇବା ପାଇଁ ଯୋଜନା କରାଯାଇଛି। ବର୍ତ୍ତମାନ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟଗୁଡ଼ିକ ଟେଷ୍ଟିଂ ଜାରି ରହିଛି। ପୂର୍ବରୁ ବିଛାଯାଇଥିବା ପୁରୁଣା ପାଇପକୁ ପାଣି ଛଡ଼ାଯାଇ ପାଣି ଉଠୁଛି କି ନାହିଁ ଯାଞ୍ଚ କରାଯାଉଛି। ଟେଷ୍ଟିଂ ପ୍ରୋସେସ୍ ମଧ୍ୟରେ ପାଣି ପାଇପ ଫାଟିଯିବାରୁ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ଏହା ଏକ ସାଧାରଣ କଥା। ଏବେ ଗୋଟିଏ ପାଇପ୍ ଫାଟିଛି। ପାଇପ୍‌ଗୁଡ଼ିକ ପୁରୁଣା ହୋଇଯାଇଥିବାରୁ ଆଗକୁ ଆଉ ମଧ ଫାଟିବା ସମ୍ଭାବନା ରହିଛି ବୋଲି ସ୍ୱାଇଁ କହିଛନ୍ତି।

# ତାଳଦଣ୍ଡା କେନାଲରେ ବୁଡ଼ି ଦୁଇ ଶିଶୁ ମୃତ

**ପାରାଦୀପ,୬।୧୦(ସ୍ୱ.ପ୍ର.)**

ପାରାଦୀପ ଆଦର୍ଶ ଥାନା ଅନ୍ତର୍ଗତ ଅଠରବାଙ୍କି ଲକ୍‌ପଡା ବସ୍ତିରେ ବୁଧବାର ଅଭାବନୀୟ ଘଟଣା ଘଟିଛି। ଦୁଇଜଣ ଶିଶୁ ତାଳଦଣ୍ଡା କେନାଲ ପାଣିରେ ବୁଡ଼ି ପ୍ରାଣ ହରାଇଛନ୍ତି। ଏ ନେଇ ବସ୍ତିରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ମୃତ ଦୁଇଶିଶୁ ହେଲେ ବସ୍ତିର ବୁଦ୍ଧଦେବ ଦାସଙ୍କ ଝିଅ ସଙ୍ଗୀତା ଓ ନୃସିଂହ ଚରଣ ମିସ୍ତ୍ରିଙ୍କ ପୁତ୍ର ଜିତେନ୍ଦ୍ର। ସେମାନଙ୍କ ବୟସ ୪ ବର୍ଷ। ପରିବାର ଲୋକଙ୍କ ଅଜାଣତରେ ଶିଶୁଦ୍ୱୟ କେନାଲ ରାସ୍ତାରେ ଖେଳୁଥିବା ବେଳେ ପାଣିରେ ବୁଡ଼ି ଯାଇଥିଲେ। ପାଖରେ ଗାଧୋଉଥିବା ଲୋକ ବୁଡି ଯାଉଥିବା ଦେଖି ଦୁଇ ଶିଶୁଙ୍କୁ ଉଦ୍ଧାର କରିଥିଲେ। ସେମାନଙ୍କୁ ବିଜୁ ମେମୋରିଆଲ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ଶିଶୁଦ୍ୱୟଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହକୁ ଜବତ କରିବା ସହ ଡାକ୍ତରଖାନାରେ ବ୍ୟବଚ୍ଛେଦ ପାଇଁ ପଠାଇଛି। ସୂଚନାଯୋଗ୍ୟ, ତାଳଦଣ୍ଡା କେନାଲରେ ପାଣି ଭରି ରହିଛି। ସେଥିରେ କଳିକତି ଦଳ ଭର୍ତ୍ତି ହୋଇଯାଇଛି।




BHUBANESWAR: Narayani Motors: 7381000406, 7381093625, Sky Automobiles: 9078080819, Jyote Motors: 7064499354, 7064499032 PURI: Narayani Motors: 7381000168 PARADEEP: Narayani Motors: 9583022097 KEONJHAR/NAYAGARH/BALUGAON: Jyote Motors: 7064499354.





FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com Authorised Main Dealers: BHUBANESWAR: 3S TVS, Ph: 8860629978, Rita TVS, Ph: 9827133318, Ashirbad TVS, Ph.: 7735341866, Jyote TVS, PH.: 7440030004, 7381114371. PURI: Modern TVS, Ph: 7978707757, 7440002101; CUTTACK: Sai Durga TVS, Ph: 9937117562, Arnapurna TVS, Ph.: 9778422980, KENDRAPADA: Samir TVS, Ph.: 8260133307. RAHAMA: Senapati TVS, Ph.: 7735969743. JAJPUR ROAD: Subash TVS, Ph.: 7735911808. NAYAGARH: Kumar TVS, Ph.: 9778728751. CHANDIKHOLE: Sasmita TVS, Ph: 8860793803; JAGATSINGHPUR: Gita TVS, Ph: 06724-222717, 7788901717. Authorised Dealers: Gothopatna: Ph: 8249710415, Nachuni: Ph: 9337788799, Tomando: Ph: 7008905034, Balipatna: Ph: 9776036999, Jatani: Ph: 7978421266, Balugaon: Ph: 9937886712, Nirakarpur: Ph: 9658971360, CRP Square, Bhubaneswar: Ph: 9337022334, Baghamari: Ph: 9437015363, Erasama: Ph: 7978497028, Naugoan: Ph: 8339939725, Krushnanandapur: Ph: 9237066573, Balitutha: Ph: 7894845878, Dasapalla: Ph: 9437354285, Rohibank: Ph: 9777737177, Kalapathar: Ph: 9937844941, Ranpur: Ph: 9778520193, Khandapada: Ph: 7008659421, Purunakatak: Ph: 9439071610, Chandpur: Ph: 9337112565, Raj Sunakhela: Ph: 9437637421, Narasinghpur: Ph: 9658410027, Odogaon: Ph: 98619 11414, Pipili: Ph: 9861150706, Sakhigopal: Ph: 9861150706, Nimapara: Ph: 7381765800, Delang: Ph: 9090214582, Brahmagiri: Ph: 8480928882, 6370937155, Chari Chowk: Ph: 8327783765, Paradeep: Ph: 9937472707, Athagarh: Ph: 9853429148, Abhimanpur Post: Ph: 9937019555, Banki: Ph: 9437666687, Badamba: Ph: 9337135769, Niali: Ph: 9437307967, Kandarpur: Ph: 9090098000, Jagatpur: Ph: 9337268787, Phulnakhara: Ph: 9437037344, Salepur: Ph: 8018556514 Nischintakoili: Ph: 9337438686, Tangi: Ph: 9437270482, Pattamundai: Ph: 9938602209, Marshaghai: Ph: 9938837705, Rajnagar: Ph: 9439650236, Rajkanika: Ph: 7978903410, Chandbali: Ph: 9238514769, Basudevpur: Ph: 8249905878, Balichandrapur: Ph: 7978388298, Brahmabarada: Ph: 7894020786, Raipur: Ph: 9937963372, Mangalpur: Ph: 9853486660, Bari: Ph: 9437510237, Binjharpur: Ph: 9090503379. Kuakhia: Ph: 9348035630, Singhpur: Ph: 9040646458.
dentsuindia/dha bhu/27/21

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୭ ଅକ୍ଟୋବର, ୨୦୨୧

ଜ୍ଞାନ ଅର୍ଜନ କରିବା ନିଶ୍ଚୟ ଭଲ କଥା। କିନ୍ତୁ ଜ୍ଞାନକୁ ନେଇ ବଞ୍ଚିବା ତା'ଠାରୁ ଭଲ ଏବଂ ନିଜେ ଜ୍ଞାନର ସ୍ୱରୂପ ହୋଇଉଠିବା ସବୁଠାରୁ ଭଲ। – ଶ୍ରୀମା



# ବିଶ୍ୱରେ ବିଟ୍‌କଏନ



ଡାରୋନ ଆକ୍‌ମୋଗ୍ଲୁ

ବିଟ୍‌କଏନର ମୂଲ୍ୟ ପ୍ରଥମଥର ଲାଗି ଉଚ୍ଚରେ ପହଞ୍ଚିଥିବାରୁ ଏଲ୍‌ସାଲଭାଡର ଏବଂ କ୍ୟୁବା ଏହାକୁ ଲିଗାଲ ଟେଣ୍ଡର ଭାବେ ସ୍ୱୀକାର କରିବାକୁ ବିଚାର କରୁଛନ୍ତି। ତେବେ ମୁଦ୍ରା ଏବଂ ରାଜନୀତି ପାଇଁ ଭବିଷ୍ୟତରେ ଏହାର ପ୍ରଭାବ କ'ଣ ରହିବ ତାହା ବିଚାର କରାଯାଉନାହିଁ। ମୁଦ୍ରା ବିଶ୍ୱାସ ଉପରେ ନିର୍ଭର କରେ। ଜିନିଷ ଏବଂ ସେବା ବଦଳରେ ଏହା ଗ୍ରହଣ କରାଯାଏ। ଏହାକୁ ଭବିଷ୍ୟତରେ ଅନ୍ୟମାନେ ଗ୍ରହଣ କରିବେ ବୋଲି ଲୋକମାନେ ବିଶ୍ୱାସ କରନ୍ତି ଓ ଏହାଯୋଗୁ ଏଭଳି ମୁଦ୍ରା କାରବାର ଚାଲିଆସୁଛି। ଅନ୍ୟପକ୍ଷରେ କ୍ରିପ୍ଟୋକରେନ୍ସିଗୁଡ଼ିକର ସ୍ଥାୟୀ ସଂସ୍ଥାଗତ ଭିତ୍ତିଭୂମି ଅଭାବ ରହିଛି। ଏଗୁଡ଼ିକ ଉପରେ ଲୋକ ବା ସରକାରଙ୍କ ବିଶ୍ୱାସ ମଜଭୁତ କରିବା ଦରକାର। ଏଗୁଡ଼ିକର ନିୟମିତ ପରିବର୍ତ୍ତନ ଉପରେ ବିଶ୍ୱାସ ସ୍ଥାପନ କରିବା, ଏହାକୁ ସହଜ ଓ ପରିବର୍ତ୍ତନଶୀଳ କରିବା ଦରକାର, ଯେଭଳି ବିଟ୍‌କଏନରେ ଅନିୟନ୍ତ୍ରିତ ପରିବର୍ତ୍ତନ ବ୍ୟାପକ ଭାବେ ଦେଖାଦେଇଛି।

ତେବେ ବିଟ୍‌କଏନ ସହ ଅନ୍ୟ କ୍ରିପ୍ଟୋକରେନ୍ସିଗୁଡ଼ିକ 'ପ୍ରୁଫ୍ ଅଫ୍ ୱର୍କ' ପ୍ରକ୍ରିୟା ଉପରେ ନିର୍ଭର କରେ। ଏହାର କାରବାରଗୁଡ଼ିକର ଲଗାତର ସମୀକ୍ଷା ହେବା ଏବଂ ଏକ ବିକେନ୍ଦ୍ରିତ ଲେଜର (ଏ କ୍ଷେତ୍ରରେ ବ୍ଲକ୍‌ଚେନ ଉପରେ ଆଧାରିତ) ରେ ତାହାକୁ ଲଗ୍‌ଇନ କରିବା ଦରକାର। ଲଗାତର ଏହି ପ୍ରକ୍ରିୟାରେ କାରବାରର ସମୀକ୍ଷା ଓ ନବୀକରଣ କାର୍ଯ୍ୟକୁ ଏବଂ ନବନିର୍ମିତ ବିଟ୍‌କଏନକୁ ସ୍ୱୀକୃତି ଦେବାକୁ ହେବ। ଏସବୁ ପ୍ରକ୍ରିୟାରେ ବିଭିନ୍ନ ସୁଯୋଗକୁ ଭିତ୍ତି କରି କାର୍ଯ୍ୟକୁ ପ୍ରୋତ୍ସାହିତ କରିବାକୁ ଲକ୍ଷ ଲକ୍ଷ କମ୍ପ୍ୟୁଟର ଆବଶ୍ୟକ ପଡ଼ିବ। ଏବେ ବିଟ୍‌କଏନ ମାଇନିଂ (ଯେଉଁ ପଦ୍ଧତିରେ କମ୍ପ୍ୟୁଟଶନାଲ ପଜଲ୍‌ର ସମାଧାନ ଦ୍ୱାରା ନୂଆ ବିଟ୍‌କଏନ ସୃଷ୍ଟି କରାଯାଏ) କାର୍ଯ୍ୟ ପାଇଁ ଆବଶ୍ୟକ ପ୍ରଚୁର ଶକ୍ତି ଆବଶ୍ୟକ ହେଉଛି। ଏହା ମାଲେସିଆ ଓ ସ୍ୱିଡେନରେ ଉପଯୋଗ ଶକ୍ତି ପରିମାଣକୁ ଟପିଯାଇଛି। ବର୍ତ୍ତମାନ ସାରା ବିଶ୍ୱ ଜଳବାୟୁ ପରିବର୍ତ୍ତନକୁ ନେଇ ସଚେତନ ହୋଇଛି, ହେଲେ ଏହି ବିପୁଳ ଶକ୍ତି ନଷ୍ଟ ନିଶ୍ଚିତ ଭାବେ ବିଟ୍‌କଏନକୁ ଅନାକର୍ଷକ କରିବ। ଏହାର ଗୁରୁତ୍ୱକୁ ଫିକା ପକାଇଦେବ।

ବିଟ୍‌କଏନର ପରିବର୍ତ୍ତନଶୀଳତା ଏବଂ ମାଇନିଂ ପ୍ରକ୍ରିୟାରେ ପ୍ରଚୁର କାର୍ବନ ନିର୍ଗମନ ହେଉଛି। ଏହା ସତ୍ତ୍ୱେ ୫ଟି ବିଷୟକୁ ସମ୍ମିଳିତ ଭାବେ ଲୋକମାନଙ୍କ ସମ୍ମୁଖରେ ରଖାଯାଉଛି। ଏହା ବିଟ୍‌କଏନକୁ ଏକ ଆକର୍ଷଣୀୟ ସିଦ୍ଧାନ୍ତ ରୂପେ ଦର୍ଶାଉଛି। ଏହାର ରାଜନୈତିକ ଗୁରୁତ୍ୱ, ଆପରାଧିକ କାର୍ଯ୍ୟକଳାପର ସକ୍ଷମତା, ଯୋଗାଇ ଦେଉଥିବା ଲାଭ, ସାମ୍ପ୍ରତିକ ସମୟର ବିକଶିତ ପ୍ରଯୁକ୍ତି ଏବଂ ଅନ୍ୟ କେତେକ ଲାଭଦାୟକ ଅର୍ଥନୈତିକ ସୁଯୋଗଗୁଡ଼ିକ ରହିଥିବା କୁହାଯିବା ସହ ଏଥିରେ ଶୀଘ୍ର ଧନୀ ହେବାର ଇଚ୍ଛା ବିଟ୍‌କଏନକୁ ଆକର୍ଷଣୀୟ କରିପାରିଛି। ତେବେ ଏସବୁ ବିଷୟଗୁଡ଼ିକର ବିପରୀତ ଧାରା ଉପରେ ଆଲୋଚନା କରିବା। ଆମେ ଏକ ନିମ୍ନଗାମୀ ଆର୍ଥିକ ବ୍ୟବସ୍ଥା ମଧ୍ୟରେ ରହିଛୁ। ଏପରିକି କଲେଜ ଡିଗ୍ରୀ ଥାଇ କର୍ମଚାରୀମାନେ ଚାକିରିରେ ଭଲ ଓ ଉଚ୍ଚ ଦରମା ପାଇପାରୁ ନାହାନ୍ତି କି ଚାକିରି ସ୍ଥାୟୀ ହୋଇପାରୁନାହିଁ। ଆର୍ଥିକ ସୁଯୋଗଗୁଡ଼ିକର ଅଧିକ ଅଭାବ ଥିବାବେଳେ ଶୀଘ୍ର ଧନୀ ହେବାର ଯୋଜନା ମୁଖ୍ୟତଃ ଆକର୍ଷକ ହୋଇପାରିଛି। ବିଟ୍‌କଏନରେ ନିବେଶ କଲେ ପ୍ରଚୁର ଲାଭ ପାଇପାରିବେ ବୋଲି ଏବେ ସମଗ୍ର ଶିଳ୍ପ ଜଗତ ଲୋକମାନଙ୍କୁ ପୂରାଦମ୍‌ରେ ବୁଝାଇବାରେ ଲାଗିଛି। ଏହାକୁ ମଧ୍ୟ ଲୋକେ ବିଶ୍ୱାସ କରୁଛନ୍ତି। ଏଣୁ ଏଥିରେ ଆଶ୍ଚର୍ଯ୍ୟ ହେବାର କୌଣସି କାରଣ ନାହିଁ। ଏଥିରୁ ପ୍ରଚୁର ଲାଭ ମିଳୁଛି ବୋଲି ଆମେରିକା ଓ ସାରା ବିଶ୍ୱରେ ଲୋକମାନେ ଅନୁଭବ କରୁଛନ୍ତି, ଯେଉଁଥିପାଇଁ କ୍ରିପ୍ଟୋକରେନ୍ସି ମଧ୍ୟକୁ ଟଙ୍କାର ସୁଅ ଛୁଟିଛି।

ବିକଶିତ ପ୍ରଯୁକ୍ତି ଯୁଗକୁ ଦୃଷ୍ଟିରେ ରଖି ଏକ କ୍ରିପ୍ଟୋକରେନ୍ସି ଶଉକିଆ ଏବଂ ଖୁଚୁରା ନିବେଶକଙ୍କ ପାଇଁ ପ୍ରଚୁର ଲାଭଦାୟକ ବୋଲି କୁହାଯାଉଛି। ଆମକୁ ସବୁବେଳେ କୁହାଯାଉଛି ଯେ, ପ୍ରଯୁକ୍ତିଗତ ସୃଜନଶୀଳତା ଏକ ସମୁଜ୍ଜ୍ୱଳ ଭବିଷ୍ୟତ ଗଠନ କରୁଛି ଏବଂ ତୃଣମୂଳ ସ୍ତରରେ ଲୋକମାନେ ବିଟ୍‌କଏନକୁ ପ୍ରଯୁକ୍ତିଗତ ଆବିଷ୍କାରର ଏକ ଚମତ୍କାରିତା ବୋଲି ସ୍ୱୀକାର କରୁଛନ୍ତି। ବିନା କୌଣସି ସରକାରୀ ଆଇନ କିମ୍ବା ନିରୀକ୍ଷଣରେ କାମ କରିବାରେ ସକ୍ଷମ ହେଉଥିବା ଏଭଳି ଏକ ଜଟିଳ ବିକେନ୍ଦ୍ରିତ ପଦ୍ଧତି ସୃଷ୍ଟି କରିବାକୁ ବାସ୍ତବ ସର୍ଜନାତ୍ମକତା ଏବଂ ଶ୍ରେଷ୍ଠତା ପ୍ରତିପାଦନ କରିବା ପାଇଁ ଆମ ଚିନ୍ତାଧାରା ବାଟ କଢ଼ାଇନେଇଛି। ମୁଦ୍ରା ଯୋଗାଣ ନିୟନ୍ତ୍ରଣ କରି ଅଧିକ ଲାଭ କିମ୍ବା ଅତିରିକ୍ତ କ୍ରୟ କ୍ଷମତା ପ୍ରଦାନ କରିବା (ବିଶେଷକରି ସରକାରଙ୍କ ପାଇଁ) ବିଟ୍‌କଏନ କ୍ଷେତ୍ରରେ ଅନୁରୋଧ କରିବା ଆଉ ଏକ କଥା। ଆମେରିକା ସରକାର ନୂଆ କରେନ୍ସି ପ୍ରଚଳନ କରିଥିବାବେଳେ ଏହାକୁ ସେବା କ୍ରୟ କିମ୍ବା ଋଣ ପରିଶୋଧ କରିବାରେ ଉପଯୋଗ କରିପାରିବେ । କୁହାଯାଏ, ଲାଭ ପାଇବାର ସମ୍ଭାବନା ଭାରି ଆକର୍ଷଣୀୟ। ସେଥିପାଇଁ ଏବେ ସୂଚିଭୁକ୍ତ କ୍ରିପ୍ଟୋକରେନ୍ସି ସଂଖ୍ୟା ୧,୬୦୦ରୁ ଅଧିକ ରହିଛି, ଯେଉଁଥିରୁ ଏହାର ଆକର୍ଷଣର ଗଭୀରତା ବୁଝାପଡୁଛି। ବିଟ୍‌କଏନ କ୍ଷେତ୍ରରେ କେନ୍ଦ୍ରିକୃତ ଅଧିକାର ନାହିଁ ଏବଂ ଏଥିରୁ ଜଣାପଡୁଛି ଆବଣ୍ଟିତ ଲାଭ ମାଇନିଂ କାର୍ଯ୍ୟ ପାଇଁ ହିଁ ପ୍ରୋତ୍ସାହନ ଯୋଗାଇଦେଉଛି। ସାରା ବିଶ୍ୱରେ ଏବେ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ଦ୍ୱାରା ମାଇନିଂ କାର୍ଯ୍ୟ ପରିଚାଳିତ ହେଉଛି। ଚାହିଦାର ଉତ୍ସର୍ଗୀକୃତ ଉତ୍ସ ଏକ ନୂଆ କରେନ୍ସିକୁ ଭରସାଯୋଗ୍ୟ ଆଧାର ଗଠନ କରିବାରେ ସାହାଯ୍ୟ କରିବ। ଆପରାଧିକ ବିଶ୍ୱରେ ସାଧାରଣତଃ କ୍ରିପ୍ଟୋକରେନ୍ସି, ବିଶେଷକରି ବିଟ୍‌କଏନ ପାଇଁ ଏହି କଥା ସ୍ପଷ୍ଟଭାବେ ପ୍ରଚାର କରାଯାଉଛି। ପ୍ରାରମ୍ଭିକ ସମୟରେ ବିଟ୍‌କଏନର ଚାହିଦା ବିଷୟରେ ସିଲ୍କ ରୋଡ୍ ଭଳି ଡାର୍କ ୱେବ୍‌ସାଇଟ ଦ୍ୱାରା ପ୍ରୋତ୍ସାହିତ କରାଯାଇଥିଲା। ଫଳରେ ଏହା ସବୁ ପ୍ରକାର ବେଆଇନ କାରବାର କରିବାକୁ ସକ୍ଷମ ହୋଇଥିଲା। ଏକ ଆକଳନରୁ ଜଣାପଡ଼ିଛି,ଏବେ ବି ବିଟ୍‌କଏନ କାରବାରର ପ୍ରାୟ ଅଧା ହେଉଛି ଆପରାଧିକ କାର୍ଯ୍ୟକଳାପ। ଏହି ୪ଟି ବିଷୟ କୃତ୍ରିମ ଭାବେ ବିଟ୍‌କଏନକୁ ପ୍ରୋତ୍ସାହିତ କରିଛି।

ସ୍ପଷ୍ଟତଃ ବିଟ୍‌କଏନରୁ ରୋଜଗାର କରୁଥିବା ଲୋକମାନଙ୍କ ଦ୍ୱାରା ଆମ ସମାଜର ରୁଗ୍ଣ ଆର୍ଥିକ ସ୍ଥିତିର ସମାଧାନ ହେବ ନାହିଁ କିମ୍ବା ବାସ୍ତବ ବିଶ୍ୱରେ ପ୍ରଚଳିତ ବିକଶିତ ପ୍ରଯୁକ୍ତି ମାନସିକତାର ସତ୍ୟତା ପ୍ରମାଣିତ କରିପାରିବ ନାହିଁ। ଏହାବାଦ୍ ମାଇନିଂ ମାଧ୍ୟମରେ ଲାଭ ବିତରଣରୁ ଯେଉଁ ଉପକାର ମିଳୁଛି ତା'ଠାରୁ ବ୍ୟାପକ ଶକ୍ତି ଉପଯୋଗ ଏବଂ ପ୍ରଚୁର କାର୍ବନ ଉତ୍ସର୍ଜନ ଦ୍ୱାରା ଅଧିକ ବିପରୀତ ପ୍ରଭାବ ପଡୁଛି।

ବିଟ୍‌କଏନ ପାଇଁ ରାଜନୈତିକ ଯୁକ୍ତି ଉପସ୍ଥାପନ କରାଯାଉଛି। ଏହା କ'ଣ ଆମକୁ ଅର୍ଥ ବ୍ୟବସ୍ଥା ଉପରେ ରହିଥିବା ଦେଶର ଅତ୍ୟଧିକ କ୍ଷମତାରୁ ମୁକ୍ତ କରି ପାରିବ କି? ନା, ବିଟ୍‌କଏନ ଏହା କେବେ ବି କରିପାରିବ ନାହିଁ। ଏହା ଏକ ପିଲାଳିଆ ଉଦାରବାଦୀ ଚିନ୍ତାଧାରାର ସଙ୍କେତ ପ୍ରଦାନ କରେ, ଯେଉଁଥିରେ କେବଳ ଏକ ବ୍ୟକ୍ତିଗତ ଉତ୍କୃଷ୍ଟତା ପ୍ରତିପାଦିତ କରୁଥିବା ଅତ୍ୟଧିକ ଆତ୍ମବିଶ୍ୱାସର ପ୍ରତିଭାଶାଳୀ ଯୁଦ୍ଧକୁ ସୂଚାଏ। ପ୍ରକୃତରେ, ବାସ୍ତବ ବିଶ୍ୱର ଯେଉଁ ବ୍ୟକ୍ତି ବା ବ୍ୟକ୍ତିମାନେ ସାତୋଶି ନାକାମୋତୋ ଉପନାମରେ ବିଟ୍‌କଏନ ଡିଜାଇନ କରିଥିଲେ ଏବଂ ଏହାର ପ୍ରେରଣାଦାୟକ ଇସ୍ତାହାର ଉଲ୍ଲେଖ କରିଥିଲେ,ତାହା କଳ୍ପିତ ଜନଗାଲ୍ଟଙ୍କ ଠାରୁ ଅଧିକ କାଳ୍ପନିକ ଯୋଗ୍ୟ। ପାଶ୍ଚାତ୍ୟଦେଶଗୁଡ଼ିକ ଅତ୍ୟଧିକ ମୁଦ୍ରାସ୍ଫୀତି ସୃଷ୍ଟି କରିବା କିମ୍ବା ଅନ୍ତର୍ଜାତୀୟ ମୁଦ୍ରା ବ୍ୟବସ୍ଥାକୁ ଅଣଦେଖା କରିବା ଦ୍ୱାରା ଏହା ପୂରା ଲୋପ ହେବା ଭଳି ସ୍ଥିତିରେ ପହଞ୍ଚିଛି। ବର୍ତ୍ତମାନ ବାସ୍ତବ ବିପଦ ରାଜନୈତିକ ଧ୍ରୁବୀକରଣ, ମୁକ୍ତ ଲୋକତନ୍ତ୍ର ଏବଂ ପ୍ରତିଷ୍ଠିତ ଅର୍ଥନୀତିଜ୍ଞ ଓ ଏକଛତ୍ରବାଦୀ ରାଜନୀତିଜ୍ଞମାନଙ୍କୁ ଆକଟ କରିବାରେ ଅପାରଗ ଗଣତାନ୍ତ୍ରିକ ପଦ୍ଧତିରେ ରହିଛି। ଏକ ନୂଆ କରେନ୍ସି ଏହିସବୁ ସମସ୍ୟାର ସମାଧାନ କରିପାରିବ ନାହିଁ। ରାଜନେତା, ଅମଲାତନ୍ତ୍ରୀ ଏବଂ ସିଲିକନ୍ ଭ୍ୟାଲି ଓ ୱାଲ୍‌ଷ୍ଟ୍ରିଟ ଟାଇକୁନ୍‌ମାନେ ସେମାନଙ୍କ ଦାୟିତ୍ୱ ଠିକ୍ ଭାବେ ନିର୍ବାହ କରିବା ଦରକାର। ଏହା ମଧ୍ୟ ସେମାନେ ନିଶ୍ଚିତ କରିବା ଲାଗି ପଦକ୍ଷେପ ନେବା ଆବଶ୍ୟକ। ଏଥିପାଇଁ ଲୋକତାନ୍ତ୍ରିକ ସହଭାଗିତା ଲୋଡ଼ା ଏବଂ ନାଗରିକମାନେ ସକ୍ରିୟତା ପ୍ରକାଶ କରିବା ଉଚିତ। ସେମାନଙ୍କ ପ୍ରତିବଦ୍ଧତା ରହିବା ଆବଶ୍ୟକ। ବିଟ୍‌କଏନ ଭଳି ଅନ୍ୟସବୁ ଆକର୍ଷଣକାରୀ କରେନ୍ସି ଏବକାର ସ୍ଥିତିରେ ଆବଶ୍ୟକ ବାସ୍ତବ କାର୍ଯ୍ୟରୁ ଦୃଷ୍ଟି ହଟାଇ ନେଉଛି।

**ପ୍ରଫେସର ଅଫ୍ ଇକନୋମିକ୍ସ, ମାସାଚ୍ୟୁସେଟ୍ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନଲୋଜି**

# ବେଦାନ୍ତ ଦର୍ଶନ



ଡା. ଗୋପାଳ ଚନ୍ଦ୍ର ଦାଶ

ଷଟ୍ ଦର୍ଶନ ମଧ୍ୟରେ ବେଦାନ୍ତ ହେଉଛି ଅନ୍ତିମ ଦର୍ଶନ। ଏହା ଉପନିଷଦ୍ ତତ୍ତ୍ୱ ଉପରେ ଆଧାରିତ। ବ୍ରହ୍ମ ସାକ୍ଷାତ୍‌କାର ଏହି ଦର୍ଶନର ମୁଖ୍ୟ ଉଦ୍ଦେଶ୍ୟ। ମହର୍ଷି ବ୍ୟାସଦେବ ଏହାର ରଚୟିତା। ଏହାକୁ ବ୍ରହ୍ମସୂତ୍ର କୁହାଯାଏ। ଏହି ଦର୍ଶନର ଅନ୍ୟନାମ ଉତ୍ତର ମୀମାଂସା। ମହର୍ଷି ଜୈମିନୀଙ୍କ ରଚିତ ପୂର୍ବ ମୀମାଂସା କର୍ମପ୍ରଧାନ ଗ୍ରନ୍ଥ ହୋଇଥିବା ବେଳେ ବ୍ୟାସଦେବଙ୍କ ରଚିତ ଉତ୍ତର ମୀମାଂସା ଏକ ଜ୍ଞାନ ପ୍ରଧାନ ଦର୍ଶନ। ଏହି ଦର୍ଶନରେ ଆତ୍ମା ଓ ପରମାତ୍ମା ସମ୍ବନ୍ଧରେ ବିଶେଷ ଆଲୋଚନା କରାଯାଇଛି। ବ୍ୟାସଦେବଙ୍କ ଅନ୍ୟ ନାମ ବଦରାୟଣ ହୋଇଥିବାରୁ ଏହାକୁ ମଧ୍ୟ ବଦରାୟଣ ସୂତ୍ର କୁହାଯାଏ। ଶରୀରରେ ଥିବା ଆତ୍ମା ଓ ପରମାତ୍ମାର ସମ୍ପର୍କ ସମ୍ବନ୍ଧରେ ଏହି ଦର୍ଶନରେ ବର୍ଣ୍ଣନା କରାଯାଇଥିବାରୁ ଏହାକୁ ଶାରୀରିକ ସୂତ୍ର ମଧ୍ୟ କୁହାଯାଏ। ମହର୍ଷି ବ୍ୟାସ ଉପନିଷଦଗୁଡ଼ିକର ନିହିତ ଚିନ୍ତାଧାରାକୁ ଶୃଙ୍ଖଳିତ ଓ ସୁବ୍ୟବସ୍ଥିତ ଭାବେ ତାଙ୍କ ରଚିତ ବ୍ରହ୍ମସୂତ୍ର ଗ୍ରନ୍ଥରେ ପ୍ରତିପାଦନ କରିଛନ୍ତି। ପ୍ରଥମ ସୂତ୍ରରେ କୁହାଯାଇଛି– 'ଅଥତୋ ବ୍ରହ୍ମଜିଜ୍ଞାସା'। ଯାହାର ଗୂଢ଼ ଅର୍ଥ ହେଉଛି ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡର ସୃଷ୍ଟିକର୍ତ୍ତା ପରମେଶ୍ୱରଙ୍କୁ ଜାଣିବା। ବ୍ରହ୍ମସୂତ୍ରର ରଚନା କାଳ ସମ୍ବନ୍ଧରେ ବିଭିନ୍ନ ମତ ଥିଲେ ମଧ୍ୟ ଏହି ସୂତ୍ରଶାସ୍ତ୍ର ମହାଭାରତ ଯୁଦ୍ଧ କାଳରେ ଆନୁମାନିକ ପାଞ୍ଚ ହଜାର ବର୍ଷ ପୂର୍ବେ ଦ୍ୱାପର ଯୁଗରେ ରଚିତ ହୋଇଥିଲା ବୋଲି ପ୍ରମାଣ ମିଳିଥାଏ। ବୋଧାୟନ, ଉପବର୍ଷ, ବ୍ରହ୍ମାନନ୍ଦି, ବ୍ରହ୍ମଦତ୍ତ, ଭର୍ତ୍ତୃହରି, ଭାରୁଣି, ଶଙ୍କର, ରାମାନୁଜ, ମାଧବ, ବଲ୍ଲଭ ଓ ନିମ୍ବାର୍କ ଆଦି ଆଚାର୍ଯ୍ୟମାନେ ବେଦାନ୍ତ ଦର୍ଶନର ଭାଷ୍ୟ ନିଜ ନିଜ ମତ ଅନୁସାରେ କରିଛନ୍ତି। ଭାଷ୍ୟଗୁଡ଼ିକ ପରସ୍ପର ମଧ୍ୟରେ ବିରୋଧାଭାବ ପ୍ରଦର୍ଶନ କରୁଥିଲେ ମଧ୍ୟ ସମସ୍ତଙ୍କର ମୂଳ ଲକ୍ଷ୍ୟ ଈଶ୍ୱର ସାକ୍ଷାତ୍‌କାର।

ବ୍ୟାସଦେବଙ୍କ ରଚିତ ବେଦାନ୍ତ ସୂତ୍ର ୪ ଗୋଟି ଅଧ୍ୟାୟରେ ବିଭକ୍ତ ଓ ପ୍ରତି ଅଧ୍ୟାୟ ଚାରି ପାଦ ବିଶିଷ୍ଟ। ଏହି ଦର୍ଶନର ସୂତ୍ର ସଂଖ୍ୟା ୫୫୫। ପ୍ରଥମ ଅଧ୍ୟାୟରେ ବ୍ରହ୍ମ ସମ୍ବନ୍ଧରେ ଜିଜ୍ଞାସା, ବ୍ରହ୍ମଙ୍କ ସ୍ୱରୂପ, ବ୍ରହ୍ମ ଜଗତର ଉତ୍ପତ୍ତି, ସ୍ଥିତି ଓ ପ୍ରଳୟକର୍ତ୍ତା ତଥା ଏହା ଜୀବ ଓ ପ୍ରକୃତିଠାରୁ ପୃଥକ୍ ବୋଲି ବର୍ଣ୍ଣନା କରାଯାଇଛି। ବ୍ରହ୍ମ (ଈଶ୍ୱର), ଜୀବ ଓ ପ୍ରକୃତି ଯାହା ସୃଷ୍ଟି ଜଗତର ଅନାଦି ତତ୍ତ୍ୱ ତାହା ବେଦାଦି ଶାସ୍ତ୍ରସମ୍ମତ ବୋଲି ତର୍କ ଓ ପ୍ରମାଣର ସହିତ ଦର୍ଶାଯାଇଛି। ସୂତ୍ରକାର ଈଶ୍ୱର ଜୀବ ଓ ପ୍ରକୃତି ମଧ୍ୟରେ ପାର୍ଥକ୍ୟ ଦର୍ଶାଇ କହିଛନ୍ତି, ଅସ୍ତିତ୍ୱ ଥିବାରୁ ପ୍ରକୃତି ସତ୍, ଅସ୍ତିତ୍ୱ ଓ ଚେତନ ସତ୍ତା ଥିବାରୁ ଜୀବ ସତ୍ ଓ ଚିତ ଏବଂ ଅସ୍ତିତ୍ୱ, ଚେତନ ଓ ଆନନ୍ଦମୟ ହୋଇଥିବାରୁ ବ୍ରହ୍ମ ସଚ୍ଚିଦାନନ୍ଦ (ସତ୍+ଚିତ୍+ଆନନ୍ଦ)। ବ୍ରହ୍ମ ଓ ଜୀବ ମଧ୍ୟରେ ପ୍ରଭେଦ ଦର୍ଶାଇ ସୂତ୍ରକାର କହିଛନ୍ତି, ଈଶ୍ୱର ସର୍ବଜ୍ଞ, ସର୍ବଶକ୍ତିମାନ, ସର୍ବବ୍ୟାପକ ଓ ଆନନ୍ଦମୟ। ମାତ୍ର ଜୀବ ଅଳ୍ପଜ୍ଞ, ଅଳ୍ପଶକ୍ତିମାନ ତଥା ସର୍ବବ୍ୟାପକ ଓ ଆନନ୍ଦମୟ ନୁହନ୍ତି। ଜୀବାତ୍ମା ସୂକ୍ଷ୍ମ, ସୀମିତ ଓ ଚେତନ ଅଣୁରୂପେ ବିଶ୍ୱ ବ୍ରହ୍ମାଣ୍ଡରେ ବିଦ୍ୟମାନ। ଜୀବାତ୍ମା ଭୋକ୍ତା ଓ ପରମାତ୍ମା ସାକ୍ଷୀ ଭାବରେ ପ୍ରକୃତିରେ ବିଦ୍ୟମାନ। ଆନନ୍ଦ ପ୍ରାପ୍ତି ପାଇଁ ଜୀବାତ୍ମା ପରମାତ୍ମାଙ୍କର ଉପାସନା କରିଥାଏ। ଜୀବ ଓ ବ୍ରହ୍ମ ପରସ୍ପରଠାରୁ ପୃଥକ୍ ହେବାପରି ସତ୍ତ୍ୱ, ରଜ ଓ ତମ ଆଦି ତିନି ଗୁଣ ବା ଉପାଦନରେ ଗଠିତ ଜଡ଼ ପ୍ରକୃତି ମଧ୍ୟ ବ୍ରହ୍ମଙ୍କଠାରୁ ଭିନ୍ନ। ଜଡ଼ ପ୍ରକୃତି ଆପେ ପରିବର୍ତ୍ତନ ହୋଇ ଜଗତର ରୂପ ଧାରଣ କରି ନ ଥାଏ। ଏହାକୁ ପରିବର୍ତ୍ତନ କରିଥାଆନ୍ତି ସ୍ୱୟଂ ପରମେଶ୍ୱର। ତେଣୁ ବ୍ରହ୍ମ ଜଗତର ନିମିତ୍ତ କାରଣ ଓ ପ୍ରକୃତି ଜଗତର ଉପାଦାନ କାରଣ। ସୃଷ୍ଟିର ପ୍ରାରମ୍ଭରେ ସଂସାରରେ ବିଦ୍ୟମାନ ପଦାର୍ଥଗୁଡ଼ିକର ଉପଯୋଗ ପାଇଁ ପରମେଶ୍ୱର ଯେଉଁ ଜ୍ଞାନ ପ୍ରଦାନ କରିଛନ୍ତି, ତାହାକୁ ବେଦଜ୍ଞାନ କୁହାଯାଏ। ବେଦ ଈଶ୍ୱରୀୟ ଜ୍ଞାନ ହୋଇଥିବାରୁ ଏହା ନିତ୍ୟ ଓ ଏଥିରେ ବିରୋଧାଭାସ ନ ଥାଏ। ଏହି ଅଧ୍ୟାୟରେ ବ୍ରହ୍ମଙ୍କୁ ପ୍ରାଣ, ଜ୍ୟୋତି ଓ ଆକାଶ ଆଦି ବିଭିନ୍ନ ନାମରେ ସମ୍ବୋଧନ କରାଯାଇଛି ଏବଂ ବ୍ରହ୍ମଙ୍କୁ ଜୀବ ଓ ଜଗତର କଲ୍ୟାଣକାରୀ ଭାବରେ ପ୍ରତିପାଦନ କରାଯାଇଛି।

ଦ୍ୱିତୀୟ ଅଧ୍ୟାୟରେ ବ୍ରହ୍ମ ସମଗ୍ର ବିଶ୍ୱର କାରଣ ତଥା ତାଙ୍କର ନିରାକାର ସ୍ୱରୂପ ସମ୍ବନ୍ଧରେ ବର୍ଣ୍ଣନା କରାଯିବା ସହିତ ଈଶ୍ୱର, ଜୀବ ଓ ପ୍ରକୃତି ସମ୍ବନ୍ଧରେ ବିଭିନ୍ନ ଶଙ୍କାଗୁଡ଼ିକର ସମାଧାନ କରାଯାଇଛି। ସୂତ୍ରକାର କହିଛନ୍ତି ଯେ ଶୃତି ଓ ସ୍ମୃତି ଶାସ୍ତ୍ରରେ ବ୍ରହ୍ମ ସମ୍ବନ୍ଧରେ ଯାହା ବ୍ୟାଖ୍ୟା କରାଯାଇଛି ସେଗୁଡ଼ିକ ପରସ୍ପର ବିରୋଧୀ ନୁହନ୍ତି ବରଂ ଶାସ୍ତ୍ରଗୁଡ଼ିକ ମଧ୍ୟରେ ସମତା ଦୃଷ୍ଟିଗୋଚର ହୋଇଥାଏ। ଉଦାହରଣ ସ୍ୱରୂପ ବିଭିନ୍ନ ତର୍କଶାସ୍ତ୍ରରେ ଉପଯୁକ୍ତ ପ୍ରମାଣ ଅଭାବରୁ ଈଶ୍ୱର ଜଗତର ଉପାଦାନ କାରଣ ନୁହନ୍ତି ବୋଲି ବର୍ଣ୍ଣନା କରାଯାଇଛି। ବ୍ରହ୍ମ ଚେତନ ସତ୍ତା ହୋଇଥିବାରୁ ସମସ୍ତ ଜଗତର ନିମିତ୍ତ କାରଣ ଅଟନ୍ତି। କାରଣ ଚେତନ ସତ୍ତା ବିନା ବିରାଟ ସୃଷ୍ଟିର ରଚନା ଅସମ୍ଭବ।

ତୃତୀୟ ଅଧ୍ୟାୟରେ ପରମାତ୍ମାଙ୍କ ଉପାସନା, ଉପାସନାର ବିଧି, ଉପାସନାର ଫଳ ତଥା ବ୍ରହ୍ମଜ୍ଞାନ ପ୍ରାପ୍ତିର ଉପାୟ ସମ୍ବନ୍ଧରେ ବର୍ଣ୍ଣନା କରାଯାଇଛି। ତେଣୁ ଏହି ଅଧ୍ୟାୟକୁ ସାଧନା ବା ଉପାସନା ଅଧ୍ୟାୟ କୁହାଯାଏ। ଶୁଭ ଓ ଅଶୁଭ କର୍ମ ଅନୁସାରେ ଜୀବାତ୍ମାର କର୍ମଫଳ ଭୋଗ, କର୍ମଫଳ ଅନୁସାରେ ଜୀବାତ୍ମାର ବିଭିନ୍ନ ଯୋନିରେ ଜନ୍ମ, ଜୀବାତ୍ମାର ବିଭିନ୍ନ ଶରୀର (ସ୍ଥୂଳ, ସୂକ୍ଷ୍ମ, କାରଣ), ବିଭିନ୍ନ ଅବସ୍ଥା (ଜାଗ୍ରତ, ସ୍ୱପ୍ନ, ସୁଷୁପ୍ତି) ଓ ମୁକ୍ତିର ବିଭିନ୍ନ ମାର୍ଗ (ଦେବଯାନ, ପିତୃଯାନ) ସମ୍ବନ୍ଧରେ ବର୍ଣ୍ଣନା କରାଯାଇଛି।

ଚତୁର୍ଥ ଅଧ୍ୟାୟରେ ଉପାସ୍ୟ ବ୍ରହ୍ମ ଜୀବାତ୍ମାର ଆବାଗମନ (ଜନ୍ମ ମୃତ୍ୟୁ) ଓ ମୋକ୍ଷ ସମ୍ବନ୍ଧରେ ବର୍ଣ୍ଣନା କରାଯାଇଛି। ବ୍ରହ୍ମଜ୍ଞାନ ପ୍ରାପ୍ତି ପାଇଁ ଶ୍ରବଣ–ମନନ–ନିଦିଧ୍ୟାସନ ଆଦି ସାଧନାର ମାର୍ଗ ଉପରେ ଗୁରୁତ୍ୱାରୋପ କରାଯାଇଛି। ଅଭ୍ୟାସ ଓ ବୈରାଗ୍ୟ ଦ୍ୱାରା ବ୍ରହ୍ମଜ୍ଞାନ ସାଧନା କଲେ ସାଧକ ବ୍ରହ୍ମ ସ୍ୱରୂପ ଜାଣିବାରେ ସଫଳ ହୋଇଥାଏ। ତେଣୁ ବ୍ରହ୍ମଜ୍ଞାନ ପ୍ରାପ୍ତି ପାଇଁ ନିରନ୍ତର ପ୍ରୟାସ ଜାରିରଖିବା ଲାଗି ଉପଦେଶ ଦିଆଯାଇଛି। ଧ୍ୟାନର ପ୍ରକାର, ସମୟ, ଧ୍ୟାନ ବିଷୟ ବ୍ରହ୍ମ, ମନ ଓ ପ୍ରାଣର ଲକ୍ଷ୍ୟ, ସଞ୍ଚିତ ଓ ପ୍ରାରବ୍ଧ କର୍ମ, ସୂକ୍ଷ୍ମ ଶରୀର, ମୁକ୍ତାବସ୍ଥା, ମୁକ୍ତାବସ୍ଥାର ଜୀବାତ୍ମା, ମୁକ୍ତିରେ ଆନନ୍ଦଭୋଗ ଓ ବ୍ରହ୍ମଙ୍କର ଅନେକ ସାମର୍ଥ୍ୟ ବିଷୟରେ ଆଲୋଚନା କରାଯାଇଛି।

ବେଦାନ୍ତ ଦର୍ଶନରେ ବ୍ରହ୍ମଙ୍କ ଜିଜ୍ଞାସା, ବ୍ରହ୍ମଙ୍କ ସ୍ୱରୂପ, ବ୍ରହ୍ମଙ୍କ ଉପାସନା ଓ ବ୍ରହ୍ମ ଉପାସନାର ଫଳ ସମ୍ବନ୍ଧରେ ଶୃତି ଶାସ୍ତ୍ର ଆଧାରରେ ବର୍ଣ୍ଣନା କରାଯାଇଛି। ବିଶେଷଜ୍ଞଙ୍କ ମତରେ ସୂତ୍ର ଶାସ୍ତ୍ରରେ ବ୍ୟବହୃତ ହେଉଥିବା ସୂତ୍ରଗୁଡ଼ିକ ସଂକ୍ଷିପ୍ତ, ଦୁଇଅର୍ଥ ବିହୀନ, ଆଲୋଚ୍ୟ ବିଷୟର ସାରାଂଶ ଦ୍ୟୋତକ ଏବଂ ଶଙ୍କା ସମାଧାନ ପରକ, ପୁନରୁକ୍ତି ବର୍ଜିତ ଏବଂ ତ୍ରୁଟିହୀନ ହୋଇଥିବାରୁ ସୂତ୍ରଶାସ୍ତ୍ରର ଭାଷ୍ୟକାରଙ୍କ ମତ ଭିନ୍ନ ହେଲେ ମଧ୍ୟ ଉଦ୍ଦେଶ୍ୟ ଏକ–ବ୍ରହ୍ମ ସାକ୍ଷାତ୍‌କାର।

**ମୋ: ୭୮୪୮୮୫୦୯୫୦**

## ଏଇ ଭାରତରେ

କୃଷିଋଣ ଯନ୍ତାରୁ ମୁକୁଳି ୧୦୦ ଜଣ କୃଷକଙ୍କୁ ଜୈବିକ କୃଷି ପ୍ରତି ଆକୃଷ୍ଟ କରି ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି ମାରୁତି ନାଇଡୁ। ମାରୁତିଙ୍କ ଘର ଆନ୍ଧ୍ରପ୍ରଦେଶର ଓବୁଲୟାପଲ୍ଲୀରେ। ନାଇଡୁଙ୍କ ପରିବାର ବହୁ ବର୍ଷ ଧରି ପାରମ୍ପରିକ ପଦ୍ଧତିରେ ଚାଷ କରୁଥିଲେ। ତେବେ ସେ ପ୍ରଥମେ ଏଥିରେ ପରିବର୍ତ୍ତନ ଆଣି ଜୈବିକ କୃଷି ଆରମ୍ଭ କରିଥିଲେ। ଏଥିରେ ତାଙ୍କ ଉତ୍ପାଦନ ବଢାଇ ଧୀରେ ଧୀରେ ଋଣ ପରିଶୋଧ କରିବାରେ ସକ୍ଷମ ହୋଇଛନ୍ତି। ନାଇଡୁ କଳାରେ ଡିଗ୍ରୀ ହାସଲ କରିଛନ୍ତି। ଶିକ୍ଷକ ଚାକିରି ପାଇଁ ଚେଷ୍ଟା କରି ବିଫଳ ହେବା ପରେ ୨୦୧୨ରେ ସେ ଜିରୋ ବଜେଟ ନ୍ୟାଚୁରାଲ ଫାର୍ମିଂ ଆରମ୍ଭ କରିଥିଲେ। ୧୦୦ ଜଣ କୃଷକଙ୍କୁ ନେଇ ଗୋଷ୍ଠୀଗତ ଚାଷ ମଧ୍ୟ କରୁଛନ୍ତି। ଏଥିପାଇଁ କୃଷକମାନଙ୍କ ଆର୍ଥିକ ସାହାଯ୍ୟ କରୁଛନ୍ତି। ଜୈବ କୃଷି ଉତ୍ପାଦନକୁ ଆନ୍ଧ୍ର ମାର୍କେଟରେ ବିକ୍ରି କରିବାର ବ୍ୟବସ୍ଥା କରିବା ସହ ବେଙ୍ଗାଲୁରୁ ମଧ୍ୟ ପଠାଉଛନ୍ତି। ନିଜ ଚାଷର ଉତ୍ପାଦନ ସହ ଅନ୍ୟ ଚାଷୀମାନଙ୍କଠାରୁ ଉତ୍ପାଦ ସଂଗ୍ରହ କରି ବଜାରକୁ ପଠାଉଛନ୍ତି। ଏବାବଦରେ ସେ ବର୍ଷକୁ ୧୮ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ଅନ୍ୟ କୃଷକଙ୍କ ଆୟ ମଧ୍ୟ ବଢ଼ାଇପାରିଛନ୍ତି। ଏବେ ପ୍ରତିମାସରେ ତାଙ୍କ ଚାଷ ପଦ୍ଧତି ଶିକ୍ଷା ନେବା ଲାଗି ପାଖାପାଖି ୩୦ ଜଣ କୃଷକ ଅନୁରୋଧ କରୁଛନ୍ତି। ପ୍ରତିବର୍ଷ ସେ ପ୍ରାୟ ୨୦୦ କୃଷକଙ୍କୁ ଜୈବିକ କୃଷି ପଦ୍ଧତିରେ ସାମିଲ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

DHARITRI

୭ ଅକ୍ଟୋବର ୧୯୯୬

- ରାଷ୍ଟ୍ରାୟତ୍ତ ଉଦ୍ୟୋଗ ନ୍ୟାଶନାଲ ଫର୍ଟିଲାଇଜର ଲିମିଟେଡ୍ (ଏନ୍‌ଏଫ୍‌ଏଲ୍) ତୁର୍କୀର ଫାର୍ମ କର୍ସନ ଲିମିଟେଡ ସହ କରିଥିବା ୧୩୩ କୋଟି ଟଙ୍କାର ୟୁରିଆ ଆମଦାନୀ ଚୁକ୍ତିକୁ ବାତିଲ କରିଦେଇଛି।
- କଂଗ୍ରେସ ଦଳର ସଭାପତି ସୀତାରାମ କେଶରୀ ପୂର୍ବତନ ଅର୍ଥମନ୍ତ୍ରୀ ଡଃ ମନମୋହନ ସିଂଙ୍କୁ କଂଗ୍ରେସ କାର୍ଯ୍ୟକାରୀ କମିଟିର ସଭ୍ୟ ଭାବେ ମନୋନୀତ କରିଛନ୍ତି।
- ତାମିଲନାଡୁର ପୁଦୁକୋଟାଇ ଜିଲାର ତରୁ କୋକାରନମ ଗ୍ରାମରେ ବିଷାକ୍ତ ମଦ ପିଇ ଜଣେ ମହିଳାଙ୍କ ସମେତ ୨୦ ଜଣଙ୍କ ମୃତ୍ୟୁ।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 2 | | | 4 | | | 6 |
| | | 7 | 9 | | | | | |
| | | 1 | | 8 | | 5 | 9 | |
| | | | | | | | | 8 |
| 7 | | | 8 | | | | 6 | |
| 9 | 3 | | | | | | 7 | |
| | 6 | | | | 3 | 4 | | |
| | | | | | | | | 1 |
| 5 | | | | | 9 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 8 | 1 | 3 | 6 | 4 | 9 | 7 | 2 |
| 3 | 9 | 2 | 1 | 7 | 8 | 6 | 4 | 5 |
| 6 | 7 | 4 | 9 | 5 | 2 | 8 | 3 | 1 |
| 1 | 3 | 8 | 5 | 9 | 6 | 7 | 2 | 4 |
| 9 | 6 | 5 | 2 | 4 | 7 | 1 | 8 | 3 |
| 4 | 2 | 7 | 8 | 3 | 1 | 5 | 9 | 6 |
| 8 | 4 | 9 | 6 | 2 | 5 | 3 | 1 | 7 |
| 2 | 1 | 6 | 7 | 8 | 3 | 4 | 5 | 9 |
| 7 | 5 | 3 | 4 | 1 | 9 | 2 | 6 | 8 |

ଗତକାଲିର ଉତ୍ତର

# ଗ୍ରାମାଞ୍ଚଳର ଆତ୍ମହତ୍ୟା ସମସ୍ୟା



ଡ. ବାସନ୍ତୀ ମହାନ୍ତି

ଆତ୍ମହତ୍ୟା ପ୍ରବଣତା ଏବେ ସମଗ୍ର ବିଶ୍ୱ ପାଇଁ ଏକ ବଡ଼ ସମସ୍ୟା ହୋଇପଡ଼ିଛି। ଏବେ ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳ ଲୋକଙ୍କ ମଧ୍ୟରେ ଏ ପ୍ରବଣତା ବେଶି ପରିଲକ୍ଷିତ ହେଉଛି। ଗତ ଦିନମାନଙ୍କରେ ଆତ୍ମହତ୍ୟା ଗ୍ରାମାଞ୍ଚଳରେ ଏତେ ବେଶି ଦେଖାଯାଉନଥିଲା। ଗ୍ରାମ୍ୟ ପରିବେଶରେ ବଞ୍ଚୁଥିବା ମଣିଷମାନଙ୍କର ଜୀବନଶୈଳୀ ସେମାନଙ୍କ ଭିତରେ ବଞ୍ଚିବା ପାଇଁ ମୋହମାଦକତା ଭରିଦେଉଥିଲା। ସେ ମଣିଷ ବିଷାଦଗ୍ରସ୍ତ ହେଉ ନଥିଲା। ସେମାନେ ଗୋଷ୍ଠୀ ବା ଗଣଜୀବନ ବଞ୍ଚୁଥିଲେ। ସାମୂହିକ ଭାବରେ ସୁଖ ଓ ଦୁଃଖକୁ, ଜୟ ପରାଜୟର ଅନୁଭବକୁ ବାଣ୍ଟି ନେଉଥିଲେ। ସେମାନେ ଆଦୌ ଏକାକୀ ନଥିଲେ। ନିଃସଙ୍ଗତା ସେମାନଙ୍କ ଶତ୍ରୁ ନଥିଲା। କିନ୍ତୁ କ୍ରମବର୍ଦ୍ଧିଷ୍ଣୁ ଶିକ୍ଷାର ବିକାଶ, ଶିଳ୍ପୀକରଣ ଆଦି ସେମାନଙ୍କୁ କୃଷି ଓ କୌଳିକ ବୃତ୍ତି ପ୍ରତି ବୀତସ୍ପୃହ କଲା। ସାମୂହିକ ଜୀବନରୁ ବିଚ୍ୟୁତ ହୋଇ ନିଜ ଭିତରେ ବଞ୍ଚିଲେ। ଶିକ୍ଷା ଦୀକ୍ଷା ହେତୁ ନିଜର ସଫଳତା ଓ ବିଫଳତା ସମ୍ପର୍କରେ ବେଶି ବେଶି ସଚେତନ ହେଲେ। ଫଳରେ ସେମାନଙ୍କ ଜୀବନର ସ୍ୱାଭାବିକତା ଓ ସରଳତା ସେହି ଅନୁପାତରେ ଆକ୍ରାନ୍ତ ହେଲା। ଏ ସମସ୍ୟା କେବଳ ଓଡ଼ିଶାର ନୁହେଁ କି ଭାରତର ନୁହେଁ, ସମଗ୍ର ବିଶ୍ୱର। ଆମେରିକାର ଗ୍ରାମାଞ୍ଚଳରେ ୧୯୯୯ ଠାରୁ ୨୦୧୬ ପର୍ଯ୍ୟନ୍ତ ଆତ୍ମହତ୍ୟା କରୁଥିବା ମଣିଷ ସହରାଞ୍ଚଳଠାରୁ ୨୬ ପ୍ରତିଶତ ବେଶୀ। ଆତ୍ମହତ୍ୟାକାରୀଙ୍କ ମଧ୍ୟରେ ୫୦% ହେଉଛନ୍ତି ମାନସିକ ରୋଗୀ। ଭାରତ ମଧ୍ୟ ଏ କ୍ଷେତ୍ରରେ ପଛରେ ପଡ଼ିନାହିଁ। ଆମ ଦେଶରେ ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳରେ ଆତ୍ମହତ୍ୟା ସଂଖ୍ୟା ୩୫% ଅଧିକ। ଏହା ପୁଣି କୋଭିଡ୍ ମହାମାରୀ ସମୟରେ ଆହୁରି ବୃଦ୍ଧି ପାଇଛି।

ପୂର୍ବରୁ ଆମ ଦେଶର ଗାଁ ଗହଳରେ କେବଳ ଝିଅ ବୋହୂମାନେ ହିଁ ଆତ୍ମହତ୍ୟା କରିବା ଦେଖିବାକୁ ମିଳୁଥିଲା। କୁମାରୀ ମାତୃତ୍ୱ, ଅସଫଳ ପ୍ରେମ ଅଥବା ଯୌତୁକଜନିତ ପାରିବାରିକ ସମସ୍ୟା ଥିଲା ଏହି ଆତ୍ମହତ୍ୟାର ହେତୁ। ସେତେବେଳେ ଆଜିକାଲିକା ପରି ଏତେ ପ୍ରକାର କୀଟନାଶକ ବିଷ ମଧ୍ୟ ଉପଲବ୍ଧ ନଥିଲା। କନିଅର ମଞ୍ଜି–ଗୁଡ଼ ଓ ସିନ୍ଦୂର–ଚିନି ଥିଲା ସେମାନଙ୍କ ପାଇଁ ମୁଖ୍ୟ ପ୍ରାଣଘାତୀ ଉପାଦାନ। ଏହାଛଡ଼ା ଫାଶୀ ଦେଇ, କୂଅ ପୋଖରୀକୁ ଡେଇଁ ଅଥବା ଦେହରେ ନିଆଁ ଲଗେଇଦେବା ବ୍ୟତୀତ ଅନ୍ୟ ଉପାୟ ନଥିଲା। କିନ୍ତୁ ଏବେ ଆତ୍ମହତ୍ୟା ପାଇଁ କାରଣ ଯେମିତି ଅଜସ୍ର, ଉପାୟ ମଧ୍ୟ ସେହିପରି ଅପାର। ଏହାର ମୁଖ୍ୟ କାରଣ ହେଉଛି ଗ୍ରାମାଞ୍ଚଳ ଲୋକେ ପରିବର୍ତ୍ତିତ ଜୀବନଶୈଳୀ ସହ ନିଜକୁ ସାମିଲ କରି ନ ପାରିବା। ଖାପ୍ ପଞ୍ଚାୟତ ଓ କଙ୍ଗାରୁ କୋର୍ଟ ଆଜି ମଧ୍ୟ ଗାଁ ଗହଳର ଆତ୍ମହତ୍ୟାଜନିତ ମୃତ୍ୟୁସଂଖ୍ୟା ବୃଦ୍ଧି କରିବା ପାଇଁ ଅନେକାଂଶରେ ଦାୟୀ। ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ଏଥିପାଇଁ ଖୁବ୍ ଉଦ୍‌ବେଗ ପ୍ରକାଶ କରିଛି।

ସହରାଞ୍ଚଳରେ କୌଣସି କାରଣରୁ କେହି ଅବସାଦଗ୍ରସ୍ତ ହେଲେ ସେମାନେ ଡାକ୍ତର ପରାମର୍ଶ କରିଥା'ନ୍ତି। କେତେବେଳେ ପରିବାର ତରଫରୁ ତ ଆଉ କେତେବେଳେ ନିଜ ତରଫରୁ। କିନ୍ତୁ ଗାଁ ଗହଳର ଅର୍ଦ୍ଧଶିକ୍ଷିତ ଜନତା ଚିକିତ୍ସା ହେବା ତ ଦୂରର କଥା ସ୍ୱୀକାର କରନ୍ତି ନାହିଁ ଯେ ସେମାନେ ଅବସାଦଗ୍ରସ୍ତ। ସେମାନଙ୍କୁ କେହି ବୀର ପେଷିଛି ଅଥବା ଗୁଣିଗାରେଡି କରିଛି କିମ୍ବା ଗ୍ରହଦୋଷ ଏମିତି ଅନେକ ହେତୁ ସେମାନେ ବାହାର କରି ଡେଙ୍ଗୁରିଆ, ତାବିଜ, ବାବା, ହୁକୁମ, ଜଡ଼ିବୁଟି, କାଟପାଣି ଆଦିର ସାହାରା ନିଅନ୍ତି। ଅଧିକାଂଶ ତ' ଜୀବନସାରା ଏମିତି କିଛି ରୋଗମାନଙ୍କୁ ବୋହି ବୋହି ବଞ୍ଚି ରହିଥା'ନ୍ତି। ଆଉ କେତେବେଳେ ମାନସିକ ଭାରସାମ୍ୟ ହରେଇ ଆତ୍ମହତ୍ୟା କରି ବସନ୍ତି।

ଆମ ଦେଶରେ ଜାତିବାଦ ଯୁବକଙ୍କ ପାଇଁ ଜଟିଳ ସମସ୍ୟା ହୋଇଛି। ଗ୍ରାମାଞ୍ଚଳରେ ଏହି ସମସ୍ୟା ଅତି ତୀବ୍ର। ଯୁବକ ଯୁବତୀଙ୍କ ମଧ୍ୟରେ ପ୍ରେମବିବାହ ପାଇଁ ଜାତିବାଦ ମୁଖ୍ୟ ପ୍ରତିବନ୍ଧକ ହୋଇ ଠିଆ ହୋଇଛି। ଗ୍ରାମୀଣ ଯୁବତୀ ଯୁବକ, ପ୍ରେମିକା ପ୍ରେମିକମାନେ ପ୍ରତିଦିନ ଜାତିବାଦର ଯୂପକାଠରେ ବଳି ପଡୁଛନ୍ତି।

ଗ୍ରାମାଞ୍ଚଳରେ ଚାଷୀ ଆତ୍ମହତ୍ୟା ଏବେ ସବୁ ଆତ୍ମହତ୍ୟାକୁ ଟପିଯାଇଛି। ପ୍ରାକୃତିକ ବିପର୍ଯ୍ୟୟ, ଅଭାବୀ ବିକ୍ରି ଓ ଋଣଯନ୍ତା ପରି ସମସ୍ୟା ଚାଷୀମାନଙ୍କ ଜୀବନକୁ ଦୁର୍ବିଷହ କରିଦେଇଛି। ଏଥିରୁ ମୁକୁଳିବା ପାଇଁ କୌଣସି ଉପାୟ ନ ପାଇ ସେମାନେ ଆତ୍ମହତ୍ୟା କରୁଛନ୍ତି। ୧୯୭୦ରୁ ଭାରତରେ ଦେଖାଦେଇଥିବା ଚାଷୀ ଆତ୍ମହତ୍ୟା ସମସ୍ୟାକୁ ସମାଧାନ କରିବା ନିମନ୍ତେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରମାନେ ଅସମର୍ଥ । ଗ୍ରାମାଞ୍ଚଳର ଆତ୍ମହତ୍ୟା ଅନୁପାତ ପୀଡ଼ିତ ଚାଷୀମାନଙ୍କ ପାଇଁ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି।

ଶିକ୍ଷା ଓ ଶିଳ୍ପାୟନ ସଭ୍ୟତା ହେତୁ ସମସ୍ୟା ବିଜଡ଼ିତ କୃଷିକାର୍ଯ୍ୟ କରିବା ପାଇଁ ନୂଆ ପିଢ଼ି ଆଉ ମନଯୋଗୀ ହେଉନାହାନ୍ତି। ସେମାନେ ଏବେ ଚାକିରିମୁହାଁ । ଏକପକ୍ଷରେ ଚାଷ ଉଜୁଡ଼ିଯାଉଛି ଓ ଅନ୍ୟପକ୍ଷରେ ଚାକିରି ଆଶାୟୀ ଯୁବତୀ ଯୁବକ ଆଶାନୁରୂପ ପାରିଶ୍ରମିକ ନ ପାଇ ହତୋତ୍ସାହିତ ହେଉଛନ୍ତି। ଏଥିସହିତ ଚାକିରିରୁ ଛଟେଇ ସେମାନଙ୍କ ଜୀବନ ଜୀବିକାକୁ ଆକ୍ରାନ୍ତ କରୁଛି। ଦାରିଦ୍ର୍ୟ, ଅନିଶ୍ଚିତ ଭବିଷ୍ୟତ ଓ ମାତାପିତାଙ୍କ ସ୍ୱପ୍ନକୁ ସାକାର ନ କରିପାରିବାର ଚାପ ଯୋଗୁ ଅର୍ଦ୍ଧଶିକ୍ଷିତ ଯୁବପିଢ଼ି ମାନସିକ ଭାରସାମ୍ୟ ହରେଇ ବସୁଛନ୍ତି। ଅଭାବ ଅନଟନଜନିତ ପାରିବାରିକ ଅସନ୍ତୋଷ ଯୁବ ଅବସାଦ ସମସ୍ୟାକୁ ତ୍ୱରାନ୍ୱିତ କରୁଛି। ସାମ୍ପ୍ରତିକ ସମାଜର କ୍ରମବର୍ଦ୍ଧିଷ୍ଣୁ ସମସ୍ୟା ବିବାହ ବିଚ୍ଛେଦ ସହରାଞ୍ଚଳ ପରି ଗ୍ରାମାଞ୍ଚଳକୁ ମଧ୍ୟ ବ୍ୟାପିଗଲାଣି। ବିଶେଷକରି ଶିକ୍ଷିତ ଯୁବତୀ ଯୁବକଙ୍କର ଏହା ମୁଖ୍ୟ ସମସ୍ୟା । ଏ ସବୁକୁ ଅତିକ୍ରମ କରିବା ପରି ସାମର୍ଥ୍ୟ ଆଜିର ଯୁବପିଢ଼ିର ନାହିଁ। ଏବେ ମହାମାରୀ କରୋନା ସାମାଜିକ ଦୂରତାଜନିତ ସଂଗରୋଧ ଆଦି ଯେଉଁ ସମସ୍ୟା ଅବଶ୍ୟ ତାହା ଗ୍ରାମାଞ୍ଚଳରେ ସ୍ଥାୟୀ ସମସ୍ୟା ନୁହେଁ, କିନ୍ତୁ ଆଧୁନିକ ଜୀବନଯାତ୍ରା ସେମାନଙ୍କଠାରୁ ପାରମ୍ପରିକ ଜୀବନଶୈଳୀ ଛଡ଼େଇ ନେଉଥିବାରୁ ସେମାନେ ଯେପରି ମାନସିକ ସ୍ତରରେ ଅସୁସ୍ଥ ହୋଇ ପଡୁଛନ୍ତି। ସେଥିପାଇଁ ପ୍ରତିକାର ବ୍ୟବସ୍ଥା ନାହିଁ।

ସବୁଠାରୁ ଉଦ୍‌ବେଗଜନକ ବିଷୟ ହେଲା, ଜନଜାତି ସମାଜରେ କ୍ରମବର୍ଦ୍ଧିଷ୍ଣୁ ଆତ୍ମହତ୍ୟା। ଜୀବନର ସକଳ ଜଟିଳତା କୁଟିଳତାଠାରୁ ଦୂରରେ ରହି ଅକୃତ୍ରିମ ଜୀବନଯାପନ କରୁଥିବା ଆଦିବାସୀଙ୍କ ପାଇଁ ଆତ୍ମହତ୍ୟା ଅଭିଧାନ ବହିର୍ଭୂତ ଶବ୍ଦ ଥିଲା। କିନ୍ତୁ ସେମାନଙ୍କ ଜୀବନକୁ ମଧ୍ୟ ଯୁଗ ଯନ୍ତ୍ରଣା କବଳିତ କଲାଣି। ଏବେ ସେ ଅଞ୍ଚଳମାନଙ୍କରେ ଆତ୍ମହତ୍ୟାଜନିତ ମୃତ୍ୟୁ ବଢୁଛି। ସହରୀ ସଭ୍ୟତାର ସବୁତକ ସମସ୍ୟା ଏବେ ସେମାନଙ୍କୁ ଆକ୍ରାନ୍ତ କଲାଣି ସତ, କିନ୍ତୁ ସେଥିରୁ ମୁକୁଳିବାର ସାଧନ ନାହିଁ କି ସଚେତନତା ସେମାନଙ୍କ ପାଖରେ ନାହିଁ। ଜଙ୍ଗଲ ପଦା, ଉଜୁଡ଼ା ଚାଷ ଓ ବିସ୍ଥାପିତ ବାସ ଭିତରେ ବଞ୍ଚିବା ପାଇଁ ପ୍ରୟାସ କରୁଥିବା ଏବଂ ଜୀବିକା ହରେଇ ଘରେ ବସିଥିବା ୨୦ରୁ ୫୦ ବର୍ଷ ବୟସ୍କଙ୍କ ମଧ୍ୟରେ ଆତ୍ମହତ୍ୟା ଉଗ୍ରରୂପ ନେଉଛି। ପୂର୍ବରୁ ଝିଅ ପୁଅ ଖୁବ୍ କମ୍ ବୟସରୁ ଉଦୁଲିଆ ବିବାହ କରି ସୁଖରେ ଘର ସଂସାର କରୁଥିଲେ, କିନ୍ତୁ ଏବେ କିଶୋର କିଶୋରୀ ଏକତ୍ର ଶିକ୍ଷା ଗ୍ରହଣ କରୁଥିବାରୁ ବେଳେବେଳେ ବିଭିନ୍ନ ପ୍ରକାର ଯୌନ ବ୍ୟଭିଚାର ଓ ଯୌନ ଅତ୍ୟାଚାରର ଶିକାର ହୋଇ ଆତ୍ମହତ୍ୟା କରିବାର ଦୃଷ୍ଟାନ୍ତ ପରିଲକ୍ଷିତ ହେଉଛି। ଏହାର ଆଶୁ ପ୍ରତିକାର ନ ହେଲେ ପରିସ୍ଥିତି ଭୟାବହ ହେବ।

ଗ୍ରାମାଞ୍ଚଳରେ ଦେଖାଦେଇଥିବା ଏହି ଗମ୍ଭୀର ସମସ୍ୟାର ସମାଧାନ କରିବାକୁ ହେଲେ ପରାମର୍ଶ କେନ୍ଦ୍ରମାନ ଖୋଲି ଲୋକମାନଙ୍କୁ ଉପଦେଶ ମାଧ୍ୟମରେ ପୁଣି ଜୀବନମୁଖୀ କରିବାର ଆବଶ୍ୟକତା ରହିଛି। ମୂଳ ସମସ୍ୟାଗୁଡ଼ିକ ପ୍ରତି ଦୃଷ୍ଟି ରଖି ସେମାନଙ୍କ ପାଇଁ ଯଥାସମ୍ଭବ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଅତ୍ୟନ୍ତ ଜରୁରୀ।

**ମୋ: ୯୪୩୭୦୩୩୦୭୪**

## ପାଠକ ଶ୍ରେଷ୍ଠ ବିଚାରକ

### ରାସ୍ତା ମରାମତି ହେଉ

ମହାଶୟ,

ଖଡ଼ିପଦା ଗ୍ରାମକୁ ଯିବା ରାସ୍ତାଟି ୧ ଫୁଟ୍ ଖୋଳାଯାଇଛି। ଏହି ରାସ୍ତାଟି ସିମେଣ୍ଟ ଢଳେଇ ହୋଇଥିଲା। ଗ୍ରାମର ପ୍ରଥମ ମୁଣ୍ଡରୁ ରାସ୍ତା ଖୋଳାଯାଇଥିବାରୁ ଲୋକମାନଙ୍କୁ ଯିବା ଆସିବା କରିବାରେ ଅସୁବିଧା ହେଉଛି। ଆମ୍ବୁଲାନ୍ସ ମଧ୍ୟ ଯାଇପାରୁନାହିଁ। ଏଣୁ ରୋଗୀମାନେ ଠିକ୍ ସମୟରେ ହସ୍ପିଟାଲରେ ପହଞ୍ଚିପାରୁନାହାନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗ ଏଥିପ୍ରତି ଦୃଷ୍ଟିଦେଇ ପୁନର୍ବାର ରାସ୍ତା କାମ କରାଯାଉ।

**–ପ୍ରଦୀପ୍ତ କୁମାର ଦାସ, ଅଣତିରିଶ, ବ୍ରହ୍ମଗିରି, ପୁରୀ**

### ଚିରନ୍ତନୀ

ମରଣ ଆଗରୁ କି ଡର କହ ତ ମରିବା ଡରି
ଯେତେ ଦିନ ତୋର ଜୀବନ ସଉଦା ଯାଇନି ସରି? –(ଜୀବନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୩,୬୭,୮୯,୦୧୩ | ୪୮,୩୪,୭୧୨ | ୨୧,୩୯,୦୪,୦୦୧ |
| ଭାରତ | ୩,୩୮,୭୨,୭୮୩ | ୪,୪୯,୫୮୦ | ୩,୩୧,୭୫,୬୫୬ |
| ଓଡ଼ିଶା | ୧୦,୨୯,୪୧୨ | ୮୨୨୭(+୫୩) | ୧୦,୧୬,୫୯୪ |

ବୁଧବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




# ବିଶ୍ୱ ଦରବାରରେ ପହଞ୍ଚିବ ଓଡ଼ିଆ ଖାଦ୍ୟର ମହକ

**ଭୁବନେଶ୍ୱର, ୬।୧୦(ବ୍ୟୁରୋ)**

ଓଡ଼ିଶା ପର୍ଯ୍ୟଟନ ବିଭାଗ ସହଯୋଗରେ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ (ଓଟିଡିସି) ପକ୍ଷରୁ ପାରମ୍ପରିକ ଶୁଦ୍ଧ ଓଡ଼ିଆ ଖାଦ୍ୟର ପ୍ରତିଯୋଗିତା 'ଆମ ଘର ଆମ ହାଣ୍ଡିଶାଳ'ର ଦ୍ୱିତୀୟ ସଂସ୍କରଣ ବୁଧବାର ଶୁଭାରମ୍ଭ ହୋଇଛି। ଗତବର୍ଷ କରୋନା କଟକଣା ଭିତରେ ଏହାର ପ୍ରଥମ ସଂସ୍କରଣ ରାଜ୍ୟବାସୀଙ୍କ ଦ୍ୱାରା ବହୁଳ ଆଦୃତ ହେବାପରେ ଚଳିତବର୍ଷ ପାଇଁ ଶହୀଦନଗରସ୍ଥିତ ଓଟିଡିସିର 'ନିମନ୍ତ୍ରଣ' ରେଷ୍ଟୁରାଣ୍ଟରେ ଦ୍ୱିତୀୟ ସଂସ୍କରଣ ପ୍ରତିଯୋଗିତାକୁ ଓଟିଡିସି ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ଆମ ଓଡ଼ିଆଙ୍କ ଠାକୁର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ 'ଆନନ୍ଦ ବଜାର' ହେଉଛି ବିଶ୍ୱର ସବୁଠୁ ବଡ଼ ହାଣ୍ଡିଶାଳ। ଆମ ମହାନ୍ ଉତ୍କଳୀୟ ସଂସ୍କୃତିରେ ୧୨ ମାସରେ ୧୩ ପର୍ବ ଓ ପ୍ରତ୍ୟେକ ପର୍ବପର୍ବାଣିରେ ସ୍ୱତନ୍ତ୍ର ଖାଦ୍ୟର ସମ୍ଭାର ରହିଛି। ଏହି ପାରମ୍ପରିକ ଖାଦ୍ୟକୁ ବିଶ୍ୱ ଦରବାରରେ ପହଞ୍ଚାଇବା ଲକ୍ଷ୍ୟରେ ଗତବର୍ଷ କରୋନା କାଳରେ 'ଆମ ଘର ଆମ ହାଣ୍ଡିଶାଳ' ପ୍ରତିଯୋଗିତାର ପରିକଳ୍ପନା କରାଯାଇଥିଲା। ଓଡ଼ିଆ ଖାଦ୍ୟର ପ୍ରଚାର ଓ ପ୍ରସାର ଉପରେ ଗୁରୁତ୍ୱ ଦେଉଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମାର୍ଗଦର୍ଶନରେ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାରେ ଅଧିକରୁ ଅଧିକ ମହିଳାମାନେ ସାମିଲ




'ଆମ ଘର ଆମ ହାଣ୍ଡିଶାଳ'ର ଦ୍ୱିତୀୟ ସଂସ୍କରଣ ଶୁଭାରମ୍ଭ ଅବସରରେ ଓଟିଡିସି ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର ଓ ଅନ୍ୟମାନେ।

## 'ଆମ ଘର ଆମ ହାଣ୍ଡିଶାଳ'ର ଦ୍ୱିତୀୟ ସଂସ୍କରଣ ଶୁଭାରମ୍ଭ

ହୋଇ ନିଜର ଦକ୍ଷତା ପ୍ରତିପାଦନ କରିବେ ବୋଲି ଶ୍ରୀମୟୀ ଆଶାବ୍ୟକ୍ତ କରିଛନ୍ତି। ଓଟିଡିସି ପରିଚାଳନା ନିର୍ଦ୍ଦେଶକ ତଥା ରାଜ୍ୟ ପର୍ଯ୍ୟଟନ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ କହିଲେ, ଗତବର୍ଷ କରୋନା ମହାମାରୀ ଯୋଗୁ ଲୋକେ ଘରୁ ପଦାକୁ ଆସି ପାରୁ ନ ଥିବାବେଳେ ଗୃହିଣୀମାନଙ୍କ ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ ଏହି ପ୍ରତିଯୋଗିତା ଆରମ୍ଭ କରାଯାଇଥିଲା। ପ୍ରତିଯୋଗିତାର ସର୍ତ୍ତାବଳୀ ଗତବର୍ଷ ଯାହା ଥିଲା ଚଳିତବର୍ଷ ସେଥିରେ ସାମାନ୍ୟ ପରିବର୍ତ୍ତନ କରାଯାଇଛି। ବିଚାରକଙ୍କ ଦ୍ୱାରା ଚୟନିତ ଶ୍ରେଷ୍ଠ ୪୦ଜଣ ପ୍ରତିଯୋଗୀଙ୍କୁ ଏଥର ଓଡ଼ିଶାର ବିଭିନ୍ନ ପର୍ଯ୍ୟଟନସ୍ଥଳୀକୁ ନେଇ ସେମାନଙ୍କ ଖାଦ୍ୟ ପ୍ରସ୍ତୁତି ଶୈଳୀର ଶୁଟିଂ କରାଯିବ। ଏହାର ସିଧା ପ୍ରସାରଣ ଟିଭି ଚ୍ୟାନେଲ ମାଧ୍ୟମରେ ଦର୍ଶକ ଦେଖିପାରିବେ। ତେବେ ପ୍ରତିଯୋଗିତାରେ ଭାଗ ନେବା ପାଇଁ ନିଜ ଖାଦ୍ୟର ଭିଡିଓ ପ୍ରସ୍ତୁତ କରି ମହିଳାମାନେ ଅନ୍‌ଲାଇନରେ ଆବେଦନ କରିପାରିବେ।

କାର୍ଯ୍ୟକ୍ରମରେ ପର୍ଯ୍ୟଟନ ବିଭାଗର ଅତିରିକ୍ତ ସଚିବ ଦୁର୍ଗା ପ୍ରସାଦ ମହାପାତ୍ର, ଓଟିଡିସି ଜେନେରାଲ ମ୍ୟାନେଜର ଶାନ୍ତନୁ ମହାନ୍ତି, କମ୍ପାନୀ ସେକ୍ରେଟାରୀ ପ୍ରଶାନ୍ତ ପଣ୍ଡା, ଡିଭିଜନାଲ ମ୍ୟାନେଜର ପ୍ରଣବ କୁମାର ଚାନ୍ଦ, ମାର୍କେଟିଂ ମ୍ୟାନେଜର ରଞ୍ଜନ ମିଶ୍ର ଓ ଅନ୍ୟ ପଦାଧିକାରୀ ଯୋଗ ଦେଇଥିଲେ। ପ୍ରଥମ ସିଜନର ବିଜୟିନୀ ଦେବଯାନୀ ଦାସ ମଧ୍ୟ ଏହି ଦ୍ୱିତୀୟ ସଂସ୍କରଣ ଉନ୍ମୋଚନ କାର୍ଯ୍ୟକ୍ରମରେ ସାମିଲ ହୋଇ ନିଜର ଅଭିଜ୍ଞତା ବର୍ଣ୍ଣନା କରିଥିଲେ।

# ବେଦାନ୍ତ ପାଉଁଶରେ ଜନଜୀବନ ଅସ୍ତବ୍ୟସ୍ତ

**ଝାରସୁଗୁଡ଼ା ଅଫିସ,୬।୧୦**

ଝାରସୁଗୁଡ଼ା ଭୁର୍କାମୁଣ୍ଡାସ୍ଥିତ ବେଦାନ୍ତ ପ୍ରକଳ୍ପରୁ ମଙ୍ଗଳବାର ରାତିରେ ପାଉଁଶ ଉଡ଼ି ଆଖପାଖ ଅଞ୍ଚଳରେ ଆଚ୍ଛାଦିତ ହୋଇପଡିଥିଲା। ବୁଧବାର ସକାଳୁ ଉଡନ୍ତା ପାଉଁଶ ଲୋକଙ୍କ ବାସଗୃହ, ଚାଷଜମି, ରାସ୍ତାଘାଟରେ ପଡିଥିବା ଦେଖିବାକୁ ମିଳିଥିଲା। ପାଉଁଶ ବାୟୁମଣ୍ଡଳରେ ଉଡିବା ଫଳରେ ଲୋକଙ୍କ ମନରେ କୁହୁଡିର ଭ୍ରମ ସୃଷ୍ଟି କରିଥିଲା। ଏହା ଉଡ଼ି ଲୋକଙ୍କ ଆଖି, କାନ ଓ ନାକରେ ପଶୁଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଏଥିରେ ଘରର ଆସବାପତ୍ର, ପନିପରିବା ଚାଷ, ଧାନ ଫସଲ ପ୍ରଭାବିତ ହୋଇଥିବାରୁ ଲୋକେ ଆତଙ୍କିତ ଅବସ୍ଥାରେ ରହିଛନ୍ତି।

ପୂର୍ବରୁ ଅନେକଥର ବେଦାନ୍ତ ପ୍ରକଳ୍ପରୁ ପାଉଁଶ ଉଡି ଅଞ୍ଚଳ ପ୍ରଭାବିତ ହୋଇଥିବା ଝାରସୁଗୁଡ଼ାର ସାମାଜିକ କର୍ମୀ ଦେବାନନ୍ଦ ବାରିକ ଅଭିଯୋଗ



ବେଦାନ୍ତ ଚିମ୍‌ନିରୁ ବାହାରୁଥିବା ପାଉଁଶ।

ଆଣିଛନ୍ତି। ସେ କହିଛନ୍ତି, ବେଦାନ୍ତ କମ୍ପାନୀର ବେଆଇନ ପାଉଁଶ ଡମ୍ପିଂ ଝାରସୁଗୁଡ଼ା ଜିଲାକୁ ପ୍ରଦୂଷିତ କରିଚାଲିଛି। ପ୍ରକଳ୍ପରୁ ନିର୍ଗତ ଉଡ଼ନ୍ତା ପାଉଁଶ ଜନଜୀବନକୁ ଅସ୍ତବ୍ୟସ୍ତ କରୁଛି। ପ୍ରକଳ୍ପ ଆଖପାଖ ଅଞ୍ଚଳରେ ଲୋକେ ବସବାସ କରିବା ସମ୍ଭବପର ହେଉନାହିଁ। ଏ ନେଇ ଜିଲା ପ୍ରଶାସନ, ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀଙ୍କୁ କହିଲେ କିଛି ସୁଫଳ ମିଳୁନାହିଁ। ଏଥିରେ ଲୋକେ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁମୁଖରେ ପଡୁଥିବା ଦେଖିବାକୁ ମିଳୁଛି। ଏ ସମ୍ପର୍କରେ କମ୍ପାନୀର ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରଣୟ ଶତପଥୀଙ୍କୁ ପଚାରିବାରୁ ସେ କହିଛନ୍ତି, ପ୍ରକଳ୍ପର ଗୋଟିଏ ୟୁନିଟ୍ ବନ୍ଦ ହୋଇଯିବା ଫଳରେ ବୟଲର ଚିମିନ୍‌ରୁ ୧୫ମିନିଟ୍ ପାଇଁ ପାଉଁଶ ଉଡିଥିଲା। ଜିଲା ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀ ହିରଣ୍ୟ କୁମାର ନାୟକଙ୍କୁ ପଚାରିବାରୁ ସେ ଏ ସମ୍ପର୍କରେ ଜାଣି ନ ଥିବା କହିଛନ୍ତି। ଏହାର ତଦନ୍ତ କରି ସମ୍ପୃକ୍ତ କମ୍ପାନୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

# ଆଜି ମୁଖ୍ୟମନ୍ତ୍ରୀଙ୍କ ବ୍ରହ୍ମଗିରି ଗସ୍ତ

### ଚୂଡ଼ାନ୍ତ ପ୍ରସ୍ତୁତିର ସମୀକ୍ଷା କଲେ ମନ୍ତ୍ରୀ, ଜିଲାପାଳ

**ପୁରୀ ଅଫିସ/ବ୍ରହ୍ମଗିରି, ୬।୧୦ (ଡି.ଏନ୍.ଏ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ପୁରୀ ଜିଲାର ବ୍ରହ୍ମଗିରି ଗସ୍ତରେ ଆସିବେ। ସେ ଜିଲାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ୩ଲକ୍ଷ ୭୬ ହଜାର ସ୍ୱାସ୍ଥ୍ୟ ବୀମା କାର୍ଡ ବଣ୍ଟନର ଶୁଭାରମ୍ଭ ଏବଂ ୫୦୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ବିଭିନ୍ନ ପ୍ରକଳ୍ପ ଓ ପ୍ରଶାସନିକ ସୌଧକୁ ଉଦ୍‌ଘାଟନ କରିବେ। ଏ ନେଇ ବୁଧବାର ଚୂଡ଼ାନ୍ତ ପ୍ରସ୍ତୁତି ଓ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ସମୀକ୍ଷା କରାଯାଇଛି। ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା, ଜିଲାପାଳ ସମର୍ଥ ବର୍ମା ଏବଂ ଏସ୍‌ପି କନୱର ବିଶାଲ ସିଂ ପ୍ରମୁଖ ବ୍ରହ୍ମଗିରି ବ୍ଲକ କାର୍ଯ୍ୟାଳୟ, କେରାଣ୍ଡିଆ ସଭାସ୍ଥଳ, ଅସ୍ଥାୟୀ ହେଲିପ୍ୟାଡ୍ ପ୍ରଭୃତି ସ୍ଥାନ ବୁଲି ପ୍ରସ୍ତୁତି ଓ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଅନୁଧାନ କରିଛନ୍ତି। ସୂଚନା ଅନୁଯାୟୀ, ଅପରାହ୍ନ ୩ଟା ୩୦ରେ ନବୀନ ନିବାସରୁ ମୁଖ୍ୟମନ୍ତ୍ରୀ ବ୍ରହ୍ମଗିରି ଅଭିମୁଖେ ବାହାରିବେ। ୩ଟା ୩୫ରେ ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନବନ୍ଦରରେ ପହଞ୍ଚିବେ। ସେଠାରୁ ହେଲିକପ୍ଟର ଯୋଗେ ୩ଟା ୪୦ରେ ଗସ୍ତ ଆରମ୍ଭ କରିବେ। ଅପରାହ୍ନ ୪ଟାରେ ବ୍ରହ୍ମଗିରିସ୍ଥିତ କେରାଣ୍ଡିଆ ଅସ୍ଥାୟୀ ହେଲିପ୍ୟାଡ୍‌ରେ ଅବତରଣ କରି ସଭାସ୍ଥଳକୁ ଯିବେ। ୪ଟା ୨୭ ମିନିଟରେ ସ୍ମାର୍ଟସ୍ୱାସ୍ଥ୍ୟକାର୍ଡ ବଣ୍ଟନର ଶୁଭାରମ୍ଭ ସହ ଭର୍ଚୁଆଲ୍ ମୋଡ୍‌ରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଉଦ୍‌ଘାଟନ କରିବେ। ୪ଟା ୪୩ରେ କାର୍ଯ୍ୟକ୍ରମ ସାରି ଅସ୍ଥାୟୀ ହେଲିପ୍ୟାଡ୍‌ରେ ପହଞ୍ଚିବେ। ସେଠାରୁ ଅପରାହ୍ନ ୪ଟା ୫୦ରେ ହେଲିକପ୍ଟର ଯୋଗେ ବାହାରି ୫ଟା ୧୦ରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚି ନବୀନ ନିବାସକୁ ପ୍ରତ୍ୟାବର୍ତ୍ତନ କରିବେ।





BHUBANESWAR: PATRAPARA: Clean Energy Auto Solutions: 8249292470 BHUBANESWAR: PALASUNI: Prayog Ventures: 9078038200 CUTTACK, SALEPUR: Sri Vinayak Motors: 9777418856 KHORDA: Biren Enterprise: 8763435111 BERHAMPUR: Narayani Motors: 7978662108 PARLAKHEMUNDI: Lakshmi Motors: 9861964707 NABARANGPUR: Mahalaxmi Ent.: 7750906728 DHENKANAL: Shri Sai Scooter House: 9437053994 KEONJHAR: Vinayak Auto: 8984698922 KARANJIA: Nigma Motors: 9437139612 DEOGARH: Kanak Hero: 9437192958 ROURKELA: Utkal Auto: 8280841131 RAJGANGPUR: Aditya E-Auto: 9090111222 BALANGIR: Sai E-Auto: 7008924386, 9439028906 BARGARH & PADAMPUR: Ashish Enterprise: 9777013135 NUAPADA: Khariar Road: Arjun Auto: 9916830687 BOUDH & B. M. PUR: Meher Auto: 7077337726 SAMBALPUR: Padmavati Traders: 9861533155, 8917233654 ANGUL: Parbati Automobiles: 9583060036 JAJPUR TOWN: M B Associates: 9937004477 BHADRAK: Sneha Realcon: 9937325599 BALASORE & JALASWER: Shree Jagannath Motors: 9090142889 BARIPADA: Das Motors: 9437664318 *Also Available at:* DHARMASALA, JARKA: 8763910960 BHUBAN: 7008193597 BILAHATTA: 7683900518 PALSAGUDA: 8018093433 SUNDARPADA, BBSR: 7873966771 TIRNATH BAZAR, KHUDRHA: 9692252873 JATANI: 7008641436 BALASORE, GOPALPUR: 6372366302 SONEPUR, DUNGURIPLI: 9861088895 SONEPUR, BINKA: 7008934577 PURI, PIPIL: 9337359126, 8984798899 NIMAPADA & SAKHIGOPAL, PURI: 9861628242

For Bulk Purchase and Dealership Enquiry, Contact: **9778710780**

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୦୬.୧୦.୨୦୨୧

| | |
|---|---|
| ୯୩, ୭୯୯ ଟଙ୍କା | |
| ସୁନା | ୧୮୦ ମିଲିଗ୍ରାମ |
| ରୁପା | ୧୯.୯୫୦ ଗ୍ରାମ |

## ସଂକ୍ଷେପରେ

### ନାବାଳକଙ୍କୁ ପୋଲିସ ଘୋଷାରି ନେଉଥିବା ଭିଡିଓ ଭାଇରାଲ



ଭୁବନେଶ୍ୱର, ୬।୧୦(ବ୍ୟୁରୋ): ମଞ୍ଚେଶ୍ୱର ଥାନାରେ ଜଣେ ନାବାଳକଙ୍କୁ ଦୁଇ ପୋଲିସ କର୍ମଚାରୀ ଘୋଷାରି ନେଉଥିବା ଭିଡିଓ ବୁଧବାର ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ପ୍ରତ୍ୟକ୍ଷଦର୍ଶୀ ତଥା ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ତାଙ୍କୁ ବଳପୂର୍ବକ ନିଆଯିବା ସହ ମାଡ଼ ମରାଯାଇଥିଲା। ନାବାଳକ ଜଣକ ଥାନା ଭିତରକୁ ଯିବାକୁ ମନା କରୁଥିବାବେଳେ ତାଙ୍କୁ ଟାଣି ଟାଣି ନିଆଯାଇଥିଲା। ତେବେ ଏଭଳି ଘଟଣାକୁ ଥାନା ଅଧିକାରୀ ସୁଧୀର କୁମାର ସାହୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି, ଦିନ ପ୍ରାୟ ୧୧ଟାବେଳେ ସ୍ଥାନୀୟ ବସ୍ତିର ଜଣେ ବ୍ୟକ୍ତି ଚୋରି ସନ୍ଦେହରେ ଜଣେ ନାବାଳକଙ୍କୁ ଥାନାକୁ ନେଇ ଆସିଥିଲେ। ତେଣୁ ତାଙ୍କୁ ପୋଲିସ କର୍ମଚାରୀ ପଚରାଉଚରା କରିବା ପାଇଁ ଥାନାକୁ ଆଣିଥିଲେ। କିନ୍ତୁ ନାବାଳକଙ୍କୁ ମାଡ଼ ମରାଯାଇ ନାହିଁ। କିଛି ସମୟ ପରେ ତାଙ୍କୁ ଘରକୁ ଛଡ଼ା ଯାଇଥିଲା ବୋଲି ସେ କହିଛନ୍ତି।

### ୱାର୍ଲ୍ଡ ଟାଏକୋଣ୍ଡୋ ଓପନ୍ ଚ୍ୟାଲେଞ୍ଜରେ ପୁରୀର ଅଭିଜିତ

**ପୁରୀ ଅଫିସ, ୬।୧୦:** ଅନ୍‌ଲାଇନ୍ ୱାର୍ଲ୍ଡ ଟାଏକୋଣ୍ଡୋ ପୁମ୍‌ସି ଓପନ୍ ଚ୍ୟାଲେଞ୍ଜ ପାଇଁ ପୁରୀ ଗୋପାଳ ବଲ୍ଲଭ ରୋଡସ୍ଥିତ ଅଜୟ କୁମାର ସାହୁଙ୍କ ପୁତ୍ର ଅଭିଜିତ୍ ସାହୁ (୩୦ ବର୍ଷରୁ କମ୍ ପୁରୁଷ ବ୍ଲାକ ବେଲ୍ଟ) ବର୍ଗରେ ସ୍ଥାନ ପାଇଛନ୍ତି। ସେ ପୁରୀର ଏକମାତ୍ର ପ୍ରତିଯୋଗୀ ଭାବେ ମନୋନୀତ ହୋଇଛନ୍ତି। ଓଡ଼ିଶା ଟାଇକୋଣ୍ଡୋ ସଂଘ ସମ୍ପାଦକ ମନମୋହନ ଭଞ୍ଜ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ତାଙ୍କ ସଫଳତା ପାଇଁ ପୁରୀବାସୀ ଓ ପରିବାର ପକ୍ଷରୁ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରାଯାଇଛି। ଆସନ୍ତା ଅକ୍ଟୋବର ୩୧ ତାରିଖ ପର୍ଯ୍ୟନ୍ତ ଏହି ଟୁର୍ନାମେଣ୍ଟ ହେବ।

### ବାରାହାପାଟରେ ବର୍ଷା ପାଣିରେ ବୁଡୁଛି ଧାନ ଫସଲ

**ଜଳ ନିଷ୍କାସନର ସ୍ଥାୟୀ ସମାଧାନ ଦାବି**

**କଟକସଦର, ୬।୧୦ (ଡି.ଏନ.ଏ.) :** ଲଘୁଚାପଜନିତ ବର୍ଷା ହେବାମାତ୍ରେ କଟକ ଜିଲା କିଶନନଗର ତହସିଲ ଅନ୍ତର୍ଗତ ବାରାହାପାଟ ଅଞ୍ଚଳରେ ବର୍ଷା ଜଳ ଜମି ରହୁଛି। ଫଳରେ ୨୦୦ ଏକରରୁ ଊର୍ଦ୍ଧ୍ୱ ଚାଷ ଜମିରେ ଥିବା ଧାନ ଫସଲ ନଷ୍ଟ ହେଉଛି। ପାଟ ଅଞ୍ଚଳରୁ ବର୍ଷାଜଳ ଶୁକ ପାଇକା ନଦୀକୁ ଠିକ୍ ଭାବେ ନିଷ୍କାସିତ ହୋଇପାରୁ ନ ଥିବାରୁ ଏ ପରିସ୍ଥିତି ଉପୁଜିଛି। ଶୀଘ୍ର ବର୍ଷାଜଳ ନିଷ୍କାସନର ବ୍ୟବସ୍ଥା କରିବା ସହ ଏହାର ସ୍ଥାୟୀ ସମାଧାନ ପାଇଁ ଉତ୍କଳ ବିକାଶ ପରିଷଦ ସଭାପତି ପ୍ରକାଶ ଚନ୍ଦ୍ର ସେଠୀ ଜିଲାପାଳ ଭବାନୀଶଙ୍କର ଚୟନୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରତିବର୍ଷ ଡ୍ରେନ ଓ ନାଳ ସଫାରେ ବିପୁଳ ଟଙ୍କା ଖର୍ଚ୍ଚ ହେଉଥିଲେ ମଧ କାର୍ଯ୍ୟ ଠିକ୍ ଭାବେ ହେଉ ନ ଥିବାରୁ ଜଳ ନିଷ୍କାସନ ହୋଇପାରୁନାହିଁ। ବାରହାପାଟ ପୋଲଠାରୁ ଶୁକ ପାଇକା ନଦୀ ପର୍ଯ୍ୟନ୍ତ ସ୍ଥାୟୀ କଂକ୍ରିଟ୍ ଡ୍ରେନ ନିର୍ମାଣ ସହ ଦରକାର ପଡୁଥିବା ଜମି ଅଧିଗ୍ରହଣ ପାଇଁ କୁହାଯାଇଛି। ୬ ମାସ ମଧରେ ମାଷ୍ଟରପ୍ଲାନ ପ୍ରସ୍ତୁତ କରି ନିଷ୍କାସନ ପାଇଁ ସ୍ଥାୟୀ ସମାଧାନର ବାଟ ବାହାର କରିବା ପାଇଁ ଜିଲାପାଳଙ୍କୁ ଅନୁରୋଧ କରାଯାଇଛି।

# ଭୁବନେଶ୍ୱରକୁ ଫେରିଲା କଣ୍ଟେନ୍‌ମେଣ୍ଟ

- ରାଜେନ୍ଦ୍ର ବିହାର ଆପାର୍ଟମେଣ୍ଟ, ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ
- ନୋଟିସ ଲଗାଇ ତାଗିଦା କଲା ବିଏମ୍‌ସି

ଭୁବନେଶ୍ୱର, ୬।୧୦(ବ୍ୟୁରୋ)





ଆପାର୍ଟମେଣ୍ଟ ବାହାରକୁ ଯାଉଥିବା ଜଣେ ବ୍ୟକ୍ତିଙ୍କୁ ବିଏମ୍‌ସି ଅଧିକାରୀ ଅଟକାଇବା ସହ ସିକ୍ୟୁରିଟିଙ୍କୁ ତାଗିଦ କରି ନୋଟିସ ଲଗାଉଛନ୍ତି।

ରାଜଧାନୀ ଭୁବନେଶ୍ୱରକୁ ପୁଣି ଫେରିଛି କଣ୍ଟେନ୍‌ମେଣ୍ଟ। ଏକାଥରକେ ଏକାଧିକ ପଜିଟିଭ୍ ବାହାରିବା ପରେ ଫରେଷ୍ଟ ପାର୍କ ଅଞ୍ଚଳରେ ଥିବା ରାଜେନ୍ଦ୍ର ବିହାର ଆପାର୍ଟମେଣ୍ଟକୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କଣ୍ଟେନମେଣ୍ଟ ଘୋଷଣା କରିଛି। ସମ୍ପୃକ୍ତ ଅଞ୍ଚଳରୁ କେହି ଆସିପାରିବେ ନାହିଁ କି ସେଠାକୁ କେହି ଯାଇପାରିବେ ନାହିଁ। କଣ୍ଟେନମେଣ୍ଟ ଜୋନ୍‌ରେ ବିଏମ୍‌ସି ଅତ୍ୟାବଶ୍ୟକ ସାମଗ୍ରୀ ଓ ମେଡିକାଲ ଆବଶ୍ୟକତା ଯୋଗାଇଦେବ। ୫୨ ନମ୍ବର ୱାର୍ଡରେ ଥିବା ଏହି ଆପାର୍ଟମେଣ୍ଟରେ ୩୦୦ ପରିବାର ରହୁଛନ୍ତି। ୧୧ଟି ପରିବାରରୁ ପ୍ରାୟ ୨୦ଜଣ ପିଜିଟିଭ୍ ଚିହ୍ନଟ ହୋଇଛନ୍ତି। ତେବେ ଏମାନେ ସମସ୍ତେ ସ୍ଥାନୀୟ ଆକ୍ରାନ୍ତ ବୋଲି ଜଣାପଡିଥିବାବେଳେ ବିଏମ୍‌ସି ସେମାନଙ୍କ କଣ୍ଟାକ୍ଟ ଟ୍ରେସିଂ ଆରମ୍ଭ କରିଛି। ଏଥିସହ ସମସ୍ତ ବାସିନ୍ଦାଙ୍କ ଟେଷ୍ଟିଂକୁ ବାଧ୍ୟତାମୂଳକ କରାଯାଇଛି। ସକାଳୁ ବିଏମ୍‌ସିର ଅଧିକାରୀମାନେ ଉକ୍ତ ଆପାର୍ଟମେଣ୍ଟରେ ପହଞ୍ଚି କଣ୍ଟେନମେଣ୍ଟ ଘୋଷଣା କରିବା ସହ କମିଶନରଙ୍କ ପକ୍ଷରୁ ଜାରି କଟକଣା ନୋଟିସ ଲଗାଇଥିଲେ। ଏହାସତ୍ତ୍ୱେ ସେଠାକୁ ଲୋକଙ୍କ ଯିବାଆସିବା ଚାଲିଥିବା ସମ୍ପର୍କରେ ସୂଚନା ପାଇ ବିଏମ୍‌ସି ଟିମ୍ ଅପରାହ୍ନରେ ପହଞ୍ଚିଥିଲା। ସେହି ସମୟରେ ମଧ କେତେଜଣ ବ୍ୟାଗ୍ ଧରି ବାହାରକୁ ବାହାରୁଥିବା ଦେଖି ଅଧିକାରୀମାନେ ସେମାନଙ୍କୁ ଅଟକାଇ ତାଗିଦା କରିବା ସହ ସିକ୍ୟୁରିଟି ଗାର୍ଡଙ୍କୁ ତୁରନ୍ତ ଫାଟକ ବନ୍ଦ କରିବାକୁ କହିଥିଲେ। ଏଥିସହ ସେମାନେ ଆପାର୍ଟମେଣ୍ଟ ଫାଟକ ସଂଲଗ୍ନ ଦୋକାନ ଓ ବ୍ୟବସାୟିକ ପ୍ରତିଷ୍ଠାନରେ ବନ୍ଦ ନୋଟିସ ଲଗାଇଥିଲେ। ପରେ ବିଏମ୍‌ସି ପକ୍ଷରୁ କଣ୍ଟେନ୍‌ମେଣ୍ଟ ଅଞ୍ଚଳକୁ ସାନିଟାଇଜ୍ କରାଯାଇଥିଲା।

### ୫୯୩ ନୂଆ ଆକ୍ରାନ୍ତ ମଧରୁ ଖୋର୍ଦ୍ଧାରୁ ୨୯୦

ରାଜ୍ୟରେ କରୋନା ତଳମୁହାଁ ଥିଲେ ମଧ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ପଜିଟିଭ ଚିହ୍ନଟ ହେଉଛନ୍ତି। ଗତ ୨୪ ଘଣ୍ଟାରେ ରାଜ୍ୟରେ ୫୯୩ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ କେବଳ ଖୋର୍ଦ୍ଧା ଜିଲାରୁ ୨୯୦ଜଣ ରହିଛନ୍ତି। ଏହାକୁ ମିଶାଇ ରାଜ୍ୟରେ ଏବେ ମୋଟ ଆକ୍ରାନ୍ତ ସଂଖ୍ୟା ୧୦,୨୯,୪୧୨କୁ ବୃଦ୍ଧି ପାଇଛି। ସେପଟେ ରାଜ୍ୟରେ ଆଉ ୪ଜଣଙ୍କ କରୋନାରେ ମୃତ୍ୟୁ ଘଟିଛି। ମୃତକଙ୍କ ମଧରେ ଖୋର୍ଦ୍ଧା ଓ କଟକରୁ ୨ଜଣ ଲେଖାଏ ରହିଛନ୍ତି। ଫଳରେ ରାଜ୍ୟରେ କରୋନାଜନିତ ମୃତ୍ୟୁ ୮,୨୨୭ରେ ପହଞ୍ଚିଛି।



ଭୁବନେଶ୍ୱରରେ କରୋନାସ୍ଥିତିକୁ ଦୃଷ୍ଟିରେ ରଖି ସଂକ୍ରମଣ ଏଡାଇବା ଲାଗି ବିଏମ୍‌ସି ପକ୍ଷରୁ ଐତିହ୍ୟ ବିନ୍ଦୁସାଗର ପୁଷ୍କରିଣୀରେ କଟକଟଣା ଲଗାଯାଇଥିବାରୁ ବୁଧବାର ମହାଳୟାରେ ଲୋକମାନେ ଲିଙ୍ଗରାଜ ମାର୍କେଟ ପାର୍ଶ୍ୱରେ ପିଣ୍ଡଦାନ ଦେଉଛନ୍ତି।

## କଟକଣା ସତ୍ତ୍ୱେ ପିଣ୍ଡଦାନ କଲେ ଶ୍ରଦ୍ଧାଳୁ

ପୁରୁଣା ଭୁବନେଶ୍ୱର,୬।୧୦(ଡି.ଏନ୍.ଏ.):

ମହାଳୟା ଅପରପକ୍ଷ ପିଣ୍ଡଦାନର ବୁଧବାର ଶେଷ ଦିବସ ଥିଲା। ବିନ୍ଦୁସାଗରରେ ପିଣ୍ଡଦାନ ପାଇଁ ଭିଡ଼ ସମ୍ଭାବନା ଥିବାରୁ ବିଏମ୍‌ସି ପକ୍ଷରୁ କଟକଣା କରାଯାଇଥିଲା। ପୁଷ୍କରିଣୀ କୂଳରେ ପିଣ୍ଡଦାନ, ଅନ୍ନ ଭୋଗ ପାଇଁ ମନା କରାଯାଇଥିଲା। କିନ୍ତୁ ପ୍ରାତଃରୁ ଶ୍ରଦ୍ଧାଳୁମାନେ ବିନ୍ଦୁସାଗର କୂଳକୁ ଛାଡ଼ି କେଦାର ଗୌରୀ ରାସ୍ତା, ନୂଆ ମାର୍କେଟ କମ୍ପ୍ଲେକ୍ସ, ତଳ ବଜାର, ଉତ୍ତରେଶ୍ୱର ଘାଟ ଆଦି ସ୍ଥାନରେ ଲୋକେ ପିଣ୍ଡଦାନ କରୁଥିବା ଦେଖିବାକୁ ମିଳିଥିଲା। ତଦାରଖ ପାଇଁ କୌଣସି ବିଏମ୍‌ସି ଅଧିକାରୀ କିମ୍ବା ପୋଲିସ ନ ଥିଲେ।

## ଛାତ୍ର ସଂସଦ ନିର୍ବାଚନ ପାଇଁ ଆନ୍ଦୋଳନ କରିବ ଛାତ୍ର କଂଗ୍ରେସ

ଭୁବନେଶ୍ୱର,୬।୧୦(ବ୍ୟୁରୋ)

ପ୍ରଦେଶ ଛାତ୍ର କଂଗ୍ରେସର କାର୍ଯ୍ୟକାରିଣୀ ବୈଠକ ବୁଧବାର ରାଜ୍ୟ କଂଗ୍ରେସ ଭବନରେ ଅନୁଷ୍ଠିତ ହୋଇଛି। ଏଥିରେ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରାଯାଇଛି। ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ ଅଧ୍ୟକ୍ଷତା କରି କହିଛନ୍ତି, ଶିକ୍ଷାନୁଷ୍ଠାନଗୁଡିକରେ ଛାତ୍ର ସଂସଦ ନିର୍ବାଚନ ବନ୍ଦ କରି ମୁଖ୍ୟମନ୍ତ୍ରୀ ଛାତ୍ରୀଛାତ୍ରଙ୍କ ନେତୃତ୍ୱ ଭାବନାକୁ ହତ୍ୟା କରୁଛନ୍ତି। ଛାତ୍ର ସଂସଦ ନିର୍ବାଚନ କରିବା ପାଇଁ ଛାତ୍ର କଂଗ୍ରେସ ରାଜ୍ୟବ୍ୟାପୀ ଆନ୍ଦୋଳନ କରିବ। ସେହିପରି ଓଡ଼ିଶା ଷ୍ଟାଫ୍ ସିଲେକ୍ସନ ନିଯୁକ୍ତି ଦୁର୍ନୀତି ପ୍ରସଙ୍ଗକୁ ନେଇ ଛାତ୍ର କଂଗ୍ରେସ ରାଜ୍ୟର ସମସ୍ତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଆଗରେ ବିକ୍ଷୋଭ କରିବ ବୋଲି ସେ କହିଛନ୍ତି।

# ବିଏଡ୍ ଶିକ୍ଷକ ମହାସଂଘର ଆନ୍ଦୋଳନ ଚେତାବନୀ

**ବରିଷ୍ଠତା ଭିତ୍ତିରେ ପଦୋନ୍ନତି ଦାବି**

ଭୁବନେଶ୍ୱର, ୬।୧୦(ବ୍ୟୁରୋ)

ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ବିଏଡ୍ ଶିକ୍ଷକଙ୍କୁ ରାଜ୍ୟ ସରକାରଙ୍କ ବାରମ୍ବାର ଅବହେଳାର ପ୍ରତିବାଦ ଜଣାଇଛି ଓଡ଼ିଶା ପ୍ରାଥମିକ ବିଏଡ୍ ଶିକ୍ଷକ ମହାସଂଘ। ସରକାର ବିଏଡ୍ ଭିତ୍ତିରେ ନିଯୁକ୍ତ ଶିକ୍ଷକଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ ପରିବର୍ତ୍ତେ ଠକି ଚାଲିଛନ୍ତି। ସରକାର ତୁରନ୍ତ ନ୍ୟାୟ ପାଇଁ ପଦକ୍ଷେପ ନ ନେଲେ ମହାସଂଘ ବ୍ଲକ ସ୍ତରରୁ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ଆରମ୍ଭ କରି ରାଜ୍ୟସ୍ତରରେ ମହାଆନ୍ଦୋଳନକୁ ଓହ୍ଲାଇବ ବୋଲି ମହାସଂଘର ରାଜ୍ୟ ସଭାପତି ଅଜୟ କୁମାର ଧଳ ଚେତାବନୀ ଦେଇଛନ୍ତି। ବୁଧବାର ଆୟୋଜିତ ବୈଠକରେ ସେ କହିଛନ୍ତି, ସରକାର ପ୍ରାଥମିକ ବିଏଡ୍ ଶିକ୍ଷକଙ୍କୁ ବିଜ୍ଞାପନ ଆଧାରରେ ନିଯୁକ୍ତି ଦେଉଥିଲେ ମଧ ସେହି ଆଧାରରେ ଦରମା ପ୍ରଦାନ କରୁନାହାନ୍ତି। ପଦୋନ୍ନତି କ୍ଷେତ୍ରରେ ପ୍ରାଥମିକତା ମଧ ପ୍ରଦାନ କରାଯାଉନାହିଁ। ଯୁକ୍ତ୨ ସିଟି ପଦବୀରେ ନିଯୁକ୍ତ ଶିକ୍ଷକ ପରବର୍ତ୍ତୀ ସମୟରେ ଯୋଗ୍ୟତା ବୃଦ୍ଧି କରି ବରିଷ୍ଠତା ଭିତ୍ତିରେ ପଦୋନ୍ନତିର ସୁଯୋଗ ଲାଭ କରୁଥିବାବେଳେ ବିଏଡ୍ ଭିତ୍ତିରେ ନିଯୁକ୍ତ ଶିକ୍ଷକମାନେ ଏଥିରୁ ବଞ୍ଚିତ ହେଉଛନ୍ତି। ଏହାକୁ ସଂଘ ଘୋର ବିରୋଧ କରୁଛି। ସେହିଭଳି ମହାସଚିବ ଉମେଶ ଚନ୍ଦ୍ର ନାୟକ କହିଛନ୍ତି, ମୂଳ ନିଯୁକ୍ତି ପଦବୀକୁ ଧରି ପଦୋନ୍ନତି ପ୍ରକ୍ରିୟା କରିବାକୁ ସଂଘ ରାଜ୍ୟ ସରକାରଙ୍କୁ ଅନୁରୋଧ ଜଣାଉଛି। ସରକାର ଏସବୁ ଦିଗରେ ଦୃଢ଼ ପଦକ୍ଷେପ ନେଲେ ବିଏଡ୍ ଶିକ୍ଷକମାନେ ନ୍ୟାଯ୍ୟ ଦାବି ହାସଲ କରିପାରିବେ। ବୈଠକରେ ରାଜ୍ୟ ସଂଘର ସାଧାରଣ ସମ୍ପାଦକ ଦେବେନ୍ଦ୍ର କୁମାର ନାୟକ, କାର୍ଯ୍ୟକାରୀ ସଭାପତି ସରୋଜ କୁମାର ପଣ୍ଡା, ଆବାହକ ପ୍ରଦ୍ୟୁମ୍ନ ବାରିକ ପ୍ରମୁଖ ଯୋଗଦେଇ ସରକାରଙ୍କ ବିଏଡ୍ ଶିକ୍ଷକ ମାରଣ ନୀତିର ତୀବ୍ର ବିରୋଧ କରିଥିଲେ।

# ଅଷ୍ଟମୀରେ ଖେଚୁଡ଼ି, ଦଶମୀରେ ଦହି ପଖାଳ

ଭୁବନେଶ୍ୱର, ୬।୧୦ (ବ୍ୟୁରୋ)



**ସାର୍ବଜନୀନ ଦୁର୍ଗାପୂଜା ସମିତି, ଭିଏସ୍‌ଏସ୍ ନଗର**

ଦେବୀ ଦଶଭୁଜାଙ୍କ ପୂଜା ପାଇଁ ତତ୍ପର ରାଜଧାନୀର ଆୟୋଜକ। ଗତବର୍ଷ ଭଳି ଏଥର ମଧ କଟକଣା ଲାଗିଥିବାରୁ ବିଭିନ୍ନ ପୂଜା କମିଟି ସେହି ଅନୁସାରେ ପ୍ରସ୍ତୁତି ଚଳାଇଛନ୍ତି। କରୋନା ଗାଇଡ୍‌ଲାଇନ ପାଳନ ପୂର୍ବକ ପୂଜା ଆୟୋଜନ କରୁଛି ଭିଏସ୍‌ଏସ୍‌ନଗର ସାର୍ବଜନୀନ ଦୁର୍ଗାପୂଜା ସମିତି। ଚଳିତ ବର୍ଷ ଏଠାରେ ଦୁର୍ଗାପୂଜା ୪୩ ବର୍ଷରେ ପଦାର୍ପଣ କରିଥିବାବେଳେ କମିଟି ସଦସ୍ୟଙ୍କ ସଂଖ୍ୟା ୩ଶହ ଟପିଛି। ସୁନିଆଁ ତିଥିରୁ କୁଆଖାଇ ନଦୀରୁ ମାଟି ଅନୁକୂଳ ହେବା ସହିତ ମା'ଙ୍କ ପ୍ରତିମା ନିର୍ମାଣ ଚାଲିଛି। ପାହାଳ ନୂଆଁପାଟଣା ଗ୍ରାମର କାରିଗର ରବୀନ୍ଦ୍ର ରଣା ମୂର୍ତ୍ତି ନିର୍ମାଣ ଦାୟିତ୍ୱ ନେଇଛନ୍ତି। ଜରି ମେଢ, ଆଲୋକ ତୋରଣରେ ମା'ଙ୍କୁ ସଜ୍ଜିତ ନ କରି କେବଳ ପ୍ଲାଏ ବୋର୍ଡରେ ମଣ୍ଡପକୁ ସଜା ଯିବ। ଏଥିପାଇଁ ଦେଢ ଲକ୍ଷ ଟଙ୍କାର ବଜେଟ୍ ରଖାଯାଇଥିବାବେଳେ କୌଣସି ଦାନ ସଂଗ୍ରହ ହେବ ନାହିଁ। ଦଶହରା ଭିଏସ୍‌ଏସ୍‌ନଗରର କଲୋନୀ ପୂଜା ହୋଇଥିବାରୁ ଏଠାରେ ପ୍ରତିବର୍ଷ ଅଧିକ ସଂଖ୍ୟକ ଭୋଗ ଡାଲା ଆସେ ଓ ଅଧିକ ଗାଡି ପୂଜା ହୁଏ। ମାତ୍ର ଚଳିତ ବର୍ଷ ପୂଜା ମଣ୍ଡପକୁ ଭକ୍ତଙ୍କୁ ମନା ଥିବାରୁ ଭୋଗ ଡାଲା ଆସିବ ନାହିଁ କି ଗାଡି ପୂଜା ହେବ ନାହିଁ। ପ୍ରତିବର୍ଷ ଭଳି ଏଥର ମଧ ଅଷ୍ଟମୀରେ ଖେଚୁଡି, ଡାଲମା ଓ ଦଶମୀରେ ଦହି ପଖାଳ, ଶାଗ ଭଜା ଭୋଗ ଲାଗି କରାଯିବ। ହେଲେ ଶ୍ରଦ୍ଧାଳୁମାନେ ଏହି ପ୍ରସାଦ ପାଇବାରୁ ବଞ୍ଚିତ ହେବେ। ସେହିପରି ନବମୀ ଭଜନ କିମ୍ବା ଭଷାଣୀ ଯାତ୍ରା ହେବ ନାହିଁ ବୋଲି ସମିତି ପକ୍ଷରୁ ସୂଚନା ଦିଆଯାଇଛି।

### ସନ୍ଧି ପୂଜାରେ ଘରେ ଘରେ ଦୀପ ଲଗାଯିବ



ଦଶହରାର ମୁଖ୍ୟ ହେଉଛି ସନ୍ଧି ପୂଜା। ଅଷ୍ଟମୀ ଶେଷ ଓ ନବମୀ ଆରମ୍ଭରେ ସନ୍ଧ୍ୟା ସମୟରେ ଏହି ପୂଜା ହୋଇଥାଏ। ଏଥିପାଇଁ ପ୍ରତି ଘରୁ ଭୋଗ ଡାଲା ସହ ମଣ୍ଡପରେ ଦୀପ ଦାନ କରାଯାଇଥାଏ। ତେବେ ଏଥର କଟକଣା ପାଇଁ ଦୀପ ଦାନ କରିବାକୁ କେହି ଆସି ପାରିବେ ନାହିଁ। ତେଣୁ ୧୩ ତାରିଖ ସନ୍ଧ୍ୟା ୭ଟା ୨୫ରେ ନିଜ ଘରେ ରହି ଦୀପଦାନ କରିବାକୁ ଅନୁରୋଧ କରୁଛୁ।

**–ଦିଲୀପ ଦାଶଶର୍ମା, ସମିତିର ବରିଷ୍ଠ ସଦସ୍ୟ**

# ଉତ୍କଳ ବିଶ୍ୱବିଦ୍ୟାଳୟ ମନସ୍ତତ୍ତ୍ୱ ବିଭାଗର ହୀରକ ଜୟନ୍ତୀ

ଭୁବନେଶ୍ୱର,୬।୧୦(ବ୍ୟୁରୋ)

ଉତ୍କଳ ବିଶ୍ୱବିଦ୍ୟାଳୟ ମନସ୍ତତ୍ତ୍ୱ ବିଭାଗର ହୀରକ ଜୟନ୍ତୀର ଉଦଘାଟନୀ ଉତ୍ସବ ବୁଧବାର ଭର୍ଚୁଆଲ୍‌ରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ହୀରକ ଜୟନ୍ତୀର ଲୋଗୋ ଉନ୍ମୋଚିତ ହୋଇଥିଲା। ହୀରକ ଜୟନ୍ତୀ ବର୍ଷ ପାଳନ ନିମନ୍ତେ ଆୟୋଜିତ ହେବାକୁ ଥିବା ସମସ୍ତ କାର୍ଯ୍ୟକ୍ରମର ରୂପରେଖ ପ୍ରସ୍ତୁତ ହୋଇଥିଲା। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ଏହାକୁ ଉଦ୍‌ଘାଟନ କରିବା ସହ ପୁରାତନ ଛାତ୍ରୀଛାତ୍ର, ପ୍ରାଧ୍ୟାପକ, ରିସର୍ଚ୍ଚ ସ୍କଲାର ଏବଂ ଭାରତ ତଥା ବିଦେଶ ସ୍ଥିତ ଛାତ୍ରୀଛାତ୍ରଙ୍କୁ ସମ୍ବୋଧିତ କରିଥିଲେ। ଏଥିସହ ଏହି ବିଭାଗରୁ ସୃଷ୍ଟି ସୁଯୋଗ୍ୟ ତଥା ଦକ୍ଷ ବ୍ୟକ୍ତିତ୍ୱଙ୍କ ମଧରେ ଓଡ଼ିଶାରେ ମନସ୍ତତ୍ତ୍ୱର ପ୍ରତିଷ୍ଠାତା ତଥା ଜନକ ସ୍ୱର୍ଗତ ପ୍ରଫେସର ରାଧାନାଥ ରଥ, ପ୍ରଫେସର ଜେ.ପି. ଦାସ, ପ୍ରଫେସର ସରୋଜ ମିଶ୍ର, ସ୍ୱର୍ଗତ ପ୍ରଫେସର ବି.ଏନ୍. ପୁହାଣ, ପ୍ରଫେସର ଅଜିତ କୁମାର ମହାନ୍ତି, ପ୍ରଫେସର ଉଦୟ ନାଥ ଦାଶ ପ୍ରମୁଖଙ୍କ ସମ୍ବନ୍ଧରେ ଆଲୋଚନା କରିଥିଲେ। ସମାରୋହରେ ବିଶ୍ୱବିଖ୍ୟାତ ସଜ୍ଞାନାତ୍ମକ ମନସ୍ତତ୍ତ୍ୱବିତ୍ ତଥା ବିକାଶାତ୍ମକ ଓ ଶିକ୍ଷାଗତ ଅକ୍ଷମତା କେନ୍ଦ୍ରର ନିର୍ଦ୍ଦେଶକ ଏବଂ ଆଲବର୍ଟା ବିଶ୍ୱବିଦ୍ୟାଳୟ ଓ ଉତ୍କଳ ବିଶ୍ୱବିଦ୍ୟାଳୟ ମନସ୍ତତ୍ତ୍ୱ ବିଭାଗର ପୂର୍ବତନ ପ୍ରାଧ୍ୟାପକ ପ୍ରଫେସର ଜେ. ପି. ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ପିଜି କାଉନସିଲ୍ ଅଧ୍ୟକ୍ଷ ପ୍ରଫେସର ବସନ୍ତ କୁମାର ମଲ୍ଲିକ ଯୋଗଦେଇ ବିଭାଗର ବିକାଶ ଓ ଉନ୍ନତି ସଂକ୍ରାନ୍ତରେ କହିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ ମନସ୍ତତ୍ତ୍ୱ ବିଭାଗ ମୁଖ୍ୟ ପ୍ରଫେସର ଭାସ୍ୱତୀ ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଲୁସି ସୋନାଲି ହେମ୍ବ୍ରମ୍ ଧନ୍ୟବାଦ ଦେଇଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ସନ୍ତୋଷ



@ ସସ୍ମିତା



@ ବିଶ୍ୱଜିତ୍



@ ପ୍ରକାଶ



@ କାର୍ତ୍ତିକ



@ ତପନ



@ ଉଜଳା

## କଲେଜର ନବୀକରଣ କରାଯିବ: ମୋକିମ

**କଟକ ଅଫିସ:** ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମ ବୁଧବାର ଥୋରିଆ ସାହିସ୍ଥିତ ବୀରେନ ମିତ୍ର ମେମୋରିଆଲ ମହିଳା କଲେଜ ପରିଦର୍ଶନ କରିଥିଲେ। କଲେଜର ଉନ୍ନତୀକରଣ ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରି ପଦକ୍ଷେପ ନେବେ ବୋଲି ମୋକିମ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ଶ୍ରେଣୀଗୃହ, ଅଧାପକ କମନରୁମ, ପରିସ୍ରାଗାର, ପାଠାଗାର ଓ ଅଫିସ ଗୃହର ନବୀକରଣ ସମ୍ପର୍କରେ ମୋକିମ ସୂଚନା ଦେଇଥିଲେ। କଲେଜ ଅଧ୍ୟକ୍ଷ ପ୍ରହ୍ଲାଦ ଚନ୍ଦ୍ର ବିଶ୍ୱାଳ, କୃଷ୍ଣ ଗୋବିନ୍ଦ ଦାସ, ଅଜୟ କୁମାର ସିହ୍ନା, ସୁରେନ୍ଦ୍ର ଭୂୟାଁ ପ୍ରମୁଖ ବିଧାୟକ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ।

## ସଂକ୍ଷେପରେ

### ପୂର୍ବ ଶତ୍ରୁତାରୁ ବ୍ୟବସାୟୀଙ୍କୁ ଛୁରାମାଡ଼

**କଟକ ଅଫିସ,୬।୧୦:** ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ବୁଧବାର ସନ୍ଧ୍ୟାରେ ଜଣେ ବ୍ୟବସାୟୀଙ୍କୁ ଛୁରାମାଡ ହୋଇଛି। ସେ ହେଲେ ଯୋବ୍ରା ମହଲ୍ଲାସାହିର ଆଇସକ୍ରିମ ଫ୍ୟାକ୍ଟ୍ରି ମାଲିକ ପ୍ରଭାତ ସାହୁ। ଗୁରୁତର ଅବସ୍ଥାରେ ତାଙ୍କୁ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପୋଲିସ ସୂଚନା ମୁତାବକ, ପ୍ରଭାତ ଓ ସେହି ଅଞ୍ଚଳର ଚୌଧୁରୀ ସୁମନ ସାମଲଙ୍କ ମଧରେ ପୂର୍ବରୁ ଶତ୍ରୁତା ଲାଗି ରହିଥିଲା। ସନ୍ଧ୍ୟାରେ ପ୍ରଭାତ ଯୋବ୍ରା ଛକ ଦେଇ ଘରକୁ ଚାଲିଚାଲି ଆସୁଥିବାବେଳେ ସୁମନଙ୍କ ସହିତ ବଚସା ହୋଇଥିଲା। ଏଥିରେ ସୁମନ ଉତ୍‌କ୍ଷିପ୍ତ ହୋଇ ଏକ ଧାରୁଆ ଛୁରିରେ ପ୍ରଭାତଙ୍କ ବେକରେ ଭୁଶି ଦେଇଥିଲେ। ମାଲଗୋଦାମ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ପ୍ରଭାତଙ୍କୁ ଏସ୍‌ସିବିରେ ଭର୍ତ୍ତି କରିବା ସହ ସୁମନଙ୍କୁ ଅଟକ ରଖିଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।

### ୨ ପୁସ୍ତକ ଉନ୍ମୋଚିତ

**କଟକ ଅଫିସ,୬।୧୦:** ସିଡିଏସ୍ଥିତ ରାଇସିନା ପ୍ୟାଲେସଠାରେ ଖବରଦାତା, ସ୍ତମ୍ଭକାର, ସାମାଜିକ କର୍ମୀ ଅରୁଣ କୁମାର ପଣ୍ଡାଙ୍କ ଦୁଇଟି ପୁସ୍ତକ 'ମସୀ ମୁହ୍ୱର' ଓ 'ନିର୍ବାଚିତ ନିବନ୍ଧ' ମଙ୍ଗଳବାର ଉନ୍ମୋଚିତ ହୋଇଯାଇଛି। ଏଥିରେ ଜଷ୍ଟିସ ଦୁର୍ଗା ପ୍ରସାଦ ଚୌଧୁରୀ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ବିଧାୟକ ମହମ୍ମଦ ମୋକିମ, ଜିଲାପାଳ ଭବାନୀ ଶଙ୍କର ଚୟନୀ, ପ୍ରଫେସର କୃପାସିନ୍ଧୁ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ପ୍ରଫେସର ବାବାଜୀ ଚରଣ ପଟ୍ଟନାୟକ ପୁସ୍ତକ ଦୁଇଟିର ସମୀକ୍ଷା କରିବା ପରେ ସନ୍ଥ ବ୍ରହ୍ମଚାରୀ ରବୀନ୍ଦ୍ରନାଥ ଦାସ ଆଶୀର୍ବଚନ ଦେଇଥିଲେ। ବିଶିଷ୍ଟ କଣ୍ଠଶିଳ୍ପୀ ସୁବାସ ଦାଶ, ଶୁଭଲକ୍ଷ୍ମୀ ଦାଶ, ଜୟଶ୍ରୀ ଧଳ, ଇଂ. ସରୋଜ ମିଶ୍ର, ମଞ୍ଜୁ ମିଶ୍ର ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ। ଅନ୍ୟମାନଙ୍କ ମଧରେ ଭାରତ ମସଲା ଅଧକ୍ଷ ସୁରେନ୍ଦ୍ରନାଥ ପଣ୍ଡା, ବିକଳି କର ଫାଉଣ୍ଡେଶନ ଅଧକ୍ଷ ପ୍ରଶାନ୍ତ କର, ସାହିତ୍ୟିକ ବିଷ୍ଣୁ ଚରଣ ମିଶ୍ର, ବରିଷ୍ଠ ସାମ୍ବାଦିକ ଡ. ସତ୍ୟ ରାୟ, ପ୍ରଫେସର କୈଳାଶଚନ୍ଦ୍ର ମହାପାତ୍ର ଏବଂ ବିଷ୍ଣୁଚରଣ ଦାସସାମନ୍ତ ପ୍ରମୁଖ ଶୁଭେଚ୍ଛା ଜଣାଇଥିଲେ। ପୂର୍ବତନ ଇଞ୍ଜିନିୟର ଇନ୍ ଚିଫ୍ ପ୍ରଦୀପ ଶତପଥୀ ଧନ୍ୟବାଦ ଦେଇଥିଲେ।

### ଆସାମର ନିଖୋଜ ଯୁବକ ଖଣ୍ଡିଆରୀପୁରରୁ ଉଦ୍ଧାର

**କଣ୍ଟାପଡା,୬।୧୦(ଡି.ଏନ୍.ଏ.):** କଟକ ଜିଲା ଓଲଟପୁର ଥାନା ଅଧୀନ ଖଣ୍ଡିଆରୀପୁରରେ ଥିବା ଏକ ଅଟା ମିଲ୍‌ରେ ବାଟଭୁଲି ଆସି ରହୁଥିବା ଜଣେ ଆସାମ ଯୁବକଙ୍କୁ ବୁଧବାର ଉଦ୍ଧାର କରାଯାଇଛି। ସେ ହେଲେ ଆସାମ ବାସ୍କା ଜିଲା ଅନ୍ତର୍ଗତ ଶିମ୍ଲା ଥାନା କୋକଲାବାରି ଗ୍ରାମର ସିଯୋୟ୍ ବସମତରାୟ(୪୦)। ଗତ ଅଗଷ୍ଟ ୨୧ତାରିଖରେ ସେ ବାଙ୍ଗାଲୋରକୁ କାମ କରିବାକୁ ଆସୁଥିବାବେଳେ ବାଟ ଭୁଲି ଓଲଟପୁର ଥାନାସ୍ଥିତ ବାଗଲପୁର ବଜାରରେ ବୁଲୁଥିଲେ। ସେଠାରେ କେତେଜଣ ବ୍ୟକ୍ତି ତାଙ୍କୁ ନେଇ ଖଣ୍ଡିଆରୀପୁରଠାରେ ଥିବା ଅଟା ମିଲ୍‌ରେ ଛାଡି ଦେଇଥିଲେ। ସେଠାରେ ସେ ରହିବା ପରେ ତାଙ୍କଠାରୁ ଠିକଣା ଆଣି ମିଲ୍‌ମାଲିକ ତାଙ୍କ ଘର ଠିକଣାରେ ଏକ ଚିଠି ପଠାଇଥିଲେ। ଉକ୍ତ ଚିଠିପାଇ ବଡଭାଇ ଅଯୋୟ୍ ବସ୍‌ମତରାୟ୍ ଓ ଭିଣୋଇ ଚନ୍ଦ୍ରକାନ୍ତ ବୁଧବାର ଖଣ୍ଡିଆରୀପୁରରେ ପହଞ୍ଚି ସିଯୋୟଙ୍କୁ ନେଇ ଆସାମ ଫେରି ଯାଇଥିଲେ।

# ଚଳିତବର୍ଷ ୪ କୋଟିରୁ ଊର୍ଦ୍ଧ୍ୱ ବ୍ରାଉନ୍‌ସୁଗାର ଜବତ

**କଟକ ଅଫିସ,୬।୧୦**

ଚଳିତବର୍ଷ କଟକ ସହରାଞ୍ଚଳ ପୋଲିସ ମୋଟ୍ ୪ କିଲୋ ୬୪୬ ଗ୍ରାମ ବ୍ରାଉନସୁଗାର ଜବତ କରିଛି। ଏହାର ଆନୁମାନିକ ମୂଲ୍ୟ ୪କୋଟି ୬୪ ଲକ୍ଷ ଟଙ୍କା ହେବ। ଏହି ଘଟଣାରେ ୩୦ଜଣ ନିଶା ବେପାରୀଙ୍କୁ ଗିରଫ କରାଯାଇଛି ବୋଲି କଟକ ଡିସିପିଙ୍କ କାର୍ଯ୍ୟାଳୟରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଡିସିପି ପ୍ରତୀକ୍ ସିଂ ସୂଚନା ଦେଇଛନ୍ତି। ସେ କହିଛନ୍ତି, ମଙ୍ଗଳବାର ଦରଘାବଜାର ପୋଲିସ ୨୬୮ ଗ୍ରାମ ବ୍ରାଉନ୍‌ସୁଗାର ଜବତ କରିବା ସହ ୩ଜଣ ନିଶା ବେପାରୀଙ୍କୁ ଗିରଫ କରିଛି। ସେମାନେ ହେଲେ ବାଲିଅନ୍ତା ଥାନା


ଗିରଫ ୩ ଅଭିଯୁକ୍ତ। ଜବତ ବ୍ରାଉନ୍‌ସୁଗାର, ମୋବାଇଲ ଓ ଟଙ୍କା।

### ପୁଣି ୨୬୮ ଗ୍ରାମ୍ ଜବତ, ୩ ଗିରଫ

ଅଧୀନ ଜଗନ୍ନାଥପୁରର ବାପି ନାୟକ, ନିଆଳି ଥାନା ଦୀଘି ଗ୍ରାମର ଗୋପୀନାଥ ପାତ୍ର ଓ ବିବେକାନନ୍ଦ ଜେନା। ସେମାନଙ୍କଠାରୁ ଗୋଟିଏ ବାଇକ, ସ୍କୁଟି, ୧ଲକ୍ଷ ୨୦ ହଜାର ଟଙ୍କା ଓ ୪ଟି ମୋବାଇଲ ଫୋନ ଜବତ କରାଯାଇଛି। ମଙ୍ଗଳବାର ରାତି ପ୍ରାୟ ୮ଟାରେ ୩ ଅଭିଯୁକ୍ତ ସ୍ଥାନୀୟ ଜେଲ ପଡିଆ ନିକଟରେ ସ୍ଥାନୀୟ ନିଶା ବ୍ୟବସାୟୀଙ୍କୁ ବ୍ରାଉନ୍‌ସୁଗାର ଯୋଗାଇବା ପାଇଁ ଏକାଠି ହୋଇଥିବା ଦରଘାବଜାର ଆଇଆଇସି ପ୍ରଦୀପ ଜେନାଙ୍କୁ ଖବର ମିଳିଥିଲା। ପରେ ଏସ୍‌ଆଇ ଜଗନ୍ନାଥ ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାସ୍ଥଳରେ ଚଢାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ସେମାନଙ୍କଠାରୁ ଜବତ ହୋଇଥିବା ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୨୬ ଲକ୍ଷ ୮୦ ହଜାର ଟଙ୍କା ହେବ। ଅଭିଯୁକ୍ତଙ୍କୁ ଅଧିକ ଜେରା କରିବାରୁ ସେମାନେ ଉକ୍ତ ବ୍ରାଉନ୍‌ସୁଗାରକୁ ବାଲେଶ୍ୱର ଜିଲାର ଜଳେଶ୍ୱରରୁ ଆଣି କଟକ, ଭୁବନେଶ୍ୱର, ଖୋର୍ଦ୍ଧା, ଜଗତ୍‌ସିଂହପୁର ଅଞ୍ଚଳକୁ ପଠାଉଥିବା ସ୍ୱୀକାର କରିଥିଲେ। ଏ ନେଇ ଥାନାରେ ମାମଲା(ନଂ.୭୪/୨୧) ରୁଜୁ କରାଯିବା ସହ ଅଭିଯୁକ୍ତମାନଙ୍କୁ ବୁଧବାର କୋର୍ଟଚାଲାଣ କରାଯାଇଛି।

## ଦୁର୍ଗାପୂଜା ପ୍ରସ୍ତୁତି ବୈଠକ




**ଫୁଲନଖରା,୬।୧୦(ଡି.ଏନ.ଏ.)**

କଟକ ସଦର ଥାନା ଅନ୍ତର୍ଗତ ପ୍ରତାପନଗରୀ ସ୍ଥିତ ମା' ଧାକୁଲେଇ ପୀଠରେ ଦୁର୍ଗାପୂଜା ପ୍ରସ୍ତୁତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକ ଡିସିପି ପ୍ରତୀକ୍ ସିଂ ଯୋଗଦେଇ କୋଭିଡ୍ ଗାଇଡ୍‌ଲାଇନ୍ ମାନି ପୂଜା କରିବା ପାଇଁ ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତାଙ୍କୁ କହିଥିଲେ। ବିଶେଷକରି ପୂଜା ମଣ୍ଡପରେ ଡାକବାଜି ଯନ୍ତ୍ର ବ୍ୟବହାର ନ କରିବା ପାଇଁ ଡିସିପି କହିଥିଲେ। ଏହି ବୈଠକରେ ଜୋନ୍-୪ ଏସିପି ଚନ୍ଦନ ଘଡେଇ, ଶିବ ସାହୁ, ପ୍ରଫୁଲ୍ଲ ସାହୁ, ଭିକାରୀ ଚରଣ ଦାସ, ଦେବେନ୍ଦ୍ର ସାହୁଙ୍କ ସହ ଦ୍ୱୈତନଗରୀର ବହୁ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ। କଟକ ସଦର ଥାନାଧିକାରୀ ସୁଧାଂଶୁ ଭୂଷଣ ଜେନା ସଭା ପରିଚାଳନା କରିଥିଲେ।

## ଚାଷୀ ମୃତ୍ୟୁ, ପ୍ରିୟଙ୍କାଙ୍କ ଗିରଫ ପ୍ରତିବାଦରେ ବିକ୍ଷୋଭ



ବାରବାଟୀ-କଟକ ଯୁବ କଂଗ୍ରେସ ପକ୍ଷରୁ ବକ୍ସିବଜାର ଛକଠାରେ ବୁଧବାର ବିକ୍ଷୋଭ ପ୍ରଦର୍ଶନ।

**କଟକ ଅଫିସ, ୬।୧୦**

ଉତ୍ତରପ୍ରଦେଶ ଲଖିମପୁର ଖେରିରେ ଚାଷୀ ମୃତ୍ୟୁ ଓ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କୁ ଗିରଫ ପ୍ରତିବାଦରେ ବୁଧବାର ବାରବାଟୀ-କଟକ ଯୁବ କଂଗ୍ରେସ ପକ୍ଷରୁ ବକ୍ସିବଜାର ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରଯାଇଥିଲା। ଏଥିସହ ଉକ୍ତ ଘଟଣାରେ ସମ୍ପୃକ୍ତଙ୍କୁ ଗିରଫ ଓ ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ ପାଇଁ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଏହାପରେ ପ୍ରଧାନମନ୍ତ୍ରୀ ଏବଂ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରଯାଇଥିଲା। ବାରବାଟୀ-କଟକ ଯୁବ କଂଗ୍ରେସ ସଭାପତି ସନ୍ତୋଷ କୁମାର ପାତ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ବିକ୍ଷୋଭରେ ନଗର କଂଗ୍ରେସ କମିଟି ସଭାପତି ଗିରିବାଳା ବେହେରା, ଆର୍ଯ୍ୟବୀର ଲେଙ୍କା, ବିକି ଚକ୍ରବର୍ତ୍ତୀ, ତୃପ୍ତି ଦାସ, ଶୈଳବାଳା ଜେନା, ନମିତା ମଞ୍ଜରୀ ସାହୁ, ଶରତ ଚନ୍ଦ୍ର ସେଠୀ, ସେକ୍ ଗୁଲାମ ମୋଇଉଦ୍ଦୀନ, ଅବଦୁଲ ନସିମ, ମହେଶ ରାୟ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ଆର୍‌ଟିଆଇ ତଥ୍ୟ ଦେଇ ନ ପାରି ଟଙ୍କା ଫେରାଇ ନେବାକୁ ନୋଟିସ

**କଟକ ସଦର, ୬।୧୦ (ଡି.ଏନ.ଏ.)**

ସୂଚନା ଅଧିକାର ଆଇନ (ଆର୍‌ଟିଆଇ) ବଳରେ ତଥ୍ୟ ପାଇବା ପାଇଁ ଜଣେ ଆବେଦନକାରୀ ୩୦୦୦ ଟଙ୍କା ଦାଖଲ କରିଥିଲେ। ହେଲେ କଟକ ପୂର୍ତ୍ତ ଡିଭିଜନ ନଂ.୨ର ଲୋକ ସୂଚନା ଅଧିକାରୀ ତଥ୍ୟ ଦେଇ ନ ପାରି ଉକ୍ତ ଜମା ଅର୍ଥ ଫେରାଇ ନେବା ଲାଗି ସମ୍ପୃକ୍ତ ସୂଚନା ଅଧିକାର କର୍ମୀଙ୍କୁ ନୋଟିସ ଦେଇଛନ୍ତି। ଏଭଳି ନୋଟିସ ସୂଚନା ଅଧିକାର ଆଇନ୍‌ର ଖୋଲାଖୋଲି ଉଲ୍ଲଂଘନ କରୁଛି ବୋଲି ୪୨ମୌଜା ଅନ୍ତର୍ଗତ ଝିଙ୍କିରିଆ ଗ୍ରାମର ସୂଚନା ଅଧିକାର କର୍ମୀ ମନୋଜ କୁମାର ଦେବତା କହିଛନ୍ତି। ୪୨ମୌଜା ମୁଖ୍ୟରାସ୍ତାର ସମ୍ପ୍ରସାରଣ ସମ୍ବନ୍ଧୀୟ ତଥ୍ୟ ଜାଣିବା ପାଇଁ ଦେବତା ସୂଚନା ଅଧିକାର ଆଇନ ବଳରେ କଟକ ପୂର୍ତ୍ତ ଡିଭିଜନ ନଂ.୨ର ଲୋକ ସୂଚନା ଅଧିକାରୀଙ୍କ ନିକଟରେ ଆବେଦନ କରିଥିଲେ। ରାସ୍ତାର ଡିଜାଇନ ଓ ଜେରକ୍ସ ଖର୍ଚ୍ଚ ବାବଦକୁ ୩ହଜାର ଟଙ୍କା ଦାଖଲ କରିବାକୁ ସମ୍ପୃକ୍ତ କାର୍ଯ୍ୟାଳୟର ଲୋକ ସୂଚନା ଅଧିକାରୀ ତଥା ସହକାରୀ ନିର୍ବାହୀଯନ୍ତ୍ରୀ ପତ୍ରସଂଖ୍ୟା ୪୪୬୮/୧୮।୯।୨୦୨୧ରେ ଆବେଦନକାରୀଙ୍କୁ ଜଣାଇଥିଲେ। ପରେ ଅର୍ଥ ଜମା କରି ଦେବତା ରସିଦ ପାଇଛନ୍ତି। ହେଲେ ସମ୍ପୃକ୍ତ ଲୋକ ସୂଚନା ଅଧିକାରୀ ପତ୍ରସଂଖ୍ୟା ୪୭୧୮/୪।୧୦।୨୦୨୧ରେ ଜମା ଅର୍ଥ ଫେରାଇ ନେବାକୁ ଆବେଦନକାରୀଙ୍କୁ ଜଣାଇଛନ୍ତି। କାରଣ ଆବଶ୍ୟକ ତଥ୍ୟ ଅଫିସ୍‌ରେ ଉପଲବ୍ଧ ନାହିଁ ବୋଲି ଉକ୍ତ ଚିଠିରେ ଉଲ୍ଲେଖ ରହିଛି। ତା'ହେଲେ ବ୍ୟୟ ଆକଳନ କିପରି କରାଯାଇଥିଲା ସେ ସଂକ୍ରାନ୍ତୀୟ ସୂଚନା ପାଇବା ପାଇଁ ପ୍ରଥମ ଅପିଲ କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରିବେ ବୋଲି ଦେବତା ଜଣାଇଛନ୍ତି। ଝିଙ୍କିରିଆ-ଚାନ୍ଦୁଲି ମଧରେ ୬୦ ଫୁଟ ରାସ୍ତା ଚଉଡ଼ା କରାଗଲେ ବହୁସଂଖ୍ୟକ ଜନସାଧାରଣ ବାସହରା ହେବା ସହ ବ୍ୟବସାୟ ବନ୍ଦ ହେବା ଦର୍ଶାଇ ୪୨ ମୌଜାରେ ଅସନ୍ତୋଷ ପ୍ରକାଶ ପାଇଛି।

## ବିଦ୍ୟୁତ୍ ଶର୍ଟ ସର୍କିଟରୁ ପୋଡ଼ି ଗଲା ଷ୍ଟୁଡିଓ

**ଆଠଗଡ଼,୬।୧୦(ଡି.ଏନ.ଏ.)**

ଆଠଗଡ଼ର ଚାନ୍ଦବାଲି ଛକସ୍ଥିତ ରାଧେଶ୍ୟାମ ଫଟୋ ଷ୍ଟୁଡିଓରେ ବୁଧବାର ସକାଳେ ଶର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯାଇଛି। ମଙ୍ଗଳବାର ରାତିରେ ଷ୍ଟୁଡିଓ ବନ୍ଦ କରି ମାଲିକ ଗଙ୍ଗାଧର ପାତ୍ର ଘରକୁ ଯାଇଥିଲେ। ଭୋରୁ ମର୍ନିଂ ୱାକ ଯାଉଥିବା ଲୋକ ନିଆଁ ଦେଖି ମାଲିକ ପାତ୍ରଙ୍କୁ ଖବର ଦେଇଥିଲେ। ନିଆଁରେ ଷ୍ଟୁଡିଓର ଆସବାବପତ୍ର ସହ ଦାମୀ କ୍ୟାମେରା, କମ୍ପ୍ୟୁଟର ଆଦି ପୋଡ଼ି ପାଉଁଶ ହୋଇଯାଇଛି।

## ଦୁର୍ବୃତ୍ତ ଲୁଟି ନେଲେ ୪୫ ହଜାର

**ଆଠଗଡ଼,୬।୧୦(ଡି.ଏନ.ଏ.)**

ଆଠଗଡ ଥାନା ଅନ୍ତର୍ଗତ ଦୋରୋଡସ୍ଥିତ ଏକ ଭେରାଇଟି ଷ୍ଟୋର ଆଗରୁ ବୁଧବାର ମଧାହ୍ନରେ ଜଣେ ଗ୍ରାହକଙ୍କ ଗାଡିରୁ ଦୁର୍ବୃତ୍ତମାନେ ୪୫ ହଜାର ଟଙ୍କା ଲୁଟି ନେଇଛନ୍ତି। ଲୁଟ୍ ବେଳର ଚିତ୍ର ସିସିଟିଭିରେ କଏଦ ହୋଇଛି। ସ୍ଥାନୀୟ ଯୋରନ୍ଦା ଗାଁର ଅବସରପ୍ରାପ୍ତ ବିଚାର ବିଭାଗୀୟ କର୍ମଚାରୀ ଗନ୍ଧର୍ବ ସେନ ପଞ୍ଚୁଆତି ଷ୍ଟେଟ ବ୍ୟାଙ୍କରୁ ୨୦ ହଜାର, ପୋଷ୍ଟ ଅଫିସରୁ ୨୫ ହଜାର ଟଙ୍କା ଉଠାଇ ମୋପେଡ ଗାଡିରେ ଦୋରୋଡସ୍ଥିତ ଅର୍ପଣ ଭେରାଇଟି ଷ୍ଟୋରରୁ କ୍ଷୀର କିଣିବାକୁ ଯାଇଥିଲେ। ଏହି ସମୟରେ ଦୁଇଜଣ ଯୁବକ ପଲସରରେ ଆସି ଟଙ୍କା ବ୍ୟାଗ ଲୁଟି ନେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ସିସିଟିଭି ଯାଞ୍ଚ କରିବା ସହିତ ତଦନ୍ତ ଆରମ୍ଭ କରିଛି।


କଟକ ଆୟକର ଭବନ ପରିସରରେ ବୁଧବାର ପ୍ରଫେସର ବିଜୟାନନ୍ଦ ସିଂହଙ୍କ ରଚିତ ଗଳ୍ପ ପୁସ୍ତକ 'ଜୀବନ ଏକ ନଦୀ'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

## ମା'ଦୁର୍ଗାଙ୍କ ମୂର୍ତ୍ତିରେ ଖଡ଼ିଲାଗି

**କଟକ ଅଫିସ,୬।୧୦:** ଶାରଦୀୟ ଦୁର୍ଗାପୂଜା ପାଇଁ କଟକ ଦୋଳମୁଣ୍ଡାଇ, କଲେଜଛକ, ଚାନ୍ଦିନଚୌକ, ରାଣୀହାଟ, ମଙ୍ଗଳାବାଗ, ଖାନନଗର, ଛତ୍ରବଜାର, କାଠଗଡ଼ାସାହି, ଚାଉଳିଆଗଞ୍ଜ ପୂଜାମଣ୍ଡପରେ ମା'ଙ୍କ ମୂର୍ତ୍ତିରେ ଖଡ଼ିଲାଗି କରାଯାଇଛି। ଏ ସମ୍ପର୍କରେ କଲେଜଛକ ପୂଜା ପ୍ରତିଷ୍ଠାନ ସମ୍ପାଦକ ଜଗନ୍ନାଥ ସାହୁ କହିଛନ୍ତି, ମା'ଙ୍କ କ୍ରୋଧ ଶାନ୍ତ କରିବା ପାଇଁ ଖଡି ଲଗା ବିଧି କରାଯାଇଥାଏ। ଏହାପରେ ପୂଜା ପ୍ରସ୍ତୁତି ଜୋରଦାର କରାଯାଇଥାଏ।

## ସିପିଆଇ(ଏମ୍)ର ଜିଲା ସମ୍ମିଳନୀ

**ଟାଙ୍ଗୀ(କଟକ), ୬।୧୦(ଡି.ଏନ୍.ଏ.):** ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ ଶାଳଗାଁ ଓ କନ୍ହେଇପୁର ପଞ୍ଚାୟତରେ ସିପିଆଇ(ଏମ୍)ର କଟକ ଜିଲା ସମ୍ମିଳନୀ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଶୋଭାଯାତ୍ରାରେ ୩ କୃଷକ ବିରୋଧୀ ଆଇନ ପ୍ରତ୍ୟାହାର, ଶ୍ରମିକ ବିରୋଧୀ ୪ଟି ଶ୍ରମକୋଡ ପ୍ରତ୍ୟାହାର କରିବା, ସ୍ୱାମୀନାଥନ କମିଶନଙ୍କ ସୁପାରିଶ ଅନୁଯାୟୀ ଚାଷୀ ଫସଲ ଦର ସ୍ଥିର କରିବା, ଭାଗଚାଷୀମାନଙ୍କୁ ସରକାରୀ ସ୍ୱୀକୃତି ଦେଇ ମଣ୍ଡିରେ ଧାନ ବିକିବାର ସୁଯୋଗ ଦେବା, ନଖରା ଓ ଶାଳଗାଁ ପଞ୍ଚାୟତର ଗ୍ରାମବାସୀଙ୍କୁ ପାଣି ଯୋଗାଇବା ଏବଂ ଟାଙ୍ଗୀ-ଚୌଦ୍ୱାର ବ୍ଲକରେ ବ୍ୟାପକ ଦୁର୍ନୀତି ରୋକିବା ପାଇଁ କର୍ମୀମାନେ ନାରାବାଜି ଦେଇଥିଲେ। ଜିଲା ସମ୍ପାଦକ ବଦ୍ରି ନାରାୟଣ ଦାସଙ୍କ ସଭାପତିତ୍ୱରେ ଉଭୟ ସ୍ଥାନରେ ଅନୁଷ୍ଠିତ ସଭାରେ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଜନାର୍ଦ୍ଦନ ପତି, ପୁଷ୍ପା ଦାସ ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାରଙ୍କ ନୀତିକୁ ସମାଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରବି ନାରାୟଣ ମଲିକ, ପୀତାମ୍ବର ଲେଙ୍କା, ମଧୁସୂଦନ ପତି, ପ୍ରତାପ ମହାପାତ୍ର, ବିଷ୍ଣୁ ବେହେରା, ରମେଶ ବେହେରା, ସୁରେନ୍ଦ୍ର ସାହୁ, ଡମ୍ବରୁଧର ସାହୁଙ୍କ ସହିତ ଶତାଧିକ କର୍ମୀ ଯୋଗଦେଇଥିଲେ।

**EXPRESSION OF INTEREST**

LIC Colony, Maitrivihar, Bhubaneswar invites EOI from interested firms for installation of CCTV surveillance system in the colony. Last date for receiving of bids is 17.10.2021 upto 5.00 PM. For details contact-9078782844.

Secretary

**ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଗୋପ**

**ବିଜ୍ଞାପନ**

ସଂଖ୍ୟା: ୪୧୫୨ ତାରିଖ: ୦୪।୧୦।୨୦୨୧

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଗୋପ ପଞ୍ଚାୟତ ସମିତି ଦ୍ୱାରା ୨୦୨୧-୨୨ ଆର୍ଥିକବର୍ଷର ଏପ୍ରିଲ ୨୦୨୦ଠାରୁ ମାର୍ଚ୍ଚ ୨୦୨୧ ପର୍ଯ୍ୟନ୍ତ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (MGNREGS) ଓ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (NFSA)ରେ କାର୍ଯ୍ୟକାରୀ ହୋଇଥିବା ପ୍ରକଳ୍ପଗୁଡ଼ିକର ସାମାଜିକ ସମୀକ୍ଷା କରାଯିବା ନିମନ୍ତେ ନିମ୍ନ କାର୍ଯ୍ୟସୂଚୀ ମୁତାବକ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଗ୍ରାମସଭା ଅନୁଷ୍ଠିତ ହେବ। ଉକ୍ତ ସଭାରେ ଜନସାଧାରଣ, ନିର୍ବାଚିତ ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀ, NGO, ଗ୍ରାମପଞ୍ଚାୟତରେ ଜବ୍‌କାର୍ଡ଼ଧାରୀ ଶ୍ରମିକ ଏବଂ ପ୍ରଧାନମନ୍ତ୍ରୀ ଆବାସ ହିତାଧିକାରୀମାନେ ନିର୍ଦ୍ଧାରିତ ତାରିଖ, ସମୟ ଓ ସ୍ଥାନରେ ଯୋଗଦାନ କରି ଆଲୋଚନାରେ ଅଂଶଗ୍ରହଣ କରିବାକୁ ଅନୁରୋଧ କରାଗଲା। ଏହି ବୈଠକରେ ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠଯନ୍ତ୍ରୀଙ୍କ ସହ ଗ୍ରାମପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ, ଯୋଗାଣ ବିଭାଗ ଅଧିକାରୀ, ଗ୍ରାମରୋଜଗାର ସେବକ, ମେଟ୍ ଏବଂ ଲାଇନ୍ ଡିପାର୍ଟମେଣ୍ଟ ଅଧିକାରୀମାନେ ଉପସ୍ଥିତ ରହି ଦରକାରୀ ରେକର୍ଡ ଉପସ୍ଥାପିତ କରାଇବେ। ଗୋପ ବ୍ଲକର ୩୧ଗୋଟି ଗ୍ରାମପଞ୍ଚାୟତର ସମସ୍ତ ପଞ୍ଚାୟତରେ ପର୍ଯ୍ୟାୟକ୍ରମେ ୨ ଗୋଟି ପ୍ରକଳ୍ପର ସାମାଜିକ ବୈଠକ କରାଯିବ।

ସ୍ୱା./- କାର୍ଯ୍ୟକ୍ରମ ଅଧିକାରୀ ତଥା
ମଣ୍ଡଳ ଉନ୍ନୟନ ଅଧିକାରୀ, ଗୋପ

DSPL-176

**ରକ୍ତଦାନ ମହାପୁଣ୍ୟ**

ରକ୍ତଦାନ କରି ଅନ୍ୟର ଜୀବନର ସ୍ପନ୍ଦନକୁ ଜାରି ରଖିବାରେ ଥାଏ ଅପୂର୍ବ ଆନନ୍ଦ, ଏମିତି ଅନେକ ଜୀବନର ସ୍ପନ୍ଦନ ମିଶି ବିଶ୍ୱ ଆଜି ସ୍ପନ୍ଦିତ ହେଉଛି।

ଆପଣ ବି ଜଣେ ସ୍ୱେଚ୍ଛାକୃତ ରକ୍ତଦାତା ହୋଇପାରିବେ ଯଦି ଆପଣଙ୍କର:

- ବୟସ ୧୮ ରୁ ୬୫ ବର୍ଷ ମଧ୍ୟରେ
- ଶରୀରର ଓଜନ ୪୫ କି.ଗ୍ରା.ରୁ ଅଧିକ
- ନାଡିର ଗତି ପ୍ରତି ମିନିଟ୍ ୬୦ରୁ ୧୦୦ ମଧ୍ୟରେ ଅଛି ଓ ନିୟମିତ ଅଛି
- ରକ୍ତଚାପ ସିଷ୍ଟୋଲିକ୍ ୧୦୦ରୁ ୧୪୦ ମି.ମି. ଓ ଡାଇଷ୍ଟୋଲିକ ୬୦ରୁ ୯୦ ମି.ମି. ମଧ୍ୟରେ ଅଛି
- ହିମୋଗ୍ଲୋବିନ୍‌ର ସ୍ତର ଅତି କମରେ ୧୨.୫ ଗ୍ରା.ରୁ ଅଧିକ ଅଛି
- ପାଟିର ତାପମାତ୍ରା ୩୭ ଡିଗ୍ରି ସେଲସିୟସରୁ ଅଧିକ ନାହିଁ

ଥାଲାସେମିଆ ରୋଗୀଙ୍କୁ ରକ୍ତ ସଞ୍ଚାରଣ ପାଇଁ ଆବଶ୍ୟକ ଲିକୋସାଇଟ୍ ଫିଲଟର ସରକାରୀ ରକ୍ତ କେନ୍ଦ୍ରରେ ବିନାମୂଲ୍ୟରେ ଯୋଗାଇ ଦିଆଯାଉଅଛି।

ଆସନ୍ତୁ, ରକ୍ତଦାନ କରି ଆମ ବିଶ୍ୱର ସ୍ପନ୍ଦନକୁ ଜାରି ରଖିବା ଆଉ ରକ୍ତ ଲାଗି ଅକାଳରେ ଝରି ପଡୁଥିବା ଜୀବନକୁ ରକ୍ଷା କରିବା।

- ସର୍ବଦା ମାସ୍କ ବ୍ୟବହାର କରନ୍ତୁ
- ନିୟମିତ ବାରମ୍ବାର ସାବୁନ୍‌ରେ ହାତ ଧୁଅନ୍ତୁ
- ୨ମିଟର ଶାରିରୀକ ଦୂରତା ବଜାୟ ରଖନ୍ତୁ

VACCINE
ଯୋଗ୍ୟ ବ୍ୟକ୍ତି କରୋନା ଟୀକା ନିଶ୍ଚୟ ନିଅନ୍ତୁ।

OIPR-10003/13/0075/2122

ଅଧିକ ସୂଚନା ପାଇଁ ଜିଲ୍ଲା/ଉପଖଣ୍ଡ ସ୍ତରୀୟ ରକ୍ତ କେନ୍ଦ୍ର କିମ୍ବା ରାଜ୍ୟ ରକ୍ତ ସଞ୍ଚାରଣ ପରିଷଦ,ଭୁବନେଶ୍ୱର ସହ ପରାମର୍ଶ କରନ୍ତୁ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ,ଓଡ଼ିଶା

**୭୫ ଏସ୍‌ଟିଆଇ କେନ୍ଦ୍ର ନିର୍ମାଣ ହେବ**

ଅନୁସୂଚିତ ଜାତି ଓ ଜନଜାତିଙ୍କ ମଧ୍ୟରେ ବିଜ୍ଞାନ ଦକ୍ଷତା ବୃଦ୍ଧି ତଥା ସାମାଜିକ-ଅର୍ଥନୈତିକ ବିକାଶ ଆଣିବା ଲକ୍ଷ୍ୟରେ ସରକାର ଦେଶରେ ୭୫ଟି ବିଜ୍ଞାନ ପ୍ରଯୁକ୍ତି ଓ ନବୋନ୍ମେଷ (ଏସ୍‌ଟିଆଇ) ନିର୍ମାଣ କରିବେ। ବିଜ୍ଞାନ ଓ ପ୍ରଯୁକ୍ତି ମନ୍ତ୍ରୀ ଜିତେନ୍ଦ୍ର ସିଂ ବୁଧବାର ଏହି ସୂଚନା ଦେଇଛନ୍ତି। ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ପରେ ଏଭଳି ନିଷ୍ପତ୍ତି ନିଆଯାଇଛି। ୨ ବର୍ଷ ମଧ୍ୟରେ ଅନୁସୂଚିତ ଜାତିଙ୍କ ଲାଗି ୧୩ ଏବଂ ଜନଜାତିଙ୍କ ଲାଗି ୭ଟି ଏସ୍‌ଟିଆଇ ନିର୍ମାଣ କରାଯାଇଛି, ଯେଉଁଥିରୁ ୨୦ ହଜାର ପିଲା ପ୍ରତ୍ୟକ୍ଷ ଭାବେ ଉପକୃତ ହେବେ।



## ସଂକ୍ଷେପରେ

### ରେଳ କର୍ମଚାରୀଙ୍କୁ ମିଳିବ ୭୮ ଦିନର ବୋନସ

**ନୂଆଦିଲ୍ଲୀ, ୬।୧୦(ଆଇଏଏନ୍‌ଏସ୍):** ରେଲୱେର ଯୋଗ୍ୟ ଅଣଗେଜେଟେଡ୍ କର୍ମଚାରୀମାନଙ୍କୁ ୨୦୨୦-୨୦୨୧ ଆର୍ଥିକ ବର୍ଷ ଲାଗି ୭୮ ଦିନର ବୋନସ ମିଳିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ ବୁଧବାର ଏହି ପ୍ରଡକ୍ଟିଭିଟି ଲିଙ୍କ୍‌ଡ ବୋନସ (ପିଏଲ୍‌ବି)କୁ ମଞ୍ଜୁରୀ ପ୍ରଦାନ କରିଛି। ତେବେ ରେଲୱେ ସୁରକ୍ଷା ବଳ ଏବଂ ରେଲୱେ ସୁରକ୍ଷା ସ୍ୱତନ୍ତ୍ର ବଳ କର୍ମଚାରୀଙ୍କୁ ଏହି ସୁବିଧା ମିଳିବ ନାହିଁ। ୭୮ ଦିନର ବୋନସ ବାବଦରେ ୧୯୮୪.୭୩ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏଥିରୁ ରେଲୱେର ୧୧.୫୬ ଲକ୍ଷ ଅଣଗେଜେଟେଡ୍ କର୍ମଚାରୀ ଉପକୃତ ହେବେ। ଯୋଗ୍ୟ କର୍ମଚାରୀଙ୍କୁ ସର୍ବାଧିକ ୧୭,୯୫୧ ଟଙ୍କା ମିଳିବ।

### ଫେରୁଛି ଦକ୍ଷିଣ ପଶ୍ଚିମ ମୌସୁମୀ



**ନୂଆଦିଲ୍ଲୀ, ୬।୧୦(ପି.ଟି.):** ଦକ୍ଷିଣପଶ୍ଚିମ ମୌସୁମୀ ବାୟୁ ପ୍ରତ୍ୟାବର୍ତ୍ତନ ବୁଧବାର ଠାରୁ ଆରମ୍ଭ ହୋଇଥିବା ଭାରତୀୟ ପାଣିପାଗ ବିଭାଗ ସୂଚନା ଦେଇଛି। ପଶ୍ଚିମ ରାଜସ୍ଥାନ ଏବଂ ଏହାକୁ ଲାଗିରହିଥିବା ଗୁଜରାଟର କେତେକ ଅଞ୍ଚଳରୁ ମୌସୁମୀ ବାୟୁ ଫେରିଯାଇଛି। ୩/୪ ଦିନ ମଧ୍ୟରେ ମୌସୁମୀ ଅପସରି ଯିବ। ସାଧାରଣତଃ ସେପ୍ଟେମ୍ବର ୧୭ରୁ ମୌସୁମୀ ପ୍ରତ୍ୟାବର୍ତ୍ତନ ଆରମ୍ଭ ହୋଇଥାଏ। ୧୯୭୫ ପରେ ଚଳିତ ବର୍ଷ ଦ୍ୱିତୀୟ ସର୍ବାଧିକ ବିଳମ୍ବରେ ଏହାର ପ୍ରତ୍ୟାବର୍ତ୍ତନ ଆରମ୍ଭ ହୋଇଛି। ୨୦୧୯ରେ ଅକ୍ଟୋବର ୯ରୁ ମୌସୁମୀ ଫେରିବା ଆରମ୍ଭ କରିଥିଲା ବୋଲି ଜାତୀୟ ପାଣିପାଗ ପୂର୍ବାନୁମାନ କେନ୍ଦ୍ରର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

### ପୁରୁଣା ଢାଞ୍ଚାରେ ହେବ ଏନ୍‌ଇଇଟି-ଏସ୍‌ଏସ୍ ପରୀକ୍ଷା

**ନୂଆଦିଲ୍ଲୀ, ୬।୧୦:** ସୁପ୍ରିମକୋର୍ଟଙ୍କ ଚାପ ଫଳରେ କେନ୍ଦ୍ର ସରକାର ନଭେମ୍ବରରେ ହେବାକୁ ଥିବା ଏନ୍‌ଇଇଟି ସୁପର ସ୍ପେଶିଆଲିଟି ପରୀକ୍ଷା ଢାଞ୍ଚାରେ ପରିବର୍ତ୍ତନ କରିଛନ୍ତି। ପୁରୁଣା ପ୍ରଶ୍ନ ଢାଞ୍ଚାରେ ଏଥର ପରୀକ୍ଷା କରାଯିବ ବୋଲି ବୁଧବାର କେନ୍ଦ୍ର ସରକାର ସର୍ବୋଚ୍ଚ ଅଦାଲତଙ୍କୁ କହିଥିବାରୁ ଯୁବ ଡାକ୍ତରମାନେ ଆଶ୍ୱସ୍ତ ହୋଇଛନ୍ତି। ଛାତ୍ରୀଛାତ୍ରଙ୍କ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ସରକାର ଏନ୍‌ଇଇଟି-ଏସ୍‌ଏସ୍ ପରୀକ୍ଷା ସିଲାବସ୍ ସଂଶୋଧନ କରିବାକୁ ନିଷ୍ପତ୍ତି ନେଇଥିବା ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠଙ୍କୁ ଅତିରିକ୍ତ ସଲିସିଟର ଜେନେରାଲ ଐଶ୍ୱର୍ଯ୍ୟା ଭଟି ଜଣାଇଥିଲେ। ପ୍ରଶ୍ନପତ୍ର ଢାଞ୍ଚାରେ ପରିବର୍ତ୍ତନ ପାଇଁ ଚଳିତ ଶିକ୍ଷାବର୍ଷର ପରୀକ୍ଷା ଦୁଇମାସ ଘୁଞ୍ଚିପାରେ ବୋଲି ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ନୂଆ ପ୍ରଶ୍ନ ଢାଞ୍ଚା ଆସନ୍ତାବର୍ଷରୁ ଲାଗୁ ହେବ। ନଭେମ୍ବର ୧୩ ଓ ୧୪ରେ ଏନ୍‌ଇଇଟି-ଏସ୍‌ଏସ୍ ପରୀକ୍ଷା ହେବାକୁ ଥିବାବେଳେ ଶେଷ ମୁହୂର୍ତ୍ତରେ ପ୍ରଶ୍ନ ଢାଞ୍ଚାରେ ପରିବର୍ତ୍ତନ କରାଯାଇ ବିଜ୍ଞପ୍ତି ପ୍ରକାଶ ପାଇବାରୁ ୪୨ ଜଣ ସ୍ନାତକୋତ୍ତର ଡାକ୍ତର ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ।

# ଉତ୍ସବଠାରୁ ଜୀବନ ବଡ଼

## ବାଣରେ ବିଷାକ୍ତ ରାସାୟନିକ ପଦାର୍ଥ: କଠୋର ହେଲେ ସୁପ୍ରିମକୋର୍ଟ





ନୂଆଦିଲ୍ଲୀ,୬।୧୦

ଉତ୍ସବ ପାଳନଠାରୁ ଜୀବନ ରକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ। ତେଣୁ ଦୀପାବଳିରେ ବାଣ ଫୁଟାଇବାକୁ ନେଇ ପୂର୍ବ କଟକଣା ବଳବତ୍ତର ରହିବ ବୋଲି ବୁଧବାର ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି। ଏହାସହ ଉକ୍ତ ନିର୍ଦ୍ଦେଶନାମାକୁ କଡ଼ାକଡ଼ି ଭାବେ ପାଳନ କରିବା ପାଇଁ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।

ଜଷ୍ଟିସ୍ ଏମ୍.ଆର୍. ଶାହା ଏବଂ ଏ.ଏସ୍. ବୋପାନ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ଗ୍ରୀନ୍ କ୍ରାକର ଆଳରେ ନିଷିଦ୍ଧ ଘୋଷିତ ରାସାୟନିକ ସାମଗ୍ରୀ ବ୍ୟବହାର କରାଯାଉଛି। ଏକ ନିର୍ଦ୍ଦିଷ୍ଟ ବାଣ ଉପରେ କଟକଣା ଜାରି କରାଯିବା ସତ୍ତ୍ୱେ କେହି ଏହାକୁ ନ ମାନିଲେ ଆଇନାନୁସାରେ ତାଙ୍କୁ ଦଣ୍ଡିତ କରାଯିବ। ସର୍ବୋଚ୍ଚ ଅଦାଲତଙ୍କ ପୂର୍ବ ରାୟକୁ ସବୁ ରାଜ୍ୟ ମାନିବା ବାଧ୍ୟତାମୂଳକ। ଏହି ଅବସରରେ ଖଣ୍ଡପୀଠ ଆହୁରି କହିଛନ୍ତି, ସୁପ୍ରିମକୋର୍ଟ କୌଣସି ପ୍ରକାର ଉତ୍ସବ ପାଳନକୁ ବିରୋଧ କରୁନାହାନ୍ତି। କିନ୍ତୁ ନାଗରିକଙ୍କ ଜୀବନ ବଦଳରେ ଉତ୍ସବ ପାଳନକୁ ବାରଣ କରିଛନ୍ତି। ଉତ୍ସବର ମାନେ ଉଚ୍ଚଶବ୍ଦ ସୃଷ୍ଟିକାରୀ ବାଣ ଫୁଟାଇବା ନୁହେଁ। ବିଶେଷ ପ୍ରଦୂଷଣ ସୃଷ୍ଟି କରୁ ନ ଥିବା ଫୁଲଝରି (ସ୍ପାର୍କଲର୍ସ)ରେ ମଧ୍ୟ ପାଳନ କରାଯାଇପାରେ। ତେବେ ଏନେଇ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ରିପୋର୍ଟକୁ ଭିତ୍ତିକରି ଅତିରିକ୍ତ ସତ୍ୟପାଠ ଦାଖଲ କରାଯାଇଥିବା ଆବେଦନକାରୀ ଅର୍ଜୁନ ଗୋପାଳଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ ଗୋପାଳ ଶଙ୍କରନାରାୟଣନ୍ ଖଣ୍ଡପୀଠଙ୍କୁ ଅବଗତ କରାଇଥିଲେ। ଅନେକ ବାଣ ପ୍ରସ୍ତୁତିରେ ବିଭିନ୍ନ ପ୍ରକାର ହାନିକାରକ ତଥା ନିଷିଦ୍ଧ ଘୋଷିତ ରାସାୟନିକ ପଦାର୍ଥ ବ୍ୟବହାର ହେଉଥିବା ପ୍ରାଥମିକ ତଦନ୍ତ ରିପୋର୍ଟରେ ସିବିଆଇ ଜାଣିବାକୁ ପାଇଥିଲା। ଏପରି କି ବାଣ ନିର୍ମାତାମାନେ ସେଥିରେ ବ୍ୟବହୃତ ପ୍ରକୃତ ଉପାଦାନଗୁଡ଼ିକର ନାମ ମଧ୍ୟ ଲେବେଲ୍‌ରେ ଉଲ୍ଲେଖ କରୁ ନାହାନ୍ତି ବୋଲି ତଦନ୍ତକାରୀ ସଂସ୍ଥା ରିପୋର୍ଟରେ ଦାବି କରିଥିଲା। ତେଣୁ ଶୁଣାଣି ବେଳେ ଖଣ୍ଡପୀଠ ବାଣକୁ ନେଇ ଥିବା ନିର୍ଦ୍ଦେଶନାମାର ଅବତାରଣା କରିଥିଲେ। ଖଣ୍ଡପୀଠ କହିଥିଲେ, ଯଦି ବଜାରରେ ଖୋଲାଖୋଲି ଭାବେ ବାଣ ବିକ୍ରି କରାଯିବ ଓ ଲୋକେ ତାକୁ ବ୍ୟବହାର କରିବେ ଲୋକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହେବ। ଏହା ଉପରେ ଯଦି କଟକଣା ଜାରି କରାଯାଇଛି ତେବେ ବଜାରକୁ କିପରି ଆସୁଛି ବୋଲି ଖଣ୍ଡପୀଠ ପ୍ରଶ୍ନ କରିଥିଲେ। ବାଣ ନିର୍ମାତା ସଂଘ ତରଫରୁ ମାମଲା ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ ଦୁଷ୍ୟନ୍ତ ଡାଭେ କହିଥିଲେ, ସରକାରଙ୍କ ପକ୍ଷରୁ ଜାରି କରାଯାଇଥିବା ପ୍ରୋଟୋକଲକୁ ଇଣ୍ଡଷ୍ଟ୍ରି ମାନିବା ଉଚିତ। ଏହା ଏକ ସଙ୍ଗଠିତ ଶିଳ୍ପ, ଯେଉଁଠି ପ୍ରାୟ ୫ ଲକ୍ଷ ପରିବାର ନିର୍ଭର କରି ଚଳନ୍ତି। ତେବେ ଜଣେ କି ଦୁଇଜଣ ବାଣ ନିର୍ମାତା ନିୟମ ଉଲ୍ଲଂଘନ କଲେ ସମ୍ପୂର୍ଣ୍ଣ ଶିଳ୍ପକୁ ଦଣ୍ଡିତ କରାଯାଇପାରିବ ନାହିଁ ବୋଲି ଅନ୍ୟ ଜଣେ ଆଇନଜୀବୀ ଯୁକ୍ତି ବାଢ଼ିଥିଲେ। ଖଣ୍ଡପୀଠ ଆସନ୍ତା ୨୬ ତାରିଖରେ ଏହାର ପରବର୍ତ୍ତୀ ଶୁଣାଣି କରିବାକୁ ଧାର୍ଯ୍ୟ କରିଛନ୍ତି।

- ପୂର୍ବରୁ ବାଣ ନିର୍ମାଣରେ ବିଷାକ୍ତ ରାସାୟନିକ ପଦାର୍ଥ ବ୍ୟବହୃତ ହେଉଥିବା ନେଇ ସିବିଆଇ ରିପୋର୍ଟ ଦାଖଲ କରିବା ପରେ ସୁପ୍ରିମକୋର୍ଟ ଚିନ୍ତା ବ୍ୟକ୍ତ କରିଥିଲେ। ଅଦାଲତଙ୍କ କଟକଣା ସତ୍ତ୍ୱେ ହିନ୍ଦୁସ୍ଥାନ ଫାୟାରୱାର୍କ୍ସ ଏବଂ ଷ୍ଟାଣ୍ଡାର୍ଡ ଫାୟାରୱାର୍କ୍ସ ବାଣ ପ୍ରସ୍ତୁତି ପାଇଁ ବିପୁଳ ପରିମାଣର ବେରିୟମ୍ କିଣିଛନ୍ତି, ଯାହାକି ଖାଦ୍ୟନଳୀର ରଞ୍ଜନରଶ୍ମି ଚିତ୍ର ଉଠାଇବା ପାଇଁ ବ୍ୟବହାର କରାଯାଇଥାଏ।
- ସେପ୍ଟେମ୍ବର ୨୯ରେ ସୁପ୍ରିମକୋର୍ଟ ୬ ବାଣ ନିର୍ମାତାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ଏଥିସହ ଅଦାଲତଙ୍କ ନିର୍ଦ୍ଦେଶର ଅବଜ୍ଞା ପାଇଁ ସେମାନଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ। ଏପରି କି ସେମାନଙ୍କ ଲାଇସେନ୍ସ କାହିଁକି ରଦ୍ଦ କରାଯିବ ନାହିଁ ବୋଲି ଖଣ୍ଡପୀଠ ପ୍ରଶ୍ନ କରିଥିଲେ।
- କେଉଁ ବାଣ ନିର୍ମାତାମାନେ ବିଷାକ୍ତ ରାସାୟନିକ ପଦାର୍ଥ ବ୍ୟବହାର କରୁଛନ୍ତି ତାହା ତଦନ୍ତ କରି ବିସ୍ତୃତ ରିପୋର୍ଟ ଦାଖଲ ପାଇଁ ୨୦୨୦ ମାର୍ଚ୍ଚ ୩୦ରେ ସର୍ବୋଚ୍ଚ ଅଦାଲତ ସିବିଆଇ ଚେନ୍ନାଇ ଅଫିସ ଯୁଗ୍ମ ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଥିଲେ।



ଆଗ୍ରାର ଯମୁନା ନଦୀକୂଳ ଦଶହରା ଘାଟରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ।

## ପରଲୋକରେ ରାମାୟଣର ରାବଣ

ମୁମ୍ବାଇ, ୬।୧୦



ଅରବିନ୍ଦ ତ୍ରିବେଦୀ

ଅଭିନେତା ତଥା ପୂର୍ବତନ ଏମ୍‌ପି ଅରବିନ୍ଦ ତ୍ରିବେଦୀଙ୍କର ମଙ୍ଗଳବାର ବିଳମ୍ବିତ ରାତିରେ ମୁମ୍ବାଇରେ ପରଲୋକ ହୋଇଯାଇଛି। ତାଙ୍କୁ ୮୨ ବର୍ଷ ହୋଇଥିଲା। ସେ କିଛିଦିନ ହେଲା ଅସୁସ୍ଥ ଥିଲେ। ରାମାନନ୍ଦ ସାଗରଙ୍କ ଲୋକପ୍ରିୟ ଟେଲିଭିଜନ ସିରିଏଲ୍ 'ରାମାୟଣ'ରେ ରାବଣ ଭୂମିକାରେ ଅଭିନୟ ପାଇଁ ସେ ଘରେ ଘରେ ପରିଚିତ ଥିଲେ। ଏହା ବ୍ୟତୀତ ସେ ପ୍ରାୟ ୩୦ ହିନ୍ଦୀ ଓ ଗୁଜରାଟୀ ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି। ୧୯୮୫ରେ ତାଙ୍କ ଅଭିନୀତ ଟିଭି ସିରିଏଲ୍ ବିକ୍ରମ ଔର୍ ବେତାଲ, ୧୯୯୮ରେ ଗୁଜରାଟୀ ଫିଚର ଫିଲ୍ମ 'ଦେଶରେ ଜୋୟା ଦାଦା ପରଦେଶ ଜୋୟା' ବେଶ୍ ହିଟ୍ ହୋଇଥିଲା। ୧୯୯୧ରୁ ୧୯୯୬ ପର୍ଯ୍ୟନ୍ତ ସେ ଗୁଜରାଟର ସାବରକଣ୍ଠାରୁ ଭାଜପା ଏମ୍‌ପି ଥିଲେ। ମୁମ୍ବାଇରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କ ପରଲୋକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକବ୍ୟକ୍ତ କରିବା ସହ ତାଙ୍କ ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇଛନ୍ତି। ତ୍ରିବେଦୀ ତାଙ୍କ ଅଭିନୟ ବଳରେ ଜନସାଧାରଣଙ୍କ ହୃଦୟ ଜିତିଥିଲେ। ରାମାୟଣ ସିରିଏଲ୍‌ର ସହ କଳାକାର ଓ ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ମଧ୍ୟ ତ୍ରିବେଦୀଙ୍କ ପରଲୋକରେ ଶୋକବ୍ୟକ୍ତ କରିଛନ୍ତି।

## ବେଞ୍ଜାମିନ, ଡାଭିଡ୍‌ଙ୍କୁ ରସାୟନ ବିଜ୍ଞାନରେ ନୋବେଲ

ଷ୍ଟକ୍‌ହୋମ, ୬।୧୦

ଜର୍ମାନ ବୈଜ୍ଞାନିକ ବେଞ୍ଜାମିନ ଲିଷ୍ଟ ଏବଂ ସ୍କଟ୍‌ଲାଣ୍ଡ ଜନ୍ମିତ ବୈଜ୍ଞାନିକ ଡାଭିଡ୍ ଡବ୍ଲ୍ୟୁସି ମାକ୍‌ମିଲାନଙ୍କୁ ଚଳିତ ବର୍ଷ ରସାୟନ ବିଜ୍ଞାନରେ ନୋବେଲ ପୁରସ୍କାର ପାଇଁ ମନୋନୀତ କରାଯାଇଛି। ଆସିମେଟ୍ରିକ୍ ଅର୍ଗାନୋକାଟାଲିସିସ୍‌ର ବିକାଶ ପାଇଁ ସେମାନଙ୍କୁ ଏହି ସର୍ବୋଚ୍ଚ ପୁରସ୍କାର ମିଳିଛି। ସେମାନଙ୍କର ଏହି ଉଦ୍ଭାବନ ନୂତନ ଔଷଧ ଉପରେ ଗବେଷଣା କରିବାରେ ବ୍ୟବହୃତ ହେବା ସହ ରସାୟନ ବିଜ୍ଞାନକୁ ଅଧିକ ପରିବେଶ ଉପଯୋଗୀ କରିବାରେ ସହାୟକ ହେବ ବୋଲି ନୋବେଲ କମିଟି କହିଛି। ମେଟାଲ ଏବଂ ଏନ୍‌ଜାଇମ୍ ଏଭଳି ଦୁଇପ୍ରକାର କାଟାଲିଷ୍ଟ ଥିବା କଥା ଗବେଷକମାନେ ଦୀର୍ଘଦିନ ହେଲା ବିଶ୍ୱାସ କରିଆସୁଥିଲେ। ଏବେ ବେଞ୍ଜାମିନ ଓ ଡାଭିଡ୍ ଅଲଗା ଅଲଗା ଗବେଷଣା କରି ତୃତୀୟ ପ୍ରକାର କାଟାଲିଷ୍ଟ ଆସିମେଟ୍ରିକ୍ ଅର୍ଗାନୋକାଟାଲିସିସ୍‌ର ବିକାଶ କରିଛନ୍ତି। କ୍ଷୁଦ୍ର ଜୈବ ଅଣୁରୁ ଏହା ଗଠିତ। ଅର୍ଗାନୋକାଟାଲିସିସ୍ ଅତି ଆଶ୍ଚର୍ଯ୍ୟଜନକ ବେଗରେ ବିକଶିତ ହୋଇଥାଏ। ଏହି ପ୍ରତିକ୍ରିୟାକୁ ବ୍ୟବହାର କରି ଗବେଷକମାନେ ଏବେ ନୂଆ ଫାର୍ମାସ୍ୟୁଟିକାଲରୁ ଯେକୌଣସି ଅଣୁ ଅଧିକ ପ୍ରଭାବୀ ଭାବରେ କରିପାରିବେ



ଡାଭିଡ୍ ମାକ୍‌ମିଲାନ   ବେଞ୍ଜାମିନ ଲିଷ୍ଟ

ଯାହା ସୋଲାର ସେଲ୍‌ରେ ଆଲୋକକୁ ଧରି ରଖିପାରିବ। ଜେନିଟିଂ ଟେକ୍‌ନିକ୍‌ର ବିକାଶ ପାଇଁ ଗତବର୍ଷ ଫ୍ରାନ୍ସର ମହିଳା ବୈଜ୍ଞାନିକ ଏମାନୁଏଲ୍ ଚାର୍ପେଣ୍ଟିୟର ଏବଂ ଆମେରିକାର ଜେନିଫର ଡୌଡନାଙ୍କୁ ରସାୟନ ବିଜ୍ଞାନରେ ନୋବେଲ ପୁରସ୍କାର ମିଳିଥିଲା।

## କାର୍ଟୁନିଷ୍ଟ ୟେସୁଦାସନ୍‌ଙ୍କ ପରଲୋକ

କୋଚି, ୬।୧୦

ଖ୍ୟାତନାମା ବ୍ୟଙ୍ଗ ଚିତ୍ରକାର ସି.ଜେ. ୟେସୁଦାସନ୍‌ଙ୍କର ବୁଧବାର ଭୋର ୩ଟା ୪୫ରେ କୋଚିସ୍ଥିତ ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ତାଙ୍କୁ ୮୩ ବର୍ଷ ହୋଇଥିଲା। ସପ୍ତାହେ ପୂର୍ବରୁ ସେ କୋଭିଡ୍-୧୯ରୁ ଆରୋଗ୍ୟ ହୋଇଥିଲେ। ତେବେ କୋଭିଡ୍ ପରବର୍ତ୍ତୀ ସମସ୍ୟା ଦେଖାଦେବାରୁ ତାଙ୍କୁ ପୁଣିଥରେ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ରାଜନୈତିକ



ବ୍ୟଙ୍ଗଚିତ୍ରକୁ ନେଇ ୟେସୁଦାସନ୍ ପ୍ରସିଦ୍ଧି ଅର୍ଜନ କରିଥିଲେ। ତାଙ୍କୁ କେରଳ ସରକାର ଏକାଧିକ ଥର ଶ୍ରେଷ୍ଠ ବ୍ୟଙ୍ଗ ଚିତ୍ରକର ପୁରସ୍କାର ପ୍ରଦାନ କରିଛନ୍ତି।

## ଫୋର୍ବସ୍ ଧନୀ ତାଲିକାରୁ ବାଦ୍ ପଡ଼ିଲେ ଟ୍ରମ୍ପ୍



ୱାଶିଂଟନ, ୬।୧୦

ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଫୋର୍ବସ ପତ୍ରିକାର ୪୦୦ ଜଣିଆ ଧନୀ ଆମେରିକୀୟଙ୍କ ତାଲିକାରୁ ପ୍ରଥମ ଥର ପାଇଁ ବାଦ୍ ପଡ଼ିଛନ୍ତି। ଦୀର୍ଘ ୨୫ ବର୍ଷ ହେବ ସେ ଏହି ତାଲିକାରେ ରହିଆସିଥିଲେ। ବର୍ତ୍ତମାନ ଟ୍ରମ୍ପ୍‌ଙ୍କ ସମ୍ପତ୍ତିର ପରିମାଣ ୨.୫ ବିଲିୟନ ଡଲାର। ଫୋର୍ବସ ତାଲିକାରେ ସ୍ଥାନ ପାଇବା ପାଇଁ ଆବଶ୍ୟକ କଟ୍‌ଅଫ୍‌ଠାରୁ ତାଙ୍କ ସମ୍ପତ୍ତି ୪୦୦ ନିୟୁତ ଡଲାର କମ୍। ଗତବର୍ଷ ସେ ତାଲିକାର ୩୯୯ତମ ସ୍ଥାନରେ ରହିଥିଲେ। ଚଳିତ ବର୍ଷ ତାଙ୍କ ବ୍ୟକ୍ତିଗତ ସମ୍ପତ୍ତି ୬୦୦ ନିୟୁତ ଡଲାର ହ୍ରାସ ପାଇବା ଫଳରେ ସେ ତାଲିକାରୁ ବାଦ୍ ପଡ଼ିଛନ୍ତି। ମହାମାରୀ ଯୋଗୁ ୭୫ ବର୍ଷୀୟ ଟ୍ରମ୍ପ୍‌ଙ୍କ ରିଅଲ ଇଷ୍ଟେଟ୍ ବ୍ୟବସାୟ ଭଲ ଚାଲୁନାହିଁ। କୋଭିଡ୍-୧୯ ପ୍ରଭାବ ସତ୍ତ୍ୱେ ଅନ୍ୟମାନେ ବେଶ୍ ଆଗେଇଥିବାବେଳେ ଟ୍ରମ୍ପ୍‌ଙ୍କ ରିଅଲ ଇଷ୍ଟେଟ୍ ବ୍ୟବସାୟ ଅଗ୍ରଗତି କରିପାରି ନାହିଁ। ୫ ବର୍ଷ ପୂର୍ବରୁ ଟ୍ରମ୍ପ୍‌ଙ୍କୁ ତାଙ୍କ ଭାଗ୍ୟ ବଦଳାଇବାର ଭଲ ସୁଯୋଗ ଥିଲା ବୋଲି ଫୋର୍ବସ ପକ୍ଷରୁ କୁହାଯାଇଛି। ରିଅଲ ଇଷ୍ଟେଟ୍ ସମ୍ପତ୍ତିକୁ ଅନ୍ୟ ବ୍ୟବସାୟରେ ଲଗାଇବା ପାଇଁ ୨୦୧୬ରେ ବିଶେଷଜ୍ଞମାନେ ତାଙ୍କୁ ପରାମର୍ଶ ଦେଇଥିଲେ ହେଁ ସେ ତାହା ଗ୍ରହଣ କରି ନ ଥିଲେ। ଫଳରେ ତାଙ୍କୁ ୨ ବିଲିୟନ ଡଲାର ହରାଇବାକୁ ପଡ଼ିଛି।

## ଆଜି ୩୫ ପିଏସ୍‌ଏ ଅକ୍ସିଜେନ୍ ପ୍ଲାଣ୍ଟର ଲୋକାର୍ପଣ

ନୂଆଦିଲ୍ଲୀ, ୬।୧୦(ଆଇଏଏନ୍‌ଏସ୍)

ପିଏମ୍ କେୟାର୍ସରେ ୩୫ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ନିର୍ମାଣ ହୋଇଥିବା ୩୫ଟି ପ୍ରେସର ସ୍ୱିଙ୍ଗ୍ ଆଡସର୍ପଶନ (ପିଏସ୍‌ଏ) ଅକ୍ସିଜେନ୍ ପ୍ଲାଣ୍ଟକୁ ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଷ୍ଟ୍ରକୁ ଉତ୍ସର୍ଗ କରିବେ। ଉତ୍ତରାଖଣ୍ଡର ଋଷିକେଶସ୍ଥିତ ଏମ୍ସରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଉକ୍ତ ପ୍ଲାଣ୍ଟଗୁଡ଼ିକୁ ଲୋକାର୍ପଣ କରିବା କାର୍ଯ୍ୟକ୍ରମ ରହିଛି। ୨୦୦୧ରେ ମୋଦି ଗୁଜରାଟ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ। ତାଙ୍କର ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀ ଭାବେ କାର୍ଯ୍ୟ କରିବା ଗୁରୁବାର ୨୦ ବର୍ଷ ପୂରିବାକୁ ଯାଉଥିବାରୁ ଏହି ଅବସରରେ ଆୟୋଜିତ ସମାବେଶରେ ସେ ଉଦ୍‌ବୋଧନ ଦେବେ। କୋଭିଡ୍ ମହାମାରୀ ପରେ ପିଏମ୍ କେୟାର୍ସ ପାଣ୍ଠିରେ ଦେଶରେ ମୋଟ ୧,୨୨୪ଟି ପିଏସ୍‌ଏ ଅକ୍ସିଜେନ ପ୍ଲାଣ୍ଟ ନିର୍ମାଣ କରାଯାଇଛି। ସେଥିରୁ ୧,୧୦୦ଟି କାର୍ଯ୍ୟକାରୀ ହୋଇଛି, ଯାହା ଦିନକୁ ୧,୭୫୦ ମେଟ୍ରିକ୍ ଟନ୍ ଅକ୍ସିଜେନ୍ ଯୋଗାଇ ଦେଉଛି।

## ଛତିଶଗଡ଼ରେ ଗୋଷ୍ଠୀ ସଂଘର୍ଷ

ରାୟପୁର, ୬।୧୦

- ୩ ଜିଲାରେ ଇଣ୍ଟରନେଟ ବନ୍ଦ
- କୱାର୍ଧାରେ କର୍ଫ୍ୟୁ

ଛତିଶଗଡ଼ରେ ଗତ ଦୁଇଦିନରେ ଦୁଇଟି ଗୋଷ୍ଠୀ ମଧ୍ୟରେ ଏକାଧିକ ସଂଘର୍ଷ ଘଟିବା ପରେ ୩ଟି ଜିଲାରେ ଇଣ୍ଟରନେଟ ସେବା ବନ୍ଦ କରିଦିଆଯାଇଛି। ଏଥିସହିତ କୱାର୍ଧା ଜିଲାରେ କର୍ଫ୍ୟୁ ଲାଗୁ କରାଯାଇଛି। ଉକ୍ତ ଜିଲାର ୨୭ ନମ୍ବର ୱାର୍ଡ ଅନ୍ତର୍ଗତ ଲୋହରା ନାକା ଚୌକ୍‌ରେ ପତାକା ଲଗାଇବାକୁ କେନ୍ଦ୍ରକରି ଗତ ରବିବାର ଦୁଇ ଗୋଷ୍ଠୀ ମଧ୍ୟରେ ବଚସା ହୋଇଥିଲା। ପରେ ଏହା ସଂଘର୍ଷର ରୂପ ନେଇଥିଲା। ଦୁଇ ଗୋଷ୍ଠୀ ପରସ୍ପରକୁ ଆକ୍ରମଣ କରିବା ସହ ଟେକା ମାଡ଼ କରିବାରୁ ୮ ଜଣ ଆହତ ହୋଇଥିଲେ। ପ୍ରଶାସନ ପକ୍ଷରୁ ଶାନ୍ତି କମିଟି ବୈଠକ ଡକାଯାଇ ସମସ୍ୟା ସମାଧାନ କରିବାକୁ ଉଦ୍ୟମ ହୋଇଥିଲା। ତେବେ ମଙ୍ଗଳବାର ଗୋଟିଏ ସଂଗଠନ ପକ୍ଷରୁ ବନ୍ଦ ଡାକରା ଦିଆଯିବା ସହ ରାଲି କରାଯିବାରୁ ଉତ୍ତେଜନା ପୁଣି ବଢ଼ିଥିଲା। ଶତାଧିକ ଲୋକ ରାସ୍ତାକୁ ଓହ୍ଲାଇ ଭଙ୍ଗାରୁଜା କରିଥିଲେ। ଲୋକଙ୍କୁ ଘଉଡ଼ାଇବାକୁ ଯାଇ ପୋଲିସ ଲାଠିଚାଳନା କରିଥିଲା। ଉକ୍ତ ଜିଲାରେ କର୍ଫ୍ୟୁ ଜାରି ସହ ପୋଲିସ ଫ୍ଲାଗ୍‌ମାର୍ଚ୍ଚ କରିଛି। ହିଂସାକାଣ୍ଡ ଯୋଜନାବଦ୍ଧ ଏବଂ ଏଥିରେ ଅନ୍ୟ ଜିଲାର ଲୋକେ ସମ୍ପୃକ୍ତ ଥିବା ପୋଲିସ ସୂଚନା ପାଇଛି। ଉତ୍ତେଜନାକୁ ଦୃଷ୍ଟିରେ ରଖି ପଡୋଶୀ ବେମେତ୍ରା ଏବଂ ରାଜନନ୍ଦଗାଁଓ ଜିଲାରେ ଇଣ୍ଟରନେଟ ସେବା ବନ୍ଦ କରିଦିଆଯାଇଛି। ହିଂସାକାଣ୍ଡରେ ସମ୍ପୃକ୍ତ ୭୦ ଜଣଙ୍କ ବିରୋଧରେ ୩ଟି ଏତଲା ଦାଏର କରାଯିବା ସହ ସେମାନଙ୍କ ମଧ୍ୟରୁ ୫୯ ଜଣଙ୍କୁ ଗିରଫ କରାଯାଇଛି।

## 'ଆର୍ଯ୍ୟନଙ୍କଠାରୁ ମିଳିଥିଲା ଡ୍ରଗ୍ସ'

ନୂଆଦିଲ୍ଲୀ, ୬।୧୦




ବଲିଉଡ୍ ସୁପରଷ୍ଟାର ଶାହରୁଖ ଖାନ୍‌ଙ୍କ ପୁଅ ଆର୍ଯ୍ୟନଙ୍କ ସମେତ ୮ ଜଣଙ୍କଠାରୁ ବିପୁଳ ପରିମାଣର ଡ୍ରଗ୍ସ ଓ ନଗଦ ୧.୩୩ ଲକ୍ଷ ଟଙ୍କା ମିଳିଥିଲା ବୋଲି ବୁଧବାର ନାର୍କୋଟିକ୍ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) କହିଛି। କ୍ରୁଜ୍ ଜାହାଜରେ ବେଆଇନ ନିଶାଦ୍ରବ୍ୟ ଜବତ ସହ ଏଥିରେ ସମ୍ପୃକ୍ତି ଅଭିଯୋଗରେ ଆର୍ଯ୍ୟନଙ୍କ ସମେତ ଅନ୍ୟମାନଙ୍କୁ ଗିରଫ କରାଯାଇଛି। ରବିବାର ଘଟଣାସ୍ଥଳରୁ ବିକ୍ରାନ୍ତ ଛୋକର, ଇସ୍ମିତ ସିଂ ଚଡ଼ା, ଅର୍ବାଜ ଏ ମର୍ଚ୍ଚାଣ୍ଟ, ଆର୍ଯ୍ୟନ ଖାନ୍, ମୋହକ ଜୟସ୍ୱାଲ, ମୁନ୍‌ମୁନ୍ ଧାମେଚା ଏବଂ ନୂପୁର ସାତିଜାଙ୍କଠାରୁ ଙ୍କଠାରୁ କୋକେନ୍, ମେଫେଡ୍ରନ୍, ଚରସ, ହାଇଡ୍ରୋପୋନିକ୍ ୱିଡ୍ ଏବଂ ଏମ୍‌ଡିଏମ୍‌ଏ ମିଳିଥିବା ଏନ୍‌ସିବି ଏକ ଖବରଦାତା ସମ୍ମିଳନୀରେ କହିଛି। ଇଣ୍ଟରନ୍ୟାଶନାଲ କ୍ରୁଜ୍ ଟର୍ମିନାଲ, ଗ୍ରୀନ୍ ଗେଟ୍ ମୁମ୍ବାଇ ଏବଂ କର୍ଡେଲିଆ କ୍ରୁଜ୍ ଜାହାଜରେ ଚଢ଼ାଉ କରାଯାଇ ଏହି ନିଶାଦ୍ରବ୍ୟ ଜବତ ହୋଇଛି। ମୋହକ ଜୟସ୍ୱାଲଙ୍କୁ ଜେରା ବେଳେ ମିଳିଥିବା ସୂଚନା ଆଧାରରେ ଏନ୍‌ସିବି ଯୋଗେଶ୍ୱରୀରେ ଚଢ଼ାଉ କରି ଅବଦୁଲ କାଦିର ଶେଖ୍ ନାମକ ବ୍ୟକ୍ତଙ୍କଠାରୁ ବିପୁଳ ପରିମାଣର ମେଫେଡ୍ରନ୍ ଜବତ କରିଥିଲା। ସେହିପରି ଇସ୍ମିତଙ୍କୁ ଜେରା ଆଧାରରେ ଗୋରେଗାଁଓ, ମୁମ୍ବାଇ ଆଦି ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଉଛି।

### ବିଜ୍ଞାନ ବହି ଯୋଗାଇଲା ଏନ୍‌ସିବି

ସମୁଦ୍ରରେ କ୍ରୁଜ୍ ଶିପ୍‌ରେ ଡ୍ରଗ୍ସ ପାର୍ଟି କରିବା ଅଭିଯୋଗରେ ଏନ୍‌ସିବି ଦ୍ୱାରା ଗିରଫ ହୋଇ ୭ ତାରିଖ ପର୍ଯ୍ୟନ୍ତ ରିମାଣ୍ଡରେ ଥିବା ଆର୍ଯ୍ୟନ ଖାନ୍‌ଙ୍କୁ ବିଜ୍ଞାନ ବହି ଯୋଗାଇ ଦିଆଯାଇଛି। ସେ ବହି ପାଇଁ ଏନ୍‌ସିବି କର୍ତ୍ତୃପକ୍ଷଙ୍କୁ କହିଥିଲେ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ଘରରନ୍ଧା ଖାଦ୍ୟ ବାରଣ ଥିବାରୁ ଆର୍ଯ୍ୟନଙ୍କ ସମେତ ଅନ୍ୟ ଅଭିଯୁକ୍ତମାନଙ୍କୁ ଏନ୍‌ସିବି ମୁଖ୍ୟାଳୟ ନିକଟରେ ଥିବା ନ୍ୟାଶନାଲ ହିନ୍ଦୁ ରେଷ୍ଟୁରାଣ୍ଟରେ ଖାଇବାକୁ ଦିଆଯାଉଛି।

## କୋଇଲା ପଠାଇବାରେ ଏମ୍‌ସିଏଲ୍‌ର ରେକର୍ଡ

ସମ୍ବଲପୁର,୬।୧୦(ବ୍ୟୁରୋ): ମହାନଦୀ କୋଲଫିଲ୍ଡ ଲିମିଟେଡ (ଏମ୍‌ସିଏଲ୍) କୋଇଲା ପଠାଇବାରେ ରେକର୍ଡ ସୃଷ୍ଟି କରିଛି। କମ୍ପାନୀ ଦିନକରେ ୫.୪୫ ଲକ୍ଷ ଟନ୍ କୋଇଲା ପ୍ରେରଣ କରିଛି। ଏହା ଅନୁଗୋଳ, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ରେ ଥିବା ତାଳଚେର ଏବଂ ଇବ୍‌ଭେଲି କୋଇଲା ଖଣିରୁ ରେଳ ଓ ସଡ଼କ ପଥରେ ବିଭିନ୍ନ ସ୍ଥାନକୁ ପଠାଯାଇଛି। ଏଥିରୁ ୨.୬୬ ଲକ୍ଷ ଟନ୍ ରେଳ ଯୋଗେ ଓ ୧.୪୪ ଲକ୍ଷ ଟନ୍ ସଡ଼କ ପଥରେ ଓ ୦.୩୪ ଲକ୍ଷ ଟନ୍ ଏମ୍‌ଜିଆର୍ ମୋଡ଼ରେ ପ୍ରେରିତ ହୋଇଛି। ଏହି କୋଇଲା ମଧ୍ୟରୁ ୭୬.୧ ପ୍ରତିଶତ ଅର୍ଥାତ୍ ୪.୧୫ ଲକ୍ଷ ଟନ୍ ଶକ୍ତି କ୍ଷେତ୍ରକୁ ପ୍ରେରଣ କରାଯାଇଛି। ଏହି ଉପଲବ୍ଧି ସକାଶେ ଏମ୍‌ସିଏଲ୍ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ପି.କେ. ସିହ୍ନା ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ପ୍ରଶଂସା କରିଛନ୍ତି।

**ସଂକ୍ଷେପରେ**

## ୧ କେଜି ବ୍ରାଉନ୍‌ସୁଗାର, ୨୫ ଲକ୍ଷ ଜବତ

ଜଳେଶ୍ୱର, ୬।୧୦(ଡି.ଏନ.ଏ.): ପଶ୍ଚିମବଙ୍ଗରୁ ବିପୁଳ ପରିମାଣ ବ୍ରାଉନସୁଗାର ବାଲେଶ୍ୱର ଜିଲା ଜଳେଶ୍ୱରକୁ ଚୋରାଚାଲାଣ ହେଉଛି। ପରବର୍ତ୍ତୀ ସମୟରେ ସେଠାରୁ ଅନ୍ୟ ସ୍ଥାନକୁ ଚାଲାଣ ହେଉଛି। ବୁଧବାର ଏସ୍‌ଟିଏଫ୍‌ର ଏକ ଟିମ୍ ୬୦ନଂ. ଜାତୀୟ ରାଜପଥ ଜମାଲପୁର ବାଇପାସ୍‌ଠାରେ ଜଣେ ଯୁବକଙ୍କୁ ଗିରଫ କରିବା ସହ ୧ କି.ଗ୍ରା. ବ୍ରାଉନସୁଗାର ଜବତ କରିଛି। ଯୁବକଙ୍କ ନିକଟରୁ ନଗଦ ୨୫ଲକ୍ଷ ଟଙ୍କା ଜବତ ହୋଇଛି। ଅଭିଯୁକ୍ତଙ୍କ ଘର ଜଳେଶ୍ୱର ମ୍ୟୁନିସିପାଲିଟିର ନନ୍ଦିକାଠାରେ। ଏସ୍‌ଟିଏଫ୍ କିମ୍ବା ଅବକାରୀ ବିଭାଗ ବ୍ରାଉନସୁଗାର କାରବାରର କିଙ୍ଗ୍‌ପିନ୍‌କୁ ଧରିପାରିନାହାଁନ୍ତି କେବଳ ଡେଲିଭରି ବୟମାନଙ୍କୁ ଗିରଫ କରିବାରେ ସଫଳ ହୋଇଛି।

## ଅତିଥି ଭବନରୁ ଗଳିତ ମୃତଦେହ ଜବତ

ପବିତ୍ରନଗର/ କଣିହାଁ, ୬।୧୦ (ଡି.ଏନ.ଏ.): ଅନୁଗୋଳ ଜିଲା କଣିହାଁ ବ୍ଲକ ସମଲ ବ୍ୟାରେଜ ଟାଉନଶିପ୍ କଲୋନୀରେ ଥିବା ସିଆର/୭ ନମ୍ବର କ୍ୱାର୍ଟର୍ସରୁ ବୁଧବାର ଏକ ଘରୋଇ କମ୍ପାନୀର ଜଣେ କର୍ମଚାରୀଙ୍କ ଗଳିତ ମୃତଦେହ ସମଲ ପୋଲିସ ଜବତ କରିଛି। ମୃତକ ହେଉଛନ୍ତି ବାଲେଶ୍ୱର ଜିଲା ସିମୁଳିଆ ଥାନା ଆବୁଜନା ଗ୍ରାମର ସୁଶାନ୍ତ କୁମାର ବଳ (୫୬)। ସେ ଦୀର୍ଘବର୍ଷ ହେଲା ଉକ୍ତ କମ୍ପାନୀରେ ରୋଷେୟା ଭାବେ କାର୍ଯ୍ୟ କରୁଥିଲେ। ବ୍ୟରେଜର ଉକ୍ତ କ୍ୱାର୍ଟର୍ସକୁ ଘରୋଇ କମ୍ପାନୀ ଭଡାରେ ନେଇ ଅତିଥି ଭବନ ଭାବେ ବ୍ୟବହାର କରୁଥିଲା। ସୁଶାନ୍ତ ସେଠାରେ ପ୍ରାୟ ସମୟରେ ଏକା ରହୁଥିବା ବେଳେ ମଙ୍ଗଳବାର କ୍ୱାର୍ଟର୍ସ ମଧ୍ୟରୁ ପ୍ରବଳ ଗନ୍ଧ ହେବାରୁ ଲୋକମାନେ ଥାନାକୁ ଖବର ଦେଇଥିଲେ। ବୁଧବାର ସୁଶାନ୍ତଙ୍କ ପରିବାର ଲୋକ, ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା କଣିହାଁ ଅତିରିକ୍ତ ତହସିଲଦାର ରବୀନ୍ଦ୍ର ସାମଲ, ସମଲ ଥାନା ଆଇଆଇସି ଲବ ବୋଡା ଏବଂ କମ୍ପାନୀ କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ କ୍ୱାର୍ଟର୍ସ କବାଟ ଭଙ୍ଗାଯାଇ ବେଡ୍ ଉପରେ ପଡ଼ିଥିବା ମୃତଦେହ ଜବତ କରାଯାଇଥିଲା। ପରିବାର ଲୋକେ ତୁରନ୍ତ କ୍ଷତିପୂରଣ ପାଇଁ ଅଡ଼ି ବସିବାରୁ ଉତ୍ତେଜନା ଦେଖାଦେଇଥିଲା। ଘଟଣାସ୍ଥଳରେ ବିଭିନ୍ନ ରାଜନୈତିକ ଦଳର ନେତା, ଶ୍ରମିକ ସଂଗଠନ କର୍ମକର୍ତ୍ତାମାନେ ପହଞ୍ଚି କ୍ଷତିପୂରଣ ଦାବି କରିଥିଲେ। ଏ ନେଇ ଆଲୋଚନା ପରେ କମ୍ପାନୀ ତରଫରୁ ୧୬ ଲକ୍ଷ ଟଙ୍କା ଦିଆଯିବାର ପ୍ରତିଶ୍ରୁତି ପ୍ରଦାନ କରାଯିବାରୁ ଅପରାହ୍ଣ ୪ଟାରେ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ତାଳଚେର ଉପଖଣ୍ଡ ଡାକ୍ତରଖାନା ପଠାଯାଇଥିଲା। ଏ ସଂକ୍ରାନ୍ତରେ ସମଲ ଥାନାରେ ନମ୍ବର ୧୦/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଆଇଆଇସି ଲବ ବୋଡା ପ୍ରକାଶ କରିଛନ୍ତି।

# ୨.୨୧ କୋଟିର ଚାଉଳ ଆତ୍ମସାତ୍

■ ୨୩ ଜଣ ଅଧିକାରୀ ସମ୍ପୃକ୍ତ
■ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

ଯାଜପୁର ଅଫିସ,୬।୧୦

ରାଜ୍ୟର ଯାଜପୁର ଜିଲା ସମେତ ଭଦ୍ରକ, ଗଞ୍ଜାମ ଓ ନବରଙ୍ଗପୁର ଜିଲାର ୨୩ ଜଣ ଯୋଗାଣ ବିଭାଗ ଅଧିକାରୀ ୨ କୋଟି ୨୧ ଲକ୍ଷ ୪୬ ହଜାର ୯୪୮ ଟଙ୍କାର ସରକାରୀ ଚାଉଳ ଆତ୍ମସାତ୍ କରିଛନ୍ତି। ସ୍ୱତନ୍ତ୍ର ଅଡିଟ୍ ରିପୋର୍ଟରେ ଏହି ଦୁର୍ନୀତି ଧରାପଡ଼ିଛି। ଏହି କାରବାରରେ ଯୋଗାଣ ନିରୀକ୍ଷକ(ଆଇଏସ୍), ମାର୍କେଟିଂ ଇନ୍‌ସ୍ପେକ୍ଟର(ଏମ୍‌ଆଇ) ଓ ଜିଲା ଯୋଗାଣ ଅଧିକାରୀ(ସିଏସ୍‌ଓ)ଙ୍କ ସମ୍ପୃକ୍ତି ରହିଛି। ଏଥିରେ କେବଳ ଗଞ୍ଜାମ ଜିଲାର ୧୯ ଜଣ ଅଧିକାରୀଙ୍କ ନାମ ରହିଛି। ଗତ ୩ ବର୍ଷ ହେଲା ଏହି ଦୁର୍ନୀତିଖୋର ଅଧିକାରୀମାନଙ୍କ ବିରୋଧରେ ଡ୍ରାଫ୍ଟ ଚାର୍ଜେସ ଗ୍ରହଣ କରିବାକୁ ୧୦ରୁ ଊର୍ଦ୍ଧ୍ୱ ଥର ନିର୍ଦ୍ଦେଶ ହୋଇଛି। ହେଲେ ତାହା କାର୍ଯ୍ୟକାରୀ ହୋଇ ପାରୁନାହିଁ। ତେଣୁ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜ୍ୟ ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକ(ଏମ୍‌ଡି) ବିଶ୍ୱଜିତ୍ କେଶରୀ ଦାସ ନିର୍ଦ୍ଦେଶ ଜାରି କରିଛନ୍ତି। ଅନ୍ୟଥା ସଂପୃକ୍ତ ଦୁର୍ନୀତିଖୋର ଅଧିକାରୀମାନଙ୍କୁ ସୁରକ୍ଷା ଦେବାକୁ ସୁଚିନ୍ତିତ ଯୋଜନା କରାଯାଉଛି ବୋଲି ମନେ କରାଯିବ। ଏହିମର୍ମରେ ଏମ୍‌ଡି ଦାସ ଗତ ୧ ତାରିଖରେ ଯୋଗାଣ ବିଭାଗର ସମ୍ପୃକ୍ତ ଜିଲା ପରିଚାଳକ (ଡିଏମ୍)ମାନଙ୍କୁ ନିର୍ଦ୍ଦେଶ ଜାରି କରିଛନ୍ତି।

୨୦୧୬-୧୭ ସ୍ୱତନ୍ତ୍ର ଅଡିଟ୍‌ରେ ଯାଜପୁର ଜିଲା ସାମିଆସ୍ଥିତ ମା'ଭଗବତୀ ରାଇସ୍ ଇଣ୍ଡଷ୍ଟ୍ରିଜ ପ୍ରାଇଭେଟ ଲିଃ ସରକାରୀ ଚାଉଳ ହଡ଼ପ କରିଥିବା ଧରାପଡ଼ିଥିଲା। ଏହି ପ୍ରକ୍ରିୟାରେ ଏମ୍‌ଆଇ ଉପେନ୍ଦ୍ର କୁମାର ଭୋଇ ଦାୟିତ୍ୱରେ ଥିଲେ। ତେଣୁ ତାଙ୍କ ନାମରେ ୪୪,୭୭,୦୯୪ ଟଙ୍କା ଆତ୍ମସାତ୍ ହୋଇଥିବା ଅଡିଟ୍ ରିପୋର୍ଟରେ ଧରାପଡିଛି। ଏହି ଅଡିଟ୍ ରିପୋର୍ଟ ଉପରେ ଯାଜପୁର ଜିଲା ଯୋଗାଣ ବିଭାଗକୁ ଏକାଧିକ ଥର ନିଗମ ପକ୍ଷରୁ ଆବଶ୍ୟକ ଦସ୍ତାବିଜ୍ ସାକ୍ଷ୍ୟ ଦାଖଲ କରିବାକୁ ନିର୍ଦ୍ଦେଶ ହୋଇଛି। କିନ୍ତୁ ଡିଏମ୍ ଓ ଦୁର୍ନୀତିଖୋର ଅଧିକାରୀଙ୍କ ମଧ୍ୟରେ ସଲାସୁତୁରା ରହିଥିବାରୁ ଏହା କାର୍ଯ୍ୟକାରୀ ହୋଇ ପାରିନାହିଁ ବୋଲି ଖୋଦ୍ ଏମ୍‌ଡି ହୃଦୟଙ୍ଗମ କରିଛନ୍ତି। ଅନୁରୂପ ଭାବେ ଗଞ୍ଜାମ ଜିଲାର ବେଲଗାମ ସିଂହସିନି ରାଇସ୍ ମିଲ୍ ଉପରେ ଆଇଏସ୍ ଜୟରାମ ଲେଙ୍କାଙ୍କ ନାମରେ ୪୧,୭୭,୩୯୦ ଟଙ୍କା, ବାହାଡଗୁଡା ଓ ଧଉଗାଁର ମହାବୀର ରାଇସ୍ ମିଲ ଉପରେ ଏମ୍‌ଆଇ ମନୋଜ କୁମାର ବେହେରା ଓ ସିଏସ୍‌ଓ ସନ୍ତୋଷ କୁମାର ମହାନ୍ତିଙ୍କ ନାମରେ ୧୧,୦୦,୯୭୨ ଟଙ୍କା, ମଖିଗାମ ଓ ପଦ୍ମପୁର ଗ୍ରାମର ସୁବାସ ରାଇସ୍ ମିଲ ଉପରେ ଏମ୍‌ଆଇ ସ୍ନେହାସିନୀ ବେହେରା ଓ ରେସ୍‌ମା ସିଲ୍‌କ ଦାସ ଏବଂ ସିଏସ୍‌ଓ ମହାନ୍ତିଙ୍କ ନାମରେ ୧୨,୦୦,୧୬୨ ଟଙ୍କା, କେ.ଏସ. ନଗର ଓ ଛତ୍ରପୁରର ମା'କାଳୀ ରାଇସ୍ ମିଲ ଉପରେ ଆଇଏସ୍ ଜୟରାମ ଲେଙ୍କା ଏବଂ ସିଏସ୍‌ଓ ମହାନ୍ତିଙ୍କ ନାମରେ ୨୬,୧୧,୮୬୭ ଟଙ୍କା, ଶଙ୍କରା ରାଇସ୍ ମିଲ୍ ଉପରେ ଏମ୍‌ଆଇ ସ୍ନେହାସିନୀ ବେହେରା, ରେସ୍ମା ସିଲ୍‌କ ଦାସ ଓ ସିଏସ୍‌ଓ ମହାନ୍ତିଙ୍କ ନାମରେ ୫,୬୨,୭୮୩ ଟଙ୍କା, ବୁଢୀ ମା' ଠାକୁରାଣୀ ରାଇସ୍ ମିଲ ଉପରେ ଏମ୍‌ଆଇ ରୀନାରାଣୀ ମହାପାତ୍ର ଓ ସିଏସ୍‌ଓ ମହାନ୍ତିଙ୍କ ନାମରେ ୨୭,୩୩,୧୯୦ ଟଙ୍କା, ମା ଫୁଲ ଠାକୁରାଣୀ ରାଇସ୍ ମିଲ ଉପରେ ଆଇଏସ୍ ଜୟରାମ ଲେଙ୍କାଙ୍କ ନାମରେ ୭,୨୨,୯୩୭ ଟଙ୍କା, ନାରାୟଣୀ ରାଇସ୍ ମିଲ ଉପରେ ଏମ୍‌ଆଇ ରୀନାରାଣୀ ମହାପାତ୍ର ଓ ସିଏସ୍‌ଓ ମହାନ୍ତିଙ୍କ ନାମରେ ୫,୧୮,୦୯୩ ଟଙ୍କା, ରୁଦ୍ରକାଳୀ ରାଇସ୍ ମିଲ୍ ଉପରେ ଆଇଏସ୍ ସୁଶାନ୍ତ କୁମାର ହୋତା ଓ ସିଏସ୍‌ଓ ମହାନ୍ତିଙ୍କ ନାମରେ ୧୬,୮୯,୦୬୮ ଟଙ୍କା ଏବଂ ଲିଙ୍ଗରାଜ ରାଇସ୍ ମିଲ୍ ଉପରେ ଆଇଏସ୍ ବଳରାମ ସେଠୀଙ୍କ ନାମରେ ୫,୧୦,୯୨୨ ଟଙ୍କା ଆତ୍ମସାତ୍ ଅଭିଯୋଗ ହୋଇଥିଲା। ଭଦ୍ରକ ଜିଲା ଜେଡିପି ଏଗ୍ରୋ ଇଣ୍ଡଷ୍ଟ୍ରିଜ ଉପରେ ଆଇଏସ୍ ହରିପ୍ରିୟା ସାହୁଙ୍କ ନାମରେ ୧୦,୯୫,୮୯୭ ଟଙ୍କା, ନବରଙ୍ଗପୁର ଜିଲା କାଳୀସୁନ୍ଦରୀ ରାଇସ୍ ମିଲ ଉପରେ ଆଇଏସ୍ ପ୍ରିୟରଞ୍ଜନ ନାୟକ ଓ ସିଏସ୍‌ଓ ରାମ ପ୍ରସାଦ ପାଢୀଙ୍କ ନାମରେ ୭,୪୬,୫୭୩ ଟଙ୍କା ଆତ୍ମସାତ୍ ହୋଇଛି। ତେବେ ଇତିମଧ୍ୟରେ ସିଏସ୍‌ଓ ସନ୍ତୋଷ କୁମାର ମହାନ୍ତି ଓ ରାମପ୍ରସାଦ ପାଢୀ ଅବସର ଗ୍ରହଣ କରି ସାରିଛନ୍ତି। ତେଣୁ ଏହି ଅଧିକାରୀଦ୍ୱୟଙ୍କ ନାମରେ ମଧ୍ୟ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏମ୍‌ଡି ଦାସ ନିର୍ଦ୍ଦେଶ ଜାରି କରିଛନ୍ତି। ଯେଉଁ ଅଧିକାରୀଙ୍କ ନାମରେ ଡ୍ରାଫ୍ଟ ଚାର୍ଜେସ ଗ୍ରହଣ କରିବାରେ ବିଳମ୍ବ ହେଲା ସେମାନଙ୍କ ନାମରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ତାଲିକା ପ୍ରସ୍ତୁତ, ଅଡିଟ୍ ରିପୋର୍ଟରେ ନାମ ରହିଥିବା ଦୁର୍ନୀତିଖୋର ଅଧିକାରୀ ଯେଉଁଠି ବି ଥାଆନ୍ତୁ ସେମାନଙ୍କ ବିରୋଧରେ ପଦକ୍ଷେପ ନେବାକୁ ଏମ୍‌ଡି ଦାସ କଡା ନିର୍ଦ୍ଦେଶ ଜାରି କରିଛନ୍ତି।

ଯାଜପୁର ଜିଲାରେ ମିଲର୍ସ ଓ ଦାୟିତ୍ୱରେ ରହୁଥିବା ଅଧିକାରୀମାନଙ୍କ ମଧ୍ୟରେ ସଲାସୁତୁରା କରି ଧାନ କିଣାବିକା ଓ ଚାଉଳ ସଂଗ୍ରହରେ ବ୍ୟାପକ ଦୁର୍ନୀତି ହେଉଥିବା ଏଥିରୁ ସ୍ପଷ୍ଟ ହେଉଛି। ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନର ଅଭାବ ଓ ନୀତି, ନିର୍ଦ୍ଦେଶ କାର୍ଯ୍ୟକାରୀ ହେବାରେ ବିଳମ୍ବ ଯୋଗୁ ଏଭଳି ଦୁର୍ନୀତି କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ସାହସ ଯୋଗାଉଛି ବୋଲି ମତପ୍ରକାଶ ପାଇଛି।



ଏୟାରଫୋର୍ସ ଡେ' ଉପଲକ୍ଷେ ଭାରତୀୟ ବାୟୁସେନା ପକ୍ଷରୁ ଅକ୍ଟୋବର ୧ରୁ ରିହର୍ସାଲ କରାଯାଉଥିବାବେଳେ ୟୁପିର ଗାଜିଆବାଦ ଏୟାରଫୋର୍ସ ଷ୍ଟେଶନରେ ବୁଧବାର ଯୁଦ୍ଧବିମାନର ସାମରିକ କୌଶଳ ପ୍ରଦର୍ଶନ ।

## ବିରୁଡ଼ି ଆକ୍ରମଣରେ ବୃଦ୍ଧା ମୃତ

ତୁମୁଡ଼ିବନ୍ଧ,୬।୧୦(ଡି.ଏନ.ଏ.)

କନ୍ଧମାଳ ଜିଲା ତୁମୁଡ଼ିବନ୍ଧ ଅଞ୍ଚଳରେ ବୁଧବାର ଶିଆଳି ପତ୍ର ତୋଳିବାକୁ ଯାଇଥିବା ବେଳେ ବିରୁଡ଼ି ହାବୁଡ଼ରେ ପଡ଼ି ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଥିବା ବେଳେ ୬ ମହିଳା ଆହତ ହୋଇଛନ୍ତି। ମୃତା ମହିଳା ହେଲେ କରୁକୁରୁପା ଗ୍ରାମର ପୁଜୁରୀ ଦିଗାଲ। ତୁମୁଡ଼ିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆହତ ମହିଳାମାନଙ୍କ ଚିକିତ୍ସା ଚାଲିଛି। ୨ ଜଣଙ୍କ ଅବସ୍ଥା ଗୁରୁତର ଅଛି। କରୁକୁରୁପା ଓ ଡାଙ୍ଗେର୍ସଗୁଡ଼ା ଗ୍ରାମର କେତେଜଣ ମହିଳା ଶିଆଳି ପତ୍ର ତୋଳିବାକୁ ଏକ ଅଟୋ ଯୋଗେ ବେଲଘର ନିକଟ ପୂଜାଘାଟି ପାହାଡ଼କୁ ଯାଇଥିଲେ। ବିରୁଡ଼ି ଆକ୍ରମଣ କରିବାରୁ ସେମାନେ ଏଣେତେଣେ ଦୌଡ଼ିଥିଲେ। ପୁଜୁରୀ ଦୌଡ଼ି ନ ପାରିବାରୁ ବିରୁଡ଼ି ଆକ୍ରମଣର ଶିକାର ହୋଇଥିଲେ। ପରିବାର ଲୋକେ ଏହା ଜାଣିବା ପରେ ଖୋଜାଖୋଜି କରି ସନ୍ଧ୍ୟାରେ ମୃତଦେହ ପାଇଥିଲେ। ତୁମୁଡ଼ିବନ୍ଧ ବିଡିଓ ରୀନା ପ୍ରଧାନ ମେଡିକାଲରେ ପହଞ୍ଚି ଆହତମାନଙ୍କ ସହ କଥା ହୋଇଛନ୍ତି।

# ତୃତୀୟ ଲିଙ୍ଗୀଙ୍କୁ ମିଳିବ ସମାନ ସୁବିଧାସୁଯୋଗ



ଭୁବନେଶ୍ୱର,୬।୧୦(ବ୍ୟୁରୋ)

ତୃତୀୟ ଲିଙ୍ଗୀ(କିନ୍ନର)ମାନେ କୌଣସି କ୍ଷେତ୍ରରେ ଅବହେଳିତ ହେବେ ନାହିଁ। ସେମାନଙ୍କୁ ଅନ୍ୟମାନଙ୍କଠାରୁ ବାଛବିଚାର କରାଯିବ ନାହିଁ। ବିଭିନ୍ନ କ୍ଷେତ୍ରରେ ଅନ୍ୟମାନଙ୍କ ଭଳି କିନ୍ନରମାନଙ୍କୁ ସମାନ ସୁବିଧାସୁଯୋଗ ଦେବା ଲାଗି ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏ ନେଇ ବୁଧବାର ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି।

ଦକ୍ଷତା ପ୍ରତିପାଦିତ ପାଇଁ କିନ୍ନରମାନଙ୍କ ଲାଗି କାର୍ଯ୍ୟକ୍ଷେତ୍ରରେ ଉପଯୁକ୍ତ ପରିବେଶ ସୃଷ୍ଟି କରାଯିବା ସହ କୌଣସି ପଦବୀ, ତାଲିମ, ପଦୋନ୍ନତି, ବଦଳି କ୍ଷେତ୍ରରେ ବାଛବିଚାର ରହିବନି। ତୃତୀୟ ଲିଙ୍ଗୀଙ୍କ ଅଭିଯୋଗ ସମାଧାନ ପାଇଁ ସ୍ୱତନ୍ତ୍ର ଅଧିକାରୀ ନିଯୁକ୍ତ ହେବେ। ଅଭିଯୋଗ ପାଇବାର ୧୫ ଦିନ ମଧ୍ୟରେ ଅଧିକାରୀ କିନ୍ନରଙ୍କ ସମସ୍ୟାର ସମାଧାନ କରିବା ନେଇ ନିର୍ଦ୍ଦେଶନାମା ଜାରି ହୋଇଛି। କିନ୍ନରମାନଙ୍କୁ ନିଯୁକ୍ତି କ୍ଷେତ୍ରରେ ସମାନ ସୁବିଧା ସୁଯୋଗ ପ୍ରଦାନ କରିବାକୁ ତୃତୀୟ ଲିଙ୍ଗ (ସୁରକ୍ଷା ଅଧିକାର) ଆଇନ ୨୦୧୯ ଏବଂ କେନ୍ଦ୍ରୀୟ ରୁଲ୍ ୨୦୨୦ କାର୍ଯ୍ୟକାରୀ କରାଯାଇଛି। ବିଭାଗ ପକ୍ଷରୁ କିନ୍ନରମାନଙ୍କୁ କାର୍ଯ୍ୟସ୍ଥଳରେ ସମାନ ଅଧିକାର ଦେବାକୁ ପଦକ୍ଷେପ ଗ୍ରହଣ କରାଯାଇଛି। ସେହିପରି ଅଧିକାରୀଙ୍କ ଦ୍ୱାରା ଦାଖଲ ହୋଇଥିବା ତଦନ୍ତ ରିପୋର୍ଟ ଉପରେ ୧୫ ଦିନ ମଧ୍ୟରେ ରିପୋର୍ଟ ଦେବାକୁ ବିଭାଗୀୟ ମୁଖ୍ୟ ଦପ୍ତରଗୁଡ଼ିକୁ କୁହାଯାଇଛି। କିନ୍ନରମାନେ ନିଜର ଅଭିଯୋଗ ପାଇଁ ନିକଟସ୍ଥ ଅଧିକାରୀଙ୍କ ସହ ଯୋଗାଯୋଗ କରିପାରିବେ। ଏହି ଅଭିଯୋଗକୁ ଅଧିକାରୀ ଗୁପ୍ତ ରଖି ତାହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅଧିକାରୀମାନେ ଅଭିଯୋଗ ପାଇବାର ୧୫ ଦିନ ମଧ୍ୟରେ ତଦନ୍ତ କରିବେ। ତଦନ୍ତ ଶେଷ ହେବା ପରେ ବିଭାଗୀୟ ମୁଖ୍ୟ ଦପ୍ତର ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ଯଦି ମୁଖ୍ୟ ଦପ୍ତର ପଦକ୍ଷେପ ନେଇ ନ ଥିବେ ସେ କ୍ଷେତ୍ରରେ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯିବ। ଏଥିସହିତ କିନ୍ନରମାନଙ୍କୁ କାର୍ଯ୍ୟସ୍ଥଳରେ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦେବାକୁ କୁହାଯାଇଛି।

## ଅଭିନଙ୍କୁ ନିର୍ଦ୍ଦୋଷ କହିଲେ ବାପା

**ମୁମ୍ବାଇ ଡ୍ରଗ୍ସ ମାମଲାରେ ରାଉରକେଲା ଯୁବକ ଗିରଫ ଘଟଣା**

ରାଉରକେଲା ଅଫିସ, ୬।୧୦

ସମୁଦ୍ର ଭିତରେ କ୍ରୁଜ ଜାହାଜରେ ଚାଲିଥିବା ଡ୍ରଗ୍ସ ପାର୍ଟି ମାମଲାରେ ରାଉରକେଲାର ୨ଯୁବକଙ୍କୁ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ଗିରଫ କରିଛି। ସେମାନେ ହେଲେ ସିଭିଲଟାଉନଶିପ କ୍ୱାର୍ଟର୍ସ ନଂ. ପି ୨୧ରେ ରହୁଥିବା ଅଭିନ ସାହୁ(୩୦) ଏବଂ ଆର-୨୬ ଘରେ ରହୁଥିବା ମନିଷ ରାଜଗରିଆ (୨୬)। ମନିଷଙ୍କ କୁଆଁରମୁଣ୍ଡା ଅଞ୍ଚଳରେ ଏକ ସ୍ପଞ୍ଜ ଆଇରନ କାରଖାନା, ଅଭିନଙ୍କ ରାଉରକେଲା ରିଙ୍ଗରୋଡ଼ ଟ୍ୟାକ୍ସିଷ୍ଟାଣ୍ଡରେ ସୁନା ଅଳଙ୍କାର ଦୋକାନ ରହିଛି। ତେବେ ଅଭିନ ନିର୍ଦ୍ଦୋଷ ବୋଲି ତାଙ୍କ ବାପା ଦୀନା ସାହୁ କହିଛନ୍ତି। ସେ କହିଛନ୍ତି, ପାର୍ବଣର ଆସୁଥିବାରୁ ଅଭିନ ବିଭିନ୍ନ ଗହଣା କିଣିବା ପାଇଁ ୨ ସପ୍ତାହ ପୂର୍ବେ ମୁମ୍ବାଇ ଯାଇଥିଲେ। କିଛି ବନ୍ଧୁଙ୍କ ସହ ଏକ ବ୍ୟାଚେଲର ପାର୍ଟିରେ ଯୋଗଦେବା ପାଇଁ ସେ କ୍ରୁଜ ଜାହାଜରେ ଥିଲେ। ସେ ଅନ୍ୟ ଏକ ପାର୍ଟିରେ ଥିଲେ। ସେହି ସମୟରେ ମନିଷଙ୍କ ସମେତ ରାଉରକେଲାରୁ ଆଉ ୮ଜଣ ସାଙ୍ଗଙ୍କ ସହ ଭେଟ ହୋଇଥିଲା। ଏହି ପାର୍ଟିରେ ଶାହରୁଖ୍ ଖାନ୍‌ଙ୍କ ପୁଅ ଆର୍ଯ୍ୟନ ଆସିଥିବା ଜାଣି ସେମାନେ ତାଙ୍କ ସହ ସେଲ୍‌ଫି ଉଠାଇବାକୁ ଅପେକ୍ଷା କରିଥିବାବେଳେ ଏନ୍‌ସିବି ଚଢ଼ାଉ କରିଥିଲା। ଏଥିରେ ଅଭିନ ଧରାପଡ଼ି ଯାଇଥିଲେ। ନିର୍ଦ୍ଦୋଷରେ ଅଭିନଙ୍କୁ ଗିରଫ କରାଯାଇଥିବାରୁ ତାଙ୍କୁ ଆଇନର ସାହାରା ନେଇ ରାଉରକେଲା ଆଣିବେ ବୋଲି ତାଙ୍କ ବାପା କହିଥିଲେ।

**ପ୍ରଥମ ପୃଷ୍ଠାରୁ...**

## ଏଲ୍‌ପିଜି ମୂଲ୍ୟ ...

୯୨୬ ଟଙ୍କା ଛୁଇଁଛି। ଉଭୟ ସବ୍‌ସିଡି ଏବଂ ଅଣ ସବ୍‌ସିଡି ଏଲ୍‌ପିଜି ଦରରେ ଏଭଳି ପରିବର୍ତ୍ତନ ହୋଇଥିବା ଜଣାପଡ଼ିଛି। ୧୯ କିଲୋ ଏଲ୍‌ପିଜି ସିଲିଣ୍ଡର ପିଛା ଦର ୧୮୩୦ ଟଙ୍କା ରହିଛି। ଗତ ଥର ଏହା ୪୩ ଟଙ୍କା ବୃଦ୍ଧି ଘଟିଥିଲା। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ବଢ଼ିବା ଯୋଗୁ ଏଲ୍‌ପିଜି ସହ ପେଟ୍ରୋଲ ଏବଂ ଡିଜେଲ ଦର ଊର୍ଦ୍ଧ୍ୱଗାମୀ ହୋଇ ଚାଲିଛି।
ଫଳରେ ଭାରତ ବଜାର ଉପରେ ଏହାର ପ୍ରଭାବ ତ୍ୱରିତ ଭାବେ ଦେଖାଯାଇଛି। ଲଗାତର ୪ ମାସ ହେବ ଏଲ୍‌ପିଜି ଦର ଥମୁନାହିଁ। ଚଳିତ ବର୍ଷ ଜୁଲାଇରେ ରନ୍ଧନ ଗ୍ୟାସ୍ ଦର ୨୫.୫୦ ଟଙ୍କା ବୃଦ୍ଧି ଘଟିଥିଲା। ସେହିଭଳି ଅଗଷ୍ଟରେ ୨୫ ଟଙ୍କା ଏବଂ ସେପ୍ଟେମ୍ବରରେ ସିଲିଣ୍ଡର ପିଛା ଦର ୨୫ ଟଙ୍କା ବୃଦ୍ଧି ହୋଇଥିଲା। ଅପରପକ୍ଷରେ ପେଟ୍ରୋଲିୟମ ସାମଗ୍ରୀ ରପ୍ତାନିକାରୀ ଦେଶ ସମୂହ (ଓପେକ) ବର୍ତ୍ତମାନ ତେଲ ଉତ୍ପାଦନ ନିୟନ୍ତ୍ରିତ କରୁଥିବାରୁ ଅନ୍ତର୍ଜାତୀୟ ବଜାର ଉପରେ ଏହାର ପ୍ରଭାବ ପଡିଛି। ଏହି ବୃଦ୍ଧି ଫଳରେ ନୂଆଦିଲ୍ଲୀରେ ଦର ବର୍ତ୍ତମାନ ୮୯୯.୫୦ ଟଙ୍କା ଛୁଇଁଛି। ଏଲ୍‌ପିଜି ଭଳି ଅତ୍ୟାବଶ୍ୟକ ସାମଗ୍ରୀ ଦର ହ୍ରାସ ଲାଗି ଲୋକମାନେ ନିବେଦନ କରି ଆସୁଛନ୍ତି। ମାତ୍ର ସରକାର ଅନ୍ତର୍ଜାତୀୟ ବଜାରର ଆଳ ଦେଖାଇ ଗତ ୪ ମାସରୁ ଊର୍ଦ୍ଧ୍ୱ ସମୟ ହେବ ଏହାର ଦରରେ ପରିବର୍ତ୍ତନ କଲେଣି। ଫଳରେ ଲୋକଙ୍କୁ ସିଲିଣ୍ଡର ପିଛା ଏଲ୍‌ପିଜି ଲାଗି ପ୍ରାୟ ୧ ହଜାର ଟଙ୍କା ଦେବାକୁ ପଡୁଛି। କରୋନା କାଳରେ ଲୋକମାନେ ବିଭିନ୍ନ ସମସ୍ୟା ସାମ୍ନା କରୁଥିବାରୁ ଦର ବଢ଼ାଇ ଲୋକଙ୍କୁ ବୋଝକୁ ସରକାର ବଢାଉଥିବା ବେଳେ ଏଥିରୁ ଆଶ୍ୱସ୍ତି ଦେବା ଭଳି ସ୍ଥିତି ଆସୁନାହିଁ। ଉଲ୍ଲେଖଯୋଗ୍ୟ, ଗତ ୧୦ ମାସରେ ଏଲ୍‌ପିଜି ଦର ୩୦୦ ଟଙ୍କାରୁ ଊର୍ଦ୍ଧ୍ୱ ବଢିଛି। ସେହିଭଳି ଅନ୍ୟ ନିତ୍ୟବ୍ୟବହାରରେ ଆସୁଥିବା ସାମଗ୍ରୀ ଦର ବଢ଼ିବା ଯୋଗୁ ଲୋକମାନେ ଦହଗଞ୍ଜ ହେଉଛନ୍ତି।

## ପୁଣି ବଢ଼ିଲା, ...

ଦର ୩୯ ପଇସା ଊର୍ଦ୍ଧ୍ୱରେ ରହି ୯୯.୭୦ ଟଙ୍କା ଛୁଇଁଛି। ମାଲକାନଗିରିରେ ପେଟ୍ରୋଲ ୧୧୦.୪୯ ଟଙ୍କା ଏବଂ ଡିଜେଲ ୧୦୪.୮୪ ଟଙ୍କାରେ ବିକ୍ରି ହେଉଛି। ସାରା ଦେଶରେ ପେଟ୍ରୋଲ ଏବଂ ଡିଜେଲ ଯଥାକ୍ରମେ ୩୦ ପଇସା ଏବଂ ୩୫ ପଇସା ବଢ଼ିଛି। ନୂଆଦିଲ୍ଲୀରେ ପେଟ୍ରୋଲ ୧୦୨.୯୪ ଟଙ୍କା ଛୁଇଁଥିବା ବେଳେ ମୁମ୍ବାଇରେ ୧୦୮.୯୬ ଟଙ୍କା ରହିଛି। କୋଲକାତା ଏବଂ ଚେନ୍ନାଇରେ ଏହାର ଦର ଯଥାକ୍ରମେ ୧୦୩.୬୫ ଟଙ୍କା ଏବଂ ୧୦୦.୪୯ ଟଙ୍କା ଛୁଇଁଛି। ଏହି ଦର ବୃଦ୍ଧି ଫଳରେ ନଏଡା ଏବଂ ଉତ୍ତରପ୍ରଦେଶ ସମେତ ଦେଶର ବିଭିନ୍ନ ପ୍ରାନ୍ତରେ ତେଲ ଦର ଶତକ ପାର କରିଛି। ଅନ୍ତତଃ ପକ୍ଷେ ଦେଶର ପ୍ରମୁଖ ୧୪ ସହରରେ ତେଲ ଦର ତିନି ଅଙ୍କ ଟପିଥିବା ରାଷ୍ଟ୍ରାୟତ୍ତ ତୈଳ ବିପଣନ କମ୍ପାନୀଗୁଡିକ ପକ୍ଷରୁ ସୂଚନା ମିଳିଛି।
ରାଜସ୍ଥାନର ଶ୍ରୀଗଙ୍ଗାନଗରରେ ପେଟ୍ରୋଲ ସର୍ବାଧିକ ୧୧୪.୨୦ ଟଙ୍କାରେ ବିକ୍ରି ହେଉଛି। ଗତ କିଛିଦିନ ହେବ ଡିଜେଲ ଦର ମଧ୍ୟ ଲଗାତର ବୃଦ୍ଧି ଘଟିବା ସହ ରେକର୍ଡ ଛୁଇଁଛି। କେତେକ ପ୍ରମୁଖ ସହରରେ ଡିଜେଲ ମଧ୍ୟ ୧୦୦ ଟଙ୍କା ଟପିଛି। ତେଲ ଦର ବଢ଼ିବା ଯୋଗୁ ଏହାର ସିଧାସଳଖ ପ୍ରଭାବ ପରିବହନ ବ୍ୟବସ୍ଥା ଉପରେ ପଡୁଛି। ଫଳରେ ଉଭୟ ଅତ୍ୟାବଶ୍ୟକ ଏବଂ ଅଣ ଅତ୍ୟାବଶ୍ୟକ ସାମଗ୍ରୀ ଦର ବଢୁଛି। ବର୍ତ୍ତମାନ ଅନ୍ତର୍ଜାତୀୟ ବଜାରରେ ବ୍ରେଣ୍ଟ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ୮୨ ଡଲାର ଛୁଇଁଛି। ଅଶୋଧିତ ତେଲ ବ୍ୟାରେଲ ପିଛା ୭୫ ଟଙ୍କା ଛୁଇଁଲେ ଏହା ଭାରତ ବଜାରକୁ ପ୍ରଭାବିତ କରିବ ବୋଲି ବିଶେଷଜ୍ଞ କହିଥିଲେ। ମାତ୍ର ଏହି ହାରକୁ ଅଶୋଧିତ ତେଲ ଦର ଟପିଛି। ଭାରତ ଏହାର ମୋଟ ଇନ୍ଧନ ଆବଶ୍ୟକତା ମଧ୍ୟରୁ ପ୍ରାୟ ୮୦% ବିଦେଶରୁ ଆମଦାନୀ କରୁଛି। ଏଥିଲାଗି ବିପୁଳ ପରିମାଣର ବିଦେଶୀ ମୁଦ୍ରା ଖର୍ଚ୍ଚ କରିବାକୁ ପଡୁଛି। ଅପରପକ୍ଷରେ ଲଗାତର ତେଲ ଦର ବୃଦ୍ଧି ଖାଉଟିଙ୍କ ସମସ୍ୟା ବଢ଼ାଉଛି।
ଚଳିତ ବର୍ଷ ଡିସେମ୍ବରରେ ଅଶୋଧିତ ତେଲ ଦର ବ୍ୟାରେଲ ପିଛା ୯୦ ଡଲାର ଛୁଇଁବ ବୋଲି ଗୋଲ୍ଡମ୍ୟାନ ସ୍ୟାଚ୍ ପକ୍ଷରୁ ଏକ ରିପୋର୍ଟ ପ୍ରକାଶ ପାଇଛି। ଏହି ଆକଳନ ଯଦି ଠିକ୍ ହୁଏ ତେବେ ଆଗାମୀ ଦିନରେ ମଧ୍ୟ ଖାଉଟି ତେଲ ଦର ବୃଦ୍ଧିରୁ ଆଶ୍ୱସ୍ତି ପାଇପାରିବେ ନାହିଁ। ଏଭଳି ବୃଦ୍ଧି ଖାଉଟିଙ୍କ ଚାହିଦା ଏବଂ ମନୋଭାବ ଉପରେ ଗଭୀର ପ୍ରଭାବ ପକାଉଥିବାରୁ ଏହା ଅର୍ଥ ବ୍ୟବସ୍ଥା ଲାଗି ଶୁଭଙ୍କର ନୁହେଁ। ତେଲ ଦର କମାଇବା ଲାଗି ବାରମ୍ବାର ଦାବି ହୋଇ ଆସୁଥିବା ବେଳେ ଉଭୟ କେନ୍ଦ୍ର ଏବଂ ରାଜ୍ୟ ଏ ନେଇ କର୍ଣ୍ଣପାତ କରୁନାହାନ୍ତି। ପେଟ୍ରୋଲ ଏବଂ ଡିଜେଲକୁ ଜିଏସ୍‌ଟି ପରିସରଭୁକ୍ତ କରିବା ଲାଗି କେରଳ ହାଇକୋର୍ଟ ଜିଏସ୍‌ଟି ପରିଷଦକୁ ନିର୍ଦ୍ଦେଶ ଦେଇଥିଲେ। ନିକଟରେ ଅନୁଷ୍ଠିତ ୪୫ ତମ ଜିଏସ୍‌ଟି ପରିଷଦ ବୈଠକରେ ତେଲ ଜିଏସ୍‌ଟି ଅଧୀନକୁ ଆସିବା ନେଇ ଅନୁମାନ କରାଯାଉଥିଲା। ମାତ୍ର କେନ୍ଦ୍ର ଏବଂ ରାଜ୍ୟ ଏ ଦିଗରେ ସହମତି ନ ଦେବାକୁ କୌଣସି ନିଷ୍ପତ୍ତି ହୋଇପାରିଲା ନାହିଁ। ତେଲକୁ ଜିଏସ୍‌ଟି ପରିସରଭୁକ୍ତ କରାଇବା ନେଇ ବର୍ତ୍ତମାନ ସମୟ ଆସିନାହିଁ ବୋଲି କୋର୍ଟକୁ ଜଣାଇ ଦିଆଯିବ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ କହିଥିଲେ। ଏଭଳି ସ୍ଥିତିରେ ତେଲ ଦର ବୃଦ୍ଧିଜନିତ ଚିନ୍ତା ଲୋକଙ୍କୁ ଘାରିବ ବୋଲି ବଜାର ବିଶେଷଜ୍ଞ କହିଛନ୍ତି।

## ପୋତାଯାଇଥିବା ବିପୁଳ ବିସ୍ଫୋରକ ଜବତ

ଚଢ଼େଇଧରା,୬।୧୦(ଡି.ଏନ.ଏ.)

ଯାଜପୁର ଜିଲା ଜେନାପୁର ଥାନା ଅଧୀନ ଗଙ୍ଗେଇଡୁବୁରୀ(ଲୁଣିବେର) କଳାପଥର ଖଣିଠାରୁ କିଛି ଦୂରରେ ପୋତା ଯାଇଥିବା ବିପୁଳ ବିସ୍ଫୋରକକୁ ବୁଧବାର ରାତିରେ ଜବତ କରାଯାଇଛି। ଏକ ପଡ଼ିଆରେ ବିସ୍ଫୋରକ ପୋତା ଯାଇଥିବା ଖବର ପାଇ ଜେନାପୁର ଥାନାଧିକାରୀ ଶ୍ରବଣ କୁମାର ମହାରଣା ପହଞ୍ଚିଥିଲେ। ପୋତା ଯାଇଥିବା ସ୍ଥାନକୁ ଠାବ କରିବା ପରେ ବୋମା ନିଷ୍କ୍ରିୟକାରୀ ଦଳଙ୍କ ସହାୟତାରେ ଏକ ଜେସିବି ମେଶିନ ଦ୍ୱାରା ଖନନ କରାଯାଇଥିଲା। ଖବର ଲେଖାହେବା ବେଳକୁ ୫୦ ବସ୍ତା ଏମୋନିୟମ ନାଇଟ୍ରେଟ୍ ସହିତ ଅନ୍ୟ କିଛି ବିସ୍ଫୋରକ ଜବତ ହୋଇଥିଲା। ତେବେ ଏତେ ପରିମାଣର ବିସ୍ଫୋରକ କିଏ କାହିଁକି ସେଠାରେ ପୋତିଛି ସେ ନେଇ ପୋଲିସ ତଦନ୍ତ ଚଳାଇଛି। ସାମଗ୍ରୀ ଜବତ ହୋଇଥିବା ସ୍ଥାନ ସରକାରୀ ଜମି ହୋଇଥିବା ବେଳେ ଏହା ସ୍ଥାନୀୟ ଅଞ୍ଚଳର କେହି ଜଣେ ବ୍ୟକ୍ତିଙ୍କ ଦ୍ୱାରା ଦଖଲ ହୋଇଥିବା ଶୁଣାଯାଉଛି। ଏହି ପାହାଡ଼ରେ ଅନେକ ଖାଦାନ ରହିଥିବାରୁ କିଏ ପୋତିଛନ୍ତି, ତାହା ବିନା ତଦନ୍ତରେ କହିହେବ ନାହିଁ ବୋଲି ଥାନାଧିକାରୀ ମହାରଣା କହିଛନ୍ତି। ତେବେ ଗତ ଘଟଣା ସହିତ ଏହି ଘଟଣାର ସାମଞ୍ଜସ୍ୟ ରହିଥିବା ସ୍ଥାନୀୟ ଲୋକେ କହିଛନ୍ତି। ଅନ୍ୟପକ୍ଷରେ ଜେନାପୁର ଥାନା ଅଞ୍ଚଳ ଏବେ ବାରୁଦ ଗଦାରେ ଛିଡା ହୋଇଥିବା ଚର୍ଚ୍ଚା ହେଉଛି। ସୂଚନାଯୋଗ୍ୟ, ଗତ ରବିବାର ବଉଳମାଳ ପଞ୍ଚାୟତର ସାତମାଣଠାରେ ଥିବା ଏକ ବିସ୍ଫୋରକ ଗୋଦାମକୁ ଜିଲା ପୋଲିସ ସିଲ୍ କରିଥିବା ବେଳେ ମାତ୍ରାଧିକ ବିସ୍ଫୋରକ ମହଜୁଦ ଅଭିଯୋଗରେ ମାମଲା ରୁଜୁ କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ଅଦ୍ୟାବଧି ପୋଲିସ ହେପାଜତକୁ ଆସି ପାରିନାହାନ୍ତି।

## ବେଆଇନ ଗଞ୍ଜେଇ ଚାଷ ବନ୍ଦ କର: ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର,୬।୧୦(ବ୍ୟୁରୋ)

ରାଜ୍ୟରେ ବେଆଇନ ଗଞ୍ଜେଇ ଚାଷ ବନ୍ଦ କରିବା ପାଇଁ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ଲୋକସେବା ଭବନରେ ବୁଧବାର ଅନୁଷ୍ଠିତ ଏକ ବୈଠକରେ ଅବକାରୀ ବିଭାଗ ପ୍ରମୁଖ ଶାସନ ସଚିବ ସୁଶୀଲ କୁମାର ଲୋହାନି ବେଆଇନ ଗଞ୍ଜେଇ ଚାଷ ପ୍ରତିରୋଧ ସମ୍ବନ୍ଧିତ ଆଇନଗତ ଏବଂ କାର୍ଯ୍ୟାନ୍ୱୟନ ବିଷୟ ଆଲୋଚନା ପାଇଁ ତଥ୍ୟ ରଖିଥିଲେ। ଜିଲାୱାରି ସ୍ଥିତିର ସମୀକ୍ଷାକରି ପ୍ରବର୍ତ୍ତନ କାର୍ଯ୍ୟକ୍ରମକୁ ଅଧିକ ଶାଣିତ କରିବାକୁ ବୈଠକରେ ନିର୍ଦ୍ଦେଶ ଦିଆଯାଇଛି। ଏଥିପାଇଁ ପୋଲିସ, ଅବକାରୀ ଏବଂ ରାଜସ୍ୱ ବିଭାଗ ଅଧିକାରୀମାନେ କ୍ଷେତ୍ରସ୍ତରରେ ସମନ୍ୱିତ ଭାବେ କାର୍ଯ୍ୟ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଗଞ୍ଜେଇ ଚାଷ ହେଉଥିବା ଅଞ୍ଚଳର ସବୁ ପରିବାର ଏ ବେଆଇନ୍ କାର୍ଯ୍ୟରେ ସମ୍ପୃକ୍ତ ନୁହନ୍ତି। ଏଥିରେ ଯେଉଁମାନେ ସମ୍ପୃକ୍ତ ସେମାନଙ୍କ ବିଷୟରେ ସୂଚନା ସଂଗ୍ରହ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କର। ଗଞ୍ଜେଇ ଚାଷ ଅଞ୍ଚଳ ଚିହ୍ନଟ କରିବା ନିମନ୍ତେ ସାଟେଲାଇଟ୍ ଏବଂ ଡ୍ରୋନ୍ ବୈଷୟିକ କୌଶଳ ପ୍ରୟୋଗ କରିବା ପାଇଁ ମଧ୍ୟ ନିଷ୍ପତ୍ତି ହୋଇଛି। ଗଞ୍ଜେଇ ଚାଷ ଉପରେ ନିର୍ଭର କରି ଚଳୁଥିବା ଗରିବ ପରିବାରଙ୍କ ନିମନ୍ତେ ଲକ୍ଷ୍ୟଭେଦୀ ବିକଳ୍ପ ଜୀବିକା ନିର୍ବାହ ପନ୍ଥା ଓ ଯୋଜନା ଗୁଡିକ କାର୍ଯ୍ୟକାରୀ କରିବା ପାଇଁ ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ଗଞ୍ଜେଇ ଚାଷ ବିରୋଧରେ ଜନସଚେତନତା ଏବଂ ଜନମତ ସୃଷ୍ଟି ଉପରେ ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା ଗୁରୁତ୍ୱାରୋପ କରିଛନ୍ତି।

## କଲରାପତରିଆ ବାଘଛାଲ ଜବତ, ଜଣେ ଗିରଫ

ଫୁଲବାଣୀ ଅଫିସ/ବାଲିଗୁଡ଼ା (ଡି.ଏନ୍.ଏ),୬।୧୦

କନ୍ଧମାଳ ଜିଲା ବାଲିଗୁଡ଼ା ବନଖଣ୍ଡ କ.ନୂଆଗାଁ ରେଞ୍ଜ ଅନ୍ତର୍ଗତ ସିର୍ତ୍ତିଗୁଡା ଛକ ନିକଟରୁ ଏକ କଲରାପତରିଆ ବାଘଛାଲ ବୁଧବାର ଜବତ କରାଯାଇଛି। ବାଘଛାଲ ବିକ୍ରି ପାଇଁ ଡିଲ ହୋଇଥିବା ବିଶେଷ ସୂତ୍ରରୁ ଖବର ମିଳିଥିଲା। ଡିଏସ୍‌ପି ମନୋଜ ରାଉତଙ୍କ ନେତୃତ୍ୱରେ ଭୁବନେଶ୍ୱର ଏସ୍‌ଟିଏଫ୍‌ର ୫ ଜଣିଆ ଟିମ ଓ ବାଲିଗୁଡା ବନ ବିଭାଗ ମିଳିତ ଭାବେ ଚଢ଼ାଉ କରି ୮ ଫୁଟ ଲମ୍ବର ଉକ୍ତ ବାଘଛାଲକୁ ଜବତ କରିଥିଲେ। ଏହି ଘଟଣାରେ ବାଲିଗୁଡା ହାଟପଦା ସାହିର ବିଦ୍ୟାଧର ନାୟକଙ୍କୁ ଗିରଫ କରାଯାଇଛି। ସେ ୨୦୧୬ ମସିହାରେ ମଧ୍ୟ ବାଘଛାଲ ଜବତ ଘଟଣାରେ ଗିରଫ ହୋଇଥିଲେ। ଏସଟିଏଫ୍ ଟିମ୍ ଅଭିଯୁକ୍ତଙ୍କୁ ବାଲିଗୁଡା ବନ ଅଧିକାରୀଙ୍କୁ ହସ୍ତାନ୍ତର କରି ଭୁବନେଶ୍ୱର ଫେରିଛି। ତେବେ ସିର୍ତ୍ତିଗୁଡ଼ାକୁ ବାଘଛାଲଟି କେଉଁଠାରୁ ଆସିଛି, ବାଘକୁ କେଉଁ ଜଙ୍ଗଲରେ ମରାଯାଇଛି, ଏହି ଘଟଣାରେ ଅନ୍ୟ କାହାର ସଂପୃକ୍ତି ଅଛି ସେ ନେଇ ତଦନ୍ତ ଚାଲିଥିବା ଏସିଏଫ୍ ଡ. ରୁଦ୍ର ପ୍ରସାଦ ରଥ କହିଛନ୍ତି।



ଜବତ ହୋଇଥିବା ବାଘଛାଲ।

**ସଂକ୍ଷେପରେ**

## ଭାରତୀୟ ଦଳରେ ପେସରଙ୍କ ଅଭାବ

**ମୁମ୍ବାଇ, ୬।୧୦(ପି.ଟି.):** ଚଳିତ ମାସ ଶେଷ ଭାଗରେ ଆରମ୍ଭ ହେବାକୁ ଯାଉଥିବା ଟି୨୦ ବିଶ୍ୱକପ୍ ପାଇଁ ଘୋଷିତ ଭାରତୀୟ ଦଳରେ ଜଣେ ଦ୍ରୁତ ବୋଲର କମ୍ ରହିଥିବା ଅନୁଭବ କରୁଛନ୍ତି ପୂର୍ବତନ ଚୟନ କମିଟି ମୁଖ୍ୟ ଏମ୍ଏସ୍କେ ପ୍ରସାଦ। ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ହାର୍ଦ୍ଦିକ ପାଣ୍ଡ୍ୟା ବୋଲିଂ କରୁ ନ ଥିବାରୁ ସେ ଚିନ୍ତାପ୍ରକଟ କରିଛନ୍ତି। ୟୁନାଇଟେଡ ଆରବ ଏମିରେଟ୍ସ ଓ ଓମାନରେ ଟି୨୦ ବିଶ୍ୱକପ୍ ଚଳିତ ମାସ ୧୭ରୁ ଆରମ୍ଭ ହେବାକୁ ଯାଉଛି। ଏଥିରେ ଅନ୍ୟ ଦଳଗୁଡ଼ିକ ସହ ଭାରତ ମଧ୍ୟ ଟାଇଟଲ ଫେଭରାଇଟ ରହିଛି। ଭାରତୀୟ ଦଳ ଶକ୍ତିଶାଳୀ, ମାତ୍ର ଦ୍ରୁତ ବୋଲରଙ୍କ ଅଭାବ ରହିଥିବା ମୁଁ ଅନୁଭବ କରିଛି। ଆମେ ଅଧିକାଂଶ ମ୍ୟାଚ ଦୁବାଇ ଓ ଆବୁଧାବିରେ ଖେଳିବାକୁ ଥିବାରୁ ଆଉ ଜଣେ ପେସ୍ ବୋଲର ରହିଥିଲେ ଭଲ ହୋଇଥାନ୍ତା'' ବୋଲି ପ୍ରସାଦ କହିଛନ୍ତି। ଶାରଜା ପିଚ୍ ପାଇଁ ଦଳ ଠିକ୍ ଅଛି, ମାତ୍ର ଦୁବାଇ ଓ ଆବୁଧାବିରେ ଖେଳିବାକୁ ଆଉ ଜଣେ ଦ୍ରୁତ ବୋଲରଙ୍କ ଆବଶ୍ୟକ ଥିଲା। ହାର୍ଦ୍ଦିକ ବୋଲିଂ ନ କରିବା ମଧ୍ୟ ଚିନ୍ତାଜନକ ବୋଲି ସେ ପ୍ରକାଶ କରିଛନ୍ତି। ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଅକ୍ଟୋବର ୨୪ରେ ଦୁବାଇଠାରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷରେ ଖେଳି ଏହାର ଅଭିଯାନ ଆରମ୍ଭ କରିବ।

## ଆଶେସ ପାଇଁ ଅଷ୍ଟ୍ରେଲିଆ ଯିବାକୁ ଇଂଲଣ୍ଡ ରାଜି

**ଲଣ୍ଡନ, ୬।୧୦(ପି.ଟି.):** ଜୋ ରୁଟ୍‌ଙ୍କ ନେତୃତ୍ୱାଧୀନ ଇଂଲଣ୍ଡ ଦଳ ଆଶେସ ସିରିଜ ଖେଳିବା ପାଇଁ ଅଷ୍ଟ୍ରେଲିଆ ଯିବାକୁ ରାଜି ହୋଇଛି। ଏକ ବହୁଳ ପ୍ରସାରିତ ଖବରକାଗଜର ରିପୋର୍ଟରୁ ଏହା ଜଣା ପଡ଼ିଛି। ଫଳରେ ଅଷ୍ଟ୍ରେଲିଆରେ କୋଭିଡ-୧୯ ଜନିତ କଟକଣା ଯୋଗୁ ଇଂଲଣ୍ଡର ଆଶେସରେ ଅଂଶଗ୍ରହଣକୁ ନେଇ କଳ୍ପନା ଜଳ୍ପନାର ଅବସାନ ଘଟିଛି। ଖେଳାଳି ମାନଙ୍କ ପ୍ରତିନିଧି, ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି), କ୍ରିକେଟ ଅଷ୍ଟ୍ରେଲିଆ ଏବଂ ଅଷ୍ଟ୍ରେଲିଆ ସରକାରଙ୍କ ମଧ୍ୟରେ ଆଲୋଚନା ସକାରାତ୍ମକ ରହିଥିବା ଏହି ରିପୋର୍ଟରୁ ପ୍ରକାଶ।

# ଗୁରଜିତ, ହରମନପ୍ରୀତ ଶ୍ରେଷ୍ଠ



ଗୁରଜିତ କୌର

ହରମନପ୍ରୀତ ସିଂ

**ମହିଳା ବିଭାଗ**
ପ୍ଲେୟର ଅଫ୍ ଇୟର: ଗୁରଜିତ କୌର
ଗୋଲକିପର ଅଫ୍ ଦି ଇୟର: ସବିତା ପୁନିଆ
ରାଇଜିଂ ଷ୍ଟାର ଅଫ୍ ଦି ଇୟର: ଶର୍ମିଳା ଦେବୀ
କୋଚ୍ ଅଫ୍ ଦି ଇୟର: ଜୋର୍ଡ ମାରିଜନେ

**ପୁରୁଷ ବିଭାଗ**
ପ୍ଲେୟର ଅଫ୍ ଇୟର: ହରମନପ୍ରୀତ ସିଂ
ଗୋଲକିପର ଅଫ୍ ଦି ଇୟର: ପି.ଆର. ଶ୍ରୀଜେସ
ରାଇଜିଂ ଷ୍ଟାର ଅଫ୍ ଦି ଇୟର: ବିବେକ ସାଗର ପ୍ରସାଦ
କୋଚ୍ ଅଫ୍ ଦି ଇୟର: ଗ୍ରାହାମ ରିଡ୍

**ଲାଉସେନ,୬।୧୦**

ବିଶ୍ୱ ହକିର ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍ଆଇଏଚ୍)ର ବାର୍ଷିକ ପୁରସ୍କାର ବୁଧବାର ଘୋଷଣା କରାଯାଇଛି। ଏଥିରେ ଭାରତର ଆଧିପତ୍ୟ ଦେଖିବାକୁ ମିଳିଛି। ମତଦାନ ମାଧ୍ୟମରେ ପୁରସ୍କାର ଦିଆଯାଉଥିବା ବେଳେ ଭାରତୀୟଙ୍କୁ ବିଭିନ୍ନ ବର୍ଗର ଶ୍ରେଷ୍ଠ ପୁରସ୍କାର ପାଇଁ ଚୟନ କରାଯାଇଛି। ତେବେ ପୁରୁଷ ଚାମ୍ପିୟନ ବେଲଜିୟମକୁ ନିରାଶ ହେବାକୁ ପଡ଼ିଛି।

ସର୍ବାଧିକ ଭୋଟ ହାସଲ କରିଥିବାରୁ ଟୋକିଓ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିଥିବା ୫ଜଣଙ୍କୁ ମିଶାଇ ମୋଟ ୬ ଜଣ ଭାରତୀୟ ଖେଳାଳି ଏବଂ ପୁରୁଷ ଓ ମହିଳା ଦଳର ମୁଖ୍ୟ କୋଚ୍‌ଙ୍କୁ ବିଭିନ୍ନ ବର୍ଗରେ ଶ୍ରେଷ୍ଠ ପୁରସ୍କାର ପାଇଁ ଚୟନ କରାଯାଇଛି। ଦୀର୍ଘ ୪୧ ବର୍ଷ ପରେ ଭାରତ ଟୋକିଓ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ହାସଲ କରିଥିଲା। ସେହିପରି ଅସାଧାରଣ ପ୍ରଦର୍ଶନ କରି ଭାରତୀୟ ମହିଳା ହକି ଦଳ ଟୋକିଓ ଅଲିମ୍ପିକ୍ସରେ ସେମିଫାଇନାଲରେ ପ୍ରବେଶ କରି ଚତୁର୍ଥ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା। ଭାରତୀୟ ମହିଳା ଦଳ ପ୍ରଥମ ଥର ପାଇଁ ଅଲିମ୍ପିକ୍ସ ଇତିହାସରେ ସେମିକୁ ଉଠିଥିଲା।

ହରମନପ୍ରୀତ ସିଂ ପୁରୁଷ ପ୍ଲେୟର ଅଫ୍ ଇୟର ପୁରସ୍କାର ହାସଲ କରିଛନ୍ତି। ସେହିପରି ମହିଳା ବର୍ଗରେ ଗୁରଜିତ କୌର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଅଭିଜ୍ଞ ଗୋଲକିପର ପି.ଆର. ଶ୍ରୀଜେସ୍ ଓ ସବିତା ପୁନିଆ ଯଥାକ୍ରମେ ପୁରୁଷ ଓ ମହିଳା ବର୍ଗରେ ଶ୍ରେଷ୍ଠ ଗୋଲକିପର ବିବେଚିତ ହୋଇଛନ୍ତି। ଯୁବ ମହିଳା ଷ୍ଟ୍ରାଇକର ଶର୍ମିଳା ଦେବୀ ଓ ବିବେକ ସାଗର ପୁରୁଷ ବର୍ଗରେ ଶ୍ରେଷ୍ଠ ଉଦୀୟମାନ ଖେଳାଳି ବିବେଚିତ ହୋଇଛନ୍ତି। ଦୁଇ ପୁରୁଷ ଓ ମହିଳା ଡ୍ରାଗ ଫ୍ଲିକର ହରମନପ୍ରୀତ ଓ ଗୁରଜିତ ସର୍ବାଧିକ ଗୋଲ ପ୍ରଦାନ କରି ଟପ୍ ସ୍କୋରର ସାବ୍ୟସ୍ତ ହୋଇଛନ୍ତି। ଭାରତୀୟ ପୁରୁଷ କୋଚ୍ ଗ୍ରାହାମ ରିଡ୍ ଓ ମହିଳା କୋଚ୍ ଜୋର୍ଡ ମାରିଜନେ ମଧ୍ୟ ସେମାନଙ୍କ ବର୍ଗରେ ଶ୍ରେଷ୍ଠ କୋଚ୍ ବିବେଚିତ ହୋଇଛନ୍ତି। ରିଡ୍ ଏବେ ଭାରତୀୟ ଦଳ ସହିତ ଜଡ଼ିତ ରହିଥିବା ବେଳେ ଟୋକିଓ ଅଲିମ୍ପିକ୍ସ ପରେ ମାରିଜନେଙ୍କ କାର୍ଯ୍ୟକାଳ ପୂରା ହୋଇଛି।

ପୁରସ୍କାର ବିଜେତାଙ୍କ ନାମ ଘୋଷଣା ହେବା ପରେ ହକି ବେଲଜିୟମ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ବେଲଜିୟମ ପୁରସ୍କାର ଚୟନ ପ୍ରକ୍ରିୟାକୁ ନେଇ ପ୍ରଶ୍ନ ଉଠାଇଛି। ଟୋକିଓ ଅଲିମ୍ପିକ୍ସରେ ବେଲଜିୟମ ଟାଇଟଲ ହାସଲ କରିଥିବା ବେଳେ ଏହି ଦଳରେ କୌଣସି ଖେଳାଳି ଶ୍ରେଷ୍ଠ ପୁରସ୍କାର ହାସଲ କରିପାରିନାହାନ୍ତି।

**ଏଫ୍ଆଇଏଚ୍ ପୁରସ୍କାରରେ ଭାରତର ଆଧିପତ୍ୟ**

**ଚୟନ ପ୍ରକ୍ରିୟାରେ ବେଲଜିୟମର ଅସନ୍ତୋଷ**

ଏଫ୍ଆଇଏଚ୍ ଷ୍ଟାର ଆୱାର୍ଡ ପୁରସ୍କାର ଘୋଷଣା କରାଯିବା ପରେ ବେଲଜିୟମ ନୈରାଶ୍ୟ ପ୍ରକାଶ କରିଛି। ସବୁ ବର୍ଗରେ ସ୍ୱର୍ଣ୍ଣ ପଦକ ବିଜେତା ବେଲଜିୟମର ଖେଳାଳିମାନଙ୍କୁ ପୁରସ୍କାର ପାଇଁ ନାମିତ କରାଯାଇଥିଲା। ତେବେ ବେଲଜିୟମର କୌଣସି ଖେଳାଳି ଗୋଟିଏ ହେଲେ ବି ପୁରସ୍କାର ଜିତିପାରିନାହାନ୍ତି। ତେଣୁ ଚୟନ ଓ ମତଦାନ ପ୍ରକ୍ରିୟା ନେଇ ଥିବା ତ୍ରୁଟିକୁ ବେଲଜିୟମ ସହଜରେ ଗ୍ରହଣ କରିପାରିନାହିଁ। ଭବିଷ୍ୟତରେ ପୁରସ୍କାର ଚୟନ ପ୍ରକ୍ରିୟାରେ ନିରପେକ୍ଷତା ଅବଲମ୍ବନ ପାଇଁ ଆମେ ଏଫ୍ଆଇଏଚ୍ ସହ ମିଳିତ ଭାବେ କାର୍ଯ୍ୟ କରିବୁ ବୋଲି ବେଲଜିୟମ ତରଫରୁ ଟୁଇଟ କରି କୁହାଯାଇଛି। ଏହା ଦ୍ୱାରା ହକି ବିଶ୍ୱସନୀୟତା ଓ ପ୍ରତିଛବି ନକାରାତ୍ମକ ଭାବେ ପ୍ରଭାବିତ ହୋଇଛି। ଏହା ଏକ ସାଧାରଣ କଥା ନୁହେଁ ବୋଲି ବେଲଜିୟମ ତରଫରୁ କୁହାଯାଇଛି।

ପୁରସ୍କାର ପାଇଁ ମତଦାନ ପ୍ରକ୍ରିୟାରେ ବିଭିନ୍ନ ନ୍ୟାଶନାଲ ଆସୋସିଏଶନ ତରଫରୁ ଦେଶମାନଙ୍କର ଅଧିନାୟକ ଓ କୋଚ୍‌ମାନଙ୍କର ଭୋଟ ଫଳାଫଳରେ ୫୦ ପ୍ରତିଶତ ମୂଲ୍ୟ ରଖିଛି। ସେହିପରି ପ୍ରଶଂସକ ଓ ଖେଳାଳି ୨୫ ପ୍ରତିଶତ ଓ ଗଣମାଧ୍ୟମ ୨୫ ପ୍ରତିଶତ ମୂଲ୍ୟ ରଖୁଛି। ଏହି ମତଦାନରେ ମୋଟ ଉପରେ ବିଶ୍ୱର ୭୯ ନ୍ୟାଶନାଲ ଆସୋସିଏଶନ ଅଂଶଗ୍ରହଣ କରିଥିଲେ। ଆଫ୍ରିକାରୁ ୨୫ ମେମ୍ବର ଆସୋସିଏଶନରୁ ୧୧, ଏସିଆରୁ ୩୩ରୁ ୨୯, ୟୁରୋପରୁ ୪୨ରୁ ୧୯, ଓସେନିଆରୁ ୮ରୁ ୩, ପାନ୍ ଆମେରିକାରୁ ୩୦ରୁ ୧୭ ଆସୋସିଏଶନ ଅଂଶଗ୍ରହଣ କରିଥିଲେ ବୋଲି ଏଫ୍ଆଇଏଚ୍ ତରଫରୁ କୁହାଯାଇଛି। ଏଥିରେ ରେକର୍ଡ ୩ ଲକ୍ଷ ପ୍ରଶଂସକ ମତଦାନ କରିଛନ୍ତି। ଏଫ୍ଆଇଏଚ୍ ଷ୍ଟାର ପୁରସ୍କାରରେ ପ୍ରଶଂସକଙ୍କ ଯୋଗଦାନ ବେଶ୍ ଉତ୍ସାହଜନକ ବୋଲି କୁହାଯାଇଛି।

ବେଲଜିୟମ ପୁରୁଷ ଓ ନେଦରଲାଣ୍ଡ୍ସ ମହିଳା ଦଳ ଅଲିମ୍ପିକ୍ ସ୍ୱର୍ଣ୍ଣ ପଦକ ସହ ୨୦୨୦-୨୧ ହକି ପ୍ରୋ ଲିଗ୍ ଟାଇଟଲ ମଧ୍ୟ ଜିତିଛନ୍ତି। ଏହା ସତ୍ତ୍ୱେ ଏହି ଦୁଇ ଦେଶର ଖେଳାଳିମାନେ ମତଦାନ ଆରମ୍ଭ ହେବା ମାତ୍ରେ ଭାରତୀୟ ଖେଳାଳିଙ୍କ ପଛରେ ରହିଥିଲେ। କୋଭିଡ୍-୧୯ ପାଇଁ ୨୦୨୦ ବର୍ଷର ଏଫ୍ଆଇଏଚ୍ ହକି ଷ୍ଟାର ପୁରସ୍କାର ସ୍ଥଗିତ ରହିଥିଲା। ପୁରସ୍କାର ୨୦୨୦ ଜାନୁୟାରୀରୁ ଟୋକିଓ ଅଲିମ୍ପିକ୍ସ ଶେଷ ହେବା ପର୍ଯ୍ୟନ୍ତ ପ୍ରଦର୍ଶନକୁ ଭିତ୍ତିକରି ପ୍ରଦାନ କରାଯାଇଥିଲା।

**କଳାହାଣ୍ଡି କପ୍ ସୁପର ଲିଗ୍**

## ରାକେଶ, ଆକାଶ, କାଳିଆଙ୍କ ଶତକ

**ଭୁବନେଶ୍ୱର, ୬।୧୦ (ସ୍ପୋର୍ଟ୍ସ ବ୍ୟୁରୋ):** ବର୍ଷା ଓ ଖରାପ ପାଗ ଯୋଗୁ ସ୍ଥଗିତ ଥିବା କଳାହାଣ୍ଡି କପ୍ ସୁପର ଲିଗ୍‌ର ଦୁଇ ଦିନିଆ ମ୍ୟାଚ୍ ବୁଧବାର ଆରମ୍ଭ ହୋଇଛି। ଖୋର୍ଦ୍ଧାର ରାକେଶ ପଟ୍ଟନାୟକ (୧୦୯), ଓଡ଼ିଶା ବ୍ଲୁର ଆକାଶ ଚନ୍ଦ୍ର ନାୟକ (୧୧୮), କାଳିଆ ସାହୁ (୧୧୦) ଶତକ ହାସଲ କରିଥିବା ବେଳେ ଓଡ଼ିଶା ରେଡ୍‌ର ପ୍ରଶାନ୍ତ ଠାକ୍କର ୬ ଉଇକେଟ ଅକ୍ତିଆର କରିଛନ୍ତି। ସନସାଇନ ଗ୍ରାଉଣ୍ଡରେ ଇକୋର୍ସା ବିପକ୍ଷରେ ଖୋର୍ଦ୍ଧା ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ପ୍ରଥମ ଇନିଂସରେ ୯ ଉଇକେଟ ହରାଇ ୨୮୬ ରନ କରିଛି। ନିମପୁର ଗ୍ରାଉଣ୍ଡରେ ସୁନ୍ଦରଗଡ଼ ବିପକ୍ଷରେ ଓଡ଼ିଶା ଗ୍ରୀନ ପ୍ରଥମ ଇନିଂସରେ ୬୨.୨ ଓଭରରେ ୨୪୩ ରନକରି ଅଲଆଉଟ ହୋଇଛି। ଜବାବରେ ସୁନ୍ଦରଗଡ଼ ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ୩୩ ଓଭରରେ ୨ ଉଇକେଟ ହରାଇ ୪୮ ରନ ସଂଗ୍ରହ କରିଛି। ବିଡ଼ାନାସୀ ଗ୍ରାଉଣ୍ଡରେ ଓଡ଼ିଶା ୟେଲୋ ବିପକ୍ଷରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ଓଡ଼ିଶା ବ୍ଲୁ ପ୍ରଥମ ଇନିଂସରେ ପ୍ରଥମ ଦିବସରେ ୯ ଉଇକେଟ ହରାଇ ୪୩୫ ରନ କରିଛି। ଦଳ ତରଫରୁ ଆକାଶ, କାଳିଆ ଶତକ ହାସଲ କରିଛନ୍ତି। ରେଭେନ୍ସା ଗ୍ରାଉଣ୍ଡ-୨ରେ ଝାରସୁଗୁଡା ବିପକ୍ଷରେ ରାଉରକେଲା ପ୍ରଥମ ଦିବସରେ ୪୧.୧ ଓଭରରେ ୧୩୨ ରନକରି ଅଲଆଉଟ ହୋଇଛି। ଏସ୍‌ସିବି ମେଡିକାଲ ଗ୍ରାଉଣ୍ଡରେ କଟକ-ଏ ବିପକ୍ଷରେ ଓଡ଼ିଶା ଭାଓଲେଟ ୨୦୯ ରନକରି ଅଲଆଉଟ ହୋଇଛି। ଜବାବରେ କଟକ-ଏ ୩ ଉଇକେଟ ହରାଇ ୪୩ ରନ କରିଛି। ସେହିପରି ଡ୍ରିମ୍ସ ଗ୍ରାଉଣ୍ଡରେ ଓଡ଼ିଶା ରେଡ ବିପକ୍ଷରେ ଓଡ଼ିଶା ପିଙ୍କ୍ ୧୪୪ ରନକରି ଅଲଆଉଟ ହୋଇଛି। ଜବାବରେ ଓଡ଼ିଶା ରେଡ୍ ୭୫ ରନରେ ଅଲ ଆଉଟ ହୋଇଛି। ଫଳରେ ପିଙ୍କ ବିଜୟୀ ହୋଇଛି। ରେଡ ବୋଲର ପ୍ରଶାନ୍ତ ଠାକ୍କର ସର୍ବାଧିକ ୬ ଉଇକେଟ ଅକ୍ତିଆର କରିଛନ୍ତି।



ରାଜ୍ୟ ବଡିବିଲ୍ଡିଂ ଆସୋସିଏଶନ ସଭାପତି ସୁମିତ୍ରା ତ୍ରିପାଠୀଙ୍କ ସହ ଚନ୍ଦନ ସାହୁ (ବାମ) ଓ ଶୁଭମ୍ ମିଶ୍ର (ଡାହାଣ)।

## ଚନ୍ଦନଙ୍କୁ ସ୍ୱର୍ଣ୍ଣ, ଶୁଭମ୍‌ଙ୍କୁ ବ୍ରୋଞ୍ଜ

**ବିଶ୍ୱ ସୁନ୍ଦରସ୍ୱାସ୍ଥ୍ୟ ପ୍ରତିଯୋଗିତା**

**ଭୁବନେଶ୍ୱର, ୬।୧୦(କ୍ରୀଡ଼ା ପ୍ରତିନିଧି)**

ଉଜବେକିସ୍ତାନର ତାସକେଣ୍ଟଠାରେ ଅନୁଷ୍ଠିତ ବିଶ୍ୱ ସୁନ୍ଦରସ୍ୱାସ୍ଥ୍ୟ ଏବଂ ପୁରୁଷ ଆଥଲେଟିକ୍ ଫିଟ୍‌ନେସରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରି ଓଡ଼ିଶାର ୨ ପ୍ରତିଯୋଗୀ ରାଜ୍ୟକୁ ଗର୍ବିତ କରିଛନ୍ତି। ସୁନ୍ଦରସ୍ୱାସ୍ଥ୍ୟର ୬୦ କେଜି ଓଜନ ବର୍ଗରେ ଚନ୍ଦନ ସାହୁ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେହିପରି ପୁରୁଷ ଆଥଲେଟିକ୍ ଫିଟ୍‌ନେସରେ ଶୁଭମ୍ ମିଶ୍ର ତୃତୀୟ ସ୍ଥାନ ଅଧିକାର କରି ବ୍ରୋଞ୍ଜ ପଦକ ଜିତିଛନ୍ତି। ଏହି ସଫଳତା ପାଇଁ ରାଜ୍ୟ ସଂଘର ସଭାପତି ସୁମିତ୍ରା ତ୍ରିପାଠୀ ଓ ସାଧାରଣ ସମ୍ପାଦକ ପ୍ରସନ୍ନ ମହାସୁଆର ଓ ଅନ୍ୟ କର୍ମକର୍ତ୍ତାମାନେ ଓଡ଼ିଶା ପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ଜିତିଛି | ହାରିଛି | ପଏଣ୍ଟ | ରନ ହାର |
|---|---|---|---|---|---|
| ଦିଲ୍ଲୀ କ୍ୟାପିଟାଲ୍ସ | ୧୩ | ୧୦ | ୩ | ୨୦ | +୦.୫୨୬ |
| ଚେନ୍ନାଇ ସୁପରକିଙ୍ଗ୍ସ | ୧୩ | ୯ | ୪ | ୧୮ | +୦.୭୩୯ |
| ରୟାଲ ଚ୍ୟାଲେଞ୍ଜର୍ସ | ୧୩ | ୮ | ୫ | ୧୬ | -୦.୧୫୯ |
| ନାଇଟ ରାଇଡର୍ସ | ୧୩ | ୬ | ୭ | ୧୨ | +୦.୨୯୪ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୩ | ୬ | ୭ | ୧୨ | -୦.୦୪୮ |
| ପଞ୍ଜାବ କିଙ୍ଗ୍ସ | ୧୩ | ୫ | ୮ | ୧୦ | -୦.୨୪୧ |
| ରାଜସ୍ଥାନ ରୟାଲ୍ସ | ୧୩ | ୫ | ୮ | ୧୦ | -୦.୭୩୭ |
| ସନ୍‌ରାଇଜର୍ସ | ୧୩ | ୩ | ୧୦ | ୬ | -୦.୪୨୨ |

# ଆରସିବିକୁ ହରାଇଲା ହାଇଦ୍ରାବାଦ

**ଆବୁଧାବି, ୬।୧୦**

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ବୁଧବାର ଅନୁଷ୍ଠିତ ଏକ ଲୋ ସ୍କୋରିଂ ମ୍ୟାଚରେ ସନ୍‌ରାଇଜର୍ସ ହାଇଦ୍ରାବାଦ ୪ ରନରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି)କୁ ପରାସ୍ତ କରିଛି। ସନ୍‌ରାଇଜର୍ସ ୨୦ ଓଭରରେ ୭ ଉଇକେଟ ହରାଇ ୧୪୧ ରନ କରିଥିଲା। ଆରସିବି ଏକଦା ଭଲ ସ୍ଥିତିରେ ଥିଲେ ମଧ୍ୟ ୨୦ ଓଭରରେ ୬ ଉଇକେଟ ହରାଇ ୧୩୭ରନରେ ସୀମିତ ରହି ଯାଇଥିଲା। ଶେଷ ୨ ଓଭରରୁ ବିଜୟ ପାଇଁ ୧୮ ରନ ଆବଶ୍ୟକ ହେଉଥିବାବେଳେ ଆରସିବି ଗୋଟିଏ ଉଇକେଟ ହରାଇ ୧୩ ରନ କରିବାକୁ ସକ୍ଷମ ହୋଇଥିଲା। ଏବିଡି'ଭିଲର୍ସ ୧୯(୧୩ ବଲ) ଓ ଜର୍ଜ ଗର୍ଟନ ୨ ରନରେ ଅପରାଜିତ ରହି ଦଳର ପରାଜୟରେ ମୁକସାକ୍ଷୀ ପାଲଟିଥିଲେ। ଫର୍ମରେ ଥିବା ଗ୍ଲେନ ମ୍ୟାକ୍ସୱେଲ ରନଆଉଟ ହେବା ମ୍ୟାଚର ଟର୍ଣ୍ଣିଂ ପଏଣ୍ଟ ଥିଲା। ସେ ୨୫ ବଲ୍‌ରୁ ୩ ଚୌକା ଓ ୨ ଛକା ସହାୟତାରେ ୪୦ ରନ କରିଥିବାବେଳେ କେନ୍ ୱିଲିୟମସନଙ୍କ ଡାଇରେକ୍ଟ ଥ୍ରୋର ଶିକାର ହୋଇଥିଲେ। ଆରସିବି ପକ୍ଷରୁ ଦେବଦତ୍ତ ପଡିକାଲ ସର୍ବାଧିକ ୪୧(୫୨ ରନ, ୧ ଚୌକା) ରନ ସ୍କୋର କରିଥିଲେ। ଏହି ମ୍ୟାଚରେ ହାରିବା ଫଳରେ ଆରସିବିର ଶୀର୍ଷ ୨ ସ୍ଥାନରେ ରହିବା ଆଶା ମଉଳି ଯାଇଛି।

ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ସନ୍‌ରାଇଜର୍ସ ମାତ୍ର ୧୪ ରନରେ ଅଭିଷେକ ଶର୍ମା (୧୩)ଙ୍କ ଉଇକେଟ ହରାଇଥିଲା। ତେବେ ଜାସନ ରୟ ଓ ଅଧିନାୟକ କେନ୍ ୱିଲିୟମସନଙ୍କ ଦ୍ୱିତୀୟ ଉଇକେଟ ଭାଗୀଦାରିରେ ୫୮ ବଲ୍‌ରୁ ୭୦ ରନ ସଂଗ୍ରହ କରି ଇନିଂସ ସମ୍ଭାଳି ନେଇଥିଲେ। ୨୯ ବଲ୍‌ରୁ ୪ ଚୌକା ସହାୟତାରେ ୩୧ ରନ କରିଥିବା ୱିଲିୟମସନଙ୍କୁ ବୋଲ୍ଡ କରି ଆରସିବିକୁ ବ୍ରେକ୍ ଥ୍ରୁ ଦେଇଥିଲେ ହର୍ଷଲ ପଟେଲ। ପୂର୍ବ ମ୍ୟାଚ ଗୁଡ଼ିକ ପରି ଏଠାରେ ମଧ୍ୟ ଦଳର ମିଡଲ ଅର୍ଡର ଫେଲ୍ ମାରିଥିଲା। ଜାସନ ୩୮ ବଲ୍‌ରୁ ୫ ଚୌକା ସହାୟତାରେ ସର୍ବାଧିକ ୪୪ ରନ ସ୍କୋର କରିଥିଲେ।





ଶଟ୍ ଖେଳିବା ଅବସରରେ ଜାସନ ରୟ।

**ସଂକ୍ଷିପ୍ତ ସ୍କୋର**

ସନ୍‌ରାଇଜର୍ସ ହାଇଦ୍ରାବାଦ ୨୦ ଓଭରରେ ୧୪୧/୭(ଜାସନ ରୟ-୪୪, କେନ୍ ୱିଲିୟମସନ-୩୧, ହର୍ଷଲ ପଟେଲ-୩/୩୩, ଡାନିଏଲ ଖ୍ରିଷ୍ଟିଆନ-୨/୧୪, ଯୁଜବେନ୍ଦ୍ର ଚହଲ-୧/୨୭, ଜର୍ଜ ଗର୍ଟନ-୧/୨୯)। ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୨୦ ଓଭରରେ ୧୩୭/୬(ଦେବଦତ୍ତ ପଡିକାଲ-୪୧, ଗ୍ଲେନ ମ୍ୟାକ୍ସୱେଲ-୪୦, ଭୁବନେଶ୍ୱର କୁମାର-୧/୨୫, ଜାସନ ହୋଲ୍ଡର-୧/୨୭, ସିଦ୍ଧାର୍ଥ କୌଲ-୧/୨୪, ଉମରାନ ମଲିକ-୧/୨୧, ରଶିଦ ଖାଁ-୧/୩୯)।

**ଆଜିର ମ୍ୟାଚ**



ଚେନ୍ନାଇ ସୁପରକିଙ୍ଗ୍ସ
ବନାମ
ପଞ୍ଜାବ କିଙ୍ଗ୍ସ
ସ୍ଥାନ : ଦୁବାଇ
ସମୟ : ଅପରାହ୍ନ ୩.୩୦

ନାଇଟ ରାଇଡର୍ସ
ବନାମ
ରାଜସ୍ଥାନ ରୟାଲ୍ସ
ସ୍ଥାନ : ଶାରଜା
ସମୟ : ରାତି ୭.୩୦

ପ୍ରସାରଣ ଷ୍ଟାର ସ୍ପୋର୍ଟ୍ସ

# ଇତିହାସ ରଚିଲେ ଅଂଶୁ ମଲିକ

**ବିଶ୍ୱ ରେସ୍‌ଲିଂ ଚାମ୍ପିୟନଶିପ୍**

**ଓସଲୋ (ନରୱେ), ୬।୧୦(ପି.ଟି.):** ଭାରତର ପ୍ରଥମ ମହିଳା ରେସଲର ଭାବେ ଅଂଶୁ ମଲିକ ଏଠାରେ ଚାଲିଥିବା ବିଶ୍ୱ ରେସ୍‌ଲିଂ ଚାମ୍ପିୟନଶିପ୍‌ର ଫାଇନାଲରେ ପ୍ରବେଶ କରି ଇତିହାସ ରଚିଛନ୍ତି। ବୁଧବାର ଅନୁଷ୍ଠିତ ସେମିଫାଇନାଲରେ ସେ ଜୁନିୟର ୟୁରୋପିଆନ ଚାମ୍ପିୟନ ସୋଲୋମିଆ ଭିନିକଙ୍କୁ ପରାସ୍ତ କରିଛନ୍ତି। ଅନ୍ୟପକ୍ଷରେ ୫୯ କେଜି ବିଭାଗ ପ୍ରି-କ୍ୱାର୍ଟର ଫାଇନାଲରେ ବିଶ୍ୱ ଚାମ୍ପିୟନ କାନାଡ଼ାର ଲିଣ୍ଡା ମୋରାଇସଙ୍କୁ ୮-୨ରେ ହରାଇଥିବା ଭାରତର ସରିତା ମୋର ସେମିଫାଇନାଲରେ ହାରି ଯାଇଛନ୍ତି। ଏବେ ସେ ବ୍ରୋଞ୍ଜ୍ ପଦକ ପାଇଁ ଲଢ଼ିବେ। ଆହତ ସମସ୍ୟା ଯୋଗୁ ଅଂଶୁ ଟୋକିଓ ଅଲିମ୍ପିକ୍ସର ପ୍ରଥମ ରାଉଣ୍ଡରେ ହାରିଥିଲେ ଏବଂ ରିପେଚେଜ୍ ରାଉଣ୍ଡରେ ମଧ୍ୟ ପରାଜୟ ବରଣ କରିଥିଲେ। ୧୯ ବର୍ଷୀୟା ଏସିଆନ ଚାମ୍ପିୟନ ଅଂଶୁ ସେମିଫାଇନାଲରେ ଆରମ୍ଭରୁ ପ୍ରାଧାନ୍ୟ ବିସ୍ତାର କରି ୫୭ କେଜି ମହିଳା କାଟେଗୋରିରେ ବିଜୟ ହାସଲ ସହ ସ୍ୱର୍ଣ୍ଣ ପଦକ ଲଢ଼େଇରେ ଅବତୀର୍ଣ୍ଣ ହୋଇଛନ୍ତି। ପୂର୍ବରୁ କେବଳ ୪ ଜଣ ଭାରତୀୟ ମହିଳା ରେସଲର ବିଶ୍ୱ ଚାମ୍ପିୟନଶିପ୍‌ରେ ପଦକ ଜିତିଛନ୍ତି। ମାତ୍ର ସେମାନେ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ଏହି ୪ ରେସଲର ହେଲେ ଗୀତା ଫୋଗତ (୨୦୧୨), ବବିତା ଫୋଗତ (୨୦୧୨), ପୂଜା ଧାଣ୍ଡା (୨୦୧୮) ଓ ଭିନେଶ ଫୋଗତ (୨୦୧୯)। ଓଭରଅଲ୍ ୬ଷ୍ଠ ଭାରତୀୟଭାବେ ଅଂଶୁ ସ୍ୱର୍ଣ୍ଣ ପଦକ ଲଢ଼େଇରେ ପହଞ୍ଚିଛନ୍ତି। ତାଙ୍କ ପୂର୍ବରୁ ବିଶ୍ୱମ୍ଭର ସିଂ (୧୯୬୭), ସୁଶୀଲ କୁମାର (୨୦୧୦), ଅମିତ ଦହିୟା (୨୦୧୩), ବଜରଙ୍ଗ ପୁନିଆ (୨୦୧୮) ଓ ଦୀପକ ପୁନିଆ (୨୦୧୯)ରେ ଏହି ସଫଳତା ପାଇଥିଲେ। ଏପର୍ଯ୍ୟନ୍ତ ଭାରତର ସୁଶୀଲ କୁମାର କେବଳ ବିଶ୍ୱ ଚାମ୍ପିୟନ ହୋଇ ପାରିଛନ୍ତି।



ବିଶ୍ୱ ରେସ୍‌ଲିଂ ଚାମ୍ପିୟନଶିପ୍‌ର ଫାଇନାଲରେ ପ୍ରବେଶ କରିଥିବା ଅଂଶୁ ମଲିକ।

## ୧୦୩ ଗ୍ରାମ ବ୍ରାଉନସୁଗାର ଜବତ, ଜଣେ ଗିରଫ

ଗୋପ,(ଡି.ଏନ୍.ଏ.): କୋଣାର୍କ ଅବକାରୀ ବିଭାଗ ପକ୍ଷରୁ ବୁଧବାର ସକାଳ ୯ଟା ବେଳେ ଗୋପ ଥାନା ନିକଟସ୍ଥ ଏକ ଗଳିରେ ଚଢ଼ାଉ କରାଯାଇ ବ୍ରାଉନସୁଗାର ବିକ୍ରି କରୁଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରାଯାଇଛି। ସେ ହେଲେ ଗୋପ ଥାନା ଅଧୀନ ନୋରଡ ଗ୍ରାମର ମନୋଜ ନାୟକ (୪୫)। ତାଙ୍କଠାରୁ କୋଣାର୍କ ଅବକାରୀ ବିଭାଗ ଅଧିକାରିଣୀ ସ୍ମିତା ପଣ୍ଡା ୧୦୩ ଗ୍ରାମ ଓଜନର ଧଳାଜହର ଜବତ କରିବା ସହ ଏ ସମ୍ପର୍କରେ ଏକ ମାମଲା(ନଂ. ୩୫/୨୧) ରୁଜୁ କରିଛି। ଗୋପ ଥାନା ଓ କୋଣାର୍କ ଅବକାରୀ ବିଭାଗ ଅଧୀନରେ ଏବେ ବ୍ୟାପକ ପରିମାଣର ବ୍ରାଉନସୁଗାର ବିକ୍ରି ହେଉଥିବା ଅଭିଯୋଗ ହୋଇଆସୁଥିଲା।



## ସଂକ୍ଷେପରେ

### ଅପହୃତା ନାବାଳିକା ଉଦ୍ଧାର, ଅପହର୍ତ୍ତା ଗିରଫ

**ଭୁବନେଶ୍ୱର,୬।୧୦(ବ୍ୟୁରୋ):** ଭୁବନେଶ୍ୱରରୁ ଅପହୃତା ନାବାଳିକାଙ୍କୁ ୫ ମାସ ପରେ ଖଣ୍ଡଗିରି ଥାନା ପୋଲିସ କେଉଁଝରରୁ ଉଦ୍ଧାର କରିଛି। ଏଥିସହ ଅପହର୍ତ୍ତା ଯୁବକଙ୍କୁ ମଧ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ଏହି ଥାନା ଅନ୍ତର୍ଗତ ଦାମୋଦରପୁର ଗ୍ରାମର ବିଶିଆ ଓରଫ ବିଶ୍ୱମ୍ଭର ସେଠୀ(୨୩)। ତାଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ବିଶିଆଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷରେ ଡାକ୍ତରୀ ପରୀକ୍ଷା ପରେ ପୀଡିତା ନାବାଳିକାଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ପୋଲିସ। ସୂଚନା ଅନୁଯାୟୀ, ଅଭିଯୁକ୍ତ ବିଶିଆ ଉକ୍ତ ନାବାଳିକାଙ୍କୁ ପ୍ରେମ ଜାଲରେ ଫସାଇ ଅପହରଣ କରିନେଇଥିଲେ। ଏନେଇ ଗତ ଏପ୍ରିଲ ୨୮ରେ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଆଇପିସି ଦଫା ୩୬୩, ୩୬୬ରେ ମାମଲା (ନଂ.୨।୪୫) ରୁଜୁ କରି ତଦନ୍ତ ଜାରି କରିଥିଲା।

### ପୋଖରୀରେ ବୁଡ଼ି ୩ବର୍ଷର ଶିଶୁପୁତ୍ର ମୃତ

**ନିମାପଡ଼ା,୬।୧୦(ଡି.ଏନ୍.ଏ.):** ଚାରିଛକ ଫାଣ୍ଡି ଅନ୍ତର୍ଗତ ମଳୋ ପଞ୍ଚାୟତର ପାଳଶ୍ରୀ ଗ୍ରାମର ଏକ ପୋଖରୀରେ ବୁଧବାର ବୁଡ଼ିଯିବାରୁ ଜଣେ ୩ ବର୍ଷର ଶିଶୁପୁତ୍ରର ମୃତ୍ୟୁ ଘଟିଛି। ସେ ହେଲେ ଏହି ଗ୍ରାମର ଅତୁଲ କାଣ୍ଡିଙ୍କ ପୁଅ ଦିବ୍ୟଜ୍ୟୋତି ଓରଫ ସାଇ। ଶିଶୁପୁତ୍ରଟି ଗ୍ରାମ ଦାଣ୍ଡରେ ପିଲାଙ୍କ ସହ ଖେଳୁଥିବାବେଳେ ଘର ନିକଟ ପୋଖରୀକୁ ଚାଲିଯାଇଥିଲା। ଅସାବଧାନତାବଶତଃ ସେଠାରେ ଗୋଡ଼ ଖସିଯିବାରୁ ସେ ପୋଖରୀରେ ବୁଡ଼ିଯାଇଥିଲେ। ଅନ୍ୟ ପିଲାଙ୍କର ପାଟି ଶୁଣି ପରିବାର ଲୋକେ ଓ ଗ୍ରାମବାସୀ ଆସି ଶିଶୁଟିକୁ ପାଣିରୁ ଉଦ୍ଧାର କରି ଚାରିଛକ ମେଡିକାଲକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶିଶୁଙ୍କ ପିତା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୨୦/୨୧) ରୁଜୁ କରିଛି।

### ଜଳିଗଲା ଦୋକାନ

**ପୁରୁଣା ଭୁବନେଶ୍ୱର,୬।୧୦(ଡି.ଏନ୍.ଏ.):** ରାଜଧାନୀ ଉପକଣ୍ଠ ସଙ୍ଗଲାଇ ଶାସନ ଛକରେ ଥିବା ଏକ ଗ୍ରୋସେରି ଦୋକାନରେ ବୁଧବାର ରାତିରେ ନିଆଁ ଲାଗିଯାଇଛି। ନିଆଁରେ ଦୋକାନାର ଅଧିକାଂଶ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ସ୍ଥାନୀୟ ଲୋକେ ପାଣି ପକାଇ ନିଆଁ ଲିଭାଇଥିଲେ। ତେବେ ଦେକାନୀ ଜଣକ ରାତିରେ ଦୋକାନରେ ଧୂପ ଦେଇ ବନ୍ଦ କରିଯାଇଥିଲେ। କିଛି ସମୟ ପରେ ଦୋକାନାରେ ନିଆଁ ଲାଗିଥିବା ଦେଖି ସ୍ଥାନୀୟ ୩ଜଣ ଲୋକ ନିକଟରେ ଥିବା ଏକ ଟ୍ରାନ୍ସଫର୍ମରର ସୁଇଚ ଅଫ କରିଥିଲେ। ପରେ ଦୋକାନୀଙ୍କୁ ଜଣାଇବା ସହ ପାଣି ପକାଇ ନିଆଁକୁ ଆୟତ୍ତ କରିଥିଲେ। ତେବେ ଏହି ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ଜିନିଷପତ୍ର ନଷ୍ଟ ହୋଇଥିବା ଦୋକାନୀ କହିଛନ୍ତି।

### ନବଜାତ ଶିଶୁପୁତ୍ର ମୃତଦେହ ଜବତ

**ବ୍ରହ୍ମଗିରି,୬।୧୦(ଡି.ଏନ୍.ଏ.) :** କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଅରଖକୁଦା ସାମୁଦ୍ରିକ ଥାନା ଅଧୀନ ଗୋପୀନାଥପୁର ଭୋଇସାହି ନିକଟରୁ ବୁଧବାର ପୋଲିସ ଏକ ନବଜାତ ଶିଶୁପୁତ୍ରର ମୃତଦେହ ଜବତ କରିଛି। ତେବେ ମୃତ ଶିଶୁପୁତ୍ରଟିର ପରିଚୟ ମିଳିପାରି ନାହିଁ। ସୂଚନା ଅନୁଯାୟୀ, ଭୋଇସାହିର ରାସ୍ତାକଡ଼ ନିକଟରେ ସକାଳୁ ଏକ ଶିଶୁପୁତ୍ରର ମୃତଦେହ ପଡିଥିବାର ସ୍ଥାନୀୟ ଲୋକେ ଦେଖିଥିଲେ। ଏ ନେଇ ଅରଖକୁଦା ପୋଲିସକୁ ଖବର ଦେବାରେ ସାମୁଦ୍ରିକ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଘଟଣାର ତଦନ୍ତ କରୁଛି।

# ନନ୍ଦନକାନନରେ ପୁଣି ଚାଲିବ ରୋପ୍‌ୱେ, ଟଏ ଟ୍ରେନ୍

**ବାରଙ୍ଗ,୬।୧୦(ଡି.ଏନ୍.ଏ.):**





ପ୍ରାଣୀ ଉଦ୍ୟାନ ନନ୍ଦନକାନନ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ପାଇଁ ଦଶହରା ଭେଟି ଦେବାକୁ ଯାଉଛନ୍ତି କର୍ତ୍ତୃପକ୍ଷ। ନନ୍ଦନକାନନରେ ଥିବା ବହୁ ପ୍ରତୀକ୍ଷିତ ଟଏଟ୍ରେନ ଓ ଏରିଆଲ ରୋପ୍‌ୱେ ନୂଆ ରୂପ ନେଇ କାର୍ଯ୍ୟ କରିବ। ୬୭ତମ ବନ୍ୟପ୍ରାଣୀ ସପ୍ତାହ ଉପଲକ୍ଷେ ୮ତାରିଖରେ ନନ୍ଦନକାନନରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଜଙ୍ଗଲମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଟଏଟ୍ରେନକୁ ପର୍ଯ୍ୟଟକମାନଙ୍କ ପାଇଁ ଉତ୍ସର୍ଗୀକୃତ କରିବାସହ ରୋପୱେର ଭୂମିପୂଜନ କରିବେ ବୋଲି ନନ୍ଦନକାନନ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ତେବେ ୨୦୧୧ରେ ବନ୍ଦ ରହିଥିବା ରୋପୱେକୁ କୋଲାକାତାର ଦାମୋଦର ରୋପୱେ କମ୍ପାନୀକୁ ଟେଣ୍ଡର ମିଳିଛି। କିନ୍ତୁ କୋଭିଡ୍ ପାଇଁ କାର୍ଯ୍ୟାରମ୍ଭ ହୋଇପାରି ନ ଥିଲା। ଏହି କମ୍ପାନୀ ନନ୍ଦନକାନନ ସହ ଏହାକୁ ଚଳାଇବା ପାଇଁ ୨୦ବର୍ଷିଆ ଚୁକ୍ତି କରିଥିବାବେଳେ ୧୩କୋଟି ଟଙ୍କା ବ୍ୟୟବରାଦରେ ୧୮ମାସ ମଧ୍ୟରେ କାର୍ଯ୍ୟ ସରିବ ବୋଲି ଜଣାପଡିଛି। ଏଥିରେ ୧୨ଟି କ୍ୟାବିନ ରହିଥିବାବେଳେ ପ୍ରତି କ୍ୟାବିନରେ ୪ଜଣ ବସିବାର କ୍ଷମତା ରହିଛି। ଏକକାଳୀନ ୪୮ଜଣ ପର୍ଯ୍ୟଟକ ବସି ବୁଲିପାରିବାର ସୁବିଧା ରହିଛି। ନିରବଚ୍ଛିନ୍ନ ବିଦ୍ୟୁତ ସେବା ପାଇଁ ୩୦୦କେଭି ଜେନେରେଟର ବ୍ୟାକ୍‌ଅପ ସହ ଟିକେଟ ମୂଲ୍ୟ ୯୫ଟଙ୍କା ପରେ ଜିଏସ୍‌ଟି ଦେବାକୁ ପଡିବ। ରେଳଧାରଣା ଟ୍ରାକ ଉପରେ ପର୍ଯ୍ୟଟକମାନଙ୍କ ସୁଗମ ଯାତାୟାତ ପାଇଁ ଫୁଟଓଭର ବ୍ରିଜ ନିର୍ମାଣ ହେବ।

ସେହିଭଳି ଟ୍ରାକର ରକ୍ଷଣାବେକ୍ଷଣ ଓ ଖର୍ଚ୍ଚ ହେତୁ ୨୦୧୪ରୁ ବନ୍ଦ ରହିଥିବା ଟଏଟ୍ରେନ ମଧ ଖୁବଶୀଘ୍ର ଚାଲିବ। ଭାରତୀୟ ରେଳବାଇର ସୁପାରିସ ଅନୁଯାୟୀ ରାଇଟ୍ସ ସଂସ୍ଥା ଏହାର ବନୀକରଣ କାର୍ଯ୍ୟ ସରିଛି। ଇଞ୍ଜିନ, ବଗି, ଟ୍ରାକ, ଷ୍ଟେଶନ ନବୀକରଣ ବାବଦକୁ ୪୧୮.୬୩ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ଏକକାଳୀନ ୫ଟି ବଗିରେ ୭୨ଜଣଙ୍କୁ ନେବାର କ୍ଷମତା ରହିଛି। ବିଶ୍ରାମାଗାର, ଶୌଚାଳୟ, ପାନୀୟଜଳର ବ୍ୟବସ୍ଥା ସହ ପ୍ରଦୂଷଣ ରୋକିବା ପାଇଁ ବ୍ୟାଟେରିଚାଳିତ ଇଞ୍ଜିନର ବ୍ୟବସ୍ଥା ହୋଇଛି। ଟ୍ରାକ ଚାରିପଟେ ୧୨ହେକ୍ଟର ପରିମିତ ଜାଗାରେ ଆବଦ୍ଧ କରାଯାଇ ତୃଣଭୋଜି ପ୍ରାଣୀମାନଙ୍କୁ ଛଡାଯିବାର ବ୍ୟବସ୍ଥା ହୋଇଛି। ତେବେ ନନ୍ଦନକାନନ ଏହାକୁ ଘରୋଇକରଣକୁ ନ ଦେଇ ନିଜ ଅଧୀନରେ ରଖି ପ୍ରଚଳନ କରିବ ବୋଲି ଜଣାପଡିଛି। ଏହି ରାଜ୍ୟସ୍ତରୀୟ ଉତ୍ସବରେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଅତିଥିଭାବେ ଯୋଗଦେବେ ବୋଲି ନନ୍ଦନକାନନ କର୍ତ୍ତୃପକ୍ଷଙ୍କଠାରୁ ସୂଚନା ମିଳିଛି।

### ଆବେଦନକାରୀଙ୍କୁ ପ୍ରତି ଜବାବ ଦାଖଲ ନିର୍ଦ୍ଦେଶ

**ସରକାରୀ ହସ୍ପିଟାଲରେ ଖାଲି ପଦବୀ ପୂରଣ ମାମଲା**

**କଟକ ଅଫିସ,୬।୧୦:** ରାଜ୍ୟର ବିଭିନ୍ନ ସରକାରୀ ହସ୍ପିଟାଲରେ ଥିବା ଖାଲି ପଦବୀ ପୂରଣ ସମ୍ପର୍କିତ ମାମଲାର ଶୁଣାଣି ମଙ୍ଗଳବାର ହାଇକୋର୍ଟରେ ହୋଇଥିଲା। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ଜଷ୍ଟିସ ବି.ପି. ରାଉତରାୟଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ଆବେଦନକାରୀ ଚିତ୍ତରଞ୍ଜନ ମହାନ୍ତିଙ୍କୁ ପ୍ରତି ଜବାବ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ବିବରଣୀରୁ ପ୍ରକାଶ, ବିଭିନ୍ନ ସରକାରୀ ହସ୍ପିଟାଲରେ ବହୁ ପଦବୀ ଖାଲି ପଡିଛି। ଏଥିଯୋଗୁ ସରକାରୀ କାର୍ଯ୍ୟ ଓ ସ୍ୱାସ୍ଥ୍ୟସେବା ବାଧାପ୍ରାପ୍ତ ହେଉଛି। ତୁରନ୍ତ ଖାଲି ପଦବୀ ପୂରଣ ପାଇଁ ମହାନ୍ତି ହାଇକୋର୍ଟରେ ପିଟିଶନ ଦାଏର କରିଥିଲେ। ହାଇକୋର୍ଟ ଏହାର ଶୁଣାଣି କରି ସେପ୍ଟେମ୍ବର ୨୭ ତାରିଖ ସୁଦ୍ଧା ସତ୍ୟପାଠ ଦାଖଲ ପାଇଁ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଓଡ଼ିଶା ମେଡିକାଲ ହେଲ୍‌ଥ ସର୍ଭିସ କ୍ୟାଡର ଏବଂ ଓଡ଼ିଶା ମେଡିକାଲ ଏଜୁକେଶନ ସର୍ଭିସ କ୍ୟାଡରରେ ଖାଲିଥିବା ପଦବୀ କେତେଦିନ ମଧ୍ୟରେ ପୂରଣ କରାଯିବ, ସେନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ରାଜ୍ କୁମାର ଶର୍ମା ହାଇକୋର୍ଟରେ ସତ୍ୟପାଠ ଦାଖଲ କରିଥିଲେ।

## ନିୟମ ଭାଙ୍ଗି ଜରିମାନା ଦେଲେ ଚାନ୍ଦବାଲି ବିଧାୟକ

**ପୁରୀ ଅଫିସ, ୬।୧୦**




କଟାଯାଇଥିବା ରଶିଦ୍ ଏବଂ ନୋ ପାର୍କିଂ ଜୋନ୍‌ରେ ଥିବା ଗାଡ଼ି।

ଶ୍ରୀମନ୍ଦିର ସଂଲଗ୍ନ ନୋ ପାର୍କିଂ ଜୋନ୍‌ରେ ବୁଧବାର ନିୟମ ଉଲ୍ଲଂଘନ କରି ଚାନ୍ଦବାଲି ବିଧାୟକ ତଥା ବିଜେଡି ନେତା ବ୍ୟୋମକେଶ ରାୟ ୨ହଜାର ଟଙ୍କା ଜରିମାନା ଦେଇଛନ୍ତି। ସେହିପରି ସେ କଟକଣା ଭାଙ୍ଗି ସସ୍ତ୍ରୀକ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଥିବା ଅଭିଯୋଗ ହୋଇଛି। ଏହି ଘଟଣା ଏବେ ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି।

ସୂଚନା ଅନୁଯାୟୀ, ଶ୍ରୀମନ୍ଦିର ଐତିହ୍ୟ କରିଡର ପରିସରରେ ଅର୍ଥାତ୍ ଶ୍ରୀମନ୍ଦିର ଚାରିପାଖରେ ଯାନବାହନ ରଖିବା ଉପରେ ଜିଲା ପ୍ରଶାସନ ପକ୍ଷରୁ କଟକଣା ଜାରି କରାଯିବା ସହ ନୋ ପାର୍କିଂ ଜୋନ୍ ଘୋଷଣା କରାଯାଇଛି। ସେହିଭଳି ମରିଚିକୋଟଠାରୁ ତିନିଚକିଆ ଓ ଚାରିଚକିଆ ଗାଡ଼ିକୁ ଶ୍ରୀମନ୍ଦିର ଆଡ଼କୁ ଛଡ଼ାଯାଉନାହିଁ। ଏହି କଟକଣା ଭାଙ୍ଗିଲେ ଜରିମାନା ଦେବାକୁ ପଡୁଛି। ବୁଧବାର ବିଧାୟକ ରାୟ ଏହି କଟକଣାକୁ ଉଲ୍ଲଂଘନ କରିଛନ୍ତି। ଅପରାହ୍ନ ପ୍ରାୟ ୨ଟାରେ ସେ ଏକ କାର୍ (ନଂ. ଓଡି ୨୨ ଏନ୍ ୦୦୦୧)ରେ ପୁରୀ ଆସିଥିଲେ। କାରଟି ସିଂହଦ୍ୱାର ନିକଟ ଏମାର ମଠ ପାଖରେ ରହିଥିଲା। ତେବେ ସେଠାରେ କାର୍ଯ୍ୟରତ ପୋଲିସ କର୍ମଚାରୀମାନେ ତାଙ୍କୁ ଅଟକାଇ ନ ଥିଲେ। ସେଠାରେ ଗାଡ଼ି ରହିବା ନେଇ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ପୋଲିସ ପ୍ରଶାସନକୁ ଲୋକେ ସମାଲୋଚନା କରିବା ସହ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଏହାପରେ ପୋଲିସ ପ୍ରଶାସନର ଚେତା ପଶିଥିଲା। ରାତି ୮ଟା ୪୫ରେ ଘଟଣାସ୍ଥଳରେ ଟ୍ରାଫିକ ଥାନା ଏସ୍ଆଇ ଦିଲୀପ୍ କୁମାର ବେହେରା ପହଞ୍ଚି ଗାଡ଼ି ରଖିବାକୁ ବାରଣ କରିବା ସହ ଆଇନ ଉଲ୍ଲଂଘନ ଅଭିଯୋଗରେ ୨ହଜାର ଟଙ୍କା ଜରିମାନା କାଟିଥିଲେ। ବିଧାୟକ ରାୟ ଏହି ଜରିମାନା ଅର୍ଥ ଦେଇଥିବା ପୁରୀ ସିଟି ଡିଏସ୍‌ପି ଜନାର୍ଦ୍ଦନ ପାଢୀ କହିଛନ୍ତି। ସେହିପରି ମହାଳୟାରେ ଶ୍ରୀମନ୍ଦିରରେ ସାଧାରଣ ଦର୍ଶନ ବନ୍ଦ ରହିଥିବାବେଳେ ବିଧାୟକ ରାୟ ଓ ତାଙ୍କ ସହଧର୍ମିଣୀ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିଥିବା ଅଭିଯୋଗ ହୋଇଛି। ସାମାଜିକ କର୍ମୀ ତଥା କଂଗ୍ରେସ ଯୁବ ନେତା ସ୍ୱାଧୀନ ପଣ୍ଡା ଏ ନେଇ ଅଭିଯୋଗ କରିଛନ୍ତି। ଯେଉଁଠାରେ ଭକ୍ତଙ୍କୁ ଶ୍ରୀମନ୍ଦିର ପରିସରକୁ ଛଡ଼ାଯାଉନାହିଁ, ସେଠାରେ ବିଧାୟକ ଓ ତାଙ୍କ ସହଧର୍ମିଣୀ କିପରି ଶ୍ରୀମନ୍ଦିର ଗଲେ ବୋଲି ସେ ପ୍ରଶ୍ନ କରିଛନ୍ତି। କେଉଁ ଅଧିକାରୀ ତାଙ୍କୁ ଅନୁମତି ଦେଲେ ଓ ଏ ନେଇ ସହଯୋଗ କଲେ ସେମାନଙ୍କୁ ଚିହ୍ନଟ କରାଯାଇ କାର୍ଯ୍ୟାନୁଷ୍ଠାନ ହେଉ ବୋଲି ପଣ୍ଡା ଦାବି କରିଛନ୍ତି। ସିସିଟିଭି ଫୁଟେଜ ଅନୁଧ୍ୟାନ କଲେ ସତ୍ୟ ଲୋକଲୋଚନକୁ ଆସିବ ବୋଲି ସେ କହିଛନ୍ତି। ଅପରପକ୍ଷେ ଏ ନେଇ ବିଧାୟକ ରାୟଙ୍କ ମତାମତ ମିଳିପାରିନାହିଁ।

**କଟକଣା ନ ମାନି ଶ୍ରୀମନ୍ଦିରରେ ପ୍ରବେଶ କରିଥିବା ଅଭିଯୋଗ**

## ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳକୁ ସାମଗ୍ରିକ ଦକ୍ଷତା ସିଲ୍‌ଡ

**ଭୁବନେଶ୍ୱର, ୬।୧୦(ବ୍ୟୁରୋ)**

ପୂର୍ବତଟ ରେଳପଥ ପକ୍ଷରୁ ବୁଧବାର ଭୁବନେଶ୍ୱରସ୍ଥିତ ରେଳବାଇ ଅଡିଟୋରିୟମଠାରେ ୬୬ତମ ରେଳସପ୍ତାହ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ପାଳିତ ହୋଇଯାଇଛି। ଏହି ସମାରୋହରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ବିଦ୍ୟାଭୂଷଣ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମସ୍ତ କୃତୀ କର୍ମଚାରୀ ଓ ଅଧିକାରୀଙ୍କୁ ସେମାନଙ୍କ କାର୍ଯ୍ୟ ଦକ୍ଷତା ପାଇଁ ପୁରସ୍କୃତ କରିଛନ୍ତି। ଏଥିରେ ପୂର୍ବତଟ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ସୁଧୀର କୁମାର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମହାପ୍ରବନ୍ଧକ ନିଜର ଉଦ୍‌ବୋଧନରେ ରେଳବାଇ କର୍ମଚାରୀଙ୍କ ପ୍ରଗତିଶୀଳ ଉଦ୍ଦେଶ୍ୟ ଓ କର୍ତ୍ତବ୍ୟ ସମ୍ପାଦନ ଯୋଗୁ ରେଳବାଇକୁ ଉତ୍କର୍ଷ ଆଣିବାରେ ସହାୟକ ହୋଇପାରିଛି। ଏଥିପାଇଁ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହିତ ଏହି ଉଦ୍ୟମ ଓ ନିଷ୍ଠା ଜାରି ରଖିବାକୁ ମହାପ୍ରବନ୍ଧକ ଆହ୍ୱାନ ଦେଇଥିଲେ। ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳକୁ ସିଭିଲ ଇଞ୍ଜିନିୟରିଂ, ଟ୍ରେନ୍ ପରିଚାଳନା ଓ ବାଣିଜ୍ୟ ଦକ୍ଷତା ସିଲ୍‌ଡ ମିଳିଥିବାବେଳେ ୱାଲ୍‌ଟିୟର ରେଳ ମଣ୍ଡଳକୁ ବିତ୍ତ(ଫାଇନାନ୍ସ), କୋଚିଂ ଡିପୋ ଓ କାର୍ମିକ ବିଭାଗ ଦକ୍ଷତା ସିଲ୍‌ଡ ଗ୍ରହଣ କରିଛି। ସେହିଭଳି ବିଦ୍ୟୁତ୍ ପରିଚାଳନା ଓ ଯାନ୍ତ୍ରିକ (ମେକାନିକାଲ) ଦକ୍ଷତା ସିଲ୍‌ଡ ସମ୍ବଲପୁର ରେଳ ମଣ୍ଡଳକୁ ପ୍ରଦାନ କରାଯାଇଛି।

ଏହି ଅବସରରେ ସବୁ କ୍ଷେତ୍ରରେ କାର୍ଯ୍ୟଦକ୍ଷତା ପାଇଁ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳକୁ ସାମଗ୍ରିକ ଦକ୍ଷତା ସିଲ୍‌ଡ, ବ୍ରହ୍ମପୁର ରେଳ ଷ୍ଟେଶନକୁ ଉତ୍ତମ ବୃହତ୍ ପରିଚ୍ଛନ୍ନ ଷ୍ଟେଶନ ମାନ୍ୟତା ପ୍ରଦାନ କରାଯାଇଛି।

### 'ପୁରୀ-ହାଟିଆ ତପସ୍ୱିନୀ ଏକ୍ସପ୍ରେସ୍‌କୁ ଏଲ୍‌ଏଚ୍‌ବି କୋଚ୍ କରିବାକୁ ଦାବି'

**ଭୁବନେଶ୍ୱର,୬।୧୦(ବ୍ୟୁରୋ)**

ରାଜଧାନୀ ଏକ୍ସପ୍ରେସ ଭଳି ପୁରୀ- ହାଟିଆ-ପୁରୀ ତପସ୍ୱିନୀ ଏକ୍ସପ୍ରେସକୁ ଲିଙ୍କ୍ ହଫ୍‌ମେନ୍ ବୁଶ୍ (ଏଲ୍‌ଏଚ୍‌ବି) କୋଚରେ ପରିଣତ କରିବା ପାଇଁ ବ୍ୟକ୍ତିଗତ ହସ୍ତକ୍ଷେପ କରିବାକୁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ପତ୍ର ଲେଖି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅନୁରୋଧ କରିଛନ୍ତି। ନିକଟରେ ସେ ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱରରୁ ରେଢ଼ାଖୋଲ ପର୍ଯ୍ୟନ୍ତ ତପସ୍ୱିନୀ ଏକ୍ସପ୍ରେସ୍‌ରେ ଯାତ୍ରା ସମୟରେ ଅନେକ ସହଯାତ୍ରୀଙ୍କ ସହ ଆଲୋଚନା କରିବା ବେଳେ ଯାତ୍ରୀମାନେ ଉକ୍ତ ଟ୍ରେନରେ ଏଲ୍‌ଏଚ୍‌ବି କୋଚ ଆରମ୍ଭ କରିବା ପାଇଁ ତାଙ୍କୁ ଜଣାଇଥିଲେ ବୋଲି ଧର୍ମେନ୍ଦ୍ର କହିଛନ୍ତି।

## ୮୭ଲକ୍ଷ ଟଙ୍କାର ପ୍ରକଳ୍ପ ଶୁଭାରମ୍ଭ



**ପୁରୁଣା ଭୁବନେଶ୍ୱର,୬।୧୦(ଡି.ଏନ୍.ଏ.)**

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ୱାର୍ଡ ନଂ. ୬୦ ଏବଂ ୫୪ରେ ବିଏମ୍‌ସି ଦ୍ୱାରା ପ୍ରାୟ ୮୭ ଲକ୍ଷ ଟଙ୍କାରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶୁଭାରମ୍ଭ ବୁଧବାର ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ତଥା ସ୍ଥାନୀୟ ବିଧାୟକ କରିଥିଲେ। କରଣ ସାହିଠାରୁ ଲିଙ୍ଗରାଜ ନଗର ପର୍ଯ୍ୟନ୍ତ ଏକ ନୂତନ ରାସ୍ତାକୁ ଉଦ୍‌ଘାଟନ କରିବା ସହ ନାରାୟଣୀ ମନ୍ଦିର ନିକଟରୁ କଲ୍ୟାଣ କ୍ଳବ, ଦୁଲା ଦେବୀ ମନ୍ଦିରଠାରୁ ଲିଙ୍ଗରାଜ ନଗର ସମ୍ମୁଖ ଦେଇ ଅର୍ଦ୍ଧନାରୀଶ୍ୱର ମନ୍ଦିର ପର୍ଯ୍ୟନ୍ତ, ମଙ୍ଗଳା ମନ୍ଦିର ନିକଟ ପେବର୍ ବ୍ଲକ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସେହିପରି ୱାର୍ଡ ନଂ ୫୪ର ଦର୍ଜି ସାହି, ବଣିଆ ସାହି, ମଙ୍ଗଳା ସାହି, ଜମେଶ୍ୱର ପାଟଣା ଅଂଶ, ବଡୁ ସାହି ଏବଂ କୁଞ୍ଜପାଟଣା ଲେନ ପ୍ରଭୃତି ବ୍ଲକ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।

### ୨ ଲକ୍ଷ ଟଙ୍କା ପାଇଁ ମହିଳାଙ୍କୁ ନିର୍ଯାତନା

**ନିମାପଡ଼ା,୬।୧୦(ଡି.ଏନ୍.ଏ.)**

ନିମାପଡ଼ା ଥାନା ଅନ୍ତର୍ଗତ ଗୁହାଳପଡ଼ା ଗ୍ରାମରେ ଜଣେ ମହିଳାଙ୍କୁ ୨ଲକ୍ଷ ଟଙ୍କା ଯୌତୁକ ଆଣିବାକୁ କହି ଶାଶୁଘର ଲୋକେ ନିର୍ଯାତନା ଦେଉଥିବା ନେଇ ବୁଧବାର ଅଭିଯୋଗ ହୋଇଛି। ଅଭିଯୋଗକ୍ରମେ ପୋଲିସ ମହିଳାଙ୍କ ସ୍ୱାମୀ, ଶ୍ୱଶୁର, ନଣନ୍ଦଙ୍କ ବିରୋଧରେ ଏକ ମାମଲା(ନଂ.୩୪୮/୨୧) ରୁଜୁ କରି ତଦନ୍ତ ଚଳାଇଛି। ଏହି ଥାନା ଅଧୀନ ଝାମୁଲାକୁଦ ଗ୍ରାମର ମହିଳା ୮ମାସ ତଳେ ଗୁହାଳପଡ଼ାର ଯୁବକଙ୍କୁ ବିବାହ କରିଥିଲେ। ବିବାହ ବେଳେ ମହିଳା ୧ଲକ୍ଷ ଟଙ୍କା ସମେତ ଆସବାବପତ୍ର ଯୌତୁକ ବାବଦରେ ଆଣିଥିଲେ। କିଛିମାସ ପରେ ଶାଶୁଘର ପକ୍ଷରୁ ମହିଳାଙ୍କୁ ଆହୁରି ଯୌତୁକ ଆଣିବାକୁ ଦାବି କରି ନାନା ନିର୍ଯାତନା ଦେଉଥିଲେ। ଫଳରେ ମହିଳା ବାପଘରକୁ ଜଣାଇବା ସହ ଥାନାର ଦ୍ୱାରସ୍ଥ ହୋଇଥିଲେ।

## ବଗିଚାରେ ଟଳିପଡ଼ିଲେ ନନ୍ଦନକାନନ କର୍ମଚାରୀ

**ବାରଙ୍ଗ,୬।୧୦(ଡି.ଏନ୍.ଏ.)**



ଉତ୍ତ୍ୟକ୍ତ ଗ୍ରାମବାସୀଙ୍କୁ ଅଧିକାରୀମାନେ ବୁଝାଶୁଝା କରୁଛନ୍ତି।

ନନ୍ଦନକାନନ ଷ୍ଟୋର ରେଞ୍ଜର କାର୍ଯ୍ୟାଳୟ ସମ୍ମୁଖ ବଗିଚାରେ କାମ କରୁଥିବାବେଳେ ଜଣେ କର୍ମଚାରୀଙ୍କର ବୁଧବାର ମୃତ୍ୟୁ ଘଟିଛି। ସେ ହେଲେ ନନ୍ଦନକାନନ ଥାନା ରଘୁନାଥପୁରର ଜର୍ମାନୀ ନାୟକ(୫୪)। ସେ ନନ୍ଦନକାନନର ରାତ୍ରି ଜଗୁଆଳି ହୋଇ ଷ୍ଟୋର ବିଭାଗ ଅଧୀନରେ ମାଳି କାମ କରୁଥିଲେ। ତେବେ ନନ୍ଦନକାନନରେ ଚାଲିଥିବା ଏକ ବୈଠକରେ ଉପସ୍ଥିତ ଉପନିର୍ଦ୍ଦେଶକ ଡ. ସଞ୍ଜିତ କୁମାର ଘଟଣାସ୍ଥଳକୁ ଯିବା ବଦଳରେ ଘରକୁ ଚାଲିଯାଇଥିଲେ। ଏହା ଗ୍ରାମବାସୀ ଜାଣିବା ପରେ ଉତ୍ତ୍ୟକ୍ତ ହୋଇ ଉପନିର୍ଦ୍ଦେଶକ ଏଠାକୁ ନ ଆସିବା ଯାଏ ମୃତଦେହ ଉଠାଯିବ ନାହିଁ ବୋଲି ଗ୍ରାମବାସୀ କହିଥିଲେ। ଏପରିକି ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବା ପାଇଁ ମଧ ଦାବି କରିଥିଲେ। ଶେଷରେ ୨ଘଣ୍ଟା ବିଳମ୍ବ ଅର୍ଥାତ୍ ପାଖାପାଖି ୪ଟାରେ ନନ୍ଦନକାନନ ଉପନିର୍ଦ୍ଦେଶକ ଆସିବା ସହ ମୃତ ପରିବାରଙ୍କୁ ମୃତଦେହ ସତ୍କାର ପାଇଁ ୫ହଜାର ଟଙ୍କା ଓ ପରିବାରର ଜଣକୁ ଚାକିରି ଦିଆଯିବାର ପ୍ରତିଶ୍ରୁତି ଦେବାରୁ ମୃତଦେହ ଉଠିଥିଲା। ପରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା।

ଖବର ଅନୁଯାୟୀ, ନନ୍ଦନକାନନ ଷ୍ଟୋର ରେଞ୍ଜର କାର୍ଯ୍ୟାଳୟ ସମ୍ମୁଖ ବଗିଚାରେ ଦ୍ୱିପ୍ରହରରେ ଜର୍ମାନୀ ଯୋଗଦେଇ କାମ କରୁଥିଲେ। ଏହି ସମୟରେ ଗୁଲୁଗୁଲି ସାଙ୍ଗକୁ ଅତ୍ୟଧିକ ହାଲିଆ ଲାଗିବାରୁ ବଗିଚାରେ ଥିବା ଏକ ସିମେଣ୍ଟ ବେଞ୍ଚରେ ବିଶ୍ରାମ ନେଉଥିବାବେଳେ ଟଳି ପଡିଥିଲେ। ପରେ ସ୍ଥାନୀୟ ଦୋକାନର ଜଣେ କର୍ମଚାରୀ ବଗିଚାକୁ ପାଣିନେବାକୁ ଆସିଥିବାବେଳେ ଜର୍ମାନୀଙ୍କ ମୃତ୍ୟୁ ହୋଇଥିବା ଦେଖି ଅନ୍ୟ କର୍ମଚାରୀଙ୍କୁ ଜଣାଇଥିଲେ। ନନ୍ଦନକାନନ କାର୍ଯ୍ୟାଳୟରେ ଚାଲିଥିବା ବୈଠକରେ ଏହି ଖବର ଜାଣିବା ପରେ ବୈଠକ ଅଧାରୁ ବନ୍ଦ ହୋଇଥିଲା। ପର୍ଯ୍ୟଟକ ଏସିଏଫ୍ ଅମୂଲ୍ୟ କୁମାର ପରିଡ଼ା, ଷ୍ଟୋର ଦାୟିତ୍ୱରେ ଥିବା ଡେପୁଟି ରେଞ୍ଜର କମଳ ପଟ୍ଟନାୟକ ଘଟଣାସ୍ଥଳକୁ ଆସିଥିବାବେଳେ ଅନ୍ୟ ଅଧିକାରୀମାନେ ନ ଆସି ପଳାଇ ଯାଇଥିଲେ। ଅନ୍ୟପଟେ ମୃତକଙ୍କ ପରିବାର ଲୋକ ଓ ସମ୍ପର୍କୀୟଙ୍କ ସହ ଜିଲା ପରିଷଦ ସଭ୍ୟ କୁନାଲ ରାଉତ ଓ ନାରୀ ଜାଗରଣ ମଞ୍ଚର ସଭାନେତ୍ରୀ ତଥା ରଘୁନାଥପୁର ସମିତିସଭ୍ୟା ଝୁନା ରାଉତ ପହଞ୍ଚି ଏହା ଜାଣି ହୋହଲ୍ଲା କରିଥିଲେ। ପୋଲିସ ପହଞ୍ଚି ମୃତଦେହ ନେବାକୁ ଉଦ୍ୟମ କରିବା ବେଳେ ଗ୍ରାମବାସୀ ଅଟକାଇ ରଖିଥିଲେ।

**କ୍ଷତିପୂରଣ ପାଇଁ ଗ୍ରାମବାସୀଙ୍କ ଉତ୍ତେଜନା**











**ଷୋଳପୂଜା ଅବସରରେ**

ମା' କଟକଚଣ୍ଡୀଙ୍କ ନାରାୟଣୀ ବେଶ। ମା' ଗଡ଼ଚଣ୍ଡୀଙ୍କ ରାଜ ରାଜେଶ୍ୱରୀ ବେଶ। ମା' ଝାଞ୍ଜିରୀମଙ୍ଗଳାଙ୍କ ଦକ୍ଷିଣକାଳୀ ବେଶ। ମା' ବାସନ୍ତୀ ଦୁର୍ଗାଙ୍କ ନାରାୟଣୀ ବେଶ। ମା' ଧାକୁଳେଇଙ୍କ ବଗଳାମୁଖୀ ବେଶ।

## କିଛି ପ୍ରାନ୍ତରେ ଜିଓ ନେଟ୍‌ୱର୍କ ଡାଉନ

ନୂଆଦିଲ୍ଲୀ,୬।୧୦: ଦେଶର କିଛି ପ୍ରାନ୍ତରେ ବୁଧବାର ସକାଳେ ରିଲାଏନ୍ସ ଜିଓ ନେଟ୍‌ୱର୍କରେ ଟେଲିକମ୍ ସେବା ବାଧାପ୍ରାପ୍ତ ହୋଇଥିବା ୟୁଜର୍ସ ଟୁଇଟ ଯୋଗେ ଅଭିଯୋଗ କରିଛନ୍ତି। ମଧ୍ୟପ୍ରଦେଶ ଏବଂ ଛତିଶଗଡ଼ ଭଳି ରିଜିଅନରେ ଗ୍ରାହକ ଏଭଳି ସମସ୍ୟା ସାମ୍ନା କରିଥିଲେ। ଏହାକୁ ଧ୍ୟାନରେ ରଖି କମ୍ପାନୀ ସେବାକୁ ସ୍ୱାଭାବିକ କରିବାକୁ ଉଦ୍ୟମ କରିବା ସହ ଏଥିରେ ସଫଳ ହୋଇଥିବା କହିଛି। ଯେଉଁ ୟୁଜର ନେଟ୍‌ୱର୍କରେ ସମସ୍ୟା ସାମ୍ନା କରିଛନ୍ତି କମ୍ପାନୀ ସେମାନଙ୍କୁ କମ୍ପ୍ଲିମେଣ୍ଟାରି ଡାଟା ପ୍ରଦାନ କରିଥିବା ଜଣାପଡିଛି। କମ୍ପାନୀ ସମସ୍ୟା ନେଇ ଗ୍ରାହକଙ୍କୁ କ୍ଷମା ପ୍ରାର୍ଥନା କରିଥିଲା।

## ସଂକ୍ଷେପରେ

### ୫ଜି ପରୀକ୍ଷଣ କଲା ଏୟାରଟେଲ

ନୂଆଦିଲ୍ଲୀ,୬।୧୦: ଏୟାରଟେଲ ଏବଂ ଏରିକ୍ସନ ପକ୍ଷରୁ ଭାରତର ପ୍ରଥମ ୫ଜି ନେଟୱର୍କର ପରୀକ୍ଷଣ କରାଯାଇଛି। ଟେଲିକମ ବିଭାଗ ଦ୍ୱାରା ଏୟାରଟେଲକୁ ଦିଆଯାଇଥିବା ୫ଜି ପରୀକ୍ଷଣ ସ୍ପେକ୍ଟ୍ରମର ବ୍ୟବହାର କରି ଦିଲ୍ଲୀ ଏନ୍‌ସିଆର୍ ଉପକଣ୍ଠରେ ଥିବା ଭଇପୁର ବ୍ରମାନନ୍ ଗ୍ରାମରେ ଏହି ପରୀକ୍ଷଣ କରାଯାଇଥିଲା। ଉନ୍ନତ ମୋବାଇଲ ବ୍ରଡବ୍ୟାଣ୍ଡ(ଇଏମ୍‌ବିବି) ଏବଂ ଫିକ୍ସଡ ୱାୟରଲେସ ଆକସେସ୍ (ଏଫଡବ୍ଲୁଏ) ସେବା ଭଳି ସମାଧାନ ମାଧ୍ୟମରେ ହାଇ ସ୍ପିଡ ବ୍ରଡବ୍ୟାଣ୍ଡର ପହଞ୍ଚକୁ ସକ୍ଷମ କରି ଡିଜିଟାଲ ବିଭାଜନକୁ ଦୂର କରିବା ଦିଗରେ ଏଭଳି ପଦକ୍ଷେପ ସହାୟକ ହେବ ବୋଲି କମ୍ପାନୀ କହିଛି। ଏହା ଦ୍ୱାରା ଦୂରଦୂରାନ୍ତ ସ୍ଥାନରେ ମଧ ହାଇ ସ୍ପିଡ୍ ବ୍ରଡବ୍ୟାଣ୍ଡ୍ କଭରେଜ ଯୋଗାଇଦେବାର କ୍ଷମତା ପ୍ରଦାନ କରୁଛି ବୋଲି ଏୟାରଟେଲ ସିଟିଓ ରନ୍ଦୀପ ସିଙ୍ଗ ଶେଖୋନ କହିଛନ୍ତି।

### ଓଡ଼ିଶା ବଜାରରେ ଜେଏସ୍‌ଡବ୍ଲ୍ୟୁ ପେଣ୍ଟସ

ଭୁବନେଶ୍ୱର,୬।୧୦: ଜେଏସ୍‌ଡବ୍ଲ୍ୟୁ ପେଣ୍ଟସ ଓଡ଼ିଶା ବଜାରରେ ପ୍ରବେଶ କରିଛି। ଏହା ଦକ୍ଷିଣ ଓ ପଶ୍ଚିମ ବଜାରରେ ଏକ ଦୃଢ଼ ଉପସ୍ଥିତି ପ୍ରମାଣିତ କରିଛି। ଏହା ବର୍ତ୍ତମାନ ଏହାର କାର୍ଯ୍ୟକ୍ରମକୁ ଉତ୍ତର, କେନ୍ଦ୍ର ଓ ପୂର୍ବାଞ୍ଚଳରେ ପ୍ରସାର କରୁଛି। ଧୀରେ ଧୀରେ ସାରା ଭାରତରେ କମ୍ପାନୀ ଏହାର କାର୍ଯ୍ୟକୁ ପ୍ରସାରିତ କରିବାକୁ ଯାଉଛି। ଜାତୀୟ ସ୍ତରରେ ଏହାର ଉପସ୍ଥିତିକୁ ବୃଦ୍ଧି କରିବା ପଦକ୍ଷେପ ସ୍ୱରୂପ ଏହା ଓଡ଼ିଶାରେ ପ୍ରବେଶ କରିଛି। ଜେଏସ୍‌ଡବ୍ଲ୍ୟୁ ପେଣ୍ଟସ ଭୁବନେଶ୍ୱରରେ ଏକ ୱାଟର ଭିତ୍ତିକ ପୋର୍ଟଫୋଲିଓକୁ ଆରମ୍ଭ କରିଛି। ଯେଉଁଥିରେ ୧୮୦୮ ଟି କଲର ରହିଛି। ମାର୍ଚ୍ଚ ୨୦୨୨ ସୁଦ୍ଧା କମ୍ପାନୀ ଓଡ଼ିଶାରେ ଏହାର ଦୃଢ଼ ଉପସ୍ଥିତିକୁ ସ୍ଥାପିତ କରିବାର ଲକ୍ଷ୍ୟ ରଖିଥିବା ମାର୍କେଟିଂ ବିଭାଗ ଉପସଭାପତି ଅନୁରାଧା ବୋଷ କହିଛନ୍ତି। ୭୫୦ କୋଟି ଟଙ୍କାର ନିବେଶ ସହିତ କମ୍ପାନୀ ଏହାର ବ୍ୟବସାୟ ବୃଦ୍ଧି ଯୋଜନା ରଖିଛି।

# ବୟନ ପାର୍କ ସ୍ଥାପନ ଲାଗି ଓଡ଼ିଶା ଆଗ୍ରହୀ

- ପିଏମ୍ ମିତ୍ର ଯୋଜନାକୁ କେନ୍ଦ୍ର କ୍ୟାବିନେଟ ମଞ୍ଜୁରୀ
- ୭ ପ୍ରକଳ୍ପରେ ଖର୍ଚ୍ଚ ହେବ ୪,୪୪୫ କୋଟି

ନୂଆଦିଲ୍ଲୀ,୬।୧୦

ଦେଶ ମଧ୍ୟରେ ୭ ମେଗା ଟେକ୍ସଟାଇଲ ରିଜିୟନ ଏବଂ ଆପାରେଲ ପାର୍କ (ପିଏମ୍ ମିତ୍ର) ସ୍ଥାପନ ହେବ। କେନ୍ଦ୍ର କ୍ୟାବିନେଟ ପକ୍ଷରୁ ବୁଧବାର ଏଥିଲାଗି ୪,୪୪୫ କୋଟିର ଯୋଜନାକୁ ମଞ୍ଜୁରୀ ପ୍ରଦାନ କରାଯାଇଛି। କ୍ୟାବିନେଟ ବୈଠକ ପରେ କେନ୍ଦ୍ର ବୟନ ମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି, ୧୦ ରାଜ୍ୟ ଏଭଳି ପାର୍କ ସ୍ଥାପନ ଲାଗି ଆଗ୍ରହ ଦେଖାଇଛନ୍ତି। ଏହି ରାଜ୍ୟଗୁଡିକ ମଧ୍ୟରେ ଓଡ଼ିଶା ସମେତ ତାମିଲନାଡୁ, ପଞ୍ଜାବ, ଆନ୍ଧ୍ରପ୍ରଦେଶ, ଗୁଜରାଟ, ରାଜସ୍ଥାନ, ଆସାମ, ମଧ୍ୟପ୍ରଦେଶ ଏବଂ ତେଲଙ୍ଗାନା ରହିଛି।

ବିଶ୍ୱ ବୟନ ମ୍ୟାପ୍‌ରେ ଭାରତକୁ ସ୍ଥାନିତ କରାଇବା ଦିଗରେ ଏଭଳି ପଦକ୍ଷେପ ସହାୟକ ହେବ ବୋଲି ଆଶା କରାଯାଉଛି। ବଜେଟ ୨୦୨୧-୨୨ରେ ପିଏମ୍ ମିତ୍ର ଯୋଜନା ସମ୍ପର୍କରେ ଘୋଷଣା କରାଯାଇଥିଲା। ଦେଶର ବିଭିନ୍ନ ପ୍ରାନ୍ତରେ ରହିଥିବା ଗ୍ରୀନ୍‌ଫିଲ୍ଡ ଏବଂ ବ୍ରାଉନଫିଲ୍ଡ ସାଇଟଗୁଡ଼ିକରେ ଏହି ପାର୍କ ସବୁ ସ୍ଥାପନ କରାଯିବା ନେଇ ଲକ୍ଷ୍ୟ ରଖାଯାଇଛି। ପାର୍କ ସ୍ଥାପନ ଲାଗି ୧ ହଜାରରୁ ଉର୍ଦ୍ଧ୍ୱ ଏକର ଜମି ମଧ ନିର୍ଦ୍ଧାରଣ କରାଯାଇଛି। ଏହାବାଦ ବୟନ ସହ ଜଡିତ ଅନ୍ୟ ଇକୋସିଷ୍ଟମ ବିକାଶ ଦିଗରେ କାର୍ଯ୍ୟକ୍ରମ ଗ୍ରହଣ କରାଯିବ ବୋଲି ପ୍ରକ୍ରିୟା ସହ ଜଡିତ ଜଣେ ଅଧିକାରୀ ନାମ ଗୋପନ ରଖି କହିଛନ୍ତି।


ପୀୟୂଷ ଗୋୟଲ

ଚ୍ୟାଲେଞ୍ଜ ପଦ୍ଧତିରେ ପ୍ରକଳ୍ପଗୁଡିକ ଲାଗି ସ୍ଥାନ ଚୟନ କରାଯିବ। ସବୁ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ପ୍ରତ୍ୟକ୍ଷ ଭାବେ ୭ ଲକ୍ଷ ଏବଂ ପରୋକ୍ଷ ଭାବେ ୧୫ ଲକ୍ଷ ଲୋକ ନିଯୁକ୍ତି ଲାଭ କରିପାରିବେ ବୋଲି ଗୋୟଲ ସ୍ପଷ୍ଟ କରିଛନ୍ତି। ଗ୍ରୀନ୍ ଫିଲ୍ଡ ପାର୍କଗୁଡିକ ଲାଗି ଉନ୍ନତୀକରଣ ପୁଞ୍ଜି ସହାୟତା ଭାବେ ସର୍ବାଧିକ ୫୦୦ କୋଟି ଏବଂ ପ୍ରତିଦ୍ୱନ୍ଦ୍ୱିତା ପ୍ରୋତ୍ସାହନ ସହଯୋଗ ଲାଗି ୩୦୦ କୋଟି ଟଙ୍କାର ସହାୟତା ସରକାର ଯୋଗାଇ ଦେବେ।

# ବ୍ରିଜ୍ ପ୍ରକଳ୍ପ ପାଇଁ ନାବାର୍ଡର ୩୦୩ କୋଟି

ଭୁବନେଶ୍ୱର,୬।୧୦

ରାଜ୍ୟ ମଧ୍ୟରେ ୨୪ ବ୍ରିଜ୍ ନିର୍ମାଣ ଲାଗି ଜାତୀୟ କୃଷି ଏବଂ ଗ୍ରାମୀଣ ବିକାଶ ବ୍ୟାଙ୍କ(ନାବାର୍ଡ) ୩୦୩ କୋଟି ଟଙ୍କାର ଋଣ ସହାୟତା ଯୋଗାଇ ଦେଇଛି। ବ୍ୟାଙ୍କ ଏହାର ଗ୍ରାମୀଣ ଭିତ୍ତିଭୂମି ଉନ୍ନତୀକରଣ ପାଣ୍ଠି(ଆର୍‌ଆଇଡିଏଫ୍) ଅନ୍ତର୍ଗତ ଏଭଳି ପଦକ୍ଷେପ ଗ୍ରହଣ କରିଛି। ମୋଟ ୧୩ ଜିଲାରେ ଏହି ପ୍ରକଳ୍ପଗୁଡିକୁ ରାଜ୍ୟ ସରକାରଙ୍କ ୱାର୍କସ ଏବଂ ରୁରାଲ ଡେଭଲପମେଣ୍ଟ ବିଭାଗ କାର୍ଯ୍ୟାନ୍ୱୟନ କରୁଛି। ପ୍ରକଳ୍ପଗୁଡିକ ୪୩୩୭.୧୫ ମିଟର ବିଶିଷ୍ଟ ହୋଇଥିବା ବେଳେ ୮୨୩ ଗ୍ରାମର ୨୪.୧୩ ଲକ୍ଷ ଲୋକଙ୍କୁ ଯୋଗାଯୋଗ ସୁବିଧା ପ୍ରଦାନ କରିବାରେ ସହାୟକ ହେବ। ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତାବିତ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପଗୁଡିକ ଲାଗି ବ୍ୟାଙ୍କ ଏଭଳି ସହାୟତା ଦେଉଥିବା ଜଣାପଡିଛି। ଏହି ପ୍ରକଳ୍ପଗୁଡିକ ରାଜପଥ, ବ୍ରିଜ୍ ନିର୍ମାଣ, ଜଳସେଚନ ଏବଂ ପାନୀୟ ଜଳ ଯୋଗାଣ ଭଳି କ୍ଷେତ୍ର ସହ ଜଡିତ। ବର୍ତ୍ତମାନର ସହାୟତା ସହ ଆର୍‌ଆଇଡିଏଫ୍‌ରେ ନାବାର୍ଡ ଅଦ୍ୟାବଧି ୧୭୭୬ କୋଟି ଟଙ୍କା ଯୋଗାଇ ଦେଇଛି। ଓଡ଼ିଶାର ଗ୍ରାମୀଣ ଅର୍ଥ ବ୍ୟବସ୍ଥା ଏବଂ ଲୋକଙ୍କ ଜୀବନଧାରଣ ମାନରେ ଉନ୍ନତି ଆଣିବାରେ ଏଭଳି ଭିତ୍ତିଭୂମି ପ୍ରକଳ୍ପ ବିଶେଷ ଭାବେ ସହାୟକ ହେବ ବୋଲି ନାବାର୍ଡ ସିଜିଏମ୍ ସି.ଉଦୟଭାସ୍କର କହିଛନ୍ତି।

# ସେଣ୍ଟ୍ରାଲ ପକ୍ଷରୁ ପାର୍ବଣ ଅଫର

ଭୁବନେଶ୍ୱର,୬।୧୦

ସେଣ୍ଟ୍ରାଲ ଷ୍ଟୋର ପକ୍ଷରୁ ପାର୍ବଣ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଗ୍ରାହକ ଏହି ସମୟରେ ଷ୍ଟୋରରେ କିଣାକିଣି ଉପରେ ଆକର୍ଷଣୀୟ ରିହାତି ଲାଭ କରିପାରିବେ। ପାର୍ବଣ କ୍ରୟକୁ ସ୍ୱତନ୍ତ୍ର କରିବା ଲାଗି କମ୍ପାନୀ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଥିବା ସେଣ୍ଟ୍ରାଲ ଭୁବନେଶ୍ୱର ଷ୍ଟୋରର ଜେନେରାଲ ମ୍ୟାନେଜର ଆତିଶ ପ୍ରଧାନ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଗ୍ରାହକ ୪ ହଜାର ଟଙ୍କା କ୍ରୟ ଉପରେ ୪ ହଜାର ଟଙ୍କାର ଶପିଂ ଭାଉଚର ପାଇବେ। ଏହାକୁ ପରବର୍ତ୍ତୀ କ୍ରୟରେ ରିଡିମ୍ କରାଯାଇପାରିବ। ସେହିଭଳି ୭ ହଜାର ଟଙ୍କାର କ୍ରୟରେ ୮ ହଜାର ଟଙ୍କାର ଭାଉଚର ଗ୍ରାହକଙ୍କୁ ମିଳିବ। ଗ୍ରାହକଙ୍କ ଲାଗି ନୋକଷ୍ଟ ଇଏମ୍‌ଆଇ ସୁବିଧା କରାଯାଇଛି। ପ୍ରାୟ ୫ ହଜାର ଟଙ୍କା କ୍ରୟ ଉପରେ ଏହି ସୁବିଧା ଉପଲବ୍ଧ ହେବ। ୩ ଏବଂ ୬ ମାସର କିସ୍ତିରେ ଗ୍ରାହକ ଅର୍ଥ ପ୍ରଦାନ କରିପାରିବେ। ପ୍ରାୟ ସମସ୍ତ ବ୍ୟାଙ୍କର କ୍ରେଡିଟ କାର୍ଡରେ ୦% ସୁଧହାରରେ ଇଏମ୍‌ଆଇ କରିହେବ। ନିର୍ଦ୍ଦିଷ୍ଟ ମୂଲ୍ୟର କ୍ରୟ ଉପରେ ଆଇସିଆଇସିଆଇ ବ୍ୟାଙ୍କର କ୍ରେଡିଟ ଏବଂ ଡେବିଟ କାର୍ଡରେ ଅତିରିକ୍ତ ୧୦% ରିହାତି ଗ୍ରାହକ ଲାଭ କରିପାରିବେ। ୩,୯୯୯ କିମ୍ବା ଏହାଠାରୁ ଅଧିକ ମୂଲ୍ୟର କ୍ରୟ ଉପରେ ଘଣ୍ଟା ଉପରେ ଆକର୍ଷଣୀୟ ରିହାତି ମିଳିପାରିବ। ଗ୍ରାହକଙ୍କ ଚାହିଦାକୁ ନଜରରେ ରଖି ଷ୍ଟୋରରେ ସଦ୍ୟତମ କଲେକ୍ସନ ଉପଲବ୍ଧ କରାଯାଇଛି। ଯୁବବର୍ଗଙ୍କ ଆବଶ୍ୟକତା ଆଧାରରେ ପର୍ଯ୍ୟାପ୍ତ ଷ୍ଟକ୍ ରହିଛି। କରୋନା କଟକଣା ସହ ସେବା ଉପଲବ୍ଧ କରାଯାଉଛି। ଗ୍ରାହକ ଷ୍ଟୋର ଆସି ସେମାନଙ୍କ ମନ ପସନ୍ଦର ସାମଗ୍ରୀ କିଣିବା ସହ ଆକର୍ଷଣୀୟ ଅଫରର ଲାଭ ଉଠାଇବାକୁ ପ୍ରଧାନ ନିବେଦନ କରିଛନ୍ତି।




# ବିଲିୟନ ଡଲାର କମ୍ପାନୀ ଗଢ଼ିଲେ ଓଡ଼ିଆ ପୁଅ

ଭୁବନେଶ୍ୱର,୬।୧୦(ବ୍ୟୁରୋ)

## ଦେଶର ୨୫ତମ ୟୁନିକର୍ନ ଷ୍ଟାର୍ଟଅପ୍ ହେଲା ଜେଟ୍‌ୱର୍କ

ଆଇଆଇଟି ମାଡ୍ରାସରେ ପଢ଼ାପରେ ବିଦେଶରେ ଏକ ଭଲ ପ୍ୟାକେଜରେ ଚାକିରି ପାଇଥିଲେ। ହେଲେ ନିଜେ କିଛି କରି ଦେଖାଇବାର ଇଚ୍ଛା ତାଙ୍କ ମନକୁ ସବୁବେଳେ ଆନ୍ଦୋଳିତ କରୁଥିଲା। ଆମେରିକାର ମୋଟା ଅଙ୍କର ଦରମା ଛାଡ଼ି ସ୍ୱଦେଶ ପ୍ରତ୍ୟାବର୍ତ୍ତନ କଲେ। ଆଉ କେତେଜଣ ବନ୍ଧୁଙ୍କ ସହ ମିଶି ବେଙ୍ଗାଲୁରୁରେ ସ୍ଥାପନ କଲେ ଷ୍ଟାର୍ଟଅପ୍ 'ଜେଟ୍‌ୱର୍କ'। ଏବେ ଦେଶର ୨୫ତମ ୟୁନିକର୍ନ ଷ୍ଟାର୍ଟଅପ୍ ହେବାର ସୌଭାଗ୍ୟ ହାସଲ କରିଛି ଏହି କମ୍ପାନୀ। କମ୍ପାନୀର ସହ-ପ୍ରତିଷ୍ଠାତା ତଥା ସିଇଓ ଭୁବନେଶ୍ୱରର ଅମ୍ରିତ ଆଚାର୍ଯ୍ୟଙ୍କୁ ଏହାର ଶ୍ରେୟ ଯାଏ। ଜେଟ୍‌ୱର୍କର ଭାଲ୍ୟୁଏଶନ (ବଜାର ମୂଲ୍ୟ) ବର୍ତ୍ତମାନ ପ୍ରାୟ ୭,୫୦୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ହେବ। ଜେଟ୍‌ୱର୍କ ମାନୁଫାକ୍ଚରିଂ ନାମରେ ଏହି କମ୍ପାନୀ ଉଭୟ କଞ୍ଜ୍ୟୁମର ଏବଂ କ୍ୟାପିଟାଲ ଗୁଡସ୍‌ର କଣ୍ଟ୍ରାକ୍ଟ ମେକର ଭାବେ କାମ କରୁଛି। ଉଲ୍ଲେଖଯୋଗ୍ୟ ଯେ, ନିର୍ମାଣକାରୀ ସଂସ୍ଥା ଓ ସାମଗ୍ରୀ ଅର୍ଡର ଦେଉଥିବା ବ୍ୟକ୍ତିବିଶେଷ ସହ ଯୋଗସୂତ୍ର ସ୍ଥାପନ କରି ଏହା ସାମଗ୍ରୀ ଯୋଗାଇଥାଏ। କୌଣସି ଷ୍ଟାର୍ଟଅପ୍‌ର ଭାଲ୍ୟୁଏଶନ ୧ ବିଲିୟନ ଡଲାର ଛୁଇଁଲେ ଏହାକୁ ୟୁନିକର୍ନ ଷ୍ଟାଟସ ମିଳୁଥିବା ବେଳେ ଜେଟ୍‌ୱର୍କର ମୂଲ୍ୟ ଏବେ ୧.୩୩ ବିଲିୟନ ଡଲାରରୁ ଉର୍ଦ୍ଧ୍ୱ ରହିଛି। ୩ ବର୍ଷର ଏହି କମ୍ପାନୀରେ ପୁଞ୍ଜିନିବେଶ ୨୦୧୮ରେ ଆରମ୍ଭ ହୋଇଥିଲା। ସିଇଓ ଅମ୍ରିତ ଆଚାର୍ଯ୍ୟ କୁହନ୍ତି, କମ୍ପାନୀର କାରବାରରେ ବେଶ୍ ଉନ୍ନତି ଆସିଛି। ଆସନ୍ତା ଆର୍ଥିକ ବର୍ଷରେ ରାଜସ୍ୱ ଅଭିବୃଦ୍ଧି ପ୍ରାୟ ୪ ଗୁଣ ରହିପାରେ। ପ୍ରାୟ ୩,୫୦୦ କୋଟି ଟଙ୍କାର କାରବାର କରିବାକୁ ସକ୍ଷମ ହେବୁ। ଏବେ ସୁଦ୍ଧା ୨ ହଜାର କୋଟିର ପାଣ୍ଠି ସଂଗ୍ରହ କରିବାକୁ ସକ୍ଷମ ହୋଇଛୁ। ଜେଟ୍‌ୱର୍କ ଟିମ୍‌ରେ ୫୦୦ ଲୋକ କାମ କରୁଛନ୍ତି। ଦୀର୍ଘମିଆଦୀ ଅଭିବୃଦ୍ଧି, ଲାଭ ହାସଲ କରିବାରେ କମ୍ପାନୀ ଲାଗି ଏକ ମାଇଲଖୁଣ୍ଟ ହେବ ବୋଲି ଅମ୍ରିତ କହିଛନ୍ତି। ୨୦୧୮ରେ ଏହି କମ୍ପାନୀକୁ ଅମ୍ରିତଙ୍କ ସହ ଶ୍ରୀନାଥ ରାମକୃଷ୍ଣ, ରାହୁଲ ଶର୍ମା, ବିଶାଳ ଚୌଧୁରୀ ସ୍ଥାପନ କରିଥିଲେ। ଜେଟ୍‌ୱର୍କ ଏମ୍‌ଏସ୍‌ଏମ୍‌ଇଗୁଡିକର ଡିଜିଟାଲ ଡିଜାଇନକୁ ଫିଜିକାଲ ପ୍ରଡକ୍ଟରେ ରୂପାନ୍ତରିତ କରୁଛି। ବିଜ୍‌ନେସ୍ ଟୁ ବିଜ୍‌ନେସ୍ (ବିଟୁବି) ମଡେଲରେ ଏହା କାମ କରୁଛି। ଏହା ନିକଟରେ ୭୦୦ କର୍ପୋରେଟ ଗ୍ରାହକ ଓ ୩ ହଜାର ମାନୁଫାକ୍ଚରର ରହିଛନ୍ତି। ଅମ୍ରିତଙ୍କ କ୍ୟାରିୟର ଦେଖିଲେ ଭୁବନେଶ୍ୱରର ରୁଚିକା ହାଇସ୍କୁଲରୁ ଶିକ୍ଷା ଶେଷ ପରେ ବିଜେବି କଲେଜରୁ ଯୁକ୍ତ ୨ ବିଜ୍ଞାନ, ଆଇଆଇଟି ମାଡ୍ରାସ୍‌ରୁ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂରେ ବିଟେକ୍ ଏବଂ ୟୁନିଭର୍ସିଟି ଅଫ୍ କାଲିଫର୍ନିଆ, ବର୍କଲେରୁ ଏମ୍‌ବିଏ ଡିଗ୍ରୀ ଅର୍ଜନ କରିଛନ୍ତି। ବିଟେକ୍ ପରେ ସେ ଆଇଟିସିରେ କାମ କରିଥିଲେ। ଏହା ପରେ ଏମ୍‌ବିଏ ଲାଗି ୟୁଏସ୍ ଚାଲିଯାଇଥିଲେ। ସେଠାରୁ ଶିକ୍ଷା ଶେଷ ପରେ କନ୍‌ସଲଟିଂ ଫାର୍ମ ମ୍ୟାକେଞ୍ଜିରେ କିଛି ସମୟ ମଧ୍ୟ କାମ କରିଛନ୍ତି।


ଅମ୍ରିତ ଆଚାର୍ଯ୍ୟ

ଫୁରସତ୍

# ୩ ବର୍ଷ ଅକାମୀ ଥିବା ହାର୍ଟ ପୁଣି କାମ କଲା

**ନୋଏଡ଼ା:** କଥାରେ ଅଛି ରଖେ ହରି ମାରେ କିଏ। ଏଭଳି ଏକ ଚମତ୍କାରିତା ଭାରତରେ ଘଟିଛି। ହାର୍ଟ (ହୃତ୍‌ପିଣ୍ଡ) କାମ କରିବା ବନ୍ଦ କରିବାର ୩ ବର୍ଷ ପରେ ପୁଣି ଥରେ ସ୍ୱାଭାବିକ ଭାବେ କାମ କରିବା ଆରମ୍ଭ କରିଛି। ନୋଏଡାଠାରେ ଜଣେ ଇରାକ ନାଗରିକଙ୍କ କ୍ଷେତ୍ରରେ ଏହି ଚମତ୍କାର ଘଟିଛି। ତିନି ବର୍ଷ ଧରି ବ୍ୟକ୍ତି ଜଣକ କୃତ୍ରିମ ହାର୍ଟ ସାହାଯ୍ୟରେ ଜୀବିତ ଥିଲେ। ତାଙ୍କୁ ଏବେ ବାହାର କରି ଦିଆଯାଇଛି। ଡାକ୍ତରମାନେ ମଧ୍ୟ ଏହି ଘଟଣାରେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। ଏହା ଭାରତରେ ପ୍ରଥମ ଘଟଣା। ବର୍ତ୍ତମାନ ପର୍ଯ୍ୟନ୍ତ ସମଗ୍ର ବିଶ୍ୱରେ କେବଳ ୨ ରୁ ୩ ଟି ଏଭଳି ଘଟଣା ଘଟିଛି। ଯେତେବେଳେ ଜଣଙ୍କର ହାର୍ଟ ଅକାମୀ ହୋଇଯାଏ ତାଙ୍କୁ ମେସିନ ଦ୍ୱାରା ସାଧାରଣତଃ ଜୀବିତ ରଖାଯାଇଥାଏ। ଏହାକୁ ଲାଇଫ୍ ସପୋର୍ଟ କୁହାଯାଇଥାଏ। ନୋଏଡାର ଫୋର୍ଟିସ ହାର୍ଟ ଏବଂ ଭାସ୍କୁଲାର ଇନଷ୍ଟିଚ୍ୟୁଟ୍‌ର ଅଧ୍ୟକ୍ଷ ଡକ୍ଟର ଅଜୟ କୌଲଙ୍କ ସୂଚନା ଅନୁଯାୟୀ, ଇରାକର ହମି ଜବାଦ ମହମ୍ମଦ ନାମକ ବ୍ୟକ୍ତି ୨୦୧୮ରେ ହୃତ୍‌ପିଣ୍ଡ ପ୍ରତିରୋପଣ ପାଇଁ ହସ୍ପିଟାଲ ଆସିଥିଲେ। ସେତେବେଳେ ଡାକ୍ତରମାନେ ତାଙ୍କ ଜୀବନ ବଞ୍ଚାଇବା ପାଇଁ ଏକ କୃତ୍ରିମ ହାର୍ଟ ବା ଭେଣ୍ଟ୍ରିକଲ ଆସିଷ୍ଟ ଡିଭାଇସରେ ରଖିଥିଲେ। ହାର୍ଟ କାମ କରିବାରୁ ତାଙ୍କୁ ଡିସ୍‌ଚାର୍ଜ କରାଯାଇଛି ଓ ସେ ଇରାକ ପଳାଇଛନ୍ତି। ତାଙ୍କୁ ପ୍ରତି ଛଅ ମାସରେ ଚେକ୍‌ଅପ୍ ପାଇଁ ଆସିବାକୁ ପରାମର୍ଶ ଦିଆଯାଇଛି।



# ଅକ୍ଷୟଙ୍କ ସହ ଫାଇଟ୍ ଟ୍ରେନିଂ ମଜାଦାର ଥିଲା: ହୁମା



**ମୁମ୍ବାଇ:** ବଲିଉଡ୍‌ର ଅଭିନେତ୍ରୀ ହୁମା କୁରେଶୀ ନିକଟରେ ସୋସିଆଲ ମିଡିଆ ଆକାଉଣ୍ଟରେ ଫିଲ୍ମ 'ବେଲ୍ ବଟମ୍' ସେଟ୍‌ରୁ ଏକ ଭିଡିଓ ଶେୟାର କରିଛନ୍ତି। ଏହି ଭିଡିଓରେ ସେ ଅକ୍ଷୟ କୁମାରଙ୍କ ସହ ଫାଇଟ୍ କରୁଥିବା ଏବଂ କ୍ଲାଇମାକ୍ସ ସିନ୍‌ରେ ମାଡ ଖାଉଥିବା ନଜର ଆସିଛନ୍ତି। ଏହି ଭିଡିଓରେ ହୁମା ଫିଲ୍ମ ପାଇଁ ଅକ୍ଷୟ କୁମାରଙ୍କ ସହ ତାଙ୍କ ଫାଇଟିଂ ଦୃଶ୍ୟର ରିହର୍ସାଲ କରୁଛନ୍ତି। ଅକ୍ଷୟ କୁମାରଙ୍କ ସହ ଫାଇଟ୍ ଟ୍ରେନିଂ କରିବା ଏକ ମଜାଦାର ଅନୁଭୂତି ଥିଲା ବୋଲି ହୁମା କୁରେଶୀ ଏଥିରେ ଲେଖିଛନ୍ତି। ଭିଡିଓରେ ଅକ୍ଷୟ କହିଛନ୍ତି ଯେ ହୁମାଙ୍କ ସହ ଲଢ଼ିବା ପ୍ରକୃତରେ ଭଲ ଥିଲା। ଆକ୍ସନ୍ ଦୃଶ୍ୟ ପାଇଁ ସେ ଯେଉଁ ପରିଶ୍ରମ କରିଛନ୍ତି, ତାହା ଚଳଚ୍ଚିତ୍ରକୁ ଜୀବନ୍ତ କରିଦେବ।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

VISWAJANANI FINANCE
ମାର୍କସିଟ୍, ପ୍ରପର୍ଟି, ପର୍ସନାଲ, ହୋମ୍, କୃଷି ଓ ପଶୁପାଳନ ନିମନ୍ତେ ସବୁ ପ୍ରକାର LOAN ଘରେ ବସି ପାଆନ୍ତୁ। ସମସ୍ତଙ୍କୁ ONLINE ମାଧ୍ୟମରେ ଯୋଗାଇ ଦିଆଯାଉଛି।
୧ରୁ ୨୦ଲକ୍ଷ ପର୍ଯ୍ୟନ୍ତ ୨% ସୁଧ
M.: 8280401694 (W)
M.: 8895872573

ନବରାତ୍ରୀ ଧମାକା
ଶ୍ରୀ ବାଲାଜୀ ଫାଇନାନ୍ସରୁ ତୁରନ୍ତ ଋଣ ପାଆନ୍ତୁ।
ଆଧାର କାର୍ଡ, ମାର୍କଶିଟ୍, ପର୍ସନାଲ, ଘର ଓ ଦୋକାନ ସବୁ ପ୍ରକାର ଋଣ
2% ସୁଧ, 50% ଛାଡ଼
(ସିଭିଲ ଡିଫଲ୍ଟର ଥରେ ନିଶ୍ଚୟ ଯୋଗାଯୋଗ କରନ୍ତୁ)
9453589979

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍
ବାବା ସୁଲତାନ ମିର୍ଜା
ବ୍ୟବସାୟ, ବିବାହ/ପ୍ରେମରେ ସମସ୍ୟା, ସଉତୁଣୀ/ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ପୋତାଧନ ଇତ୍ୟାଦି



କୌଣସି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରିଥିବା କାମକୁ କାଟିଲେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ ସ୍ପେଶାଲିଷ୍ଟ
8882703236
9891589903

ALL EDITION - B/W
(Everyday)
for Booking Contact:
0674-2580385
8637280816, 9338757574
7894447167, 9338226625


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



୰ ସନ୍ତୋଷ କୁମାର ରଥ
ଆବିର୍ଭାବ- ତା୧୯।୦୩।୧୯୪୯
ତିରୋଧାନ- ତା୧୮।୦୯।୨୦୨୦
ରତ୍ନା ନିବାସ, ପ୍ଲଟ୍ ନଂ.୭୩, ବୁଦ୍ଧନଗର, ଭୁବନେଶ୍ୱର, ଓଡ଼ିଶା
ତୁମର ଦିବ୍ୟସ୍ମୃତି ଏକ ଅନିର୍ବାଣ ଶିଖା। ତୁମର ମହନୀୟ ଜୀବନାଦର୍ଶ, ଦୂରଦର୍ଶିତା, କର୍ମକୁଶଳତା, ପରାର୍ଥପରତା ଆମ ପାଇଁ ପ୍ରେରଣାର ଉତ୍ସ। ପରମେଶ୍ୱରଙ୍କ ଶ୍ରୀପାଦପଦ୍ମରେ ପ୍ରାର୍ଥନା, ସେ ତୁମକୁ ତାଙ୍କର ନିଜ ଲୋକ ଭାବରେ ପାଖରେ ରଖିଥାନ୍ତୁ।
ଶୋକସନ୍ତପ୍ତ ଆତ୍ମୀୟସ୍ୱଜନ
ଧ-୨୧୮୭୪

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ପ୍ରଥମ ଶ୍ରାଦ୍ଧବାର୍ଷିକୀ



Ch.ଦମୟନ୍ତୀ
ଦରଘା ବଜାର, କଟକ
ଆବିର୍ଭାବ- ତା୦୧।୦୮।୧୯୪୯
ତିରୋଧାନ- ତା୧୮।୦୯।୨୦୨୦
(ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ)
ଆପଣଙ୍କର ଅନୁପସ୍ଥିତି ଆମ୍ଭେମାନେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଅଛୁ। ଆଜିର ପ୍ରଥମ ବାର୍ଷିକୀ ଶ୍ରାଦ୍ଧ ଅବସରରେ ଭଗବାନଙ୍କ ନିକଟରେ ଆପଣଙ୍କର ପବିତ୍ର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ବିନମ୍ର ପ୍ରାର୍ଥନା ଜଣାଉଅଛୁ।
ଶୋକସନ୍ତପ୍ତ ସମସ୍ତ ପୁତ୍ର, ପୁତ୍ରବଧୂ, କନ୍ୟା ଓ ପରିବାରବର୍ଗ
ଧ-୨୧୮୭୫

### ଶ୍ରଦ୍ଧାଞ୍ଜଳି



୰ ଅପର୍ତ୍ତି ବେହେରା
ନିଆଳି, କଟକ
ଆବିର୍ଭାବ- ୧୫।୦୯।୧୯୫୪
ତିରୋଧାନ- ୧୮।୦୯।୨୦୨୦
ଚାହୁଁ ଚାହୁଁ ବର୍ଷଟିଏ ବିତିଗଲା। ଆପଣଙ୍କର ଅନୁପସ୍ଥିତି ଆମେ ପ୍ରତିଟି ମୁହୂର୍ତ୍ତରେ ଅନୁଭବ କରୁଛୁ। ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ ଓ କର୍ତ୍ତବ୍ୟ ପରାୟଣତା ଆମ ପାଇଁ ପ୍ରେରଣାର ଉତ୍ସହୋଇ ରହିଛି। ଆଜି ଆପଣଙ୍କ ଆତ୍ମାର ଚିରଶାନ୍ତି ପାଇଁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି: ଶୋକସନ୍ତପ୍ତ ସ୍ତ୍ରୀ- ପ୍ରେମଲତା; ପୁତ୍ର- ମନୋଜ, କ୍ଷୀରୋଦ, ସରୋଜ; ପୁତ୍ରବଧୂ- କୁଇନ୍, ସସ୍ମିତା; ନାତିନାତୁଣୀ- ଗୁଡ୍ଡୁ, ସୁଭି, ମୂଭି, ବନ୍ଧୁ ଓ ପରିବାରବର୍ଗ ଏବଂ ଆତ୍ମୀୟସ୍ୱଜନ।
ଧ-୨୧୮୮୪

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



୰ ଯଦୁମଣି ପ୍ରଧାନ
(ଗୁରୁବାରି)
ପୂର୍ବତନ ସରପଞ୍ଚ, ପେଟପଡ଼ା ଗ୍ରାମପଞ୍ଚାୟତ, ସତ୍ୟବାଦୀ ବ୍ଲକ, ସାନକାଞ୍ଜିଆ, ସାକ୍ଷୀଗୋପାଳ, ପୁରୀ
- ଶୋକସନ୍ତପ୍ତ ପରିବାର-
ପୁତ୍ର, ପୁତ୍ରବଧୂ, ଝିଅଜ୍ୱାଇଁ ଏବଂ ନାତିନାତୁଣୀମାନେ
ଧ-୨୧୮୮୩

### ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ରାମଚନ୍ଦ୍ର ଚୌଧୁରୀ
ଆବିର୍ଭାବ: ୨୦।୦୬।୧୯୩୯
ତିରୋଧାନ: ୦୭।୧୦।୨୦୦୨
(ତିଥି- ଆଶ୍ୱିନ ଶୁକ୍ଳ ପ୍ରତିପଦା)
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଠାକୁରଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ ପରିବାରବର୍ଗ।
ଧ-୭୨୧୮୧

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଶାରଦା ପ୍ରସାଦ ସେନ୍
ଏ/୭, ନାଗେଶ୍ୱର ଟାଙ୍ଗୀ, ଓଲ୍ଡ୍ ଟାଉନ, ଭୁବନେଶ୍ୱର
ଆବିର୍ଭାବ: ୦୩।୦୬।୧୯୩୯
ତିରୋଧାନ: ୧୭।୦୯।୨୦୨୦
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ।
ଆପଣଙ୍କ ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭକରୁ, ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ ପରିବାରବର୍ଗ।
ଧ-୨୧୮୭୯

# ଆଗନ୍ତୁ ୧୦


ପରିଣିତି

ପରିଣିତି ଚୋପ୍ରାଙ୍କ ପ୍ରଥମ ହିନ୍ଦୀ ସିନେମା ଥିଲା 'ଲେଡିଜ୍ ଭର୍ସେସ ରିକି ବହଲ'। କିନ୍ତୁ ବକ୍ସ ଅଫିସରେ ଫିଲ୍ମଟି ଆଶାନୁରୂପ ବିଜ୍‌ନେସ କରି ନ ଥିଲା। ଅନ୍ୟପକ୍ଷରେ ଏହି ଚିତ୍ରଟି ତାଙ୍କ ପାଇଁ ଶୁଭପ୍ରଦ ସାବ୍ୟସ୍ତ ହୋଇଥିଲା। ପ୍ରଥମ ସିନେମାରେ ତାଙ୍କର ଅଭିନୟକୁ ଭୂରି ଭୂରି ପ୍ରଶଂସା କରାଯାଇଥିଲା। କେବଳ ସେତିକି ନୁହେଁ, ଏହି ଫିଲ୍ମ ପାଇଁ ପରିଣିତି ଶ୍ରେଷ୍ଠ ନବାଗତା ଅଭିନେତ୍ରୀ ଭାବରେ ୧୦ଟି ପୁରସ୍କାର ହାସଲ କରିଥିଲେ। ଏ ସମ୍ପର୍କରେ ସେ କହନ୍ତି, 'ମୋର ପ୍ରଥମ ସିନେମା ବକ୍ସ ଅଫିସରେ ଫ୍ଲପ୍ ହୋଇଥିଲା। କିନ୍ତୁ ଏଥିରେ ମୋର ଅଭିନୟ ମୋ ପାଇଁ ବେଶ୍ ପ୍ରେରଣାଦାୟକ ଥିଲା। ଏଥିପାଇଁ ମୋତେ ବେଷ୍ଟ ଡେବ୍ୟୁଡ୍ୟାଣ୍ଟ ଆକ୍ଟ୍ରେସ ଭାବରେ ୧୦ଟି ପୁରସ୍କାର ମିଳିଥିଲା, ଯାହାକୁ ମୁଁ କଦାପି ଭୁଲିପାରିବି ନାହିଁ।'

# ପୋଲିସ ରୋଲ୍ ପାଇଁ...

ଥିଏଟର ଅଭିନେତା ପୃଥ୍ୱୀରାଜ ଆଚାର୍ଯ୍ୟଙ୍କ ଖୁସି କହିଲେ ନ ସରେ। କାରଣ ଯେଉଁଭଳି ଭୂମିକାଟିଏ ସେ ଖୋଜୁଥିଲେ ତାହା ତାଙ୍କୁ ମିଳିଯାଇଛି। ଚଳଚ୍ଚିତ୍ରଟି ହେଲା ପିନୁ ନାୟକଙ୍କ ନିର୍ଦ୍ଦେଶିତ 'ଲଗାମ୍'। କଥା କ'ଣ କି ରିଲିଜ ଅପେକ୍ଷାରେ ଥିବା ଏହି ଫିଲ୍ମରେ ତାଙ୍କୁ ପୋଲିସ ଅଫିସର ଭୂମିକାରେ ଦର୍ଶକ ଦେଖିବାକୁ ପାଇବେ। ହେଲେ ଏହି ଭୂମିକା ପାଇଁ ତାଙ୍କୁ ବେଶ୍ ପରିଶ୍ରମ କରିବାକୁ ପଡିଥିଲା। ଏ ସମ୍ପର୍କରେ ପୃଥ୍ୱୀରାଜ କହନ୍ତି, 'ଏହି ଫିଲ୍ମରେ ମୁଁ ଜଣେ ସଚ୍ଚୋଟ ପୋଲିସ ଅଫିସର ଭୂମିକାରେ ଅଭିନୟ କରିଛି। ଏହି ରୋଲ୍‌କୁ ଶତ ପ୍ରତିଶତ ଜଷ୍ଟିସ ଦେବାକୁ ମୁଁ କେତେଜଣ ପୋଲିସ ଅଫିସରଙ୍କ ସହ ମିଶି ଜଣେ ସଚ୍ଚୋଟ ପୋଲିସ ବିଷୟରେ ଜାଣିଥିଲି। ପରବର୍ତ୍ତୀ ସମୟରେ ଏହାକୁ ଫୁଟାଇବାରେ ମୋତେ କଷ୍ଟ ହୋଇ ନ ଥିଲା। ଏହି ଫିଲ୍ମର କାହାଣୀ ଏବଂ ଉପସ୍ଥାପନା ଦର୍ଶକଙ୍କୁ ପ୍ରଭାବିତ କରିବ ବୋଲି ଆଶା ରଖିଛି।' ଏହାବ୍ୟତୀତ ସେ ଏବେ ଏକ ନୂଆ ଓଡ଼ିଆ ସିନେମାରେ ଅଭିନୟ କରିବାକୁ ଯାଉଛନ୍ତି। ଏହାର ଟାଇଟଲ ରହିଛି 'ଅକ୍ସିଜେନ୍' ଯାହାର ନିର୍ଦ୍ଦେଶନା ଦେଉଛନ୍ତି ଆଗଧାଡ଼ିର ନିର୍ଦ୍ଦେଶକ ପିନୁ ନାୟକ।



ପୃଥ୍ୱୀରାଜ

## ପରଦାରେ...

# ମନେ ମନେ ମନ ଖୋଜୁଥିଲା


ନମ୍ରତା–ଓମ୍‌କାର

ନୂଆ ଓଡ଼ିଆ ସିନେମା 'ମନେ ମନେ ମନ ଖୋଜୁଥିଲା' ପରଦା ଉପରକୁ ଆସୁଛି। ଚଳିତ ମାସ ୮ ତାରିଖରେ ଏହି ଫିଲ୍ମଟି ମୁକ୍ତିଲାଭ କରିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଏକ ଭିନ୍ନ ଧରଣର ଟିନ୍–ଏଜ୍ ପ୍ରେମ କାହାଣୀକୁ ନେଇ ଏହାର କାହାଣୀ ଗତିଶୀଳ। ଅନନ୍ୟା ଏଣ୍ଟରଟେନମେଣ୍ଟ ବ୍ୟାନରରେ ଏହି ଚଳଚ୍ଚିତ୍ରର ପ୍ରଯୋଜନା କରିଛନ୍ତି ନବାଗତା ପ୍ରଭାତୀ ଆଚାର୍ଯ୍ୟ। ଦୁର୍ଗା ଆଚାର୍ଯ୍ୟଙ୍କ କାହାଣୀକୁ ଆଧାର କରି ସଂଳାପ ରଚନା କରିଛନ୍ତି ଡ. ଦୀପକ ଜେନା। ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ନବାଗତ ଜି. ଅଶୋକ କୁମାର। ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି ଏନ୍. ପାଢ଼ୀ। ନବାଗତ ଓମ୍‌କାର୍‌ଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ଚୁଲ୍‌ବୁଲି ନମ୍ରତା ସିଂଦେଓ। ଏମାନଙ୍କ ବ୍ୟତୀତ ପ୍ରିୟଙ୍କା ସାହୁ, ମିହିର ଦାସ, ଅଶ୍ରୁମୋଚନ ମହାନ୍ତି, ପ୍ରତିଭା ପଣ୍ଡାଙ୍କୁ ବିଭିନ୍ନ ଭୂମିକାରେ ଦେଖିବାକୁ ମିଳିବ। କାହାଣୀ ଅନୁସାରେ ଦୁଇଟି ପରିବାର ଭିତରେ ଅହି–ନକୁଳ ସମ୍ପର୍କ। ଅଭିମନ୍ୟୁଙ୍କ ପୁଅ ଓମ୍ ଏବଂ ଦୁର୍ଯ୍ୟୋଧନଙ୍କ ଝିଅ ଗୌରୀ ପ୍ରେମରେ ପଡ଼ିଯାଇଛନ୍ତି। ହେଲେ ଏପରି ପ୍ରେମର ଶେଷ ପରିଣତି କ'ଣ ହେଉଛି ତାହା ସିନେମାରେ ଦେଖିବାକୁ ପାଇବେ।

# ଖଟାପ୍ରିୟ ପ୍ରିୟଙ୍କା

ପ୍ରିୟଙ୍କା ଚୋପ୍ରାଙ୍କୁ କ'ଣ ଖାଇବାକୁ ବେଶି ଭଲ ଲାଗେ ? ଏହି ପ୍ରଶ୍ନର ଉତ୍ତର ସେ ହିଁ ଦେଇପାରିବେ। ତାଙ୍କର ମନ ପସନ୍ଦର ଅନେକ ଖାଦ୍ୟ ତ ରହିଛି। ହେଲେ ଗୋଟିଏ ଖାଦ୍ୟ ଆଇଟମ୍‌କୁ ସେ କେବେ ନିଜ ଖାଦ୍ୟ ତାଲିକାରୁ ବାଦ୍ ଦେଇ ନ ଥାନ୍ତି। ତାହା କ'ଣ ଜାଣନ୍ତି ? ଖଟା। ଅର୍ଥାତ୍ ଯେ ଖାଇବା ବେଳେ ନିଜର ଖାଦ୍ୟ ସହ କିଛି ଖଟା ଖାଇବାକୁ ଆଦୌ ଭୁଲି ନ ଥାନ୍ତି। ଏ ନେଇ ପ୍ରିୟଙ୍କା କହନ୍ତି, 'ଖଟା ଖାଇବା ମୋର ପିଲାଦିନରୁ ଅଭ୍ୟାସ। ଏବେ ମଧ୍ୟ ସେହି ଅଭ୍ୟାସରୁ ନିଜକୁ ମୁଁ ମୁକୁଳାଇ ପାରିନି। ଆଉ ଯେତେବେଳେ ମୋ ସାଙ୍ଗମାନଙ୍କ ସହ ଭେଟ ହୋଇଯାଏ, ସେତେବେଳେ ଏକାଠି ହୋଇ ଖଟା ଖାଇବାର ମଜା ନିଶ୍ଚୟ ନିଆରା। ମୋର ଏଭଳି ଅଭ୍ୟାସକୁ ପତିଦେବ ନିକ୍ ଜୋନାସ୍ ମଧ୍ୟ ପ୍ରଶଂସା କରିଛନ୍ତି।' ହେଲେ ଜାଣନ୍ତି, ଅଭିନୟକୁ କ୍ୟାରିୟର କରିବା ପୂର୍ବରୁ ପ୍ରିୟଙ୍କାଙ୍କ ଇଚ୍ଛା କ'ଣ ଥିଲା। ପାଠ ପଢ଼ିବା ସମୟରେ ସେ ଏରୋନଟିକାଲ ଇଞ୍ଜିନିୟର ହେବାକୁ ଚାହୁଁଥିଲେ। ହେଲେ 'ମିସ୍ ଇଣ୍ଡିଆ' ଟାଇଟଲ ଜିତିବା ପରେ ତାଙ୍କର ମନ ଆକ୍ଟିଂ ଦିଗକୁ ଢଳିଥିଲା। ୨୦୦୯ରେ ପ୍ରିୟଙ୍କା ଏକ ଇଂରାଜୀ ଦୈନିକ ଖବରକାଗଜ ପାଇଁ ଆର୍ଟିକିଲ୍ ଲେଖୁଥିଲେ ଏବଂ ତାହା 'ଦ ପ୍ରିୟଙ୍କା ଚୋପ୍ରା କଲମନ୍' ନାମରେ ପ୍ରକାଶିତ ହେଉଥିଲା। ଏହି ଅଭିନେତ୍ରୀଙ୍କର 'ପ୍ରିୟଙ୍କା ଚୋପ୍ରା ଫାଉଣ୍ଡେଶନ ଫର୍ ହେଲ୍‌ଥ ଆଣ୍ଡ ଏଜୁକେଶନ' ନାମକ ଏକ ସ୍ୱେଚ୍ଛାସେବୀ ସଂଗଠନ ରହିଛି, ଯାହା ଗରିବ ପିଲାମାନଙ୍କ ଶିକ୍ଷା ଏବଂ ସ୍ୱାସ୍ଥ୍ୟ ପାଇଁ କାର୍ଯ୍ୟ କରିଥାଏ।

ପ୍ରିୟଙ୍କା

ପ୍ରିୟଙ୍କା

# କୁଲ୍ କୁଲ୍ ମହେଶ



ଦକ୍ଷିଣ ଭାରତୀୟ ସିନେମାର ଅନ୍ୟତମ ଲୋକପ୍ରିୟ ଅଭିନେତା ହେଉଛନ୍ତି ମହେଶ ବାବୁ। ତାଙ୍କ ଅଭିନୀତ ପ୍ରତ୍ୟେକ ଫିଲ୍ମରେ ତାଙ୍କର ଆକ୍ଟିଂର ଭିନ୍ନତା ଦେଖିବାକୁ ମିଳିଥାଏ। ତେବେ ପ୍ରତିଟି ଭୂମିକା ପାଇଁ ସେ କେତେ ସିରିୟସ ସେ ନେଇ ନିକଟରେ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ମହେଶ କହନ୍ତି, 'ମୋର ପ୍ରତିଟି ଫିଲ୍ମର କାହାଣୀ, ସେଥିରେ ମୋ ଭୂମିକା, ସଙ୍ଗୀତ–ଏସବୁ ବିଷୟରେ ମୁଁ କେବଳ ମୋ ପରିବାର ସଦସ୍ୟ ନୁହନ୍ତି, ମୋ ଧର୍ମପତ୍ନୀଙ୍କ ସହ ଆଲୋଚନା କରି ନ ଥାଏ। ଏକୁଟିଆ ବସି ଥଣ୍ଡା ମିଜାସରେ ସେ ବିଷୟରେ ପ୍ଲାନିଂ କରେ। ମୋତେ ଛୋଟ ଭୂମିକାଟିଏ ମିଳିଲେ ମଧ୍ୟ ତାହାକୁ ମୁଁ କେବେ ହାଲୁକା ଭାବରେ ନେଇ ନ ଥାଏ। ଏହାକୁ ଫୁଟାଇବାରେ ଯେମିତି କିଛି ଅସୁବିଧା ନ ହୁଏ ସେ ନେଇ ବେଶ୍ ସତର୍କ ରହେ। ମୋ ଅଭିନୀତ ଫିଲ୍ମଟି ରିଲିଜ ହେଲେ ସେଥିରେ ମୋ ଅଭିନୟରେ କେଉଁଠି ଦୋଷତ୍ରୁଟି ରହୁଛି ତାହାକୁ ତନ୍ନ ତନ୍ନ କରି ଲକ୍ଷ୍ୟ କରିବା ସହ ସେଗୁଡ଼ିକୁ ପରବର୍ତ୍ତୀ ସମୟରେ ସୁଧାରିବାକୁ ଚେଷ୍ଟା କରେ।'

# ସାହସୀ କ୍ୟାଟ୍ରିନା


କ୍ୟାଟ୍ରିନା

ସତରେ କ୍ୟାଟ୍ରିନାଙ୍କ ସାହସକୁ ମାନିବାକୁ ପଡ଼ିବ। ଯେଉଁ ଶଟ୍ ପାଇଁ ଷ୍ଟଣ୍ଟ ମ୍ୟାନ୍ ଆବଶ୍ୟକ ହେଉଥିଲା, ସେପରି ରିସ୍କ ସେ ନିଜେ ନେଇଥିଲେ। କେବଳ ସେତିକି ନୁହେଁ, ସାହସର ସହ ଶଟ୍ ଦେବାକୁ ଆଗେଇ ଆସିଥିଲେ। ଅବଶ୍ୟ ଏଥିପାଇଁ ୩–୪ଥର କଟ୍ ହୋଇଥିଲା, କିନ୍ତୁ ଶଟ୍‌ଟି ଓକେ ହେବା ପରେ ସେଠାରେ ଉପସ୍ଥିତ କଳାକାର କ୍ୟାଟ୍ରିନାଙ୍କୁ ପ୍ରଶଂସା କରିବାକୁ ପଛାଇ ନ ଥିଲେ। ଏପରି ଶଟ୍ ସମ୍ପର୍କରେ କ୍ୟାଟ୍ରିନା କହନ୍ତି, 'ଏକ ଆକ୍ସନ ଶଟ୍ ପାଇଁ ନିର୍ଦ୍ଦେଶକ ମହେଶ ଶର୍ମା ଟିକେ ଟେନ୍‌ସନରେ ଥିଲେ। କାରଣ ଏଥିପାଇଁ ଯାହାଙ୍କୁ ଷ୍ଟଣ୍ଟ ପାଇଁ ଅଣାଯାଇଥିଲା, ସେ ହଠାତ୍ ଅସୁସ୍ଥ ହୋଇପଡ଼ିଲେ। ଏତିକି ବେଳେ ମୁଁ ମହେଶଙ୍କ ନିକଟକୁ ଯାଇ କହିଥିଲି ଯେ, ଏହି ଶଟ୍ ମୁଁ ନିଜେ ଦେବି। ବାସ୍, ଯାହାହେଉ ୩–୪ଥର କଟ୍ ହେବା ପରେ ଶଟ୍‌ଟି ଓକେ ହୋଇଥିଲା।' ହଁ, ସଲମାନ–କ୍ୟାଟ୍ରିନା କୈଫଙ୍କୁ ନେଇ ନିର୍ମାଣାଧୀନ ସିନେମା 'ଟାଇଗର ୩'ର ଶୁଟିଂ ସେଟ୍‌ରେ ଏପରି ଘଟଣା ଘଟିଥିଲା। ବିଦେଶରେ ଏହାର ଅର୍ଦ୍ଧାଧିକ ଶୁଟିଂ ଶେଷ ହେବା ପରେ ଏବେ ବମ୍ବେରେ ଶୁଟିଂ ଆରମ୍ଭ ହେବ। ଏହାପୂର୍ବରୁ ଟାଇଗର ଶୀର୍ଷକକୁ ନେଇ ନିର୍ମିତ 'ଏକ୍ ଥା ଟାଇଗର' ଏବଂ 'ଟାଇଗର ଜିନ୍ଦା ହୈ'ରେ ସଲମାନ–କ୍ୟାଟ୍ରିନା ଯୋଡ଼ିକୁ ମଧ୍ୟ ଦେଖିବାକୁ ମିଳିଥିଲା।

# ସଙ୍ଗୀତ ନିଶାରେ ସସ୍ମିତା

କଣ୍ଠଶିଳ୍ପୀ ସସ୍ମିତା ମହାପାତ୍ର। ଭଜନ, ଆଲବମ୍‌ରେ କଣ୍ଠଦାନ କରିବା ପରେ ଏବେ ବଡ଼ ପରଦା ପାଇଁ ଗାଇବାକୁ ଯାଉଛନ୍ତି। ଅର୍ଥାତ୍ ଏବେ ୨–୩ଟି ନୂଆ ଓଡ଼ିଆ ସିନେମା ଲାଗି ଗୀତ ଗାଇବାକୁ ଯାଉଛନ୍ତି ସେ । ଏ ନେଇ ସେ କହନ୍ତି, 'ଜଣେ କଣ୍ଠଶିଳ୍ପୀ ହେବା ପାଇଁ ମୋ ଜେଜେ ପଣ୍ଡିତ ଭୀମସେନ ମହାପାତ୍ର ମୋତେ ପ୍ରୋତ୍ସାହିତ କରିଥିଲେ। ଗୁରୁ ଏମ୍ ମୁସୀର, ଶରତ ଦାସ, ସଞ୍ଜୟ ଦାସ, ସାରଦା ସାହୁଙ୍କଠାରୁ ସଙ୍ଗୀତ ଶିକ୍ଷା କରିବା ପରେ ଏହାକୁ କ୍ୟାରିୟର କରିବାକୁ ସ୍ଥିର କରିଥିଲି। ମୁଁ ଗାଇଥିବା ଗୀତଗୁଡ଼ିକୁ ଶ୍ରୋତା ଗ୍ରହଣ କରିଛନ୍ତି ତାହା ମୋ ପାଇଁ ବଡ଼ କଥା। ସେମାନଙ୍କ ପାଇଁ ଆଜି ମୁଁ ଜଣେ କଣ୍ଠଶିଳ୍ପୀ ଭାବରେ ନିଜକୁ ପରିଚିତ କରାଇପାରିଛି।' କାଳୀପ୍ରସାଦ ପଣ୍ଡାଙ୍କ ଆଲ୍‌ବମ୍‌ରେ ପ୍ରଥମେ ସସ୍ମିତା ଗୀତ ଗାଇବାର ସୁଯୋଗ ପାଇଥିଲେ। ତା'ପରେ ମହମ୍ମଦ ମୁସୀର, ଶରତ ନାୟକ, ମହେନ୍ଦ୍ର ଓଝା, ଲଳିତ କୁମାର ପ୍ରମୁଖ ସଙ୍ଗୀତ ନିର୍ଦ୍ଦେଶକଙ୍କ ସହିତ କାମ କରିଛନ୍ତି ସେ। ଗାୟକ ବିଷ୍ଣୁମୋହନ କବି, ତାରିକ ଅଜିଜ୍, ସତ୍ୟଜିତ, ଶଶାଙ୍କ, ସୌୟମ ପାଢ଼ୀ ପ୍ରମୁଖଙ୍କ ସହିତ ସସ୍ମିତା ଅନେକ ଗୀତ ଗାଇ ସାରିଛନ୍ତି। ଆଲବମ ଗୀତ ରାତି ସାରା ନିଦ ନାହିଁ, ମୁଁ ଟ୍ୱିନ ସିଟି କୁଇନ୍, ମମି କସମ, ଦିୱାନା ତୁ, ଲାଗୁଛୁ ମଲାଇ ମିଠା, ତୁ କେଡ଼େ ସ୍ୱାର୍ଥପର, ଅଭିନନ୍ଦନ, ଚୁଲ୍‌ବୁଲି ନାୟିକା ଆଦି ଆଲବମ୍ ଗୀତରେ ସେ ସାଉଁଟିଛନ୍ତି ଅନେକ ପ୍ରଶଂସା। ଅନେକ ଭଜନ ଆଲବମ୍‌ରେ ମଧ୍ୟ କଣ୍ଠଦାନ କରି ସାରିଛନ୍ତି ଏହି କଣ୍ଠଶିଳ୍ପୀ। ଦାରୁ ମୂରତି, କାଳିଆ ଧନରେ, ଆଜିର ଜୀବନ କାଲିକି ନାହିଁ, ଜଗନ୍ନାଥ ଆଦି ଗଭନ କ୍ୟାସେଟ୍ ପାଇଁ ସେ କଣ୍ଠଦାନ କରି ସାରିଛନ୍ତି।


ସସ୍ମିତା

# ଶ୍ରୀତମଙ୍କ ନୂଆ ଅବତାର

ଅଭିନେତା ଶ୍ରୀତମ ଦାସ ଖୁବ୍ ଶୀଘ୍ର ଦର୍ଶକଙ୍କ ସାମ୍ନାକୁ ଏକ ନୂଆ ଅବତାରରେ ଆସୁଛନ୍ତି। ରିଲିଜ ଅପେକ୍ଷାରେ ଥିବା ଚଳଚ୍ଚିତ୍ର 'ମିତାଲି ଅପା'ର ଟାଇଟଲ ଭୂମିକାରେ ଅଭିନୟ କରିଛନ୍ତି ସେ। ମିତାଲି ଅପାକୁ ନେଇ ଏବେ ଚର୍ଚ୍ଚା। ଏକ୍ସେଲ ମୁଭିଜ ବ୍ୟାନରରେ ପ୍ରସ୍ତୁତ ଏହି ଅଷ୍ଟମ ଚଳଚ୍ଚିତ୍ରର କାହାଣୀ ରଚନା କରିଛନ୍ତି ବିଜୟଲକ୍ଷ୍ମୀ ପଣ୍ଡା ଏବଂ ତାହାକୁ ଆଧାର କରି ଚିତ୍ରନାଟ୍ୟ ସହ ସଂଳାପ ଲେଖିଛନ୍ତି ଡ. ରଜନୀ ରଞ୍ଜନ। ଏହି ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ନବାଗତ ପ୍ରଶାନ୍ତ ଲେଙ୍କା (ବାପି)। ମିତାଲି ଅପା ନାମ୍ନୀ ଜଣେ କିନ୍ନର ଲୋକମାନଙ୍କୁ ସାହାଯ୍ୟର ହାତ ବଢ଼ାଉଛି ଏବଂ ସେ ସାମ୍ନା କରୁଥିବା ବାଧାବିଘ୍ନକୁ କିପରି ସାହସର ସହ ମୁକାବିଲା କରୁଛି ତାହା ଉକ୍ତ ଚିତ୍ରରେ ଦେଖିବାକୁ ମିଳିବ। ଏହି ଚଳଚ୍ଚିତ୍ରର ପ୍ରଯୋଜନା କରିଛନ୍ତି ରବୀନ୍ଦ୍ର ନାଥ ପଣ୍ଡା। ଶ୍ରୀତମଙ୍କ ବ୍ୟତୀତ ଏହି ସିନେମାରେ ଅସୀତ, ମହିମା, ସୋନମ୍, ମନୀଷା ରଥ, କେକେ ପ୍ରମୁଖ କଳାକାର ବିଭିନ୍ନ ଭୂମିକାରେ ନଜର ଆସିବେ।


ଶ୍ରୀତମ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ଅକ୍ଟୋବର ୭/୨୦୨୧ Bhubaneswar, Thursday, October 7/ 2021

# ଆଇସିସି ପ୍ଲେୟର ଅଫ୍ ମନ୍ଥ: ଦୌଡ଼ରେ ଯଶକରନ, ନାସୁମ, ସନ୍ଦୀପ

**ଦୁବାଇ, ୬।୧୦(ପି.ଟି.):** ସେପ୍ଟେମ୍ବର ମାସ ପାଇଁ ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ ଦୌଡ଼ରେ ସାମିଲ ହୋଇଛନ୍ତି ଭାରତ ଜନ୍ମିତ ଆମେରିକାର ଯଶକରନ ମାଲହୋତ୍ରା। ଅନ୍ତର୍ଜାତୀୟ କ୍ରିକେଟରେ ୬ଷ୍ଠ ବ୍ୟାଟର ଭାବେ ସେ ଗୋଟିଏ ଓଭରରେ ୬ଟି ଛକା ମାରିଥିଲେ। ଅନ୍ୟ ଦୁଇ ପ୍ରାର୍ଥୀ ହେଲେ ବାଂଲାଦେଶ ସ୍ପିନର ନାସୁମ ଅହମଦ ଓ ନେପାଳ ଲେଗ୍ ସ୍ପିନର ସନ୍ଦୀପ ଲାମିଚାନେ। ଇଂଲଣ୍ଡ ଅଧିନାୟିକା ହିଥର ନାଇଟ, ତାଙ୍କ ସାଥି ଖେଳାଳି ଚାର୍ଲି ଡିଅନ ଏବଂ ଦକ୍ଷିଣ ଆଫ୍ରିକାର ଲିଜେଲି ଲୀ ଆଇସିସି ଓମେନ୍ସ ପ୍ଲେୟର ଅଫ୍ ଦି ମନ୍ଥ ପୁରସ୍କାର ଦୌଡ଼ରେ ରହିଛନ୍ତି।

ଚଣ୍ଡିଗଡ଼ରେ ଜନ୍ମିତ ୩୧ ବର୍ଷୀୟ ଯଶକରନ ୧୯ ବର୍ଷରୁ କମ୍ କ୍ରିକେଟ ସ୍ତରରେ ହିମାଚଳ ପ୍ରଦେଶ ଦଳର ଅଧିନାୟକ ଥିଲେ। ସେପ୍ଟେମ୍ବର ୯ରେ ଓମାନରେ ଅନୁଷ୍ଠିତ ବିଶ୍ୱକପ ଲିଗ୍-୨ର ଏକ ମ୍ୟାଚରେ ସେ ପପୁଆ ନ୍ୟୁ ଗିନି ବିପକ୍ଷରେ ଗୋଟିଏ ଓଭରରେ ୬ଟି ଛକା ମାରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ମ୍ୟାଚରେ ସେ ବିସ୍ଫୋରକ ୧୭୩ ରନର ଇନିଂସ ଖେଳିଥିଲେ। ୬ଟି ଦିନିକିଆରେ ସେ ୮୭ ଆଭରେଜ ଓ ୧୦୪.୪୦ ଷ୍ଟ୍ରାଇକ୍ ହାରରେ ୨୬୧ ରନ କରିଥିଲେ।









• Gold Standard Safety Protocol • 100% Vaccinated Store Staff • UV Sanitised Jewellery
*T&C Apply 6366920017 Buy online at tanishq.co.in or Download our App
New store now open at Grand Road, Puri



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

**ପୂଜା ଚାନ୍ଦା ମାଗି ୨ ଗିରଫ**

ପୁରୀ ଅଫିସ: ପୂଜା ଚାନ୍ଦା ମାଗିବା ଅଭିଯୋଗରେ ଦୁଇଜଣ ବ୍ୟକ୍ତିଙ୍କୁ ସମୁଦ୍ରକୂଳ ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଉଛନ୍ତି ସମୁଦ୍ରକୂଳ ଥାନା ଅଧୀନ ବାଲିନୋଳିଆ ସାହିର ବି.ଗୋରେୟା ଏବଂ ଡି.ରବା ପୋଲିସ ଏ ନେଇ କେସ୍ ନଂ. ୨୧୦/୨୧ ରୁଜୁ କରିଛି। ସୂଚନା ଅନୁଯାୟୀ, ଆନନ୍ଦମେଳା ଅଞ୍ଚଳର ବଳରାମ ବେହେରା ଥାନାରେ ଅଭିଯୋଗ କରିଥିଲେ ଯେ, ମଙ୍ଗଳବାର ଅପରାହ୍ଣ ୪ଟାରେ ତାଙ୍କ ନିକଟକୁ ଦୁଇଜଣ ଅସାମାଜିକ ବ୍ୟକ୍ତି ଆସି ପୂଜା ପାଇଁ ୫ହଜାର ଟଙ୍କା ମାଗିଥିଲେ। ସେ ଚାନ୍ଦା ଦେବାକୁ ମନା କରିବାରୁ ଯୁବକ ଦ୍ୱୟ ତାଙ୍କୁ ମାରିବା ସହ ଗାଳିଗୁଲଜ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ତଦନ୍ତ କରି ବୁଧବାର ଅଭିଯୁକ୍ତ ଦୁଇଜଣଙ୍କୁ ଧରିଥିଲା।

**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**



୦୬.୧୦.୨୦୨୧

| | |
|---|---|
| ୯୩, ୭୯୯ ଟଙ୍କା | |
| ସୁନା | ୧୮୦ ମିଲିଗ୍ରାମ |
| ରୁପା | ୧୯.୯୫୦ ଗ୍ରାମ |

# ଅସୁରକ୍ଷିତ ହୋଇପଡୁଛି ସମୁଦ୍ରସ୍ନାନ

- ପର୍ଯ୍ୟଟକଙ୍କ ସୁରକ୍ଷା ପ୍ରତି ବିଶେଷ ଧ୍ୟାନ ନାହିଁ
- ଆବଶ୍ୟକ ସଂଖ୍ୟକ ଲାଇଫଗାର୍ଡ ନାହାନ୍ତି

**ପୁରୀ ଅଫିସ, ୬।୧୦**

କରୋନା ପାଇଁ ଯଦିଓ ଗତ ଦୁଇବର୍ଷ ଧରି ପୁରୀକୁ ପର୍ଯ୍ୟଟକଙ୍କ ଆଗମନ ବନ୍ଦ ରହିଥିଲା ମାତ୍ର ଏବେ ଏହି ମହାମାରୀର ପ୍ରକୋପ କିଛିମାତ୍ରାରେ କମିବା ପରେ ପର୍ଯ୍ୟଟନ ଶିଳ୍ପ ପୁଣି ଚଳଚଞ୍ଚଳ ହୋଇଉଠିଛି। ପୁରୀ ବେଳାଭୂମିକୁ ପୁଣି ପର୍ଯ୍ୟଟକଙ୍କ ସୁଅ ଛୁଟିଲାଣି। ତେବେ ବେଳାଭୂମିରେ ପର୍ଯ୍ୟଟକଙ୍କ ସୁରକ୍ଷା ଦିଗରେ ପ୍ରଶାସନ ବିଶେଷ ପଦକ୍ଷେପ ନେଉନାହିଁ। ଫଳରେ ଅନେକ ସମୟରେ ସମୁଦ୍ର ସ୍ନାନ ବେଳେ ବୁଡ଼ିଯାଇ ପର୍ଯ୍ୟଟକଙ୍କ ଜୀବନ ଯାଉଛି।

ମିଳିଥିବା ତଥ୍ୟ ଅନୁଯାୟୀ, ୨୦୧୮ ଜାନୁଆରୀରୁ ଡିସେମ୍ବର ମଧ୍ୟରେ ୨୮୩ ଜଣଙ୍କୁ ସମୁଦ୍ରରେ ଭାସିଯାଉଥିବାବେଳେ ଉଦ୍ଧାର କରାଯାଇଥିଲା। ତେବେ ଏହି ସମୟ ମଧ୍ୟରେ ୩ଜଣଙ୍କ ମୃତ୍ୟୁ ଘଟିଥିଲା। ୫୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଗୁରୁତର ଅବସ୍ଥାରୁ ଜୀବନ ବଞ୍ଚାଇବାରେ ସଫଳ ହୋଇଥିଲେ। ୨୦୧୯ରେ ୪୯୧ ଜଣଙ୍କୁ ଉଦ୍ଧାର କରାଯାଇଥିବା ବେଳେ ୪ଜଣ ପ୍ରାଣ ହରାଇଥିଲେ। ୨୦୨୦ରେ ୧୨୯ ଜଣଙ୍କୁ ଉଦ୍ଧାର କରାଯାଇଥିଲା ଓ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିଲା। ବେଳାଭୂମିର କେତେକ ସ୍ଥାନରେ ଲାଇଫ ଗାର୍ଡ ମୁତୟନ ହେଉନାହାନ୍ତି। ଲାଇଫଗାର୍ଡ ସଂଖ୍ୟା ବଢ଼ାଇବାର ଆବଶ୍ୟକତା ଥିଲେ ବି ପ୍ରଶାସନ ଏଥିପ୍ରତି ଧ୍ୟାନ ଦେଉନାହିଁ। ଏଥିଯୋଗୁ ବେଳାଭୂମି ଅସୁରକ୍ଷିତ ହୋଇପଡୁଛି। ବର୍ତ୍ତମାନ ଦିଗବାରେଣୀଠାରୁ ଶୁଭ ପ୍ୟାଲେସ ପର୍ଯ୍ୟନ୍ତ ବେଳାଭୂମି, ଚନ୍ଦ୍ରଭାଗା ଓ ନିଳାଦ୍ରୀ ବିଚ୍ ସମେତ ବ୍ଲୁଫ୍ଲାଗ୍ ବିଚ୍ ଅଞ୍ଚଳରେ ଲାଇଫ ଗାର୍ଡଙ୍କୁ ନିୟୋଜିତ କରାଯାଉଛି। ଅନ୍ୟ ସ୍ଥାନରେ ଲାଇଫଗାର୍ଡଙ୍କୁ ଦେଖିବାକୁ ମିଳୁନାହିଁ। ଏପରି କି ଚକ୍ରତୀର୍ଥ ରୋଡ୍ ସଂଲଗ୍ନ ବେଳାଭୂମିରେ କୌଣସି ଅଘଟଣ ଘଟିଲେ ହଠାତ୍ ଲାଇଫଗାର୍ଡ ପହଞ୍ଚିପାରୁନାହାନ୍ତି। ଖବର ମିଳିବା ପରେ ଲାଇଫଗାର୍ଡମାନଙ୍କୁ ଦିଗବାରେଣୀ କିମ୍ବା ଲାଇଟ ହାଉସ୍‌ଠାରୁ ଆସି ପହଞ୍ଚିବାକୁ ପଡୁଛି। ସେହି ସମୟ ମଧ୍ୟରେ ସମୁଦ୍ରରେ ବୁଡ଼ି ଯାଉଥିବା ବା ଗୁରୁତର ଅବସ୍ଥାରେ ଥିବା ପର୍ଯ୍ୟଟକଙ୍କ ଜୀବନ ଯିବାର ଆଶଙ୍କା ରହୁଛି। ଜନୈକ ଲାଇଫଗାର୍ଡ କହିଛନ୍ତି, ୧ରୁ ୧୪ ନମ୍ବର ସେକ୍ଟର ପର୍ଯ୍ୟନ୍ତ ବେଳାଭୂମିରେ ଛତାଟିଏ ନାହିଁ। ଖରାଦାଉରେ ବେଳାଭୂମିରେ ବସିରହିବା କଷ୍ଟକର ହୋଇପଡୁଛି। କାହାରି ୟୁନିଫର୍ମ ନାହିଁ। ଉଦ୍ଧାର କାର୍ଯ୍ୟରେ ଲାଗୁଥିବା ଭଲ ଟ୍ୟୁବ୍ ମିଳୁ ନାହିଁ। ଏଭଳି ସମସ୍ୟା ମଧ୍ୟରେ ଜୀବନକୁ ବାଜି ଲଗାଇ କେହି ସମ୍ପୂର୍ଣ୍ଣ ଭାବେ ସମର୍ପିତ ହୋଇ କାର୍ଯ୍ୟ କରିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଏ ନେଇ ପୁରୀ ସହରର ଅନେକ ବୁଦ୍ଧିଜିବୀ ଭିନ୍ନ ଭିନ୍ନ ସମୟରେ ପ୍ରଶାସନ ନିକଟରେ ଦାବି ଜଣାଇଥିଲେ ବି ପଦକ୍ଷେପ ନିଆଯାଇନାହିଁ। ଏ ସଂକ୍ରାନ୍ତରେ ଅଗ୍ନିଶମ ବିଭାଗର ଅଧିକାରୀ ଧନଞ୍ଜୟ ମଲ୍ଲିକ କହିଛନ୍ତି, ପୁରୀରେ ପର୍ଯ୍ୟଟକଙ୍କ ସଂଖ୍ୟା ବଢୁଛି। ତେଣୁ ଅଧିକ ସଂଖ୍ୟକ ଲାଇଫଗାର୍ଡ ନିୟୋଜନର ଆବଶ୍ୟକତା ରହିଛି। ସେହିଭଳି ଚକ୍ରତୀର୍ଥ ରୋଡ୍ ସଂଶ୍ଳିଷ୍ଟ ବେଳାଭୂମିରେ ଲାଇଫଗାର୍ଡ ମୁତୟନ ଜରୁରୀ ହୋଇପଡ଼ିଛି।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବ୍ରହ୍ମଗିରି ଗସ୍ତକୁ ସ୍ୱାଗତ ଜଣାଇ ବୁଧବାର ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକାକଳା।

## ଉଦ୍ଧାର ନାବାଳକଙ୍କୁ ପରିବାରକୁ ଫେରାଇଲା ପୋଲିସ

**ଗୋପ,୬।୧୦(ଡି.ଏନ୍.ଏ.):** ଗୋପ ଥାନା ବଡତରା ଗ୍ରାମରୁ ମଙ୍ଗଳବାର ବିଳମ୍ବିତ ରାତିରେ ଉଦ୍ଧାର ହୋଇଥିବା ଜଣେ ନାବାଳକକୁ ବୁଧବାର ପୋଲିସ ପରିବାରକୁ ଫେରାଇ ଦେଇଛନ୍ତି। ଗୋପ ଥାନା ଶାରଡା ଗ୍ରାମର କୃଷ୍ଣଚନ୍ଦ୍ର ବେହେରାଙ୍କ ପୁତ୍ର (୯) ଘରୁ କୌଣସି କାରଣରୁ ପଳାଇ ଯାଇଥିଲେ। ପରେ ବଡ଼ତରା ଗ୍ରାମର କେତେଜଣ ବ୍ୟକ୍ତି ବିଳମ୍ବିତ ରାତ୍ରରେ ନାବାଳକ ଜଣଙ୍କ ବୁଲୁଥିବା ଦେଖି ନାମ ଓ ଠିକଣା ପଚାରିଥିଲେ। ସେ କିଛି ନ କହିବାରୁ ପୋଲିସକୁ ଡାକି ଦେଇଥିଲେ। ବୁଧବାର ସକାଳେ ପୋଲିସ ପିଲାଟିକୁ ଖାଇବାକୁ ଦେଇ ପଚରାଉଚରା କରିବା ପରେ ଠିକଣା କହିଥିଲେ। ପରେ ପୋଲିସ ଶାରଡା ଗ୍ରାମରେ ପହଞ୍ଚି ପିଲାକୁ ପରିବାରକୁ ହସ୍ତାନ୍ତର କରିଥିଲା।

## ୱାର୍ଲ୍ଡ ଟାଏକୋଣ୍ଡୋ ଓପନ୍ ଚ୍ୟାଲେଞ୍ଜରେ ପୁରୀର ଅଭିଜିତ

**ପୁରୀ ଅଫିସ, ୬।୧୦:** ଅନ୍‌ଲାଇନ୍ ୱାର୍ଲ୍ଡ ଟାଏକୋଣ୍ଡୋ ପୁମ୍‌ସି ଓପନ୍ ଚ୍ୟାଲେଞ୍ଜ ପାଇଁ ପୁରୀ ଗୋପାଳ ବଲ୍ଲଭ ରୋଡସ୍ଥିତ ଅଜୟ କୁମାର ସାହୁଙ୍କ ପୁତ୍ର ଅଭିଜିତ୍ ସାହୁ (୩୦ ବର୍ଷରୁ କମ୍ ପୁରୁଷ ବ୍ଲାକ ବେଲ୍ଟ) ବର୍ଗରେ ସ୍ଥାନ ପାଇଛନ୍ତି। ସେ ପୁରୀର ଏକମାତ୍ର ପ୍ରତିଯୋଗୀ ଭାବେ ମନୋନୀତ ହୋଇଛନ୍ତି। ଓଡ଼ିଶା ଟାଇକୋଣ୍ଡୋ ସଂଘ ସମ୍ପାଦକ ମନମୋହନ ଭଞ୍ଜ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ତାଙ୍କ ସଫଳତା ପାଇଁ ପୁରୀବାସୀ ଓ ପରିବାର ପକ୍ଷରୁ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରାଯାଇଛି। ଆସନ୍ତା ଅକ୍ଟୋବର ୩୧ ତାରିଖ ପର୍ଯ୍ୟନ୍ତ ଏହି ଟୁର୍ନାମେଣ୍ଟ ହେବ।



# କଳାଯାଦୁରେ ପୁଅକୁ ଖୋଜିବାକୁ କହି ୪ଲକ୍ଷ ଠକେଇ

**କାକଟପୁର,୬।୧୦(ଡି.ଏନ୍.ଏ.)**

କାକଟପୁର ଥାନା ଅଧୀନ ଜଣେ ବ୍ୟକ୍ତିଙ୍କ ନିଖୋଜ ପୁଅକୁ କଳାଯାଦୁ ଦ୍ୱାରା ଖୋଜି ଦେବାକୁ କହି ୪ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ କରିବା ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେ ହେଲେ ନୟାହାଟ ଫାଣ୍ଡି ଅଧୀନ ଗୋପ ବ୍ଲକ ଷୋଳପୁର ଗ୍ରାମର ରାଜକିଶୋର ମଲ୍ଲିକ। ଏ ନେଇ ପୋଲିସ ଏକ ମାମଲା(ନଂ.୨୩୭/୨୧) ରୁଜୁ କରି ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, କାକଟପୁର ବ୍ଲକର ପଥରପକା ଗ୍ରାମର ଭୀମସେନ ସ୍ୱାଇଁଙ୍କ ପୁଅ ବର୍ଷେ ତଳେ ଘରୁ କୁଆଡ଼େ ଚାଲିଯାଇଛନ୍ତି। ବାପା, ମା ପୁଅକୁ ଖୋଜି ନୟାନ୍ତ ହେବା ପରେ ଦିନେ ନୟାହାଟରେ ରାଜକିଶୋରଙ୍କ ସହିତ ଏମିତି କଥାବାର୍ତ୍ତାରୁ ଚିହ୍ନା ହୁଏ। ଭୀମସେନ ନିଜ ପୁଅ ହଜିବା ବିଷୟରେ କହିବା ପରେ ରାଜକିଶୋର ଶୁଣି କଳାଯାଦୁ ସାହାଯ୍ୟରେ ପୁଅର ଠିକଣା ମିଳିଯିବ ବୋଲି କହିଥିଲେ। ଏଥିପାଇଁ କିଛି ଟଙ୍କା ଖର୍ଚ୍ଚ ହେବ କହିବାରୁ ଭୀମସେନ ରାଜି ହୋଇଥିଲେ। ରାଜକିଶୋର ଧୀରେ ଧୀରେ କରି ଭୀମସେନଙ୍କଠାରୁ ପ୍ରାୟ ୪ଲକ୍ଷ ୨୦ ହଜାର ଟଙ୍କା ନେଇଯାଇଥିଲେ। ଏହାପରେ ମଧ୍ୟ ପୁଅର କୌଣସି ପତ୍ତା ନ ମିଳିବାରୁ ଭୀମସେନ ଠକେଇର ଶିକାର ହୋଇଥିବା ଜାଣି ଗ୍ରାମଲୋକଙ୍କୁ ଜଣାଇଥିଲେ। ପରେ ଭୀମସେନ ଗ୍ରାମବାସୀଙ୍କ ସାହାଯ୍ୟରେ ରାଜ କିଶୋରଙ୍କୁ ଧରି ପୋଲିସ ଜିମା ଦେଇଥିଲେ।

## ବନ୍ୟପ୍ରାଣୀ ସୁରକ୍ଷା ଉପରେ ଗୁରୁତ୍ୱ

**କଣାସ,୬।୧୦(ସ୍ୱ.ପ୍ର)**

କଣାସ ବ୍ଲକ ଅନ୍ତର୍ଗତ ସିରେଇ ପଞ୍ଚାୟତର ସିରେଇ ଗ୍ରାମରେ ପ୍ରତିଷ୍ଠିତ ବିଶ୍ୱନାଥ ସ୍ମୃତି ବିଦ୍ୟାନିକେତନ ପରିସରରେ ବନ୍ୟପ୍ରାଣୀ ସୁରକ୍ଷା ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ସୁକାନ୍ତକିଶୋର ସାମନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଖୋର୍ଦ୍ଧା ଡିଏଏଫ ପୂର୍ଣ୍ଣିମା ପାଣ୍ଡିଆନ୍, ଡେଲାଙ୍ଗ ବନବିଭାଗ ଅଧିକାରୀ ଅଶିତ୍ ମିଶ୍ର, ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀନିବାସ ସୁନ୍ଦରାୟ, ସିରେଇ ନୋଡାଲ ବିଦ୍ୟାଳୟ ପ୍ରଧାନଶିକ୍ଷକ ଗୋବର୍ଦ୍ଧନ ବେହେରା, ଜିତେନ୍ଦ୍ର ପେଣ୍ଠୋଇ, ଇଞ୍ଜିନିୟର ଦେବଦତ୍ତ ପରିଡ଼ା, ତାଲିମ ପ୍ରଶିକ୍ଷକ କେଦାର ରଞ୍ଜିତ୍ ଅତିଥି ଭାବେ ଯୋଗଦେଇ ଆଧୁନିକ ସମାଜରେ ବୃକ୍ଷଲତାର ହ୍ରାସ ଓ ଜଙ୍ଗଲରେ ରହୁଥିବା ପଶୁପକ୍ଷୀଙ୍କ କିପରି ଅସୁରକ୍ଷିତ ହେଉଥିବାରୁ ଅତିଥିମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ପ୍ରତ୍ୟେକ ଛାତ୍ରଛାତ୍ରୀ ଗଛ ଲଗାଇ ଜଙ୍ଗଲର ଯତ୍ନ ନେବା ସହ ବନ୍ୟପ୍ରାଣୀଙ୍କ ସୁରକ୍ଷା ଦିଗରେ ଧ୍ୟାନ ଦେବାକୁ କହିଥିଲେ। ଆରର୍ଥ ଫାଉଣ୍ଡେଶନ୍ ଦ୍ୱାରା କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା।

## ରବୀନ୍ଦ୍ରନାଥ ପ୍ରତିହାରୀଙ୍କ ସ୍ମୃତିସଭା



**ପୁରୀ ଅଫିସ, ୬।୧୦:** ଶ୍ରୀମନ୍ଦିରର ବରିଷ୍ଠ ସେବାୟତ ଦିବଂଗତ ରବୀନ୍ଦ୍ରନାଥ ପ୍ରତିହାରୀଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ରବୀନ୍ଦ୍ରନାଥ ପ୍ରତିହାରୀ ସ୍ମୃତି ପରିଷଦ ଆନୁକୂଲ୍ୟରେ ଭିତର ସେବାୟତ ନିଯୋଗର ନୀଳାଦ୍ରି ଭବନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଝାଞ୍ଜପିଟା ମଠର ମଠାଧୀଶ ବାବା ସଚ୍ଚିଦାନନ୍ଦ ଦାସ ମହାରାଜ, ରାଧାବଲ୍ଲଭ ମଠର ମଠାଧୀଶ ବାବା ରାମକୃଷ୍ଣ ଦାସ ମହାରାଜ, ନରେଶ ଦାସ, କରୁଣାକର ପ୍ରଧାନ, ସୁଦର୍ଶନ ନାୟକ, ଅସିତ ମହାନ୍ତି ପ୍ରମୁଖ ଯୋଗଦେଇ ରବୀନ୍ଦ୍ରନାଥଙ୍କ ସ୍ମୃତିଚାରଣ କରିଥିଲେ। ଏଥିସହ ପତ୍ରିକା ଉନ୍ମୋଚନ ଓ ଭଜନ ସମାରୋହ ହୋଇଥିଲା। ଗତବର୍ଷ କରୋନାରେ ଆକ୍ରାନ୍ତ ହୋଇ ରବୀନ୍ଦ୍ରନାଥ ପ୍ରାଣ ହରାଇଥିଲେ।

# ମୋ’ ସରକାର କକ୍ଷରେ ସମସ୍ୟାର ସମାଧାନ ହେବ

**ପୁରୀ ଅଫିସ,୬।୧୦**

ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟରେ ବୁଧବାର ମୋ’ ସରକାର କକ୍ଷର ଶୁଭାରମ୍ଭ ହୋଇଛି। ଜିଲାପାଳ ସମର୍ଥ ବର୍ମା ଏହାର ଶୁଭାରମ୍ଭ କରିଛନ୍ତି। କାର୍ଯ୍ୟାଳୟକୁ ଆସୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ ସହ ବୃତ୍ତିଗତ ଓ ସେବା ମନୋଭାବ ନେଇ ସେମାନଙ୍କ ସମସ୍ୟାର ସମାଧାନ ଲାଗି ପଦକ୍ଷେପ ଗ୍ରହଣ କରାଯିବ। ବର୍ତ୍ତମାନ ରାଜ୍ୟ ସରକାରଙ୍କ ୨୫ ବିଭାଗରେ ୨୨୭ ଯୋଜନା କାର୍ଯ୍ୟକ୍ଷମ ହେଉଛି। ବ୍ଲକ୍ ଓ ଜିଲାସ୍ତରୀୟ କାର୍ଯ୍ୟାଳୟକୁ ଆସୁଥିବା ଲୋକଙ୍କର ସବିଶେଷ ବିବରଣୀ ରଖାଯିବ। ସେମାନଙ୍କ ମୋବାଇଲ ନମ୍ବର ପଞ୍ଜୀକରଣ କରାଯିବ। ସେମାନଙ୍କୁ ମେସେଜ ନ ମିଳିଲେ ୧୪୫୪୫କୁ କଲ୍ କରି ପଞ୍ଜୀକରଣ କରିପାରିବେ। ସଂପୃକ୍ତ ହିତାଧିକାରୀଙ୍କୁ ମୋ’ ସରକାର କକ୍ଷରୁ ଯୋଗାଯୋଗ କରାଯାଇ ଉତ୍ତମ ବ୍ୟବହାର ଓ କାର୍ଯ୍ୟ ସମ୍ବନ୍ଧୀୟ ମତାମତ ନିଆଯିବ। ଏହି କକ୍ଷ ପୂର୍ବରୁ ଅନ୍ୟ ସ୍ଥାନରେ କାର୍ଯ୍ୟକ୍ଷମ ଥିବାବେଳେ ଜିଲାପାଳଙ୍କ କାର୍ଯ୍ୟାଳୟ ସଂଲଗ୍ନ କକ୍ଷରେ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ହୋଇଛି। ଏଥିନିମନ୍ତେ ୬ଜଣ ଉଚ୍ଚଶିକ୍ଷିତା ଦିବ୍ୟାଙ୍ଗ ମହିଳାଙ୍କୁ ନିଯୁକ୍ତି ଦିଆଯାଇଛି। ବିଭିନ୍ନ ସେବା ସଂକ୍ରାନ୍ତ ତଥ୍ୟ ନିମନ୍ତେ କାର୍ଯ୍ୟାଳୟ ଖୋଲା ଥିବା ସମୟରେ ୮୪୮୦୧୫୬୮୭୧ ନମ୍ବର ସହ ଯୋଗାଯୋଗ କରିପାରିବେ। ଏଥିସହ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଖୋଲାଯାଇଥିବା ବିଭିନ୍ନ ପ୍ରଶାସନିକ ଅଧିକାରୀଙ୍କ କାର୍ଯ୍ୟାଳୟଗୁଡ଼ିକୁ ମଧ୍ୟ ଜିଲାପାଳ ଉଦ୍‌ଘାଟନ କରିଛନ୍ତି। ସେହିଭଳି ଦିବ୍ୟାଙ୍ଗ ଓ ବୟସ୍କ ବ୍ୟକ୍ତିଙ୍କ ନିମନ୍ତେ ଲିଫ୍ଟ, ପାର୍କିଂ ଓ ପାନୀୟଜଳ ବ୍ୟବସ୍ଥା ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ସୁଭାଷ ଚନ୍ଦ୍ର ନାଥଶର୍ମା ଏବଂ ଉପଜିଲାପାଳ ଭବତାରଣ ସାହୁଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।


କାର୍ଯ୍ୟକ୍ରମରେ ଜିଲାପାଳ ଏବଂ ଅନ୍ୟ ଅଧିକାରୀଙ୍କ ସହିତ ନବନିଯୁକ୍ତ ମହିଳା କର୍ମଚାରୀ।

## ଓଡ଼ିଶା ବ୍ରାହ୍ମଣ ସମାଜର ନିନ୍ଦା, ଗେହଲଟଙ୍କ ଇସ୍ତଫା ଦାବି

### ରିଟ୍ ପରୀକ୍ଷାରେ ବ୍ରାହ୍ମଣ ପ୍ରାର୍ଥୀଙ୍କ ପଇତା କଢ଼ାଯିବା ଘଟଣା

**ପୁରୀ ଅଫିସ, ୬।୧୦**

ରାଜସ୍ଥାନରେ ଅନୁଷ୍ଠିତ ରିଟ୍ ପରୀକ୍ଷାରେ ବ୍ରାହ୍ମଣ ପ୍ରାର୍ଥୀଙ୍କ ପଇତା କାଢ଼ିବା ଘଟଣାକୁ ଓଡ଼ିଶା ବ୍ରାହ୍ମଣ ସମାଜ ପକ୍ଷରୁ ନିନ୍ଦା କରାଯାଇଛି। ଏ ନେଇ ବୁଧବାର ବ୍ରାହ୍ମଣ ସମାଜର ରାଜ୍ୟ ସଭାପତି ନିରଞ୍ଜନ ମିଶ୍ର ଏବଂ ମୁଖ୍ୟ ପରିଚାଳନା ଅଧିକାରୀ ରତିକାନ୍ତ ଦାଶଙ୍କ ନେତୃତ୍ୱରେ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟଙ୍କ କୁଶପୁତ୍ତଳିକା ଦାହ ସହ ଶ୍ରାଦ୍ଧ କରାଯାଇଛି। ସେହିପରି ତାଙ୍କ ଇସ୍ତଫା ଦାବି କରାଯାଇଛି। ସିଂହଦ୍ୱାର ଥାନାରେ ଗେହଲଟଙ୍କ ବିରୋଧରେ ଏତଲା ଦିଆଯାଇଛି। ବ୍ରାହ୍ମଣ ସମାଜ କର୍ମକର୍ତ୍ତା କହିଛନ୍ତି ଯେ, ରାଜସ୍ଥାନ ରିଟ୍ ପରୀକ୍ଷାରେ ବଳପୂର୍ବକ ବ୍ରାହ୍ମଣ ପ୍ରାର୍ଥୀଙ୍କ ପଇତା କଢ଼ାଯାଇଥିଲା। ଏହା ବାହ୍ମଣ ସମାଜ ପାଇଁ ଅପମାନ ସଦୃଶ। ଏଥିପାଇଁ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଦାୟୀ। ତେଣୁ ତାଙ୍କ ଶ୍ରାଦ୍ଧ କରାଯିବା ସହ ଇସ୍ତଫା ଦାବି କରାଯାଇଛି।

## ପ୍ରଧାନମନ୍ତ୍ରୀଙ୍କୁ ପୋଷ୍ଟକାର୍ଡ ପ୍ରେରଣ

**ନିମାପଡ଼ା,୬।୧୦(ଡି.ଏନ୍.ଏ.):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ଦିବସ ଅବସରରେ ଭାଜପା ପକ୍ଷରୁ ଆରମ୍ଭ ହୋଇଥିବା ସେବା ଓ ସମର୍ପଣ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ନିମାପଡ଼ା ଭାଜପା ପକ୍ଷରୁ ବୁଧବାର ନିମାପଡ଼ା ଡାକଘରେ ପୋଷ୍ଟକାର୍ଡ ଜରିଆରେ ଧନ୍ୟବାଦପତ୍ର ପ୍ରେରଣ କରାଯାଇଛି। ଭାଜପା ରାଜ୍ୟ ସଭାପତି ପ୍ରଭାତି ପରିଡ଼ାଙ୍କ ନେତୃତ୍ୱରେ ନିମାପଡ଼ା ଡାକଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଭାଜପା ନେତା ଦିଲୀପ ପାତ୍ର, ମାନସ ପ୍ରଧାନ, ଯତୀନ୍ଦ୍ର ସ୍ୱାଇଁ, ମିଳନ ମୁଖି, ନିରଞ୍ଜନ ନାୟକ, ଜାନକୀନାଥ ଜେନା ପ୍ରମୁଖ ସାମିଲ ଥିଲେ। ମୋଦିଙ୍କ ଶାସନ ସମୟରେ ଦେଶରେ ସର୍ବବୃହତ ଟିକାକରଣ ବ୍ୟବସ୍ଥା, ମହିଳାଙ୍କୁ ସୁରକ୍ଷା ବହୁ ଜନକଲ୍ୟାଣକାରୀ ଯୋଜନା ଯୋଗୁ ଦେଶ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବାରୁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଦିଆଯାଇଛି।

# ବାଇଶି ପାହାଚରେ ଶ୍ରାଦ୍ଧରୁ ବଞ୍ଚିତ ଶ୍ରଦ୍ଧାଳୁ

### ଉତ୍ତରଦ୍ୱାର ସମ୍ମୁଖ, ପଞ୍ଚ ପୁଷ୍କରିଣୀ ଓ ମହୋଦଧିରେ ପିଣ୍ଡଦାନ

**ପୁରୀ ଅଫିସ,୬।୧୦**

ମହାଳୟା ଅମାବାସ୍ୟାରେ ବୁଧବାର ଶ୍ରୀକ୍ଷେତ୍ରରେ ଶ୍ରଦ୍ଧାଳୁମାନେ ପିଣ୍ଡଦାନ କରିଛନ୍ତି। ପିତୃପକ୍ଷରେ ପୂର୍ବପୁରୁଷଙ୍କ ଆତ୍ମାର ସଦ୍‌ଗତି କାମନା କରି ପଞ୍ଚ ପୁଷ୍କରିଣୀ ଓ ମହୋଦଧିରେ ସେମାନେ ଶ୍ରାଦ୍ଧ ଦେଇଛନ୍ତି। ତେବେ ଚଳିତବର୍ଷ କୋଭିଡ୍ କଟକଣା ଦୃଷ୍ଟିରୁ ଶ୍ରଦ୍ଧାଳୁମାନେ ଶ୍ରୀମନ୍ଦିର ବାଇଶି ପାହାଚରେ ଶ୍ରାଦ୍ଧ ଦେବାରୁ ବଞ୍ଚିତ ହୋଇଛନ୍ତି। ସେହିପରି ମହାଳୟାରେ ଶ୍ରୀମନ୍ଦିରରେ ଦର୍ଶନ ବନ୍ଦ ରହିଥିବାରୁ ଶ୍ରଦ୍ଧାଳୁମାନେ ମନଦୁଃଖରେ ଫେରିଛନ୍ତି।

ଆଶ୍ୱିନ ମାସ କୃଷ୍ଣପକ୍ଷ ପ୍ରତିପଦାଠାରୁ ପିତୃପକ୍ଷ ଆରମ୍ଭ ହୋଇ ମହାଳୟାରେ ଶେଷ ହୋଇଥାଏ। ମହାଳୟାରେ ପୁରୀର ପବିତ୍ର ନରେନ୍ଦ୍ର, ଶ୍ୱେତଗଙ୍ଗା, ମାର୍କଣ୍ଡେୟ ଓ ଚନ୍ଦନ ପୁଷ୍କରିଣୀ ତଟରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ସେହିପରି ଉତ୍ତର ଦ୍ୱାର ସମ୍ମୁଖରେ ପ୍ରଶାସନ ପକ୍ଷରୁ ନିର୍ମିତ ଅସ୍ଥାୟୀ ଟେଣ୍ଟରେ ଲୋକେ ପିଣ୍ଡଦାନ କରିଥିଲେ। ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଚାଉଳ, ଅଟା, ଛତୁଆ ଓ ମହାପ୍ରସାଦ ପ୍ରଭୃତି ପ୍ରଦାନ କରାଯାଇ ଶ୍ରାଦ୍ଧ ଦିଆଯାଇଛି। ଶ୍ରାଦ୍ଧ ଦେବା ପରେ ପବିତ୍ର ମହାରଣା କହିଛନ୍ତି, ଶ୍ରୀକ୍ଷେତ୍ରରେ ଶ୍ରାଦ୍ଧ ଅର୍ପଣ କରିବା ସୌଭାଗ୍ୟର କଥା। ପିତୃପୁରୁଷମାନେ ଶ୍ରାଦ୍ଧ ଗ୍ରହଣ କରି ଅମାବାସ୍ୟା ଦୀପାବଳି ପର୍ଯ୍ୟନ୍ତ ଧରାପୃଷ୍ଠରେ ରହିଥାନ୍ତି। ତର୍ପଣ, ଅର୍ପଣ ଓ ସମର୍ପଣ ମଧ୍ୟରେ ଶ୍ରାଦ୍ଧ ଶେଷ ହୋଇଥାଏ। ଗୟା ଶ୍ରାଦ୍ଧରେ ଦୀପଦାନ କରି ପିତୃ ପୁରୁଷଙ୍କୁ ଧରାପୃଷ୍ଠ ଛାଡ଼ିବା ପାଇଁ ପ୍ରାର୍ଥନା କରିଥାଉ। ସେହିପରି ରଣଜିତ ପାଳ କହିଛନ୍ତି, ବାପାଙ୍କ ଛବି ଆଖି ଆଗକୁ ଚାଲି ଆସୁଛି। ଛୋଟ ବେଳେ ବାପାଙ୍କ ସହ ପୁରୀ ଆସେ। ଗୟା ଶ୍ରାଦ୍ଧ ପାଇଁ ଅନେକ ଥର ପୁରୀ ଆସିଛି। ବାପା ସାଙ୍ଗରେ ଧରି ଆସନ୍ତି, କାହାଣୀ କହି କହି ଆଙ୍ଗୁଠି ଧରି ଚଲାନ୍ତି। ଏବେ ତାଙ୍କୁ ଶ୍ରାଦ୍ଧ ଅର୍ପଣ କରୁଛି ବୋଲି ସେ ପ୍ରକାଶ କରିଥିଲେ। ଶ୍ରାଦ୍ଧ ଅର୍ପଣ ପରେ ଅଧିକାଂଶ ଶ୍ରଦ୍ଧାଳୁ ଶ୍ରୀମନ୍ଦିର ଉତ୍ତର ଦ୍ୱାରଠାରେ ମହାପ୍ରସାଦ ନେଇ ଫେରିଥିଲେ।


ଶ୍ରୀମନ୍ଦିର ଉତ୍ତର ଦ୍ୱାର ସମ୍ମୁଖରେ ଶ୍ରଦ୍ଧାଳୁମାନେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ପିଣ୍ଡଦାନ କରୁଛନ୍ତି।

**ସେଲ୍ଫି କର୍ଣ୍ଣର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ସନ୍ତୋଷ


@ ସସ୍ମିତା


@ ବିଶ୍ୱଜିତ୍


@ ପ୍ରକାଶ


@ କାର୍ତ୍ତିକ


@ ତପନ


@ ଉଜଲା

# ‘ସମସ୍ୟା ସମାଧାନ ନ ହେଲେ କୋର୍ଟ ଯିବୁ’

### ଅଠରନଳା ଉନ୍ନୟନ ମଣ୍ଡଳୀର ଚେତାବନୀ

**ପୁରୀ ଅଫିସ, ୬।୧୦**

ଅଠରନଳା ଓ ଗରୁଡ଼ ଛକ ଅଞ୍ଚଳର ବିଭିନ୍ନ ସମସ୍ୟା ତୁରନ୍ତ ସମାଧାନ କରିବାକୁ ବୁଧବାର ଅଠରନଳା ଉନ୍ନୟନ ମଣ୍ଡଳୀ ପକ୍ଷରୁ ପ୍ରଶାସନ ନିକଟରେ ଦାବି କରାଯାଇଛି। ଐତିହ୍ୟ ସମ୍ପନ୍ନ ଅଠରନଳା ପୋଲ ଗମନାଗମନ ପାଇଁ ବନ୍ଦ ହେବା ପରେ ଯାନବାହନଗୁଡ଼ିକ ଗରୁଡ ଛକ ଓ କୁମ୍ଭାରପଡ଼ା ରାସ୍ତା ଦେଇ ଚଳାଚଳ କରୁଛି। ତେବେ ରାସ୍ତା ଅଣଓସାରିଆ ଓ ବକ୍ରାକାର ଥିବା ସହ ରାସ୍ତା ପାର୍ଶ୍ୱରେ ଅସ୍ଥାୟୀ ବୃକ୍ଷକୁଣ୍ଡ ରଖାଯାଇଛି। ଫଳରେ ଅପରପାର୍ଶ୍ୱରୁ ଯାନବାହନ ଆସୁଥିବା ଜଣାପଡୁନାହିଁ। ଏଥିଯୋଗୁ ଦୁର୍ଘଟଣା ଘଟୁଛି। କିଛିଦିନ ତଳେ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିଲା ବୋଲି ମଣ୍ଡଳୀ କର୍ମକର୍ତ୍ତା କହିଛନ୍ତି। ତେଣୁ ପ୍ରଶାସନ ଉକ୍ତ ସ୍ଥାନରେ ଟ୍ରାଫିକ ବ୍ୟବସ୍ଥା, ରାସ୍ତା ଓସାର କରିବା ଏବଂ ଆଲୋକୀକରଣ ସହ ଦୁର୍ଘଟଣାପ୍ରବଣ ସୂଚନାଫଳକ ଲଗାଇବା ପାଇଁ ଦାବି କରାଯାଇଛି। ଦୁଇ ସପ୍ତାହ ମଧ୍ୟରେ ଦାବି ପୂରଣ ନ ହେଲେ ସ୍ଥାନୀୟ ବାସିନ୍ଦା ଅଦାଲତର ଆଶ୍ରୟ ନେବେ ବୋଲି ଅଠରନଳା ଉନ୍ନୟନ ମଣ୍ଡଳୀ ପକ୍ଷରୁ କୁହାଯାଇଛି।


ମହାଳୟା ଅମାବାସ୍ୟା ଅବସରରେ ବୁଧବାର ଅମାବାସ୍ୟା ନାରାୟଣଙ୍କ ସାଗର ବିଜେ।

# ଚଢ଼ାଦରରେ ସାର ବିକ୍ରି, ଚଢ଼ାଉ ନାହିଁ

## ବେଗୁନିଆ ବ୍ଳକରେ ଚାଷୀ ଅସନ୍ତୋଷ

ବେଗୁନିଆ,୬।୧୦(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅଞ୍ଚଳରେ ରାସାୟନିକ ସାର ଓ କୀଟନାଶକ ଚଢା ଦରରେ ବିକ୍ରି ହେଉଥିବା ଅଭିଯୋଗ ହେଉଛି। ମୂଲ୍ୟରେ କୌଣସି ନିର୍ଦ୍ଦିଷ୍ଟତା ରହୁ ନାହିଁ। ସରକାରୀ ଧାର୍ଯ୍ୟ ଦରଠାରୁ ରାସାୟନିକ ସାର ବସ୍ତା ପ୍ରତି ୫୦ରୁ ୨୦୦ଟଙ୍କା ପର୍ଯ୍ୟନ୍ତ ଅଧିକ ମୂଲ୍ୟରେ ବିକ୍ରି ହେଉଛି। ସେହିପରି କୀଟନାଶକ ଦର ମଧ୍ୟ କେଉଁଠି ୨୦ରୁ ୫୦ଟଙ୍କା ଅଧିକ ମୂଲ୍ୟରେ ବିକ୍ରି ହେଉଥିବା ସୂଚନା ମିଳିଛି। ପ୍ରତିବର୍ଷ ଏଭଳି ଅବସ୍ଥା ସୃଷ୍ଟି ହେଉଥିବା ବେଳେ କୃଷି ବିଭାଗ ପକ୍ଷରୁ ଚଢାଉ କି ପଦକ୍ଷେପ ନିଆଯାଉ ନାହିଁ। ଅନ୍ୟପକ୍ଷରେ ଏହି ବ୍ଲକ କୃଷି କାର୍ଯ୍ୟାଳୟରେ ଅଧିକାରୀ ଓ କର୍ମଚାରୀ ପଦବୀ ଦୀର୍ଘଦିନ ହେବ ଖାଲି ପଡିଥିବାରୁ ଚଢାଉ ହୋଇପାରୁ ନ ଥିବା କୁହାଯାଉଛି। ଏହାକୁ ନେଇ ଚାଷୀ ଅସନ୍ତୋଷ ଦେଖାଦେଇଛି।

ଚାଷୀଙ୍କ ଅଭିଯୋଗ ମୁତାବକ, ଚଳିତ ଖରିଫ ଋତୁରେ ହୋଇଥିବା ଧାନ ଫସଲରେ ବର୍ତ୍ତମାନ ହେଉଛି ରାସାୟନିକ ସାର ପ୍ରୟୋଗର ଉପଯୁକ୍ତ ସମୟ। କାରଣ ଧାନ ଗଛର ଏବେ ଥୋଡ ଅବସ୍ଥା ଆସିଛି। ଅଧିକ ଫସଲ ଅମଳ ପାଇଁ ଏହି ସମୟରେ ଗଛ ମୂଳରେ ୟୁରିଆ, ପଟାସ ଓ ଗ୍ରୋମୋର ସାର ପ୍ରୟୋଗର ଆବଶ୍ୟକତା ରହିଛି। ସେହିପରି କେତେକ ଜମିରେ ଧାନ ଗଛ ଏବେ ପାକଳ ବା ପରିପକ୍ୱ ଅବସ୍ଥାକୁ ଆସିଯାଇଛି। ଏହି ସମୟରେ ରୋଗ ଓ ପୋକ ଲାଗିବାର ସମ୍ଭାବନା ରହିଛି। ପ୍ରତିକାର ପାଇଁ କୀଟନାଶକ ଛିଞ୍ଚନ କରାଯାଇଥାଏ। ମାତ୍ର ସାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଖୁଚୁରା ବିକ୍ରୟ କେନ୍ଦ୍ରରେ ପହଞ୍ଚିଲା ବେଳକୁ ମାତ୍ରାଧିକ ଦର ବୃଦ୍ଧି ବ୍ୟଥିତ କରୁଛି। କଣ୍ଟାବାଡ, ସିମୋର, ବାଘମାରି, ଗୁଡୁମ, ଡାଲତୋଳା, ପରିଛଳ, ସିକୋ, ହଜ, ପାଟଣାହାଟ, ବେଗୁନିଆ ଆଦି ବଜାରରେ ଥିବା ବିଭିନ୍ନ ଖୁଚୁରା କେନ୍ଦ୍ରରେ ଅଧିକ ଦରରେ ସାର ବିକ୍ରୟ ହେଉଥିବା ଚାଷୀ ଅଭିଯୋଗ କରିଛନ୍ତି। ଏପରିକି କୀଟନାଶକ ଦର ମଧ୍ୟ ସ୍ଥିର ରହୁନାହିଁ। ଅନେକ ବ୍ୟବସାୟ କେନ୍ଦ୍ରରେ ମେଶିନ ଅଚଳ ଆଳ ଦେଖାଇ ଚାଷୀଙ୍କ ଟିପ ଚିହ୍ନ ନିଆଯାଇ ନାହିଁ। ଫଳରେ ଚାଷୀ ସବସିଡି ଯୋଗାଣରୁ ବାଦ୍ ପଡୁଛନ୍ତି। ସେହିପରି କୋ-ଅପରେଟିଭ ସୋସାଇଟି ମାଧମରେ ସବ୍‌ସିଡି ସାର ଯୋଗାଣର ଫାଇଦା ଅନେକ ସମୟରେ ଚାଷୀ ପାଇପାରୁ ନାହାନ୍ତି। ବହୁ ସମୟରେ ସୋସାଇଟି ବନ୍ଦ ରହୁଛି। ପର୍ଯ୍ୟାପ୍ତ ପରିମାଣର ସାର ଗଚ୍ଛିତ ରଖୁ ନ ଥିବା ଓ ସବ୍‌ସିଡି ସାର ଚାଷୀଙ୍କୁ ନ ଦେଇ ବାଟମାରଣା କରାଯାଇଥିବା ନେଇ ବିଭାଗୀୟ ଅଧିକାରୀଙ୍କ ପାଖରେ ଅଭିଯୋଗ ହୋଇଛି। ହେଲେ ଅଭିଯୋଗର କୌଣସି ସୁଫଳ ପାଇପାରୁ ନାହାନ୍ତି ବୋଲି ଚାଷୀ ମାନସ ରଞ୍ଜନ ପଣ୍ଡା, ରବୀନ୍ଦ୍ର ମହାପାତ୍ର, ରାମ ନାହାକ ପ୍ରମୁଖ କହିଛନ୍ତି।

ସୂଚନା ଥାଉକି, ଚଳିତବର୍ଷ ଏହି ବ୍ଲକରେ ୧୩ଟି କୋ-ଅପରେଟିଭ ସୋସାଇଟି ମାଧମରେ ସବ୍‌ସିଡିରେ ସାର ଯୋଗାଣ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ସାର ବିକ୍ରି କରିବା ପରେ ଏବେ ଆଉ ୮ରୁ ଅଧିକ ସୋସାଇଟିରେ ସାର ଗଚ୍ଛିତ ନାହିଁ। ସେହିପରି ବ୍ଲକରେ ଗୋଟିଏ ସାର ହୋଲ୍‌ସେଲର କେନ୍ଦ୍ର ରହିଥିବାବେଳେ ୪୨ଟି ସ୍ୱୀକୃତିପ୍ରାପ୍ତ ଖୁଚୁରା ବିକ୍ରୟ କେନ୍ଦ୍ର ରହିଛି। ସେଥିମଧ୍ୟରୁ ୮ଟି ବିକ୍ରୟ କେନ୍ଦ୍ର ୩ବର୍ଷ ହେଲା ସାର ବିକ୍ରୟ କରୁନାହାନ୍ତି। ସେହିପରି ୪ରୁ ଅଧିକ ବିକ୍ରୟ କେନ୍ଦ୍ରର ସ୍ୱୀକୃତି ପତ୍ର ରଦ୍ଦ କରାଯାଇ ମଧ୍ୟ ସେମାନେ ବିକ୍ରି କରିଚାଲିନ୍ତି। ତେବେ ଚଢା ଦରରେ ସାର ବିକ୍ରିକୁ ରୋକ ଲଗାଇବା ପାଇଁ ଚାଷୀଙ୍କ ପକ୍ଷରୁ ଦାବି ହେଉଛି। ଏ ସମ୍ପର୍କରେ ବ୍ଲକ କୃଷି ଅଧିକାରୀ ଗଣେଶ୍ୱର ରଥ କହିଛନ୍ତି, ମଙ୍ଗଳବାର ନୂତନ ଭାବେ ଏଠାରେ ଯୋଗଦେଇଥିବା ବେଳେ ଅଭିଯୋଗ ବିଷୟରେ ଜାଣି ନାହିଁ। ତଥାପି ଏଥିପ୍ରତି ଗୁରୁତ୍ୱ ଦେଇ ଖୁବ୍‌ଶୀଘ୍ର ତଦନ୍ତ କରି ପଦକ୍ଷେପ ନେବି ବୋଲି ସେ କହିଛନ୍ତି। ସେହିପରି ଏହା ପୂର୍ବରୁ ବ୍ଲକର ଅତିରିକ୍ତ ଦାୟିତ୍ୱରେ ଥିବା ବୋଲଗଡ ବ୍ଲକ ପିଚୁକୁଳି ସେକ୍ଟରର ସହକାରୀ କୃଷି ଅଧିକାରୀ ସୀତାରତ୍ନମାଳା ଦାସ କହିଛନ୍ତି, ଦାୟିତ୍ୱରେ ଥିବା ମଧ୍ୟରେ ସେଭଳି କୌଣସି ଅଭିଯୋଗ ହୋଇ ନାହିଁ।


ବାଣପୁର ବଜାରରେ ମା’ ଭଗବତୀ ଓ ମା’ ବିରଜାଇଙ୍କ ଭେଟ ଯାତ୍ରା ଉତ୍ସବ ପାଳନ ହେଉଛି।

## ସଂକ୍ଷେପରେ

### ବନ୍ୟପ୍ରାଣୀଙ୍କ ସୁରକ୍ଷା ପ୍ରତି ଗୁରୁତ୍ୱ ଦିଆଯାଉ

ବାଲୁଗାଁ,୬।୧୦(ଡି.ଏନ୍.ଏ.): ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ବିଭାଗ ବାଲୁଗାଁ ଆନୁକୂଲ୍ୟରେ ବୁଧବାର ଚିଲିକା କୂଳସ୍ଥିତ କାର୍ଯ୍ୟାଳୟ ପରିସରରେ ୬୭ତମ ବନ୍ୟପ୍ରାଣୀ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଶରତ ଚନ୍ଦ୍ର ମିଶ୍ରଙ୍କ ଅଧକ୍ଷତାରେ ବାଲୁଗାଁ କଲେଜର ଅଧାପକ ଡ. କୈଳାସ ଚନ୍ଦ୍ର ମହାରଣା, ଡ. ଅକ୍ଷୟ ମିଶ୍ର, ଡ. ସନ୍ତୋଷ ରଥ ଓ ଡ. ଲକ୍ଷ୍ମୀଧର ସୁବୁଦ୍ଧି ପ୍ରମୁଖ ଯୋଗଦେଇ ବର୍ତ୍ତମାନ ପରିସ୍ଥିତିରେ ପରିବେଶ ପ୍ରଦୂଷଣ ଓ ସହରୀକରଣ, ଅବାଧ ବନ୍ୟପ୍ରାଣୀ ଶିକାର ଦ୍ୱାରା ପ୍ରଜାତିର ଅବକ୍ଷୟ ହେଉଛି। ଏହା ଦ୍ୱାରା ବନ୍ୟପ୍ରାଣୀଙ୍କ ଅସ୍ତିତ୍ୱରେ ଯେପରି ସଂକଟ ଦେଖାଦେଇଛି, ସେଥିପ୍ରତି ପ୍ରଶାସନ ଦୃଷ୍ଟି ଦେବା ପାଇଁ ମତ ପ୍ରକାଶ କରିଥିଲେ। ଏହି ଅବସରରେ କଲେଜ ଛାତ୍ରୀଛାତ୍ରଙ୍କୁ ନେଇ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତିତ୍ୱ ହାସଲ କରିଥିବା କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଟାଙ୍ଗୀ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ଚୂଡ଼ାରାଣି ମୁର୍ମୁ ସଂଯୋଜନା କରିଥିବା ବେଳେ ବାଲୁଗାଁ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ବଳରାମ ପ୍ରସାଦ ନନ୍ଦ ଓ ସହକର୍ମୀ ପରିଚାଳନା କରିଥିଲେ।

### ମଦ ଜବତ, ୩ ଗିରଫ

ଖୋର୍ଦ୍ଧା ଅଫିସ,୬।୧୦: ଖୋର୍ଦ୍ଧା ଅବକାରୀ ପୋଲିସ ଜଙ୍କିଆ ଥାନା ଅନ୍ତର୍ଗତ ହଜ ଗାଁରେ ଚଢଉ କରି ବୁଧବାର ସକାଳେ ୪୮ ଲିଟର ଦେଶୀମଦ ଜବତ କରିଛି। ଏହି ଘଟଣାରେ ପୋଲିସ ୩ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ହଜର ଦେବୀପ୍ରସାଦ ପାଇକରାୟ(୩୫), ନାରାୟଣ ବାରିକ(୩୯) ଏବଂ ବାମନ ମଲ(୪୭) । ଅଭିଯୁକ୍ତ ମାନେ ହଜରେ ଗତ କିଛି ମାସ ହେବ ବେଆଇନ ଭାବେ ଦେଶୀମଦ କାରବାର କରୁଥିବା ଅବକାରୀ ବିଭାଗ ନିକଟରେ ଅଭିଯୋଗ ହୋଇଥିଲା। ଅବକାରୀ ଇନ୍ସପେକ୍ଟର ଭୈରବ ସାହୁଙ୍କ ନେତୃତ୍ୱରେ ଜିଲ୍ଲା ମୋବାଇଲ ୟୁନିଟ ଇନ୍ସିପେକ୍ଟର ସସ୍ମିତା ହୋତା, ଏଏସଆଇ ଅକ୍ଷୟ ଜେନା ପ୍ରମୁଖ ଏକ ଟିମ୍ ସକାଳୁ ଚଢାଉ କରିଥିଲେ ।

### ରେଳଧାରଣାରୁ ଯୁବକଙ୍କ ମୃତଦେହ ଜବତ

ପୁରୁଣା ଭୁବନେଶ୍ୱର/କଣାସ, ୬।୧୦ (ଡି.ଏନ୍.ଏ.): ଏୟାରଫିଲ୍ଡ ଥାନା ଅନ୍ତର୍ଗତ ସରଗନ୍ତରା ନିକଟ ରେଳଧାରଣାରୁ ମଙ୍ଗଳବାର ଜଣେ ଯୁବକଙ୍କ ମୃତଦେହ ଭୁବନେଶ୍ୱର ଜିଆରପି ଜବତ କରିଛି। ମୃତକ ହେଲେ କଣାସ ବ୍ଲକ ଦୋକନ୍ଦା ଗ୍ରାମର ଜଗଦିଶ ସୁନ୍ଦରାୟ(୨୬)। ରବିବାର ରାତ୍ରରେ ଯୁବକଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ରେଲୱେ ପୋଲିସ ପହଞ୍ଚି ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଘଟଣାସ୍ଥଳରେ ପଡ଼ିଥିବା ମୋବାଇଲ ଫୋନରୁ ରେଳ ସୁରକ୍ଷା କର୍ମୀମାନେ ଯୁବକଙ୍କ ଠିକଣା ପାଇ ପରିବାର ଲୋକଙ୍କୁ ଜଣାଇଥିଲେ। ଜଗଦିଶ ୨ବର୍ଷ ହେବ ଭୁବନେଶ୍ୱରରେ ପରିବାର ସହ ରହୁଥିଲେ। ତେବେ ମୃତ୍ୟୁର କାରଣ ଜଣାପଡ଼ି ନାହିଁ।

## ‘ସ୍ଥାୟୀ ବିକାଶ ଲକ୍ଷ୍ୟ କ୍ଷେତ୍ରରେ ଶିକ୍ଷାନୁଷ୍ଠାନର ଭୂମିକା ରହିଛି’

କଟଣୀ,୬।୧୦(ଡି.ଏନ୍.ଏ.)

ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ ଦ୍ୱାରା ସ୍ଥାୟୀ ବିକାଶ ଲକ୍ଷ୍ୟ ନେଇ ୨ଦିନିଆ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ସମ୍ମିଳନୀକୁ ବିଶ୍ୱବିଦ୍ୟାଳୟର ଡିନ ଏକାଡେମିକ ପ୍ରଫେସର ପ୍ରସାନ୍ତ ମହାନ୍ତି ଆରମ୍ଭ କରିଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସୁପ୍ରିୟା ପଟ୍ଟନାୟକ ଯୋଗଦେଇ କେବଳ ସରକାର ‘ସ୍ଥାୟୀ ବିକାଶ ଲକ୍ଷ୍ୟ’ ହାସଲ କରିପାରିବେ ନାହିଁ, ଏଥିପାଇଁ ବିଶ୍ୱବିଦ୍ୟାଳୟ ପରି ଶିକ୍ଷାନୁଷ୍ଠାନଗୁଡ଼ିକର ମଧ୍ୟ ପ୍ରମୁଖ ଭୂମିକା ରହିଛି ବୋଲି କହିଛନ୍ତି। ପ୍ରଫେସର ଓମକାର ନାଥ ମହାନ୍ତି, ପ୍ରଫେସର ଦେବୀ ପ୍ରସନ୍ନ ପଟ୍ଟନାୟକ, ପ୍ରଫେସର ହରିବନ୍ଧୁ ପଣ୍ଡା ଶିଳ୍ପ, ବିଶ୍ୱବିଦ୍ୟାଳୟର ସଭାପତି ପ୍ରଫେସର ମୁକ୍ତିକାନ୍ତ ମିଶ୍ର, ପ୍ରଫେସର ବିଶ୍ୱଜିତ ଦାସ ଯୋଗଦେଇଥିଲେ। ପରେ ସ୍ୱାସ୍ଥ୍ୟ ଏବଂ କଲ୍ୟାଣ ଉପରେ ହୋଇଥିବା ଅଧିବେଶନରେ ଅଭୟ ମିଶ୍ର ଏବଂ ଡ. ଇ ଭେଙ୍କଟ ରାଓ "ସ୍ଥାୟୀ ବିକାଶ ଲକ୍ଷ୍ୟ" ହାସଲ କରିବାରେ ଉତ୍ତମ ସ୍ୱାସ୍ଥ୍ୟର ଆବଶ୍ୟକ ବୋଲି କହିଥିଲେ।

ପ୍ରଫେସର ସ୍ମିତା ମିଶ୍ର, ସୁଚିତ୍ରା ପ୍ରଧାନ, ସଂଗ୍ରାମ କେଶରୀ ଲେଙ୍କା, ଉପାସନା ସିକ୍ରି, ସୁଖମାନ ରାନ୍ଧୱା ଏବଂ ନନ୍ଦିତା ମାଥୁର, ପ୍ରସାଦ ନନ୍ଦା ପ୍ରମୁଖ ଉପସ୍ଥିତ ଥିଲେ। ଅଧିବେଶନର ସାରାଂଶ ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟର ଆସୋସିଏଟ ପ୍ରଫେସର ଡକ୍ଟର ଛାୟାବ୍ରିତା ମାଝିଙ୍କ ଦାରା ଉପସ୍ଥାପିତ ହୋଇଥିଲା ଏବଂ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର୍ ପ୍ରଫେସର ଅନୀତା ପାତ୍ର ଧନ୍ୟବାଦ ଦେଇଥିଲେ। ଏହି ସମ୍ମିଳନୀରେ ଛାତ୍ରମାନେ ଏକ ପ୍ରଦର୍ଶନୀ କରିଥିଲେ। ଏଥିରେ ପ୍ରଫେସର ଉମାକାନ୍ତ ନାୟକ, ପ୍ରଫେସର ଦୀପନକର ଭଟ୍ଟାଚାର୍ଯ୍ୟ, ଗିରିଜା ନନ୍ଦିନୀ, ରୁକ୍ମିଣୀ ମିଶ୍ର, ନୀତେଶ ଧର ବଡଜ୍ଞାନ, ଯଶସ୍ୱୀ ନାୟକ ଏବଂ ଡ. ପ୍ରଜନା ପାଣି ପ୍ରମୁଖ ଉପସ୍ଥିତ ଥିଲେ।

## ମା’ ଭଗବତୀ, ବିରଜାଈଙ୍କ ଭେଟ ଯାତ୍ରା

ବାଣପୁର,୬।୧୦(ଡି.ଏନ୍.ଏ.)

ବାଣପୁରର ଅଧିଷ୍ଠାତ୍ରୀ ଦେବୀ ମା’ଭଗବତୀଙ୍କର ବୁଧବାର ଶାରଦୀୟ ଦୁର୍ଗୋତ୍ସବ ଅବସରରେ ଭଉଣୀ ବିରଜାଈଙ୍କ ସହ ଭେଟ ପର୍ବ ସ୍ଥାନୀୟ ପୁରୁଣା ବଜାରରେ ଅନୁଷ୍ଠିତ ହୋଇଯାଇଛି। ଦୁର୍ଗୋତ୍ସବ ପାଇଁ ମା’ଙ୍କର ତିନି ଭଉଣୀ ମା’ ନାରାୟଣୀ, ମା’ ସିଦ୍ଧାମ୍ବରୀ ଓ ମା’ କାଳିଜାଈ ନିମନ୍ତ୍ରଣ ପାଇ ପୂର୍ବରୁ ବିଜେ କରିଛନ୍ତି। ଅମାବାସ୍ୟା ତିଥିରେ ଭଗବତୀଙ୍କ ପୀଠରେ ଅବସ୍ଥାନ କରିଥିବା ମା’ ବିରଜାଈଙ୍କ ବିଜେ ପ୍ରତିମା କାଠି ଠାକୁରାଣୀ ସେବାୟତଙ୍କ ଗହଣରେ ବାହାରି ବାଣପୁର ବଜାର ବିଜେ ହୋଇଥିଲେ। ଏହି ସମୟରେ ଦକ୍ଷପ୍ରଜାପତି ଦେବଙ୍କ ମନ୍ଦିରରୁ ମା’ ଭଗବତୀଙ୍କ ଚଳନ୍ତି ପ୍ରତିମା କାଠି ଠାକୁରାଣୀ ସେବାୟତଙ୍କ ଗହଣରେ ବାହାରି ବଜାର ବିଜେ ହୋଇଥିଲେ। ବାଣପୁର ବଜାର ମଧ୍ୟରେ ୨ କାଠି ଠାକୁରାଣୀ ଏକାଠି ହେବା ପରେ ସେବାୟତଙ୍କ ଗହଣରେ ୨ ଭଉଣୀଙ୍କ ନୃତ୍ୟରତ ଅବସ୍ଥାରେ ଭେଟ ଉତ୍ସବ ହୋଇଥିଲା। ଏହି ସମୟରେ ଘଣ୍ଟ, ବାଦ୍ୟ, ହରିବୋଲ ଓ ହୁଳହୁଳି ଧ୍ୱନିରେ ପରିବେଶ ପ୍ରକମ୍ପିତ ହୋଇଥିଲା। ପ୍ରାୟ ଅଧ ଘଣ୍ଟାଏ ଧରି ୨ ଭଉଣୀଙ୍କ ନୈସର୍ଗିକ ମିଳନ ପରେ ମା’ ବିରଜାଈଙ୍କ କାଠି ଠାକୁରାଣୀ ବାହାର ପର୍ବ ଗୃହ ସାତବଖରା ଗୃହରେ ପ୍ରବେଶ କରିଥିଲେ। ପରେ ଦକ୍ଷପ୍ରଜାପତି ମନ୍ଦିରରେ ଅବସ୍ଥାନ କରିଥିବା ଅନ୍ୟ ଭଉଣୀମାନେ ସାତବଖରା ଗୃହକୁ ପ୍ରବେଶ କରିଥିଲେ। ଅନ୍ୟପକ୍ଷେ ମା’ ଭଗବତୀଙ୍କ କାଠି ଠାକୁରାଣୀ ଭଗବତୀ ମନ୍ଦିର ବେଢ଼ାରେ ପ୍ରବେଶ କରିବା ପରେ ସେଠାରେ ପୂଜାବିଧି ସମ୍ପନ୍ନ ହେବା ପରେ ସେବାୟତମାନେ ମା’ଙ୍କ ଆଜ୍ଞାମାଳ ନେଇ ସାତବଖରା ଗୃହ ଆସିଥିଲେ। ପରେ ପୂଜାର ପୁରୋଧା ପାରିକୁଦ ରାଜାଙ୍କ ନିକଟକୁ ମା’ଙ୍କ ଆଜ୍ଞାମାଳ ପଠାଯାଏ। ଶେଷରେ ବଳିଜେନା ପର୍ବ ଅନୁଷ୍ଠିତ ହୋଇଥାଏ।

## ଆଡୁଆଳରେ ଶ୍ରାବଣୀ ଝରଣା

- ପ୍ରାକୃତିକ ପରିବେଶ ଆକର୍ଷିତ କରିଥାଏ
- ରାସ୍ତା ନିର୍ମାଣ ହେଲେ ପର୍ଯ୍ୟଟକଙ୍କ ସମାଗମ ହେବ

ଖୋର୍ଦ୍ଧା ଅଫିସ,୬।୧୦

ସବୁଜ ବନାନୀ ପାହାଡ଼ ପର୍ବତ ଘେରରେ ବହିଯାଇଛି ଶ୍ରାବଣୀ ଝରଣା। ଏହାର ପ୍ରାକୃତିକ ପରିବେଶ ପର୍ଯ୍ୟଟକଙ୍କୁ ବେଶ୍ ଆକୃଷ୍ଟ କରିଥାଏ। ଝରଣା ଝରରେ ସୂର୍ଯ୍ୟକିରଣ ପଡ଼ି ଏହା ନୀଳବର୍ଣ୍ଣ ଦେଖାଯାଏ। ପାହାଡ଼ ଚାରିପଟେ ରହିଥିବା ଘଞ୍ଚ ଜଙ୍ଗଲ, ପକ୍ଷୀଙ୍କ କିଚିରି ମିଚିରି ଶବ୍ଦ ସାଙ୍ଗକୁ ଝର ଝର ହୋଇ ପାହାଡ଼ ପାଦଦେଶକୁ ବୋହି ଯାଉଥିବା ଝରଣାର ପାଣି ପର୍ଯ୍ୟଟକଙ୍କୁ ବିମୋହିତ କରିଥାଏ।

ଖୋର୍ଦ୍ଧା-ବଲାଙ୍ଗିର ୫୭ନଂ. ଜାତୀୟ ରାଜପଥ ବୋଲଗଡ଼ଠାରୁ ନୟାଗଡ଼ ରାସ୍ତା ବିଜିପୁର ଗେଟ୍‌ଠାରୁ ବାମ ପଟକୁ ୨କି.ମି. ପରେ ପଡ଼େ କାଉତରା ଉଚ୍ଚ ବିଦ୍ୟାଳୟ। ଏହି ବିଦ୍ୟାଳୟରୁ ଅଙ୍କାବଙ୍କା ହୋଇ ଯାଇଥିବା ପାହାଡ଼ ଉପରୁ ଏହି ଝରଣା ବୋହିଯାଇଛି। ଉକ୍ତ ଝରଣାକୁ ସ୍ଥାନୀୟ ଲୋକେ ଶ୍ରାବଣୀ ଝରଣା ବୋଲି କହିଥା’ନ୍ତି। ଅଙ୍କାବଙ୍କା ହୋଇ ଯାଇଥିବା ରାସ୍ତା ଦେଇ ପାହାଡ଼ ଉପରକୁ ଯିବାକୁ ପଡ଼େ। ପ୍ରକୃତିର ଏହି ଅପୂର୍ବ ସୌନ୍ଦର୍ଯ୍ୟକୁ ଉପଭୋଗ କରିବାରୁ ପର୍ଯ୍ୟଟକ ବଞ୍ଚିତ। ସ୍ଥାନୀୟ ବାସିନ୍ଦାଙ୍କ କହିବାନୁଯାୟୀ, ପାହାଡ଼ ଚାରିପାଖକୁ ଘଞ୍ଚ ଜଙ୍ଗଲ ଘେରି ରହିଛି। ପାହାଡ଼ ଉପର ଦୃଶ୍ୟ ଅତି ଆକର୍ଷଣୀୟ। ଉପରକୁ ଯିବା ପାଇଁ ସେଭଳି କୌଣସି ରାସ୍ତା ନାହିଁ। କେବଳ ଗଛଲତାକୁ ଆଡ଼େଇ ଆଡ଼େଇ ଉପରକୁ ଯିବାକୁ ପଡ଼େ। ଯେଉଁମାନେ ଏହି ଝରଣା ସମ୍ପର୍କରେ ଜାଣିଛନ୍ତି, ସେମାନେ ଏଠାକୁ ଆସନ୍ତି। ଉପରକୁ ଯିବା ପାଇଁ ରାସ୍ତା ନ ଥିବାରୁ ସତର୍କତା ସହ ଯିବାକୁ ପଡ଼ିଥାଏ। ଜିଲା ପ୍ରଶାସନ କିମ୍ବା ପର୍ଯ୍ୟଟନ ବିଭାଗ ନିକଟରେ ଏନେଇ କୌଣସି ଖବର ନ ଥିବା ଜଣାପଡ଼ିଛି। ଏଠାକୁ ଯିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ରାସ୍ତା ନିର୍ମାଣ କରାଗଲେ ଏ କ୍ଷେତ୍ରରେ ପର୍ଯ୍ୟଟକଙ୍କ ସମାଗମ ଦେଖିବାକୁ ମିଳନ୍ତା ବୋଲି ସାଧାରଣରେ ମତପ୍ରକାଶ ପାଇଛି।


ବୋଲଗଡ଼ଠାରୁ ନୟାଗଡ଼ ରାସ୍ତାରେ ଥିବା ଶ୍ରାବଣୀ ଝରଣା।

## ଉପନିଯୋଜନ କାର୍ଯ୍ୟାଳୟରେ ତାଲା

### ପଞ୍ଜୀକରଣ ପାଇଁ ଆସି ନିରାଶରେ ଫେରୁଛନ୍ତି ଯୁବତୀ ଯୁବକ

ଖୋର୍ଦ୍ଧା ଅଫିସ,୬।୧୦

ବିଭିନ୍ନ ସରକାରୀ କ୍ଷେତ୍ରରେ ଚାକିରି ଲାଗି ଖୋର୍ଦ୍ଧା ଉପନିଯୋଜନ କାର୍ଯ୍ୟାଳୟରେ ନାମ ପଞ୍ଜିକରଣ ନିମନ୍ତେ ବିଭିନ୍ନ ଅଞ୍ଚଳରୁ ଯୁବତୀ ଯୁବକ ଆସୁଛନ୍ତି। ମାତ୍ର ଏହି କାର୍ଯ୍ୟାଳୟରେ ଅଧିକାଂଶ ସମୟରେ ତାଲା ଝୁଲୁଥିବା ଦେଖିବାକୁ ମିଳୁଛି। ଫଳରେ ସେମାନଙ୍କୁ ନିରାଶ ହୋଇ ଫେରିଯିବାକୁ ପଡୁଛି। ଏନେଇ ବୁଧବାର କେତେଜଣ ଛାତ୍ରୀଛାତ୍ର ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହି କାର୍ଯ୍ୟାଳୟର ଅବ୍ୟବସ୍ଥା ସମ୍ପର୍କରେ ଅଭିଯୋଗ କରିଛନ୍ତି। ଏଥିରେ ଦର୍ଶାଯାଇଛି ଯେ, ଗତ ୩ମାସ ହେଲା ଉପନିଯୋଜନ କାର୍ଯ୍ୟାଳୟରେ ତାଲା ଝୁଲୁଛି। ନାମ ପଞ୍ଜୀକରଣ ଲାଗି ବିଭିନ୍ନ ସ୍ଥାନରୁ ଯୁବତୀ ଯୁବକମାନେ ଆସୁଛନ୍ତି। ତେବେ ଦୀର୍ଘ ସମୟ ପର୍ଯ୍ୟନ୍ତ ଅପେକ୍ଷା କରିବା ସତ୍ତ୍ୱେ କାର୍ଯ୍ୟାଳୟ ଖୋଲା ନ ଯିବାରୁ ନିରାଶରେ ଫେରୁଛନ୍ତି। ମଙ୍ଗଳବାର ବିଭିନ୍ନ ସ୍ଥାନରୁ ଶତାଧିକ ଯୁବତୀ ଯୁବକ ଆସିଥିଲେ। ସକାଳ ୯ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଲମ୍ବାଧାଡ଼ିରେ ଅପେକ୍ଷା କରିଥିଲେ। ତେବେ କୌଣସି କର୍ମଚାରୀ ଆସି ନ ଥିଲେ। ଏନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ସେମାନେ ଦାବି କରିଥିଲେ।

**EXPRESSION OF INTEREST**

LIC Colony, Maitrivihar, Bhubaneswar invites EOI from interested firms for installation of CCTV surveillance system in the colony. Last date for receiving of bids is 17.10.2021 upto 5.00 PM. For details contact-9078782844.

Secretary

**ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଗୋପ**

**ବିଜ୍ଞାପନ**

ସଂଖ୍ୟା: ୪୧୫୨ ତାରିଖ: ୦୪।୧୦।୨୦୨୧

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଗୋପ ପଞ୍ଚାୟତ ସମିତି ଦ୍ୱାରା ୨୦୨୧-୨୨ ଆର୍ଥିକବର୍ଷର ଏପ୍ରିଲ ୨୦୨୦ଠାରୁ ମାର୍ଚ୍ଚ ୨୦୨୧ ପର୍ଯ୍ୟନ୍ତ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (MGNREGS) ଓ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (NFSA)ରେ କାର୍ଯ୍ୟକାରୀ ହୋଇଥିବା ପ୍ରକଳ୍ପଗୁଡ଼ିକର ସାମାଜିକ ସମୀକ୍ଷା କରାଯିବା ନିମନ୍ତେ ନିମ୍ନ କାର୍ଯ୍ୟସୂଚୀ ମୁତାବକ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଗ୍ରାମସଭା ଅନୁଷ୍ଠିତ ହେବ। ଉକ୍ତ ସଭାରେ ଜନସାଧାରଣ, ନିର୍ବାଚିତ ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀ, NGO, ଗ୍ରାମପଞ୍ଚାୟତରେ ଜବ୍‌କାର୍ଡ଼ଧାରୀ ଶ୍ରମିକ ଏବଂ ପ୍ରଧାନମନ୍ତ୍ରୀ ଆବାସ ହିତାଧିକାରୀମାନେ ନିର୍ଦ୍ଧାରିତ ତାରିଖ, ସମୟ ଓ ସ୍ଥାନରେ ଯୋଗଦାନ କରି ଆଲୋଚନାରେ ଅଂଶଗ୍ରହଣ କରିବାକୁ ଅନୁରୋଧ କରାଗଲା। ଏହି ବୈଠକରେ ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠଯନ୍ତ୍ରୀଙ୍କ ସହ ଗ୍ରାମପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ, ଯୋଗାଣ ବିଭାଗ ଅଧିକାରୀ, ଗ୍ରାମରୋଜଗାର ସେବକ, ମେଟ୍ ଏବଂ ଲାଇନ୍ ଡିପାର୍ଟମେଣ୍ଟ ଅଧିକାରୀମାନେ ଉପସ୍ଥିତ ରହି ଦରକାରୀ ରେକର୍ଡ ଉପସ୍ଥାପିତ କରାଇବେ। ଗୋପ ବ୍ଲକର ୩୧ଗୋଟି ଗ୍ରାମପଞ୍ଚାୟତର ସମସ୍ତ ପଞ୍ଚାୟତରେ ପର୍ଯ୍ୟାୟକ୍ରମେ ୨ ଗୋଟି ପ୍ରକଳ୍ପର ସାମାଜିକ ବୈଠକ କରାଯିବ।

ସ୍ୱା./- କାର୍ଯ୍ୟକ୍ରମ ଅଧିକାରୀ ତଥା
ମଣ୍ଡଳ ଉନ୍ନୟନ ଅଧିକାରୀ, ଗୋପ

DSPL-176

**ରକ୍ତଦାନ ମହାପୁଣ୍ୟ**

ରକ୍ତଦାନ କରି ଅନ୍ୟର ଜୀବନର ସ୍ପନ୍ଦନକୁ ଜାରି ରଖିବାରେ ଥାଏ ଅପୂର୍ବ ଆନନ୍ଦ, ଏମିତି ଅନେକ ଜୀବନର ସ୍ପନ୍ଦନ ମିଶି ବିଶ୍ୱ ଆଜି ସ୍ପନ୍ଦିତ ହେଉଛି।

ଆପଣ ବି ଜଣେ ସ୍ୱେଚ୍ଛାକୃତ ରକ୍ତଦାତା ହୋଇପାରିବେ ଯଦି ଆପଣଙ୍କର:

- ବୟସ ୧୮ ରୁ ୬୫ ବର୍ଷ ମଧ୍ୟରେ
- ଶରୀରର ଓଜନ ୪୫ କି.ଗ୍ରା.ରୁ ଅଧିକ
- ନାଡିର ଗତି ପ୍ରତି ମିନିଟ୍ ୬୦ରୁ ୧୦୦ ମଧ୍ୟରେ ଅଛି ଓ ନିୟମିତ ଅଛି
- ରକ୍ତଚାପ ସିଷ୍ଟୋଲିକ୍ ୧୦୦ରୁ ୧୪୦ ମି.ମି. ଓ ଡାଇଷ୍ଟୋଲିକ ୬୦ରୁ ୯୦ ମି.ମି. ମଧ୍ୟରେ ଅଛି
- ହିମୋଗ୍ଲୋବିନ୍‌ର ସ୍ତର ଅତି କମରେ ୧୨.୫ ଗ୍ରା.ରୁ ଅଧିକ ଅଛି
- ପାଟିର ତାପମାତ୍ରା ୩୭ ଡିଗ୍ରି ସେଲସିୟସରୁ ଅଧିକ ନାହିଁ

ଥାଲାସେମିଆ ରୋଗୀଙ୍କୁ ରକ୍ତ ସଞ୍ଚାରଣ ପାଇଁ ଆବଶ୍ୟକ ଲିକୋସାଇଟ୍ ଫିଲଟର ସରକାରୀ ରକ୍ତ କେନ୍ଦ୍ରରେ ବିନାମୂଲ୍ୟରେ ଯୋଗାଇ ଦିଆଯାଉଅଛି।

ଆସନ୍ତୁ, ରକ୍ତଦାନ କରି ଆମ ବିଶ୍ୱର ସ୍ପନ୍ଦନକୁ ଜାରି ରଖିବା ଆଉ ରକ୍ତ ଲାଗି ଅକାଳରେ ଝରି ପଡୁଥିବା ଜୀବନକୁ ରକ୍ଷା କରିବା।

- ସର୍ବଦା ମାସ୍କ ବ୍ୟବହାର କରନ୍ତୁ
- ନିୟମିତ ବାରମ୍ବାର ସାବୁନ୍‌ରେ ହାତ ଧୁଅନ୍ତୁ
- ୨ମିଟର ଶାରିରୀକ ଦୂରତା ବଜାୟ ରଖନ୍ତୁ

ଯୋଗ୍ୟ ବ୍ୟକ୍ତି କରୋନା ଟୀକା ନିଶ୍ଚୟ ନିଅନ୍ତୁ।

OIPR-10003/13/0075/2122

ଅଧିକ ସୂଚନା ପାଇଁ ଜିଲ୍ଲା/ଉପଖଣ୍ଡ ସ୍ତରୀୟ ରକ୍ତ କେନ୍ଦ୍ର କିମ୍ବା ରାଜ୍ୟ ରକ୍ତ ସଞ୍ଚାରଣ ପରିଷଦ,ଭୁବନେଶ୍ୱର ସହ ପରାମର୍ଶ କରନ୍ତୁ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ,ଓଡ଼ିଶା